ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜାନୁଆରୀ ୨୦୨୨ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଲକ୍ଷଣ ପୂର୍ବାପେକ୍ଷା ଅତ୍ୟଧିକ ଭୟାବହ ନାହିଁ କିନ୍ତୁ ସଂକ୍ରମଣ ହାର ବହୁତ ଅଧିକ ଅଛି, ତେଣୁ ସାବଧାନ ରହନ୍ତୁ ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୬** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୧୬ | ଅଶୋକ ବିଶ୍ୱାଳ | ୧୭ |
| କୁସୁମ | ବିଜୟ କୁମାର ପଣ୍ଡା | ୨୬ |
| ଗାଲ୍ପିକ | ଆଶୁତୋଷ ମେହେର | ୨୯ |
| ଭିଟାମାଟି | ରୋଜାଲିନି ମିଶ୍ର | ୩୧ |
| ସନ୍ଦେହ | ମହେଶ୍ୱର ସାହୁ | ୪୫ |
| ଏମିତି ଏକ ଅପେକ୍ଷା | ଝରଣା ବାରିକ | ୫୨ |
| ନେଟ୍ ଶାଢ଼ୀ | ବିଶ୍ୱଜିତ ନାୟକ | ୫୪ |
| କାହ୍ନୁ ଠଣା | ନିତ୍ୟରଞ୍ଜନ ନନ୍ଦ | ୫୭ |
| ଗରିବ ଛୁଆର କାଳୀପୂଜା | ଅଙ୍କିତା ପାଢ଼ୀ | ୬୦ |
| ପୁଅ ମୋ ଡାକ୍ତର | ପ୍ରହ୍ଲାଦ ସାହୁ | ୬୬ |
| ଜୀବନ ସହ ବି, ଜୀବନ ପରେ ବି | କଲ୍ୟାଣୀ ଦାଶ | ୭୧ |
| ପରାଜୟ | ସାଗରିକା ମହାନ୍ତି | ୭୩ |
| ସମୟର ଚକ ଯାଏ ଘୁରିଘୁରିକା | ସୁଧାଂଶୁ ଶେଖର ଦ୍ୱିବେଦୀ | ୭୬ |
| **କବିତା ବିଭାଗ** | | **୮୨** |
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୮୩ |
| ଓଲଟ ବୃକ୍ଷ | ଶିବ ନାରାୟଣ ଦାଶ | ୮୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଶୂନ୍ୟତାର ସ୍ୱରୂପ | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୮୯ |
| କବି | ଡା ନୀଳମାଧବ କର | ୯୨ |
| ବର୍ଣ୍ଣବୋଧରେ ନୀତିଶିକ୍ଷା | ଅମରନାଥ ବାରିକ | ୯୬ |
| ଲାଲ୍ ବାହାଦୂର ଶାସ୍ତ୍ରୀ | ଶଙ୍କର ବିଶ୍ୱାଳ | ୯୮ |
| ଏମିତି ବିତିଯାଉ | ଦୁଷ୍ମନ୍ତ ବେହେରା | ୯୯ |
| ପିଆଲାରେ ତୁମେ ସ୍ନେହ ଭରିଦେଲ | ତାରା ପ୍ରସାଦ ଜେନା | ୧୦୦ |
| ଥିଲା ଆମ ବିଦ୍ୟାଳୟ | ମହେଶ୍ୱର ସାହୁ | ୧୦୧ |
| ଆକାଶର କୁନି ତାରା | ଆଲିଶା ପୁରୋହିତ | ୧୦୩ |
| ଚାନ୍ଦର ଚାନ୍ଦିନୀ | ନିରଞ୍ଜନ ସାହୁ | ୧୦୪ |
| କିଛି ତ ଭାବିବାକୁ ଦିଅ | ଡା ବିଜୟ କୁମାର ପାତ୍ର | ୧୦୫ |
| ଅସମ୍ପୂର୍ଣ୍ଣ | ଜୟନ୍ତୀ ମିଶ୍ର | ୧୦୮ |
| କ୍ରାନ୍ତି | ବାସନ୍ତୀ ଲତା ଜେନା | ୧୦୯ |
| ଫେରି ଆସନ୍ତ କି ଥରେ | ଜନ୍ମଜୟ ନାୟକ | ୧୧୧ |
| ମୁଁ ତୁମକୁ ଭଲପାଏ | ଅଲେଖ ମେହେର | ୧୧୩ |
| ଅଭିଯୋଗ | ହରେରାମ ପଣ୍ଡା | ୧୧୫ |
| ଆଶା | ସରୋଜ କୁମାର ଜେନା | ୧୧୭ |
| ଏମିତି ସବୁବର୍ଷ | ପୁଷ୍ପାଞ୍ଜଳୀ ପଣ୍ଡା | ୧୧୮ |
| କାନ୍ତକବି ଲକ୍ଷ୍ମୀକାନ୍ତ | ରୋହିତ ସେଠୀ | ୧୨୦ |
| ମହା ପ୍ରସାଦ | ସୁରେଶ ଚନ୍ଦ୍ର ପାଢୀ | ୧୨୧ |
| ମୋ ପିତା | ଦେବାର୍ଚ୍ଚନ ମେହେର | ୧୨୨ |
| ଗଲାଲୋ ସଙ୍ଗାତ ପୁରୁଣା ବରଷ | ପ୍ରତିମା ମେହେର | ୧୨୩ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଭଲ ଲାଗେ ମୋତେ | ଗୌରୀ ପଣ୍ଡା | ୧୨୪ |
| ମୋ ଗାଁ ହସୁଛି | ସୁବ୍ରତ କୁମାର ପ୍ରଧାନ | ୧୨୫ |
| ଶୀତ ସକାଳ | ବାଲାଜୀ ସେଠୀ | ୧୨୭ |
| ଏ କେମିତି ପ୍ରେମ | ଆଦରମଣି ପ୍ରଧାନ | ୧୨୯ |
| ବୈକୁଣ୍ଠରେ ହେବ ଭେଟ | ଅବିନାଶ ମହାପାତ୍ର | ୧୩୦ |
| ପ୍ରେମିକାର ମାଆ | ସିଦ୍ଧେଶ୍ୱର ତ୍ରିପାଠୀ | ୧୩୧ |
| ବିରହ | ବିନୟ ମିଶ୍ର | ୧୩୨ |
| ନୀଳ କୁମୁଦର ପ୍ରୀତି | ବେଣୁଧର ସୁତାର | ୧୩୩ |
| ଛବିବହି କହେ | ମନୋଜ କୁମାର୍ ବାରିକ | ୧୩୫ |
| ମୋ ଜୀବନ ଡାଏରୀ | ରାକେଶ ମୁଦୁଲି | ୧୩୭ |
| ଅଭୁଲା ପ୍ରେମ | ରାହୁଲ୍ ଚନ୍ଦ୍ର ଘଡେଇ | ୧୩୮ |
| କିଛି କଥା | ଟୋନିସ୍ ରୋହିଦାସ | ୧୪୦ |
| ସ୍ୱାଗତ ନବବର୍ଷ | ନିକୁଞ୍ଜ କୁମାର ଘୋଷ | ୧୪୨ |
| ଆସ ! ନବ ବରଷ | ସ୍ନିଗ୍ଧା ଜି ମହାପାତ୍ର | ୧୪୩ |
| ସତ ପ୍ରେମ | ସତ୍ୟବ୍ରତ ବାରିକ | ୧୪୪ |
| ହେ ରାମ | ରମେଶ ଟାକ୍ରୀ | ୧୪୫ |
| ହେ ରାମ | ଭାରତୀ ସାହୁ | ୧୪୭ |
| ହେ ରାମ | ସ୍ୱାଗତିକା ସାହୁ | ୧୪୮ |
| ଶୁଆଇ ଦେବାନି ପବିତ୍ର ଆଶାକୁ | ନାରାୟଣ ଚନ୍ଦ୍ର ସେନାପତି | ୧୫୦ |
| ହେ ନବବର୍ଷ ତୁମକୁ ସ୍ୱାଗତ | ବିଷ୍ଣୁ ପ୍ରସାଦ ମିଶ୍ର | ୧୫୧ |
| ଶୂନ୍ୟବ୍ରହ୍ମ | ନିରୁପମା ପାଣି | ୧୫୨ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସେ ଆଉ ଫେରିବ କି | ସୁକମନ୍ ଦିଶାରୀ | ୧୫୩ |
| ତୁମେ ଆସିବ ବୋଲି | ନୃସିଂହାନନ୍ଦ ମହାପାତ୍ର | ୧୫୪ |
| ପୁଣି ହସିବ ଶିକ୍ଷା ମନ୍ଦିର | ଅଜିତ କୁମାର ତ୍ରିପାଠୀ | ୧୫୬ |
| ବାପା | ବିନତା ଜେନା | ୧୫୭ |
| ସବୁଠାରୁ ଭଲ ମୋ ବାପା | ତୃପ୍ତିରାଣୀ ପାତ୍ର | ୧୫୮ |
| ମୋ ବାପା | ପ୍ରତାପ କିଶୋର ରାଉତ | ୧୬୦ |
| ପୁଅପରି ତତେ ପାଳିବି | ଧୀରେନ୍ଦ୍ର ମଲ୍ଲିକ | ୧୬୨ |
| ସବୁଠୁଁ ଭଲ ମୋ ବାପା | ବିଦ୍ୟୁତପ୍ରଭା ମିଶ୍ର | ୧୬୩ |
| ଆଶା | ବୀଣା ସାହୁ | ୧୬୫ |
| ବୃକ୍ଷ | ଦମୟନ୍ତୀ ଜେନା | ୧୬୬ |
| ବନ ବର୍ଣ୍ଣନା | ସୌମ୍ୟରଞ୍ଜନ ସାହୁ | ୧୬୭ |
| ସେଇ ତୁମ ପଦାରବିନ୍ଦ | ଦିନେଶ ମେହେର | ୧୬୮ |
| ଘର | ସୁଷମା ପରିଡା | ୧୭୦ |
| ଅଧିରଥ | ସ୍ମୃତିରଞ୍ଜନ ବାରିକ | ୧୭୨ |
| ପ୍ରେମ... ଅଢ଼େଇ ଅକ୍ଷର | ଡଃ ମାଙ୍ଗଳିକା ମହାପାତ୍ର | ୧୭୫ |
| ତୁମକୁ ପାଇଲି ଭଲ | ଜୟନ୍ତ କୁମାର ମଲ୍ଲିକ | ୧୭୬ |
| ବାଘର ଆଁ | ଦୀନବଂଧୁ ବେଜ | ୧୭୭ |
| ଏ ସନ୍ଦେହ କଣ ନ କରେ | ପଙ୍କଜ କୁମାର ମଙ୍ଗଳ | ୧୭୯ |
| ନୂଆବର୍ଷ ଆସିଛି ! | ପ୍ରବୋଧ କୁମାର ହୋତା | ୧୮୧ |
| କବିର ପଡ଼ୋଶୀ | ଶିଶିର କୁମାର ପଣ୍ଡା | ୧୮୨ |
| ଗୁଡ଼ି | ସରୋଜ କୁମାର ସାହୁ | ୧୮୩ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସଂସ୍କୃତି | ବୀର କିଶୋର ନାୟକ | ୧୮୪ |
| ପରିବର୍ତ୍ତନ | ଅସିତ ମହାନ୍ତି | ୧୮୬ |
| ଆରେ ବାଇମନ | ପ୍ରହ୍ଲାଦ ସାହୁ | ୧୮୮ |
| ଶେଷ ମାର୍ଗଶୀର | ରିଭୁ ଆଭୂଷଣ ପଣ୍ଡା | ୧୮୯ |
| ଶଗଡ଼ର ଦୁଃଖ | ରାଧାମୋହନ ପୂଜାହାରୀ | ୧୯୦ |
| କେଉଁ ଅନନ୍ତ କାଳରୁ | ଅନସୂୟା ପଣ୍ଡା | ୧୯୩ |
| ଝିଅ | ଦଣ୍ଡାସି ପ୍ରଧାନ | ୧୯୬ |
| ପ୍ରହେଳିକା | ପ୍ରଶାନ୍ତ କୁମାର ମହାରଣା | ୧୯୮ |
| ସକାଳର ସଂକଳ୍ପ | ରୋହିତ ପଟ୍ଟନାୟକ | ୧୯୯ |
| ସମୟ | ଯଶୋବନ୍ତ ସା | ୨୦୦ |
| ନବବର୍ଷ | ସାଇପ୍ରସାଦ ସାହୁ | ୨୦୧ |
| ଆଶାର ବୈତରଣୀ | ଗୋବର୍ଦ୍ଧନ ସେନାପତି | ୨୦୨ |
| କଳା ବନ | ଶୁଭମ୍ କୁମାର ସାହୁ | ୨୦୪ |
| ପ୍ରେମ ଏବେ ବଜାରରେ ଶସ୍ତା | କୃଷ୍ଣଚନ୍ଦ୍ର ବାରିକ | ୨୦୫ |
| ତୁମ ପରି... | କଲ୍ୟାଣୀ ଦାଶ | ୨୦୭ |
| ଜରି ଗୋଟାଳି ଝିଅ | ମଞ୍ଜୁରାଣୀ ମିଶ୍ର | ୨୦୯ |
| ରସ ସାଗର | ପ୍ରଦୀପ କୁମାର ଜିଲିକାରା | ୨୧୧ |
| ଅପେକ୍ଷାରେ | ସମୀର ରଣା | ୨୧୩ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


## ସଂବଲପୁରୀ ବିଭାଗ ୨୧୪

| | | |
|---|---|---|
| ଲୋଭର୍ କରାମତି | ସତ୍ୟନାରାୟଣ ମିଶ୍ର | ୨୧୫ |

## ପ୍ରବନ୍ଧ ବିଭାଗ ୨୧୭

| | | |
|---|---|---|
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୨୧୮ |
| ବିଦାୟୀ ବର୍ଷର କିଛି କଥା କିଛି ବ୍ୟଥା | ଡଃ ଲକ୍ଷ୍ମଣ ସାହୁ | ୨୫୦ |
| ଜଣେ ଉତ୍ତମ ଅଧିକାରୀ ହେବା କିପରି ? | ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ | ୨୫୮ |
| ଆମେ କେତେ ଖୁସି ? | ଡଃ ଗଣେଶ ଚନ୍ଦ୍ର କୁଣ୍ଡ | ୨୬୩ |
| ଭ୍ରଷ୍ଟାଚାର, ଭ୍ରଷ୍ଟାଚାରୀ ଓ ପ୍ରତାରିତ | ପଙ୍କଜ କୁମାର ପାଣିଗ୍ରାହୀ | ୨୬୭ |
| ବିଶ୍ୱର ବଡ଼ ଆତଙ୍କ : କରୋନା | ଇଂ ବିଦ୍ୟାଧର ପଣ୍ଡା | ୨୭୨ |
| ଜ୍ଞାନୀ ଜୈଲ ସିଂହ | ଅକ୍ଷୟ କୁମାର ରାଉତ | ୨୭୫ |
| ଆଉ ଏକ ପୃଥିବୀରେ | ଅଭିମନ୍ୟୁ ବେହେରା | ୨୮୦ |
| ସେଟ୍ | ସୁନିଲ୍ କୁମାର ଅଗସ୍ତି | ୨୮୨ |
| ନୂଆ ବର୍ଷ | ରୋହିତ ପଟ୍ଟନାୟକ | ୨୮୬ |

## ବିଶେଷ ସୂଚନା ୨୮୭


ଭବିଷ୍ୟତରେ ଆହ୍ୱାନ୍ ଇ-ପତ୍ରିକାରେ କେବଳ ସ୍ୱଳ୍ପ ଏବଂ ନିର୍ବାଚିତ କବିତା ହିଁ ସ୍ଥାନ ପାଇବ, ଯେଉଁ ସବୁ ବନ୍ଧୁ କବିତା ପ୍ରେରଣ କରୁଛନ୍ତି ସେମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ, କାରଣ କେବଳ କବିତା ନିମନ୍ତେ ଆହ୍ୱାନର ଏକ ବିଶେଷ ପତ୍ରିକା ପ୍ରତ୍ୟେକ ମାସରେ ପ୍ରକାଶିତ ହେବ । ଏବଂ ଏହି କବିତା ସବୁ ସିଧା ଆମ ୱେବ୍‌ସାଇଟରେ ପ୍ରକାଶିତ ହେବ । ଯାହା ଆପଣ ଅତି ସହଜରେ ନିଜ ବନ୍ଧୁମାନଙ୍କ ସହ ଶେୟାର୍ କରି ପାରିବେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନେକ ଥର ଅନୁରୋଧ କରିବା ସତ୍ତ୍ୱେ କିଛି ବନ୍ଧୁ ମାସରେ ଅନ୍ୟୁନ ଦଶ କିମ୍ବା ଅଧିକ କବିତା ମୋ ଇମେଲରେ ପଠାଉଛନ୍ତି । କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପଠାନ୍ତୁ । ଯାହା ପ୍ରକାଶନ ଯୋଗ୍ୟ ବୋଲି ନିଜେ ଭାବୁଛନ୍ତି ସେହିଭଳି ଲେଖା ହିଁ ପଠାନ୍ତୁ । ଅଧିକ ଇମେଲ୍ ପଠାଇଲେ, ଗୁଗୁଲ୍ ଇମେଲ୍ ଆପଣଙ୍କ ଇମେଲ୍ ଠିକଣାକୁ ବନ୍ଦ କରିଦେଇ ପାରେ, ଏହାକୁ ସ୍ପାମ୍ ବୋଲି ନିଜେ ନିଜେ ଧରିନେଇ ଆପଣଙ୍କ ଇମେଲ୍ ସବୁକୁ ସ୍ପାମ୍ ଫୋଲ୍ଡରରେ ପକେଇ ଦେଇ ପାରେ । ତାପରେ ଆପଣଙ୍କ ଲେଖା ଆଉ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ ଦୟାକରି ଉପରୋକ୍ତ ତଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

ପ୍ରତ୍ୟେକ ମାସର ସଂସ୍କରଣ ପ୍ରକାଶନ ପରେ ହିଁ ନୂଆ ସଂସ୍କରଣ ପାଇଁ ଲେଖା ପଠାନ୍ତୁ । କେବଳ ଲେଖା ପଠାଇଲେ ଚଳିବ ନାହିଁ, ପତ୍ରିକାକୁ ନିଜ ବନ୍ଧୁଙ୍କୁ, ପରିଜନଙ୍କୁ ଦିଅନ୍ତୁ, ସେମାନଙ୍କୁ ଓଡ଼ିଆରେ ଲେଖିବା ଏବଂ ପଢ଼ିବା ପାଇଁ ଉତ୍ସାହିତ କରନ୍ତୁ । ଆସନ୍ତୁ ଆମେ ଆହ୍ୱାନ ପତ୍ରିକା ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର କରିବା । ଆମ ଭାଷା ସାହିତ୍ୟର ଉନ୍ନତିକୁ ଆମେ ସାକାର କରିବା ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ବର୍ଷ ୨୦୨୨ର ପ୍ରଥମ ସଂସ୍କରଣ ବିଳମ୍ବରେ ପ୍ରକାଶନ ହେତୁ ମୁଁ ସମସ୍ତ ଲେଖିକା, ଲେଖକ ସମେତ ପାଠକଗୋଷ୍ଠୀଙ୍କ ନିକଟରେ କ୍ଷମାପ୍ରାର୍ଥୀ । ଆପଣମାନେ ସମସ୍ତେ ଏହି ବିଷୟପ୍ରତି ବିଶେଷ ଭାବରେ ସଚେତନ ଥିବେ ଯେ, ଚଳିତ ସମୟରେ ଭାରତରେ କରୋନା ଭୂତାଣୁର ନୂତନ ପ୍ରଜାତିର ସଂକ୍ରମଣ ବ୍ୟାପିବାରେ ଲାଗିଛି ଏବଂ ଜନସାଧାରଣ ସଚେତନ ଅଭାବରୁ ଏହାଦ୍ୱାରା ସଂକ୍ରମିତ ହେଉଛନ୍ତି । ଅନେକ ରାଜ୍ୟରେ ଏହି ସଂଖ୍ୟା ଭୟାବହ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ସଚେତନତା ହିଁ ସର୍ବଶ୍ରେଷ୍ଠ ପନ୍ଥା ।

ଆହ୍ୱାନ ଇ-ପତ୍ରିକା ସହ ସକ୍ରିୟ ଭାବରେ ସଂଶ୍ଳିଷ୍ଟ ସମସ୍ତ ବନ୍ଧୁଙ୍କୁ ଇଂରାଜୀ ନବବର୍ଷ ୨୦୨୨ର ଅଭିନନ୍ଦନ । ଓଡ଼ିଆ ଭାଷାର ପତ୍ରିକାରେ ଇଂରାଜୀ ନବବର୍ଷର ଅଭିନନ୍ଦନ ହୁଏତ କିଛି ବନ୍ଧୁଙ୍କୁ ଖାପଛଡ଼ା ଲାଗିପାରେ । ଆମ ପଞ୍ଜିକା ହିସାବରେ ଅପ୍ରେଲ ମାସରେ ଅନୁଷ୍ଠିତ ହେଉଥିବା ବିଷୁବ ସଂକ୍ରାନ୍ତିକୁ ହିଁ ଓଡ଼ିଆ ନବବର୍ଷ ହିସାବରେ ପାଳନ କରାଯାଏ । ଏବଂ ଆମେ ମଧ୍ୟ ସେହି ଦିନକୁ ହିଁ ଉତ୍ସବ ଭାବରେ ପାଳିଥାଉ । ଏହା ସବୁ ସତ୍ତ୍ୱେ ଯେହେତୁ ସମଗ୍ର ବିଶ୍ୱରେ ଇଂରାଜୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ୟାଲେଣ୍ଡରର ମାନ୍ୟତା ରହିଛି ଏବଂ ଆମର ଦୈନନ୍ଦିନ କାର୍ଯ୍ୟବାହୀ ମଧ୍ୟ ସେହି ଅନୁସାରେ ହେଉଛି ତେଣୁ ଜାନୁଆରୀ ମାସର ପ୍ରଥମ ଦିବସକୁ ଇଂରାଜୀ ନବବର୍ଷ ବୋଲି ଆମେ ପାଳନ କରି ଆସୁଛେ । ଏହା ଦ୍ୱାରା ଆମେ ଆମର ସଂସ୍କୃତି ବା ଐତିହ୍ୟକୁ ଅବହେଳା କରୁନାହୁଁ ।

ଚଳିତ ମାସ ପ୍ରାରମ୍ଭରୁ ହିଁ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନ ମାନଙ୍କୁ ବନ୍ଦ କରିବା ନିର୍ଦ୍ଦେଶ ଦିଆଯାଇଛି । ଅନେକ କାର୍ଯ୍ୟାଳୟରେ ମଧ୍ୟ କରୋନା କଟକଣା ଲାଗୁ କରାଯାଉଛି । ଆଗାମୀ ମାସରେ ହେବାକୁ ଥିବା ପଞ୍ଚାୟତସ୍ତରୀୟ ନିର୍ବାଚନ ପାଇଁ ଅନେକ କଡା ନିୟମ ମଧ୍ୟ ଲାଗୁ ହୋଇଛି । ସୌଭାଗ୍ୟର ବିଷୟ ଆମ ରାଜ୍ୟ ତଥା ଦେଶର ଅନେକ ନାଗରିକ କରୋନା ପ୍ରତିରୋଧକ ଟୀକା ଗ୍ରହଣ କରିଥିବା ହେତୁ ଏହାର ଭୟାବହତା ଅଧିକ ଦେଖିବାକୁ ମିଳୁନାହିଁ । ଅବଶ୍ୟ ପୂର୍ବାପେକ୍ଷା ଅଧିକ ମାତ୍ରାରେ ସଂକ୍ରମଣ ହେଉଥିବା ଲକ୍ଷ୍ୟ କରାଯାଉଛି, କିନ୍ତୁ ଏଥରର ସଂକ୍ରମଣ ଏତେ ଅଧିକ ହେଉନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଅଧିକ ରୋଗୀ କେବଳ ଗଳା ସଂକ୍ରମଣ, ଶୁଖିଲା କାଶ ଏବଂ ଅତ୍ୟଧିକ ଜ୍ୱର ସମେତ ଶରୀର ପୀଡା ହେଉଥିବା କଥା କହିଛନ୍ତି । ଏହିଭଳି କୌଣସି ଲକ୍ଷଣ ଯଦି ଆପଣଙ୍କ ଠାରେ ଦେଖାଯାଉଥାଏ, ତେବେ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ସମେତ ନିଜକୁ ସଙ୍ଗରୋଧରେ ରଖିବାକୁ ପ୍ରଯତ୍ନ କରନ୍ତୁ । ଛୋଟ ଶିଶୁ ମାନଙ୍କୁ ଏହି ସଂକ୍ରମଣରୁ ବଞ୍ଚାନ୍ତୁ । କାରଣ ବର୍ତ୍ତମାନ ସୁଦ୍ଧା କେବଳ ପନ୍ଦର ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ହିଁ ଟୀକା ଦିଆଯାଇଛି ।

ଆଗାମୀ ମାସରେ ଭାରତର ଅନେକ ରାଜ୍ୟରେ ବିଧାନସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ କରୋନାକୁ ଆଖି ଆଗରେ ରଖି ଅନେକ ପ୍ରତିବନ୍ଧକ ଜାରୀ ହୋଇଛି ତେଣୁ ରାଜନୈତିକ ଦଳମାନେ ବର୍ତ୍ତମାନ ସର୍ବାଧିକ ଗଣମାଧ୍ୟମ ସମେତ ସାମାଜିକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନେଟୱାର୍କିଂ ସାଇଟକୁ ବ୍ୟବହାର କରୁଛନ୍ତି । ପରସ୍ପରକୁ ଅକ୍ଷେପ କରିବାପାଇଁ ଲୋକମାନେ ଫେସବୁକ୍, ଟ୍ୱିଟର୍ ଆଦି ମାଧ୍ୟମକୁ ବ୍ୟବହାର କରୁଛନ୍ତି । ଏହା ଏକ ପ୍ରକାରର ଅଶୋଭନୀୟ ପରିସ୍ଥିତି ସୃଷ୍ଟି କରୁଛି । ଅବଶ୍ୟ ଏହି ଭଳି ପରିସ୍ଥିତି ଚଳିତ ସରକାର କାର୍ଯ୍ୟଭାର ଗ୍ରହଣ କରିବା ପରଠାରୁ ଦେଖିବାକୁ ମିଳୁଛି । ଭାଜପା ତଥା ମୋଦୀଙ୍କ ବିରୋଧୀମାନେ ଅନେକ ପ୍ରକାରର କଟୁ ତଥା ସମାଲୋଚନାମୂଳକ କଥା ଲେଖି ପୋଷ୍ଟ କରୁଛନ୍ତି । ଭାରତୀୟ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀଙ୍କୁ ଅଭଦ୍ରୋଚିତ ଭାଷାରେ ସମ୍ବୋଧନ କରୁଛନ୍ତି । ଏହା ଏକ ସ୍ୱସ୍ଥ ଗଣତନ୍ତ୍ରରେ ସର୍ବାଦୌ ଅଗ୍ରାହ୍ୟ ହେବା ଉଚିତ ।

ଚଳିତ ବର୍ଷ ପ୍ରାରମ୍ଭରୁ ସରକାର ପଦକ୍ଷେପ ନେଇ ପନ୍ଦର ବର୍ଷରୁ ଅଠର ବର୍ଷ ପର୍ଯ୍ୟନ୍ତ ଥିବା ଯୁବପୀଢ଼ିଙ୍କୁ କରୋନା ଟିକା ଦେବାର ବ୍ୟବସ୍ଥା କରିବା ସହ, ଯେଉଁମାନେ ଦୁଇଟି ଲେଖାଏଁ ଟୀକା ନେଇ ସାରିଛନ୍ତି ସେମାନଙ୍କ ପାଇଁ ଏକ ଅତିରିକ୍ତ ବା ବୁଷ୍ଟର ଟୀକା ଦେବା ବ୍ୟବସ୍ଥା କରିଛନ୍ତି । ଏହି ବୁଷ୍ଟର ଟୀକା କେବଳ ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ତଥା ସ୍ୱାସ୍ଥ୍ୟକର୍ମୀ ମାନଙ୍କ ପାଇଁ ହିଁ ଉପଲବ୍ଧ ରହିବ ବୋଲି କୁହାଯାଇଛି । ଆପଣ ଦ୍ୱିତୀୟ ଟୀକା ନେବାର ଅନ୍ୟୁନ ନଅ ମାସ ପରେ ହିଁ ଏହି ବୁଷ୍ଟର ଟୀକା ନେଇ ପାରିବେ, ଏଥିପାଇଁ କୌଣସି ପରୀକ୍ଷାନିରୀକ୍ଷା ବା ଡାକ୍ତରୀ ପରାମର୍ଶ ଚିଠାର ଆବଶ୍ୟକତା ନାହିଁ । ଆପଣ ସିଧା ସିଧା ଟୀକାକରଣ କେନ୍ଦ୍ରକୁ ଯାଇ ଏହି ଟୀକା ଗ୍ରହଣ କରି ପାରିବେ । ଆମେ ଅନୁରୋଧ କରୁଛୁ, ଆମର ସମସ୍ତ ବୟସ୍କ ସହଯୋଗୀମାନେ ଏହି ଟୀକା ନେଇ ଯାଆନ୍ତୁ ।

ବିଗତ ଦିନରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ପ୍ରମୁଖ ଅଭିନେତା ମିହିର ଦାସ କିଛିଦିନ ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି । ସେ ଜଣେ ଅତ୍ୟନ୍ତ ଉଚ୍ଚକୋଟୀର ଅଭିନେତା ଥିଲେ ଏବଂ ତାଙ୍କ ଜୀବନରେ ସେ ଅନେକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚଳଚ୍ଚିତ୍ରରେ ପ୍ରମୁଖ ଚରିତ୍ରରେ ଅଭିନୟ କରି ନିଜପାଇଁ ଏକ ନାମ ସୃଷ୍ଟି କରିପାରିଥିଲେ । ସେ ଫେବୃଆରୀ ୧୭, ୧୯୫୯ରେ ମୟୁରଭଞ୍ଜ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ସେ ସ୍କୁଲ୍ ମାଷ୍ଟର ନାମକ ଏକ ଫିଲ୍ମରେ ଅଭିନୟ କରି ଓଡିଆ ଚଳଚ୍ଚିତ୍ର ଜଗତରେ ନିଜ ଅଭିନୟ ଜୀବନର ଆରମ୍ଭ କରିଥିଲେ । ମଥୁରା ବିଜୟ, ଲକ୍ଷ୍ମୀ ପ୍ରତିମା, ରାକ୍ଷୀ ବାନ୍ଧିଲି ମୋ ରଖିବ ମାନ, ଫେରିଆ ମୋ ସୁନା ଭଉଣୀ, ମୁଁ ତତେ ଲଭ୍ କରୁଛି, ପ୍ରେମ ଅଢ଼େଇ ଅକ୍ଷର ପୁଅ ମୋର ଭୋଳା ଶଙ୍କର, ପରଦେଶୀ ଚଢ଼େଇ, ପ୍ରତିଶୋଧ ଅପରାଧ ନୁହେଁ, କି ହେବ ଶୁଆ ପୋଷିଲେ, ହିସାବ କରିବ କାଳିଆ, ଘର ମୋର ସ୍ୱର୍ଗ ଇତ୍ୟାଦି ଚଳଚ୍ଚିତ୍ରରେ ଅଭିନୟ କରି ନିଜର କୃତିତ୍ୱ ପ୍ରମାଣିତ କରିଛନ୍ତି ।

ସେ ଏକ ମାସରୁ ଊର୍ଦ୍ଧ୍ୱ ସମୟଧରି ବୃକକ ରୋଗରେ ପୀଡିତ ହୋଇ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ସେ ଜଣେ ମହାନ କଳାକାର ହେବା ସହ ଜଣେ ନିର୍ମଳ ହୃଦୟର ବ୍ୟକ୍ତିତ୍ୱ ଥିଲେ ଏବଂ ଚଳଚ୍ଚିତ୍ରରେ ଅଭିନୟ ସମେତ ସେ ଟିଭିରେ ମଧ୍ୟ କାର୍ଯ୍ୟକ୍ରମ ଆୟୋଜିତ କରି ଆସୁଥିଲେ । ତାଙ୍କର ଅସମୟ ମୃତ୍ୟୁରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ସମେତ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଥିଲା ।

ବର୍ତ୍ତମାନ ରାଜ୍ୟର ଅନେକ ଜିଲ୍ଲାରେ କରୋନାର ସଂକ୍ରମଣ ହାର ବହୁତ ଅଧିକ ରହିଛି, ତେଣୁ ସାବଧାନ ରହନ୍ତୁ । ଭଗବାନ ସମସ୍ତଙ୍କୁ ସୁରକ୍ଷିତ ଏବଂ ସୁସ୍ଥ ରଖନ୍ତୁ ।

ଆଶା କରୁଛି, ଆହ୍ୱାନର ଚଳିତ ସଂସ୍କରଣ ଆପଣଙ୍କୁ ଭଲ ଲାଗିବ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍










## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୧୭



ଅଶୋକ ବିଶ୍ୱାଳ

ମନସା ଶରଣ

ପାଓଲି ଆଉଥରେ ସୁନ୍ଦରବନକୁ ଫେରି ଆସିଲେ ।

ସେ ସପନବାବୁଙ୍କ ଠାରୁ ମହୁ ସଂଗ୍ରହକାରୀମାନଙ୍କ କଥା ମନଦେଇ ଶୁଣିଥିଲେ । ସେମାନଙ୍କ ବିଷୟ ତାଙ୍କ ପାଇଁ ଏକଦମ ନୂଆ । ସୁନ୍ଦରବନର ମହୁ କଲିକତାରେ ପ୍ରସିଦ୍ଧ । ସହଜରେ ମିଳେନା । ସପନବାବୁ ତାଙ୍କୁ ନିଜର ଅଭିଜ୍ଞତା ବିସ୍ତୃତଭାବେ ଶୁଣାଇଥିଲେ । ପାଓଲିଙ୍କୁ ଲାଗୁଥିଲା ନିଜେ ସେହି ଗାଁମାନଙ୍କୁ ଯାଇ ସେହି ଲୋକମାନଙ୍କୁ ପାଖରୁ ଦେଖନ୍ତେ । ମହୁ ସଂଗ୍ରହ ଲୋକମାନଙ୍କର ଏକ ବଡ଼ କାମ । ଭଲ ପଇସା ଜଲଦି ମିଳିଯାଏ । କିନ୍ତୁ ସେହି ପଇସାଟା କେତେ ? ଜଣକା ଆଠ ଦଶ ହଜାର ଟଙ୍କା । ସେଇଟା କେଉଁ ବେଶି ପଇସା, ଅବଶ୍ୟ ସହର ହିସାବରେ । ଗାଁ ହିସାବରେ ଅଧିକ ଲାଗିପାରେ । ଏତିକି କିଛି ଅଧିକ ପଇସାପାଇଁ ସେମାନେ ନିଜ ଜୀବନକୁ କେତେ ବିପଦ ଭିତରେ ସତରେ ପକାଇଦେଉଛନ୍ତି । ବିପଦ ଭିତରେ ବଞ୍ଚିବା ପାଇଁ କିଛି ଅଲଗା ଶକ୍ତି ବା ବିଶ୍ୱାସର ଆବଶ୍ୟକତା ଅଛି ।

ପାଓଲିଙ୍କୁ ଲାଗୁଥିଲା ମଣିଷ କଣପାଇଁ ବିପଦ ଭିତରେ ବଞ୍ଚେ ? କଣପାଇଁ ଜାଣି ଜାଣି ଜୀବନକୁ ପାଣି ଛଡେଇ ଏମିତି କାମ କରେ ଯେ ଅତି ସାଧାରଣ ମନ ତା'କୁ ଏକ ବଡ଼ ବୋକା ହିଁ କହିବ ? କଣପାଇଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଣିଷ ନିଜକୁ ସବୁବେଳେ ଏମିତି ସମସ୍ୟା ଭିତରେ ରଖେ ? ଆଉ ସେ ଭିତରେ ସେ କାହାର ଆଶ୍ୱାସନରେ ନିଜର ପ୍ରତିଦିନ ବିତାଏ ? ଏମିତି କିଛି ଜୀବନକୁ ପାଖରୁ ଦେଖିନେଲେ କ୍ଷତି କଣ ।

କିଛିଦିନ ଏମିତିଆ ସବୁ ତଥ୍ୟ ସଂଗ୍ରହ କରିବାରେ ବିତି ଯାଇଥିଲା । ଅନେକ ଦୁଃଖଭରା କାହାଣୀ । ସମସ୍ତଙ୍କ ମନରେ ଭୟ । ଏ ସୁନ୍ଦରବନର ତଳୁଆ ଅଞ୍ଚଳରେ କେତେ ଅଘଟଣ କେତେ ଜଲଦି ଘଟିଯାଏ । ଦୁନିଆଟା ବହୁତ ଛୋଟ ହୋଇଯାଏ । ପାଓଲି ଉଦାସ ହୋଇଯାଇଥିଲେ । ଚାରିଆଡୁ ଏମିତିଆ ଦୁଃଖଭରା କାହାଣୀ ଶୁଣିଶୁଣି ତାଙ୍କ କାନ ତାବଦା ହୋଇଗଲାପରି ଲାଗୁଥିଲା । ସେ ସୁନ୍ଦରବନର ତଳୁଆ ଅଞ୍ଚଳକୁ ଆଲେୟାର ସନ୍ଧାନରେ ଆସିଥିଲେ । ତଳୁଆ ଅଞ୍ଚଳରେ ପାଣି ଜମିରହେ । ସେଇଠି କୁଆଡେ ଅତୃପ୍ତ ଆତ୍ମାମାନେ ଆଲେୟା ହିସାବରେ ଜଳନ୍ତି । ଏହାହିଁ ତ ଲୋକବିଶ୍ୱାସ ।

ପାଓଲି ଆଉ ସପନବାବୁ ଏକ ଗାଁ ଦାଣ୍ଡରେ ଚାଲିବାକୁ ଲାଗିଲେ । ସେମାନଙ୍କୁ ଗାଁବାଲା ଅନାଉଥିଲେ । ପାଓଲି ଅତି ସାଧାରଣ ପୋଷାକ ପିନ୍ଧିଥିଲେ । ସେଥିରେ କିଛି ଉଗ୍ର ଆଧୁନିକତାର ଛାପ ନଥିଲା । ଗାଁମାନଙ୍କରେ ବୁଲିବାକୁହେଲେ ନିଜକୁ ଅତି ସାଧାରଣ କରିଦେବା ଆବଶ୍ୟକ । ତାହେଲେ ଲୋକେ ସେମାନଙ୍କ ସାଙ୍ଗରେ ଅଲୋଚନା କରିବେ । ପାଓଲି ନିଜକୁ ସଂମ୍ପୂର୍ଣଭାବେ ପ୍ରସ୍ତୁତ କରାଇଥିଲେ । ସେ ଗାଁରେ ବୁଲିଲାବେଳେ ଭାବୁଥିଲେ କାହା ସହ କିଛି କଥାବର୍ତ୍ତା କରାଯାଉ ।

ଗାଁଦାଣ୍ଡଟା ଇଟାପାରି ତିଆରି କରାଯାଇଛି । ପାଞ୍ଚ ଦଶ ଫୁଟ ଚଉଡା । ମଝିରେ ମଝିରେ ଦୁଇ କଡରେ ଘର । ଘରଗୁଡିକ ମାଟି ଆଉ ଚାଳ ଛପରର । ଚାଳ ବହୁତ ନୁଆଁଣିଆ । ଗାଁର ଝିଅ ବୋହୂ ଆଉ ଅନ୍ୟ ମହିଳାମାନେ ନିଜ ନିଜ କାମରେ ବ୍ୟସ୍ତ ଥିଲେ । ଛୋଟ ଛୋଟ କାମ କିନ୍ତୁ ସାଧାରଣ ମହିଳାମାନେ ସେମିତି ଘରକରଣା କାମରେ ଦିନସାରା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବ୍ୟସ୍ତ ରହି ଯାଆନ୍ତି ।

"ତୁମ ନାଁ ?"- ପାଓଲି ଏକ ନୂଆ ବୋହୂକୁ ପଚାରିଲେ । ତରୁଣୀ ବୋହୂଟି । ମୁହଁଟା ସାମାନ୍ୟ ଥାଳିଆ ଭଳି ଗୋଲ । ବହୁତ ସୁଢଳ ଗଢଣ । ଦେହର ବର୍ଣହାଲୁକା ହଳଦିଆ । ଚମକୁଥିବା ଶ୍ୟାମଳବର୍ଣ କୁହାଯାଇପାରେ ।

ସେ ସେହି ବୋହୂର ସହ ପାଦ ମିଳାଇ ଚାଲିବାକୁ ଲାଗିଲେ । ସପନବାବୁ ପଛରେ ରହିଗଲେ । ଦୁଇ ପ୍ରାୟ ସମାନ ବୟସର ମହିଳା ପାଦରେ ପାଦ ମିଳାଇ ଚାଲିଲା ବେଳେ ସେ ନିଜକୁ ନିଜେ ଜାଣି ପଛାଇଦେଲେ । ଗାଁ ଦଣ୍ଡଟା ପ୍ରାୟ ପୁରୁଷଶୂନ୍ୟ ଥିଲା । କିନ୍ତୁ କେହି ସେମାନଙ୍କୁ ଡରୁ ନଥିଲେ । ସେ ଏଠାକାର ଲୋକଙ୍କଠାରୁ ସେତେ କିଛି ଭିନ୍ନ ଲାଗୁ ନଥିଲେ । ତାଙ୍କର ପୋଷାକ ମଧ୍ୟ ଅତି ସାଧାରଣ ଥିଲା ।

ବୋହୂଟି ମୁହଁ ବୁଲାଇ ପାଓଲିଙ୍କୁ ଅନାଇଲା । ବୋହୂଟିକୁ ପ୍ରାୟ ୨୦-୨୨ ବର୍ଷ ବୟସ ହେବ । ଗୋଲାପୀ ରଙ୍ଗର ହାତବାଲା ବ୍ଲାଉଜ ପିନ୍ଧିଛି । ନାଲି ରଙ୍ଗର ଏକ ସାଧାରଣ ସୂତା ଶାଢୀ ପିନ୍ଧିଛି ।

"କାକୋଲୀ"- ବୋହୂଟି କହିଲା । ବହୁତ ମଧୁର ସ୍ୱର । ସେ ଟିକେ ହସିଦେଲା । ହସ ତା' ମୁହଁକୁ ବେଶ ମାନୁଥିଲା । ମୁହଁର ସବୁ ଶିରାପ୍ରଶିରା ଯେମିତି ଫୁଲ ଭଳି ଫୁଟି ଯାଇଥିଲା । ଭ୍ରୂଲତା ତଳେ କଳା ଆଖି ପାଓଲିଙ୍କୁ ଅନାଇଥିଲା । ପତଳା ଓଠ ଚାପି ହୋଇଯାଇଥିଲା ।

"ଖୁବ ବଢିଆ ନାଁ ତ । ତୁମେ ତ ଏକ ଫୁଲ ଭଳି ସୁନ୍ଦର ଦେଖା ଯାଉଛ । ତୁମ ସ୍ୱରରେ ଯେ ପକ୍ଷୀର କାକଳୀ ।"- ପାଓଲି କହିଲେ ।

ଏମିତି ସାଧାରଣ ପ୍ରଶଂସାରେ ସେ କିଛି ଅପ୍ରସ୍ତୁତ ହେଲାନାହିଁ । ଟିକିଏ ମୁଣ୍ଡ ହଲାଇଦେଲା । ତା' ମୁହଁରେ ସେମିତି ହସ ଘୁରି ବୁଲୁଥିଲା । ଦେହରେ କିଛି ଆଉ ଅଳଙ୍କାର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ନାହିଁ । ବେକରେ ସିରାଏ ଧଳା ସରୁ କାଚମାଳି । କାନରେ ଛୋଟ କାନଫୁଲ । ସିଧାବାଳ ମୁଣ୍ଡରୁ ଖୋଲାହୋଇ ପିଠି ଉପରକୁ ଝୁଲିପଡିଛି । ହାତରେ ଶଂଖା । ଅତି ସାଧାରଣ ବେଶ । କିନ୍ତୁ ସୁନ୍ଦର ଥିଲା ହସ । ମୁହଁରେ ଖେଳି ଉଠୁଥିବା ଅତି ସାଧାରଣ ହସ ତା'କୁ ଅତୁଳନୀୟା ସୁନ୍ଦରୀ କରି ଗଢି ତୋଳିଥିଲା ।

"ତମେ କୁଆଡେ ଆସିଛ ?"- କାକୋଲୀ ପଚାରିଲା ।

"ତୁମ ଗାଁ ବୁଲିବାପାଇଁ । ତୁମ ସହ କଥା ହେବାପାଇଁ ।"- ପାଓଲି ସାଧାରଣ ଭାବେ କହିଲେ ।

"କଣ ଦେଖିବ ଏ ଗାଁରେ ? ସେମିତି କିଛି ନାହିଁ ।"- କାକୋଲୀ କହିଲା ।

ସେମାନେ କେଇ ଖୋଜ ପାଦ ମିଳାଇ ଚାଲିବାକୁ ଲାଗିଲେ । ଗାଁ ଦାଣ୍ଡରେ ଏଣେ ତେଣେ ଟିକେ ଟିକେ ପାଳ କେଉଁଠି ଖେଳାଇ ହୋଇ ପଡିଛି । ଗାଈଗୋରୁ ଏଠି ସେଠି ବନ୍ଧା ହୋଇଛନ୍ତି । କିଛି ଛେଳିଙ୍କୁ ମଧ୍ୟ ବାନ୍ଧି ଦିଆଯାଇଛି । ଛେଳିଟିଏ ଏମାନଙ୍କୁ ଦେଖି ଠିଆହେଲା ।

"ତମେ କେଉଁଠୁ ଆସିଛ ?"-

"କଲିକତାରୁ ।"-

"ତମର ତ ବହୁତ ବଡ଼ ସହର । କେତେ ଲୋକ ଅଛନ୍ତି ସେଇଠି ।"– କାକୋଲୀ କହିଲା ।

"ତମେ ଯାଇଛ ?"-

"ନାଁ ଯାଇନି । ଆମ ଗାଁର ଅନେକ ଲୋକ ଯାଇଛନ୍ତି । କିନ୍ତୁ ମୁଁ ଯାଇନି ।"– କାକୋଲୀ କହିଲା । ତା'ର ମୁଣ୍ଡ ଟିକେ ତଳୁଆ ହୋଇ ଯାଇଥିଲା । କଲିକତା ବିଷୟରେ ଲୋକେ କେତେ କଥା କୁହନ୍ତି । ସମସ୍ତଙ୍କ ପାଇଁ ସେ ସହରରେ ସ୍ଥାନ ଅଛି । ଚାଲିଲା ବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଦରେ ପାଦ ବାଡେଇ ହୋଇଯିବ । ସବୁଆଡେ ଲୋକ । ଚାରିଆଡେ ଆଲୁଅର ରୋଷଣୀ ।

"ଯିବାକୁ ବହୁତ ଇଚ୍ଛାଥିଲା । ସମୟ ହେଲାନି ।"- ସେ କହିଲା । ତା'ର ସ୍ୱର କିନ୍ତୁ ଭାରି ହେଲାନି ବା ଛାତିଟା ଫୁଲି ଉଠିଲାନି । କଲିକତା ଯାଇନି ବୋଲି ମନରେ ସେମିତି କିଛି ଦୁଃଖ ନାହିଁ । ସେ ପାଖରେ ଥିବା ଛୋଟ ପାଣିଆ ଜମିକୁ ଅନାଇଲା ।

ଗାଁ ଚାରିପାଖେ ପାଣି ଆଉ ଧାନଜମି । ସବୁଆଡେ ପାଣି ଅଛି ବୋଲି କୁହା ଯାଇପାରେ । ଯେଉଁଠି ଟିକିଏ ଖୋଲା ପାଣି ଅଛି ସେଇଠି ନୀଳକଇଁମାନ ଫୁଟିଛି । କାଚକେନ୍ଦୁ ଭଳି ସଫାପାଣି । ସେ ଭିତରେ ନୀଳକଇଁମାନ ପତ୍ରଭିତରୁ ମୁଣ୍ଡ ଉଠାଇ ଉପରକୁ ଚାହିଁ ହସୁଛି । ପାଣି ଉପରେ ସଜାଇ ହୋଇ ରହିଥିବା ଗୋଲ ପତ୍ରସବୁ ବେଶ ଗାଢ ସବୁଜ । ସଫା ପାଣିହେତୁ ଡେମ୍ଫମାନ ଦେଖାଯାଉଥିଲା । ଉପରକୁ ଧିରେ ମୁନିଆ ହୋଇଯାଇଥିବା ନୀଳକଇଁର ପାଖୁଡାର ରଙ୍ଗ ନୀଳ, ଅତି ହାଲୁକା ନୀଳ । ବୃନ୍ତ ଗାଢ ସବୁଜ ।

ପାଓଲି ନୀଳକଇଁକୁ ଅନାଇଲେ । କେତେ ସୁନ୍ଦର ଆଉ ସତେଜ ଲାଗୁଥିଲା ଫୁଲ । ଏକ ଫୁଲ ଫୁଟି ଆସୁଥିଲା । ଅଧା ଫୁଟିଯାଇଛି । କେଉଁ ବି ପାଖୁଡାରେ ଟିକିଏ ଦାଗ ନାହିଁ । ସବୁପାଖୁଡା ବେଶ ସତେଜ । ପାଖରେ ଆଉ କିଛି ନୀଳକଇଁର ସବୁଜ କଳିକା ମୁଣ୍ଡ ଟେକିଛି । ଫୁଟିବାକୁ କଛି ଦିନ ଲାଗିବ । ଏକ ଲାଲ ହଳଦିଆ ରଙ୍ଗର ଛୋଟ କଙ୍କି ଆସି କଇଁର ଖୋଲା ପାଖୁଡା ଉପରେ ବସିଗଲା । ତା'ର ଚାରିଟା ଡେଣା । ମୋଟା ଗୋଲ ମୁଣ୍ଡ ତଳୁଆ ହୋଇ ଯାଇଥିଲା । କଙ୍କି ପ୍ରାୟ ସ୍ଥିର ହୋଇ ବସି ରହିଥିଲା ।

"କଲିକତାରେ ଏତେ ନୀଳକଇଁ କାହିଁ? ଫୁଟିଲେ ବି ଏ ସତେଜତା କାହିଁ?" ତାଙ୍କ ମୁହଁରେ ଏକ ସତେଜ ନୀଳ ହସ ଫୁଟି ଉଠିଲା ।

"ମୁଁ କଲିକତାରେ ରହେ । ଚାହିଁଲେ ତୁମେ ଆସିପାର ।"- ପାଓଲି କହିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାକୋଲୀ କିନ୍ତୁ ଠିକଣା ମାଗିଲା ନାହିଁ । କଲିକତା ଯିବାପାଇଁ ସେମିତି କିଛି ନିଆଁପରି ଜଳୁଥିବା ଇଚ୍ଛା ନାହିଁ । ସମୟ ହେଲେ ଦେଖାଯିବ । ନିଜ ସଂସାରରେ ସେ ଖୁସି ଅଛି । ସ୍ୱାମୀ ଆଉ ନିଜ ସଂସାର । ପାଖରେ ସୁଖୀ ଆଉ ପୂର୍ଣ୍ଣ ପରିବାର ଥିଲେ ସବୁ ଖୁସିଲାଗେ, ଦୂରକୁ ଯାଇ ଖୁସି ଖୋଜିବାର ଆବଶ୍ୟକତା ପଡେନାହିଁ ।

ଗାଁ ଦାଣ୍ଡ ଖାଁ ଖାଁ ଲାଗୁନଥିଲା । ଗୋରୁମାନେ ଖୁଣ୍ଟରେ ବାନ୍ଧାହୋଇ ପାକୁଳି କରୁଥିଲେ । ଚାରଟା ଛୋଟ ଖୁଣ୍ଟିରେ କିଛି ସିମେଣ୍ଟ ବସ୍ତାକୁ ସିଲେଇକରି କୁଣ୍ଡ ଭଳିକରି ଦିଆଯାଇଛି ଆଉ ତା' ଭିତରେ ପାଳକୁ ରଖାଯାଇଛି । ଗୋରୁଙ୍କୁ ଖାଇବାକୁ ସୁବିଧା ହେବ । ଛୋଟ ଝିଅଟିଏ କାନ୍ଥକୁ ଭରାଦେଇ ଅନାଇଥିଲା । ଉପର ଦେହରେ କପଡା ନାହିଁ । ବୟସ ଏଇ ସାତ ଆଠବର୍ଷ ହେବ । ବାଳକୁ ମୁଣ୍ଡରେ ଗୋଲକରି ଛୋଟ କରାଯାଇଛି । କେରାଏ ବାଳ ତା' ଆଖି ଉପରେ ପଡୁଥିଲା । ସେ ଏମାନଙ୍କୁ ଦେଖି ହସୁଥିଲା । ପାଓଲି ସେ ଝିଅକୁ ଦେଖି ହସିଦେଲେ । ତା'ର ପତଳା ଶ୍ୟାମଳ ଦେହରେ ଅଳ୍ପ ଖରା ପଡୁଥିଲା । ଗୋଟିଏ ଛୋଟ ପୁଅ ଲଙ୍ଗଳା ହୋଇ ଠିଆ ହୋଇଥିଲା । ତା' ଅଣ୍ଟାରେ କଳା ସୂତା ବନ୍ଧା ହୋଇଛି । ଆଉ ଏକ ସାନ ଝିଅ ଖୋଲା ଦେହରେ ଠିଆ ହୋଇଥିଲା । ଅଣ୍ଟା ତଳକୁ ଲାଲ ଧଳା ଚେକଥିବା ପୁରୁଣା ପତଳା ଗାମୁଛା ପିନ୍ଧିଛି । ବୋଧହୁଏ ବାପାର । ବେକରେ ମାଳି । ଆର ଝିଅଭଳି ବାଳକୁ ଛୋଟକରି କାଟି ଦିଆ ଯାଇଛି । କପାଳରେ ଦୁଇଭ୍ରୂଲତା ଉପରେ ଏକ ବଡ଼ ଗୋଲ କଳା ଥୋପା ଲଗାଇଛି । ଦେହଟା ପତଳା ଆଉ ହାତଗୁଡା ସରୁ ସରୁ । ହାତକୁ ଅଣ୍ଟା ଉପରେ ରଖି ବଡ଼ ନିରୀହ ଆଖିରେ ଏମାନଙ୍କୁ ଅନାଉଥିଲା । ତା' ପଛରେ ପାଳକୁ ଗଦା କରି ରଖାଯାଇଛି । ତଳ ଆଡକୁ କିଛି ପାଳ ବାହାରକରି ଗୋରୁଙ୍କୁ ଖାଇବାକୁ ଦିଆଯାଏ । ପଛରେ ନଡିଆଗଛ ଥିଲା । ଟିକେ ତଳେ କିଛି ପାଣି । ସେଥିରେ ଦଳ ଭରି ଯାଇଥିଲା । ଚାରିଆଡେ ସବୁଜ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଓଲିଙ୍କୁ କାକୋଲୀ ସହ ଚାଲିବାକୁ ଭଲ ଲାଗୁଥିଲା । ସେ ବେଶି ଜୋରରେ ଚାଲୁ ନଥିଲା । ଏକ ଅଜଣା ତରୁଣୀ ତା଼ ସହ ଚାଲୁଛି ବୋଲି ତା଼କୁ କିଛି ଖରାପ ଲାଗୁନଥିଲା । ଲାଗୁଥିଲା ଯେମିତି ଜଣେ ଆଉ ଜଣକୁ ବେଶ ଭଲଭାବରେ ବୁଝିପାରୁଛନ୍ତି । କିଛି ମନ୍ଦ ଉଦ୍ଦେଶ୍ୟ ନଥାଇ ପାଦରେ ପାଦ ମିଳାଇ ଚାଲିଲେ ଜଣେ ଜଣଙ୍କର ଶୀଘ୍ର ସାଙ୍ଗ ହୋଇଯାଆନ୍ତି । ଦୁଇ ଜଣ ପ୍ରାୟ ଏକା ବୟସର ।

"ତୁମ ଗାଁ ତ ବେଶ ସୁନ୍ଦର ।"- ପାଓଲି କହିଲେ ।

କାକୋଲୀ ମୁଣ୍ଡ ହଲାଇଲା । ଏମିତି ଗାଁରେ ସେ ବଡ଼ ହୋଇଛି । ତା଼ ଗାଁରେ ଏମିତି ସୁନ୍ଦର ନୀଳ ଆକାଶ ଆଉ ଚାରିଆଡେ ସବୁଜ ଧାନକ୍ଷେତ । ପାଓଲିଙ୍କୁ ଏ ସାଧାରଣ ଜୀବନ ଭିତରେ ଥିବା ସୁନ୍ଦରତା ଭଲ ଲାଗୁଥିଲା । ସମସ୍ତେ ଶାନ୍ତ ଆଉ ସୁନ୍ଦର ଲାଗୁଛନ୍ତି ।

"ତୁମ କଲିକତା ତ ବହୁତ ଭଲ । କେତେ କୋଠାବାଡି କଥା ଶୁଣିଛି । ରାସ୍ତାସାରା ଗାଡି ମଟର । ଆମ ଗାଁରେ ମଟର ଚାଲେନି । ରାସ୍ତା ନାହିଁ । ଛୋଟିଆ ଦ୍ୱୀପ ।" – କାକୋଲୀ କହିଲା ।

ଆଗରୁ ପାଓଲି ଗାଡି ମଟର ଆଉ କଳା ରାସ୍ତା ନଥିବା ସ୍ଥାନ କଥା ମନରେ ଭାବିପାରି ନଥିଲେ । ସେ ସୁନ୍ଦରବନ ତ ଆସିଛନ୍ତି ଆଉ ଅନେକ ଗାଁ ବୁଲିଛନ୍ତି । କିନ୍ତୁ ଗାଡି ମଟର ନଥିବା ଗାଁ କଥା ମନ ଭିତରକୁ ଆଣି ନାହାନ୍ତି । ଏଠି ରାସ୍ତା ତ ହେଉଛି ନଦୀର ଧାର । ଗାଁ ଭିତରକୁ ମଟର କାହିଁକି ଆସିବ ? ବୋଟ ବା ଡଙ୍ଗାରେ ଯିବା ଆସିବା ଚାଲେ ।

ଜଣେ ବୁଢା କାନ୍ଧରେ ଭାରାକରି ଦୁଇଟା ବଡ଼ ଆଲୁମିନିଅମ ହାଣ୍ଡିରେ କିଛି ଆଣୁଥିଲେ । ଏମିତି ହାଣ୍ଡିରେ ଜିଅନ୍ତା ମାଛ ପ୍ରାୟ ଥାଏ । ଏଠି ଲୋକେ ତାଜା ମାଛ ଖାଆନ୍ତି । ଅନେକ ସମୟରେ ଯାଆଁଳ ମଧ୍ୟ ଥାଏ । ଅନ୍ୟ ଯାଗାରେ ପୋଖରୀରେ ଛାଡିବାପାଇଁ ଜାଆଁଳ ଲୋକେ କିଣିନିଅନ୍ତି । ସେ ଦେହରେ ଏକ ଗେଞ୍ଜି ପିନ୍ଧିଥିଲେ । ଲୁଙ୍ଗିକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଣ୍ଠୁପାଖରେ ଭାଙ୍ଗି ଅଣ୍ଟାରେ ବାନ୍ଧି ଦେଇଥିଲେ । ଏକ ପତଳା ଲାଲ ଗାମୁଛାକୁ ଜୋରରେ ଅଣ୍ଟାରେ ବାନ୍ଧି ଦିଆଯାଇଥିଲା ।

କାକୋଲୀ ବୁଢାଙ୍କୁ ନମସ୍କାର କଲା । ବୁଢା ଚାଲିଲବେଳେ ତାଙ୍କ ବାହୁଙ୍ଗୀ ଲଚକି ହୋଇ ଉପର ତଳ ହେଉଥିଲା । ଆଲୁମିନିଅମ ହାଣ୍ଡିସବୁ ବାହୁଙ୍ଗୀରେ ଲାଗିଥିବା ଦଉଡିରେ ଜାଲକରି ବୁହା ହେଉଥିଲା । ଫଳରେ ଚାଲିଲା ବେଳେ କେଉଁପଟ ଅଣେଇ ହୋଇଯିବ ନାହିଁ । ବୁଢା କାକୋଲୀକୁ ଦେଖି ହସିଲେ । ତାଙ୍କ କଳାମୁହଁରେ ହସ ଭଲ ଲାଗୁଥିଲା ।

"ଭଲ ଅଛୁ ଝିଅ ?"- ବୁଢା ପଚାରିଲେ । କିନ୍ତୁ ତାଙ୍କ ପାଦ ସ୍ଥିର ହେଲାନି କି ପାଦର ତାଳ ଧିର ହେଲାନି । ସେ ସେମିତି ଏକା ଜୋରରେ ଖାଲି ପାଦରେ ଚାଲୁଥିଲେ । ତାଙ୍କର ବଳାଗଣ୍ଠି ଯାଏ ଧୂଳି ନେସି ହୋଇଥିଲା । କାକୋଲୀ ମୁଣ୍ଡ ହଲାଇଲା । ବୁଢା ଆଗକୁ ଚାଲିଲେ । ତାଙ୍କର ବାମ କାନ୍ଧରେ ବାହୁଙ୍ଗୀ ଉପର ତଳ ହେଉଥିଲା ।

ପାଓଲି ବୁଢାଙ୍କୁ କିଛି ସମୟ ଅନାଇଲେ । ଏଠି ଭିତର ଗାଁମାନଙ୍କରେ ସମସ୍ତେ ସମସ୍ତଙ୍କର ଜଣାଶୁଣା । ସମସ୍ତଙ୍କ ପାଖରେ ଭଲମନ୍ଦର ଖବର ପହଞ୍ଚିଯାଏ । ଏ ବୁଢା ପାଖ ଗାଁର । ଏମିତି ବାହୁଙ୍ଗାରେ ହାଣ୍ଡିନେଇ ମାଛ ସଂଗ୍ରହ କରିବାକୁ ବେଳେବେଳେ ଏ ଗାଁ ବୁଲନ୍ତି । ଫଳରେ ସମସ୍ତଙ୍କୁ ଜାଣିଛନ୍ତି । ବ୍ୟବହାର ଭଲ । ଏଠି ସମସ୍ତେ ସମସ୍ତଙ୍କ ସହ ଏକ ଲମ୍ବା ସମ୍ବନ୍ଧରେ ବନ୍ଧା । ସହରରେ ଏ ଲମ୍ବା ସମ୍ବନ୍ଧ କାହିଁ ?

"ତୁମ ଘର ?"- ପାଓଲି ପଚାରିଲେ ।

କାକୋଲୀ ଟିକେ ବୁଲୁଥିଲା । ପାଖରେ ଏକ ଚାଳିଘର । ଅନ୍ୟ ଘରମାନଙ୍କ ଠାରୁ କିଛି ଭିନ୍ନ ନୁହେଁ । ଅତି ସାଧାରଣ ଝାଟିମାଟିର ଘର । କେଉଁଠି ସାମାନ୍ୟ ଟିକିଏ ମହାର୍ଘ୍ୟ ନାହିଁ । ଏ ଭିତରେ ଏତେ ଖୁସି କେମିତି ଆସିପାରେ ? ପାଓଲି ଭାବୁଥିଲେ । କାକୋଲୀ ମୁହଁରେ ସରଳତା ଆଉ ଖୁସି ବାରି ହୋଇପଡୁଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ମୋ ଶାଶୁ ।"- କାକୋଲୀ ଧିରେ କହିଲା । ଏକ ବୁଢୀମାଟିରେ ବସି ଗାଇ କ୍ଷୀର ଦୁହୁଁଥିଲେ । ସାମାନ୍ୟ ମୋଟୀ । ବ୍ଲାଉଜ ପିନ୍ଧିନାହାନ୍ତି । ଦେହରେ ଏକ ରଙ୍ଗ ଛାଡି ଯାଇଥିବା ସୂତା ଶାଢୀ ଗୁଡାଇ ହୋଇଛନ୍ତି । ତାଙ୍କ ହାତରେ ଏକ ଷ୍ଟିଲର ଛୋଟ ବାଲଟି ଥିଲା । ଗାଇଟି ଦେଶୀ ଛୋଟ ଗାଇ । ସକାଳୁ ଦୁହିଁବା କଥା । ଆଜି ଡେରି ହୋଇଯାଇଛି ।

"କାକୀ ଏ ଅବେଳାରେ ଗାଇ ଦୁହୁଁଛ ?"- ପାଓଲି ପଚାରିଲେ ।

"ବାଛୁରୀ ପରା ସକାଳୁ ଫିଟିଗଲା । ଘରେ ମୁନ୍ଦାଏ ଦୁଧ ନାହିଁ । ଏଣୁ ଏ ଅବେଳାରେ ଦୁହୁଁଛି ।"- ବୁଢୀ କହିଲେ । ସେ ଦେହରେ କିଛି ପିନ୍ଧିନଥିଲେ । ମୁଣ୍ଡର ବାଳ ଖୋଲା । ବାଳରେ ତେଲ ଲଗାଇଛନ୍ତି । ବାଳ ଧଳା ପଡିଆସିନି । ହାତରେ ଧଳା ଶଂଖା । କଳା ମୁହଁରେ ଭାଙ୍ଗ ପଡିଆସିଲାଣି । ବାଳରେ ସିନ୍ଦୂର ପିନ୍ଧିଛନ୍ତି । ଶ୍ୱଶୂର ଏବେ ବି ଜୀବିତ । ତାଙ୍କ ପାଖରେ ଛାପା ଶାଢୀ ପିନ୍ଧି ଆଉ ଏକ ମହିଳା ଠିଆ ହୋଇଥିଲେ ।

ଧଳା ରଙ୍ଗର ଦେଶୀ ଗାଇଟିଏ ରାସ୍ତା ଉପରେ ଠିଆ ହୋଇଥିଲା । ପାଖରେ ଏକ ବାଛୁରୀ । ସାମାନ୍ୟ କ୍ଷୀର ହେଉଥିବ । ଏତିକିରେ ଦିନର ଗୁଜାରଣ ହୋଇଯାଉଥିବ । ରାସ୍ତାର ଧାରରେ ବାଉଁଶର ଆଉ ବାଡିରେ ଛକି ଛକି କରି ବାଡ ଦିଆଯାଇଛି । ତାପରେ ସେମାନଙ୍କର ଚାଳଘର । ଚାରିଆଡେ ଗଛବୃକ୍ଷ ଲାଗିଛି । ତଳେ ଗାଈର ଗୋବର ପଡିଛି ।

କ୍ରମଶଃ-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁସୁମ



ବିଜୟ କୁମାର ପଣ୍ଡା

ଏହା "କୁସୁମ" ଧାରାବାହିକ କାହାଣୀର ପଞ୍ଚମ ଅଧ୍ୟାୟ । ଧାରାବାହିକ କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ଏହାର ପୂର୍ବ ଏବଂ ପରବର୍ତ୍ତୀ ଭାଗ ସବୁ ପଢ଼ି ମତାମତ ଦେବାକୁ ଅନୁରୋଧ ।

ପୂର୍ବ ଭାଗରେ ପଢ଼ିଥିଲେ..

ଆଜି ବାବୁ ଅଫିସ୍ ରୁ ଫେରିବା ବେଳକୁ ମିଠା ଧରି ଆସିଥିଲେ । ପ୍ରଥମ ଥର ପାଇଁ ବାବୁ ତାକୁ ଡାକିକି ମିଠା ଦେଲେ ।

ଆଜି ମିଠା ଦେବାର କାରଣ କଣ ପଚାରିଦେବ ବୋଲି ତା ପାଟି ପାଖକୁ ଆସୁଥିଲା..କିନ୍ତୁ ଅଟକିଗଲା । ମାଲିକିଆଣି ଶୁଣିଦେଲେ କାଳେ ଦୁଇ ପଦ ଶୁଣେଇଦେବେ ।

ବାବୁଙ୍କୁ ଦେଖିଲେ କୁସୁମକୁ ଜଣେ ଆତ୍ମୀୟ ଲୋକ ଭଳି ଭାବନା ଆସେ । ତା ବାପା କିଏ ସେ ଏଯାଏଁ ଜାଣିନି କି ଜୀବନରେ । କିନ୍ତୁ ଏଇ ଘରକୁ ଆସିବା ପରେ ..ବାବୁଙ୍କୁ ଦେଖିଲେ ଲାଗେ ତା'ର ବାପା ଥିଲେ ବୋଧେ ବାବୁ ଯେମିତି କୁନିକୁ ସ୍ନେହଶ୍ରଦ୍ଧା କରନ୍ତି ସେମିତି ତାକୁ ବି ତା ବାପା ଭଲପାଇଥାନ୍ତେ ।

ପଞ୍ଚମ ଭାଗ(୫)

: "ମୁଁ ତ ଏ ଘରେ ଚାକରାଣି । ଏସବୁ ଜାଣିବାର କି ଅଧିକାର ଅଛି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋର ?" ନିଜକୁ ପ୍ରଶ୍ନ ପଚାରି ଚୁପ ରହିଗଲା କୁସୁମ ।

ଆଜି କୁନି ବି ବହୁତ ଖୁସି ।

:"ମାମା ..ତମେ କହିଥିଲ ନା । ରେଜଲ୍ଟ ବାହାରିଲେ ତମେ ପାର୍ଟି ଦେବ ବୋଲି ? କେଉଁଠି ପାର୍ଟି କୁହ । ଆଜି ହବ ତ ପାର୍ଟି ?"

:"ପାର୍ଟି ? କହିଥିଲି ଯେ..କିନ୍ତୁ ବାପା ?"

:" କିନ୍ତୁ ଫିନ୍ତୁ କିଛି ନାହିଁ । ଆଜି ପାର୍ଟି ହବ ହିଁ ହବ ।"

:"ହଉ ଗୋଟେ କାମ କରିବା.. ବାପାଙ୍କ ସାଙ୍ଗେ ଯାଇ ରାତିରେ ହୋଟେଲରେ ଖାଇ ଆସିବା । ମୁଁ ବାପାଙ୍କୁ ପଚାରି କହୁଛି । କଣ କହୁଛୁ ..ଚଳିବ ତ ? "

:"ମାମା.. ମୁଁ ପାର୍ଟି କହିଥିଲି.. ଫାମିଲି ଡିନର୍ ନୁହେଁ । ମୋ ସାଙ୍ଗ ମାନଙ୍କ ସହ ପାର୍ଟି । ସରେନ, ମିଲି, ଲୁସି ଏମାନେ ସମସ୍ତଙ୍କ ସହ ମିଶି ପାର୍ଟି । ଆଉ ତମେ କହୁଛ କେବଳ ତମେ ଆଉ ଡାଡିଙ୍କ ସାଙ୍ଗେ ଡିନର୍.. ନୋ ୱେ .. ।

:"ହଉ ସେମାନଙ୍କୁ ବି ଡାକିଦେ.. ଯିବା ହୋଟେଲକୁ । ଏବେ ଖୁସି ତ ?"

:"ୟେ ହୁଇ ନା ବାତ୍ । ଥାଙ୍କ ୟୁ ..ମାମା..ମୋ ସୁଇଟ ମାମା । ମୁଁ ଏବେ ସେମାନଙ୍କୁ ଡାକି ଦେଉଛି ।" କୁନି ଖୁସିରେ ତା ସାଂଗ ମାନଙ୍କୁ ଲାଣ୍ଡ ଲାଇନ୍ ଫୋନ୍ ରୁ ନମ୍ବର ଲଗେଇଲା ।

:"କୁନି କହୁଛି ହୋଟେଲରେ ପାର୍ଟି କରିବାକୁ ଯିବ ବୋଲି । ମୁଁ ତାକୁ ଆଗରୁ କଥା ଦେଇଥିଲି । ରେଜଲ୍ଟ ବାହାରିବା ପରେ ପାର୍ଟି କରିବା ବୋଲି । ତେଣୁ ସେ ଆଜି ଜିଦ୍ କଲା । ତେଣୁ ଆମେ ସମସ୍ତେ ତା ସାଙ୍ଗ ମାନଙ୍କ ସହ ମିଶି ହୋଟେଲ ଯିବା.. ଓକେ !" ମାଲିକାଣି ତାଙ୍କ ସ୍ୱାମୀ (ହେମୁଲାଲ ବାବୁଙ୍କୁ) କହିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

:"ମୋତେ ନପଚାରି ତାକୁ ତମେ ହୋଟେଲ ପାର୍ଟି ପାଇଁ କଥା ଦେଇଦେଲ ? ତମେ ଜାଣିଛ ଏ ପାର୍ଟି ଫାର୍ଟି ମୋତେ ପସନ୍ଦ ନୁହେଁ । ତାପରେ ପୁଣି ରାତିରେ ବିଲକୁଲ ନୁହେଁ । ଦିନରେ ହେଇଥିଲେ ଯାହା ହେଇଥାନ୍ତା । ତାକୁ କୁହ ରବିବାର, ଦିନରେ ଯିବା ହୋଟେଲକୁ ଆଜି ରାତିରେ ନୁହେଁ ।" କୁନିର ବାପା ଟିକେ ଅସନ୍ତୁଷ୍ଟ ହୋଇ କହିଲେ ।

:"ସେ ତାର ସାଙ୍ଗ ମାନଙ୍କୁ ଫୋନ୍ କରି କହିସାରିଲାଣି । କଥା ଖରାପ ହେବ । ଝିଅଟା କାନ୍ଦିବ.. ତମକୁ କଣ ଭଲ ଲାଗିବ ?"

:"ସେକଥା ତମେ ଆଗରୁ ଭାବି, ମୋତେ ପଚାରିବାର ଥିଲା । ତାପରେ ସେ ଛତରା ସରେନକୁ କାହିଁକି ଡାକୁଛି ସେ ? ସେ ଛତରା ଗଲେ ମୁଁ ଯିବିନି । ତମେ ସବୁ ଯାଅ ।" ବେଶି ଅସନ୍ତୁଷ୍ଟ ହୋଇଗଲେ ହେମୁଲାଲ ବାବୁ ।

:"ଡାଡି.. ଡାଡି.. ଆପଣ କଣ ରେଡି ହେଇନାହାନ୍ତି । ପାର୍ଟିକୁ ଯିବା ପରା । ମାମା ଆପଣଙ୍କୁ କହିନିକି ? ଓହୋ.. ଜଲ୍‌ଦି ଡାଡି.. ୧୦ ମିନିଟରେ ରେଡ଼ି ହେଇଯାଆନ୍ତୁ । ଓକେ.. ! ! ଶୁଣନ୍ତୁ.. କ୍ରିମ କଲର ସାର୍ଟ ଆଉ ସେଇ ମେରୁନ କଲର ଜ୍ୟାକେଟ । ଜଲ୍‌ଦି ରେଡ଼ି ହୁଅନ୍ତୁ । ମୁଁ ତଳେ ଅପେକ୍ଷା କରିଛି ।" କୁନି ତଳକୁ ଯାଇ ଅପେକ୍ଷା କଲା ।

ଝିଅକୁ ଭାରି ଭଲପାଆନ୍ତି ।

ଭାରି ଗେହ୍ଲବସରରେ ବଢ଼େଇଛନ୍ତି । ତା କଥା କଟିପାରନ୍ତିନି । ଅଳ୍ପ ସମୟ ମଧ୍ୟରେ ସମସ୍ତେ ରେଡ଼ି ହୋଇଗଲେ । ଗାଡ଼ି ଆସି ଲାଗିଗଲା ।

ଅଧଘଣ୍ଟା ଭିତରେ ସମସ୍ତେ ପ୍ରସ୍ଥାନ କଲେ ।

(କ୍ରମଶଃ..)

ସବଙ୍ଗ, ସିମୁଳିଆ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାଳ୍ପିକ



ଆଶୁତୋଷ ମେହେର

ଲୋକଟା ହସପିଟାଲର ଇମରଜେନ୍‌ସିରେ ପହଞ୍ଚିଲା ବେଳକୁ ପୁରା ଚେତାଶୂନ୍ୟ... ରାସ୍ତା ଦୁର୍ଘଟଣା ଜାଗାରୁ ଅଟୋରିକ୍ସାରେ ଉଠାଇ ଆଣିଥିଲେ କିଛି ବାଦାନ୍ୟ ବ୍ୟକ୍ତି । ରାସ୍ତାରେ ସ୍କୁଟି ଦୁର୍ଘଟଣାରେ ବେଶୀ ଖଣ୍ଡିଆ ଖାବରା ହୋଇନି... ଭାଗ୍ୟ ଭଲ ବଞ୍ଚଯାଇଛି । ହେଲମେଟ୍ ଥାଇ ବି ମୁଣ୍ଡରେ ଆଘାତ ବାଜିଛି ବୋଧେ ତେଣୁ ଚେତା ଶୂନ୍ୟ ।

ଆଶୁ ଚିକିତ୍ସା ଆରମ୍ଭ କରି ଦେଇଥିଲେ ଡାକ୍ତର ।

ଖବର ପାଇ ପହଞ୍ଚିଥିବା ଉତ୍ସୁକ ପରିବାରବର୍ଗଙ୍କୁ ଡାକ୍ତର କହିଲେ ସାତ ଦିନ ପାଖାପାଖି ପରେ ଚେତା ଓ ଚେତନା ଆସିଲେ ଆସିପାରେ ।

ସାତ ଦିନ ପରେ.. ପରିବାରକୁ ଖବର ଆସିଲା ରୋଗୀର ଚେତା ଫେରିଛି ହେଲେ ସେ ମୁହଁ ଖୋଲୁନି.... ନିଜେ ନିଜକୁ ବି ଚିହ୍ନି ପାରୁନି... ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଡାକ୍ତରଖାନାରେ ରୋଗୀ ସାମ୍ନାରେ ହାଜର ବାପା, ମାଁ, ସ୍ତ୍ରୀ, ପୁଅ, ଝିଅ ସମସ୍ତେ ଉତ୍ସୁକ ମନରେ । ହୁଏତ କୌଣସି ପୂର୍ବ ପରିଚୟ ଥିବା ବ୍ୟକ୍ତିଙ୍କୁ ଦେଖିଲେ ରୋଗୀର ପୂର୍ବ ଚେତନା ସ୍ମୃତି ସହ ବାକ୍ ଶକ୍ତି ବି ଆସିଯିବ । ହେଲେ ଏ କଣ... କିଛି ବି ତ ଫରକ ପଡିଲାନି । ରୋଗୀ ସେମିତି ତଗ ତଗ ଅନାଇ ରହିଲା ସେ ସମସ୍ତଙ୍କ ପଟକୁ... ତା ପରେ ଉପରକୁ... ଯାହା ଶୂନ୍ୟ... ମହାଶୂନ୍ୟ ... ଚିହ୍ନି ପାରୁନି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତ କାହାକୁ... ପରିବାର ସଦସ୍ୟଙ୍କୁ ନା ନିଜେ ନିଜକୁ ।

ଆଉ କିଏ ଅଛନ୍ତି ରୋଗୀର ପାଖାପାଖି ଅତି ଚିହ୍ନା ସାଙ୍ଗସାଥୀ... ଡାକ୍ତର ବାବୁ କହିଲେ ଚିନ୍ତାଗ୍ରସ୍ତ ହୋଇ ।

ଝିଅ କହିଲା... ହଁ ବାପାଙ୍କ ଅତି ପ୍ରିୟ ସାଙ୍ଗ ସୁରେଶ ମଉସା । ବାପାଙ୍କ ସହ ବିଭିନ୍ନ ସଭାସମିତି ସାହିତ୍ୟଆସରକୁ ଯାଆନ୍ତି... ଖାଲି କଣ ଏତିକି... କାହିଁ କେତେ ଦୂର ପାଇକମାଲର୍ ଆରଣ୍ୟକ ଗୋଷ୍ଠୀର ଆରଣ୍ୟରେ ଗଳ୍ପପାଠକୁ ଏବେ ଏବେ ବି ତ ଯାଇଥିଲେ ଦୁହେଁ ସାଙ୍ଗ ହୋଇ ।

ସୁରେଶ ବାବୁ ଆସି ଠିଆ ହେଲେ ରୋଗୀ ସାମ୍ନାରେ ।

...ଆରେ ସୁରେଶ... ତୁମେ କେତେ ବେଳଠୁଁ ଏଠି ? ଆଜି କଣ କିଛି ଗଳ୍ପ ଆସର ଅଛିକି ? ଏଇ ଦେଖୁନ ସେ ଦିନ ଅନନ୍ୟାର ଗଳ୍ପଆସରରୁ ଫେରିଲା ବେଳକୁ କିଏ ଜଣେ ଅବାଞ୍ଛିତ ଯୁବକ ମୋର ସ୍କୁଟିକୁ ଧକ୍କା ମାରି ଏ ଅବସ୍ଥା କରିଦେଲା ।

ଡାକ୍ତର ସାର୍ ଙ୍କ ମୁହଁରେ ହସର ଝଲକ... ପରିବାରବର୍ଗ ବି ଖୁସିରେ ମସଗୁଲ ।

ଡାକ୍ତର ସାର୍... ଏବେ ମୁଁ ନିଜକୁ ଚିହ୍ନି ପାରିଲି... ଜାଣି ପାରିଲି... ମୁଁ ପରା ଗାଳ୍ପିକ ହୃଦୟମଣି !!!

ମନଖୋଲା ଅଭିବାଦନ ଜଣାଉଥିଲେ ପରିବାରବର୍ଗ ସୁରେଶ ବାବୁଙ୍କୁ ।

୫୫ ଆର୍ଯ୍ୟପଲ୍ଲୀ, କିଟଛକ,ପଟିଆ

ଭୁବନେଶ୍ୱର ୭୫୧୦୨୪

ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଭିଟାମାଟି



ରୋଜାଲିନି ମିଶ୍ର

ଭାଗବତ ଟୁଙ୍ଗୀର ବାରଣ୍ଡାରେ ବସିଛନ୍ତି ସୁରଞ୍ଜନ । ଯିଏ ଯାହା ବାଟରେ ଚାଲିଗଲେଣି ସବୁ । ଘରକୁ ଯିବାକୁ ଇଚ୍ଛା ନାହିଁ ତାଙ୍କର । ଘରକୁ ଗଲେ ଏବେ ପୁଣି ସେଇ ଆଲୋଚନା । ବୋଉର ପୁଣି ସେଇ ଜିଦ୍ ଆଉ ଅନୁପମାଙ୍କର ସେଇ ଶୁଖିଲା ହତାସିଆ ଆଉ ବିକଳିଆ ଚାହାଣୀ । ଏ ସବୁ ଭିତରେ ପେଶୀ ହୋଇଗଲେଣି ସିଏ ଏଇ କିଛି ଦିନ ଭିତରେ । କାହା ମୋହ ରଖିବେ ଆଉ କାହା ମୋହ ତୁଟେଇବେ ? ? ଏଣୁ ମାରିଲେ ବ୍ରହ୍ମହତ୍ୟା ଆଉ ସେଣୁ ମାରିଲେ ଗୋ ହତ୍ୟା । କିନ୍ତୁ ଘରକୁ ତ ଫେରିବାକୁ ପଡିବ । ଆଉ କିଛି ଉପାୟ ନାହିଁ ।

ସୁରଞ୍ଜନଙ୍କ ବାପା ଶଙ୍କର୍ଷଣ ଚୌଧୁରୀ ଥିଲେ ଜମିଦାରିଆ ଲୋକ । ବାଟି ବାଟି ସମ୍ପତ୍ତି ଥିଲା ହାତରେ । ବଞ୍ଚିଥିଲା ବେଳେ ଜମିଦାରୀ ଠାଣିରେ ଖର୍ଚ୍ଚବାର୍ଚ୍ଚ ଦାନଧର୍ମ କରି ବହୁତ ସମ୍ପତ୍ତି ଉଡେଇଛନ୍ତି । ଆଉ ଯାହା ଥିଲା ସବୁ ଭାଇଭାଗ ବଣ୍ଟରାରେ ଯାଇଛି । ଏବେ ଯେତିକି ବଞ୍ଚିଛି ତାହା ସମୁଦ୍ରରୁ ଶଙ୍ଖେ । ମଲାବେଳେ ସେତିକିକୁ ଶଙ୍କର୍ଷଣ ଚୌଧୁରୀ ନିଜ ଧର୍ମପତ୍ନୀ କମଳା ଦେବୀଙ୍କ ହାତରେ ଦାୟିତ୍ୱରେ ଦେଇ କହିଥିଲେ, "ଯାହା ଯାଇଛି ଯାଇଛି, ଆଉ ଯାହା ଅଛି ସବୁ ତୁମକୁ ଲାଗିଲା । ମୋ ବାପା ଗୋସେଇଁବାପା ଅମଳର ଭିଟାମାଟି ଯେମିତି ଭଗାରୀଙ୍କ ହାତକୁ ନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଏ । ଘରର ଜ୍ୟେଷ୍ଠ ପୁତ୍ର ବୋଲି ଜ୍ୟେଷ୍ଠ ଭାଗ ହିସାବରେ ଏ ଘରଟି ମୁଁ ଉତ୍ତରାଧିକାରୀ ସୂତ୍ରରେ ପାଇଛି । "

ଶଙ୍କର୍ଷଣ ଚୌଧୁରୀ ମଲାବେଳକୁ ସୁରଞ୍ଜନର ବୟସ ମୋଟେ ତେର ବର୍ଷ । କମଳାଦେବୀ ଘର ବାହାର ଆଉ ଛୁଆର ପାଠ ପଢା ସବୁ ବୁଝି ଆସିଛନ୍ତି ଆଜି ଯାଏ । ସେଦିନର ସେ ଜମିଦାରୀ ଥାଟ ଆଉ ନାହିଁ କିନ୍ତୁ ନିଜ ଦାୟିତ୍ୱରୁ କେବେ ପଛଘୁଞ୍ଚା ଦେଇ ନାହାନ୍ତି କମଳା ଦେବୀ । ସେଥିପାଇଁ କୌଣସି ଦିନ ମାତୃଆଜ୍ଞା କୁ ଅବଜ୍ଞା କରି ପାରନ୍ତି ନାହିଁ ସୁରଞ୍ଜନ ।

ସୁରଞ୍ଜନର ବାହାଘର ପରେ ବୋହୁ ଅନୁପମା ହାତରେ ଘରର ଦାୟିତ୍ୱ ଦେଇ କିଛି ମାତ୍ରାରେ ନିଶ୍ଚିତ ହୋଇଥିଲେ କମଳା ଦେବୀ । ଯେଉଁଦିନ ଜାଣିଲେ ତାଙ୍କର ଆଗାମୀ ବଂଶଧର ଆଉ କେତୁଟା ମାସ ପରେ ତାଙ୍କ ଅଗଣାରେ ପାଦ ଦେବାକୁ ଯାଉଛି ସେଦିନ ଆଉ ତଳେ ପାଦ ଲାଗିନଥିଲା ତାଙ୍କର ଖୁସିରେ । ଅନୁପମାଙ୍କୁ ଆଉ କୁଟା ଖଣ୍ଡକ ଦି ଖଣ୍ଡ କରିବାକୁ ଦେଇ ନ ଥିଲେ ସେ ।

ଆୟୋଜନ ଆରମ୍ଭ କରିଦେଇଥିଲେ କମଳା ଦେବୀ । ନାତି ପାଇଁ ସୁନାର ଖଡୁ, ଚେନ, ମୁଦି, ଅଣ୍ଟାବିଛା ସବୁ ବରାଦ ଦେଇ ତିଆରି କରେଇ ଆଣିଲେ । କେବେଠାରୁ ସାଇତି ରଖିଥିବା ଗୋଟିଏ ବାଘନଖରେ ସୁନାର ପାତ ମାନ ବସେଇ ସୁନ୍ଦର ପଦକଟିଏ ମଧ୍ୟ ତିଆରି କରିଥିଲେ ନାତି ପାଇଁ ।

କିନ୍ତୁ ବିଧିର ବିଧାନ ଥିଲା କିଛି ଅଲଗା । ଅନୁପମାଙ୍କର ଝିଅଟିଏ ହେଲା । ସବୁ ସରାଗ ପାଣି ଫୋଟକା ପରି ମିଳେଇଗଲା କମଳା ଦେବୀଙ୍କର । ସବୁ ଆୟୋଜନ ପାଣିରେ ପଡିଗଲା ପରି ଲାଗିଲା ତାଙ୍କୁ । ସୁରଞ୍ଜନଙ୍କର ବି ମନରେ ସରାଗ ନାହିଁ । ଯୋଉଠି ବସିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚୁପଚାପ । ଆଗପରି ପ୍ରଗଲ୍ଭତା ନାହିଁ କଥାବାର୍ତ୍ତାରେ ।

ଏମିତିରେ ଚାଲିଲା କିଛି ଦିନ । କମଳା ଦେବୀ ଅନୁପମାଙ୍କୁ ପାଖରେ ବସି ବୁଝାଇଲେ ଗୋଟେ ଦିନ । କହିଲେ "ଶୁଣ ମା', ମୋ ବାହାଘରର କେତେବର୍ଷ ଯାଏ ବି ପିଲାପିଲି କିଛି ହେଲାନି ମୋର । ଡାକ୍ତର ଔଷଦ ଆଉ ଟୁଣୁକା ଟୁଣୁକି କିଛି କାମ କଲାନି । ଆଉ ପିଲାଛୁଆ ହେବନି ଭାବି ତୋ ଗୋସେଇଁ ଶାଶୁ ତୋ ଶଶୁରଙ୍କୁ ଆଉ ଥରେ ବାହା କରିବା ପାଇଁ ବାହାରିଥିଲେ । ତାପରେ ମୁଁ ମା ମଙ୍ଗଳାଙ୍କ ବ୍ରତ ରଖିଥିଲି । ମା'ଙ୍କ ଦୟାରୁ ବାହାଘରର ପାଞ୍ଚବର୍ଷ ପରେ ସୁରର ଜନ୍ମ । ସେହି ମା ମଙ୍ଗଳା ତୋତେ ସାହା ହେବେ । ତୁ ତାଙ୍କରି ବ୍ରତ ରଖ । ଦେଖିବୁ ଆର ଥରକୁ ନିଶ୍ଚୟ ତୋ କୋଳରେ ପୁଅଟିଏ ଦେବେ ମା' । ଝିଅ ତ ପରଘରକୁ ଚାଲିଯିବ । ପୁଅଟିଏ ନଥିଲେ ପୂର୍ବପୁରୁଷର ଏ ଭିଟାମାଟିକୁ ବଞ୍ଚେଇ ରଖିବ କିଏ । ମୋର କୋଉ ଛଅଟା ନା ନଅଟା । ସୁର ତ ଗୋଟିଏ ବୋଲି ପୁଅ । ସବୁ ଆଶା ମୋର ତାରି ପାଖରୁ ।"

ଚୁପଚାପ ପଥର ପରି ବସିଥିଲେ ଅନୁପମା ଶାଶୁଙ୍କ କଥାର କିଛି ଉତ୍ତର ନଦେଇ । ସୁରଞ୍ଜନ କହିଲେ ଏଇଟା ଆଉ ସମ୍ଭବ ନୁହେଁ ବୋଉ । ଝିଅ ଜନ୍ମବେଳେ କେତେଗୁଡିଏ ଅସୁବିଧା ପାଇଁ ଅନୁପମାର ଗର୍ଭାଶୟକୁ କାଢି ଦିଆ ଯାଇଛି । ନହେଲେ ତାର ଜୀବନ ପ୍ରତି ବିପଦ ଥିଲା । ତୋତେ ଜଣେଇବା ପାଇଁ ସାହସ ଜୁଟେଇ ପାରୁନଥିଲି ଆଜିଯାଏ ।

ପାଦତଳୁ ମାଟି ଖସିଗଲା କମଳା ଦେବୀଙ୍କର । ଏ ଚୌଧୁରୀ ବଂଶ ଉପରେ କାହିଁକି ଏମିତି କୋପ କଲେ ଭଗବାନ । ଏ ବଂଶ ଆଗକୁ ବଢିବ କେମିତି ? ? ମୋ କୁଳ ଦେବତା କଣ ଅପୂଜା ରହିଯିବେ ? ? ମୋ ପିତୃପୁରୁଷଙ୍କୁ ପିଣ୍ଡ କିଏ ବାଢ଼ିଦେବ ? ? ଝିଅ ତ ବାହାହୋଇ ପରଗୋତ୍ରୀ ହୋଇଯିବ, ଆଉ ସୁର ପରେ..... ଏ ଡିହରେ କଣ ବିଲୁଆ କୁକୁର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଡେଇଁବେ ? ? ନା ...ନା... ମୁଁ ବଞ୍ଚି ଥାଉ ଥାଉ ତା ହେବାକୁ ଦେବିନି ।

ତା ପରଠାରୁ କମଳା ଦେବୀଙ୍କର ଦିନରାତି ଗୋଟିଏ ଜିଦ୍ । ସୁର ଆଉଥରେ ବାହା ହଉ । ପୁଅଟିଏ ନ ଥିବାର ଅଭାବବୋଧ ଯେ ବେଳେବେଳେ ସୁରଞ୍ଜନଙ୍କୁ ଉଦାସ ନ କରିଦିଏ ସେ କଥା ନୁହେଁ କିନ୍ତୁ ଅନୁପମାଙ୍କ ପ୍ରତି ଅନ୍ୟାୟ କରିବା ପାଇଁ ବିବେକ ବାଧା ଦିଏ ତାଙ୍କୁ । ଅନୁପମା ବି ଅନୁଭବ କରନ୍ତି ଯେ କୋଉଠି ନା କୋଉଠି ସୁରଞ୍ଜନଙ୍କ ମନର ନିଭୃତ କୋଣରେ ଦୁଃଖ ରହିଯାଇଛି ଟିକେ । କିନ୍ତୁ ସେ ଦୁଃଖ ଦୂରେଇବା ପାଇଁ ସେ ଅସମର୍ଥ ।

ଘର ଅପେକ୍ଷା ଗାଁ ମଝିରେ ଥିବା ଭାଗବତ ଟୁଙ୍ଗିଟା ଆଜିକାଲି ବେଶୀ ଶାନ୍ତିପ୍ରଦ ଲାଗେ ସୁରଞ୍ଜନଙ୍କୁ । ରାତି ବହୁତ ହେଲାଣି । ଘରକୁ ଯିବାକୁ ପଡ଼ିବ ଏବେ । ବସିବା ଜାଗାରୁ ଉଠିଲେ ସୁରଞ୍ଜନ । ଘରେ ପହଞ୍ଚି ଗୋଡହାତ ଧୋଇ ଖାଇବାକୁ ବସିଛନ୍ତି ପାଖରେ ଆସି ବସିଲେ କମଳା ଦେବୀ ।

—ତୁ କ'ଣ ଚିନ୍ତା କଲୁ ସୁର ?

ସୁରଞ୍ଜନ କିନ୍ତୁ ସମ୍ପୂର୍ଣ୍ଣ ରୂପେ ନୀରବ ।

— ଚୁପ୍ ରହି ତୁ କଣ ଜଣେଇବାକୁ ଚାହୁଁଛୁ ମୋତେ । ତୁ କ'ଣ ଚାହୁଁଛୁ ତୋ ପରେ ଏ ବଂଶର ଉତ୍ତରଦାୟାଦ ଭାବେ ଏ ଘରେ କେହି ନ ରହନ୍ତୁ ବୋଲି ! ! କି ଉତ୍ତର ଦେବି ମୁଁ ତୋ ବାପାଙ୍କର ଦିବଂଗତ ଆତ୍ମାକୁ ?

— କିନ୍ତୁ ବୋଉ ....

—କିଛି ଶୁଣିବିନି ମୁଁ । ଆସନ୍ତା ତିଥିରେ ତୋର ବାହାଘର ହେବ । ଝିଅ ମୁଁ ଠିକ କରି ସାରିଛି । ଅନୁପମା ଏ ଘରେ ଯେମିତି ରହୁଛି ସେମିତି ରହିବ । କେହି ତା ଅଧିକାରରେ ହସ୍ତକ୍ଷେପ କରିବେନି । ଆଉ ଯଦି ତୁ ମୋ କଥାରେ ରାଜି ନ ହେଉ ତାହେଲେ ମୁଁ ଆଜି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠାରୁ ଠାକୁରଙ୍କ ପାଖରେ ନିର୍ଜ୍ଜଳା ଉପବାସ ରହି ଅଧିଆ ପଡିବି ପ୍ରାଣତ୍ୟାଗ କରିବା ଯାଏ ।

ନିର୍ଦ୍ଦିଷ୍ଟ ତିଥିରେ ବାହାଘର ସରିଗଲା ସୁରଞ୍ଜନଙ୍କର ଚାରୁଲତାଙ୍କ ସହ । ବାହାଘରର ମାତ୍ର ଦୁଇବର୍ଷରେ ଚାରିମାସର ଛୁଆକୁ କୋଳରେ ଧରି ଅଲଗା ରହିବାକୁ ପଡିଲା ଅନୁପମାଙ୍କୁ । ସେ ଆଗ ପରି ଘରର ସବୁ କାମ କରୁଥିଲେ, ଖାଉଥିଲେ, ଶୋଉଥିଲେ କିନ୍ତୁ ଗୋଟେ ନାରୀର ଅଧିକାର କ'ଣ ଏତିକିରେ ସୀମିତ ! ଗୋଟେ ନାରୀର ସିନ୍ଦୁର ଦୁଇଭାଗ ହୋଇଯିବାଟା ଯେ କେତେ କଷ୍ଟଦାୟକ ସେ କଷ୍ଟ ତାଙ୍କର କେହି ବୁଝିଲେନି । ତାଙ୍କ ଅନ୍ତରର ଦୁଃଖକୁ କେହି ଦେଖି ପାରିଲେନି ।

ଧୀରେ ଧୀରେ ସୁରଞ୍ଜନ ଆଉ ଅନୁପମାଙ୍କ ଭିତରେ ଦୂରତ୍ୱ ଏତେ ବଢ଼ିଗଲା ଯେ ଅନୁପମାଙ୍କୁ ଲାଗେ ସୁରଞ୍ଜନ ତାଙ୍କ ପାଇଁ ଗୋଟେ ପରପୁରୁଷ, ଗୋଟେ ଅପରିଚିତ ମଣିଷ । ଏ କ'ଣ ସେଇ ସୁରଞ୍ଜନ ଯାହାଙ୍କ ଔରସର ସନ୍ତାନକୁ ସେ କୋଳରେ ଧରିଛନ୍ତି ! ଭାବିଲେ ଆଶ୍ଚର୍ଯ୍ୟ ଲାଗେ ତାଙ୍କୁ । କାନ୍ଦିକାନ୍ଦି ରାତିରେ ତକିଆ ଭିଜେଇ ଦିଅନ୍ତି ଅନୁପମା । ଦିନକୁ ଦିନ ଅସହ୍ୟ ହୋଇଉଠେ ସମସ୍ତଙ୍କ ଅବହେଳା ଆଉ ଅଣଦେଖା ତାଙ୍କ ପାଇଁ । ସେ କ'ଣ ଖାଲି ଗଣ୍ଡାଏ ଖାଇବା ପାଇଁ ପଡି ରହିଛନ୍ତି ଏଠି ? ଏ ଘରେ ସେ କିଏ ? ତାଙ୍କର ଅସ୍ତିତ୍ୱ କ'ଣ ?

ପାଞ୍ଚ ବର୍ଷରେ ତିନିଟି ପୁତ୍ର ସନ୍ତାନର ଜନନୀ ହୋଇ ଗର୍ବରେ ଫାଟି ପଡୁଥିଲେ ଚାରୁଲତା । ଶାଶୁଙ୍କର ସବୁ ସ୍ନେହ ଆଶୀର୍ବାଦ ଅଜାଡି ହୋଇ ପଡୁଥିଲା ଚାରୁଲତା ଆଉ ତାଙ୍କ ପୁତ୍ର ମାନଙ୍କ ଉପରେ । ଅନୁପମା ଯେମିତି ସେ ଘରେ ଗୋଟିଏ ଅଲୋଡା ବସ୍ତୁ ।

ଦିନେ ସକାଳୁ କମଳା ଦେବୀ ଉଠି ଦେଖିଲେ ଦାଣ୍ଡ ଦୁଆର ଖରକା ହୋଇନି । ବାସି ପାଇଟି ସେମିତି ପଡିଛି ସବୁ । ଅନୁ କଣ ଆଜି ଉଠିନି କି ? ଆଉଜା ହୋଇଥିବା ଘର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦରଜାକୁ ଠେଲି ଘର ଭିତରେ ପଶି ଦେଖିଲେ ଚାରି ଚଉତା ହୋଇଥିବା କାଗଜ ଖଣ୍ଡିଏ ସୁରଞ୍ଜନଙ୍କ ଉଦ୍ଦେଶ୍ୟରେ । କାଗଜ ଖୋଲି ପଢିଲେ, "ମୁଁ ଜାଣେ ତୁମେ ବହୁତ ଅଶାନ୍ତି ମୋ ଉପରେ । କି ବେଳାରେ ଏ ଘରକୁ ବୋହୁ ହୋଇ ଆସିଥିଲି କେଜାଣି, କାହାକୁ ବି ଖୁସି କରି ପାରିଲିନି । ବୋଉ ତ ପ୍ରକାଶ୍ୟରେ ଅଶାନ୍ତି ମୋ ଉପରେ । କିନ୍ତୁ ତାଙ୍କ କଥା ମୋତେ ଯେତିକି କଷ୍ଟ ନ ଦେଉଛି ତା ଠାରୁ ଢେର ଗୁଣରେ ଅଧିକା କଷ୍ଟ ଦେଉଛି ମୋତେ ତୁମ ନୀରବତା । କେତେ ସହିବି ! ! ! ମୋତେ ଲାଗୁଛି ଏ ଘରେ ମୁଁ ଗୋଟିଏ ଅଲୋଡା ବସ୍ତୁ । ଗୋଟିଏ ଅଦରକାରୀ ଜିନିଷ ପରି ଘର ଭିତରେ ଏଠି ସେଠି ପଡି ରହି ଘରର ଆବର୍ଜନା ବଢ଼େଇବା ଅପେକ୍ଷା ମୁଁ ବରଂ ଚାଲିଯାଉଛି ଏ ଘରୁ ସବୁଦିନ ପାଇଁ । ଭାଗ୍ୟରେ ଥିଲେ ଏ ଜନ୍ମରେ ନିଶ୍ଚୟ ଆଉ ଥରେ ଦେଖା ହେବ ।"

ଅନୁପମାଙ୍କ ଉପସ୍ଥିତିରେ କାହାକୁ କିଛି ଫରକ ପଡୁ ନଥିଲା । ଆଉ ଏବେ ଅନୁପମାଙ୍କ ଅନୁପସ୍ଥିତିରେ ବି କେହି ଦୁଃଖୀ ହେଲେ ନାହିଁ । ହଁ... ଯାଇଥିବ କୋଉ ବନ୍ଧୁ ଘରକୁ କହି କଥାଟାକୁ ହାଲକା କରିଦେଲେ କମଳା ଦେବୀ ।

ସକାଳୁ ସକାଳୁ ଗାଁ ବସଷ୍ଟାଣ୍ଡରୁ ବସ୍ ରେ ଚଢି ସେ କୋଉ ଜାଗାରେ ଓହ୍ଲେଇଲେ ପୁଣି ସେଠୁ କୁଆଡେ ଗଲେ କିଛି ଜଣାନାହିଁ ଅନୁପମାଙ୍କୁ । ଗୋଟେ ଲକ୍ଷ୍ୟହୀନ ଭାବରେ ଗୁଡ଼ାଏ ବାଟ ଚାଲି ଆସିଲେ ଘରଠାରୁ ଦୂରକୁ । ବାହାଘରର କିଛି ବର୍ଷ ହୋଇଛି ମାତ୍ର । ଶାଶୁ ଘରର ଦାଣ୍ଡ ବାରଣ୍ଡା ବି ଭଲରେ ଦେଖି ନଥିଲେ ସିଏ ଆଉ ରାସ୍ତାଘାଟ କଥା କେମିତି ବା ଜାଣିବେ ।

ମନ୍ଦିର ବେଢାରେ ବସିଛନ୍ତି ଅନୁପମା । ବୁଢ଼ୀଟିଏ ଆସି ପଚାରିଲା, "ଆଲୋ ମା' ଏଠି ଏ କଅଁଳା ଛୁଆଟାକୁ ଧରି କାହିଁକି ବସିଛୁ । ଆଗରୁ ତୋତେ ତ ଏ ଗାଁରେ ମୁଁ ଦେଖିନି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେବେ । କାହା ଘରକୁ ବୁଲି ଆସିଛୁ କି ମା ?" କାନ୍ଦି କାନ୍ଦି ସବୁକଥା କହିଲେ ଅନୁପମା । କହିଲେ, “ଏ କୋଉ ଜାଗା, ମୁଁ କୁଆଡେ ଯିବି କଣ କରିବି କିଛି ଜାଣିପାରୁନି ମାଉସୀ ।”

ସବୁ ଶୁଣିସାରି ବୁଢ଼ୀ ଜଣଙ୍କ ଅନୁପମାଙ୍କୁ ସାନ୍ତ୍ୱନା ଦେଇ କହିଲେ, “ହଉ ମା' ବ୍ୟସ୍ତ ହୁଅନା । ମୋର ବି କେହି ନାହାନ୍ତି । ବୁଢ଼ୀଲୋକଟାଏ ମୁଁ । କାମଧନ୍ଦାକୁ ପାରୁନି । ବଡ ହଇରାଣ ହଉଛି ରୋଷେଇ ଗଣ୍ଡେ ପାଇଁ । ତୁ ଚାଲ ମୋ ପାଖେ ରହିବୁ । ଭାତ ମୁଠାଟେ ଆଉ ଶାଗମୁଗ ଯାହା ଗଣ୍ଡେ ଫୁଟେଇଦବୁ ସବୁଦିନ । ତୋର ମୋର ସୁଖେ ଦୁଃଖେ ଚଳିଯିବା ।”

ବୁଡ଼ିଗଲା ଲୋକ କୁଟାଖିଅକୁ ଆଶ୍ରା କଲା ପରି ଟିକେ ସାହସ ପାଇଲେ ଅନୁପମା । ବୁଢ଼ୀ ସହ ଚାଲିଗଲେ ତା ଘରକୁ । ଛୋଟିଆ ଚାଳ ଛପର ଘରଟିଏ । ଘରର ଚାରିପଟେ ସୁନ୍ଦର ସୁନ୍ଦର କିଛି ଫୁଲଗଛ । ଅନୁପମା ଜାଣିବାକୁ ପାଇଲେ ଯେ ବୁଢ଼ୀ ମାଉସୀ ସବୁଦିନ ମନ୍ଦିରରେ ଫୁଲ ଆଉ ତୁଳସୀମାଳା ବିକ୍ରି କରି ଚଳନ୍ତି । ଧୀରେ ଧୀରେ ସେ ଘରକୁ ନିଜର କରିନେଲେ ଅନୁପମା । ଆହୁରି ଫୁଲଗଛ ଆଉ ତୁଳସୀ ଗଛ ଲଗାଇଲେ । ଘର ପଛପଟେ ପରିବା ଚାଷ ବି ଆରମ୍ଭ କରିଦେଲେ । ତା ସହ ତୁଳା ବଳିତା ତିଆରି କରି ମଧ୍ୟ ବୁଢ଼ୀ ମାଉସୀଙ୍କୁ ଦେଲେ ବିକ୍ରି କରିବା ପାଇଁ । ବେଶ ଦି ପଇସା ରୋଜଗାର ହୋଇ ପାରିଲା ତିନି ପ୍ରାଣୀ ଚଳିବା ପାଇଁ । ଅନୁପମାଙ୍କର ରୂପ, ଗୁଣ, ବ୍ୟବହାର ଆଉ ଘରକରଣା ବୁଦ୍ଧିରେ ଖୁସି ହୋଇ ବୁଢ଼ୀ ମାଉସୀ କୁହନ୍ତି, "କେଡ଼େ ଗୁଣର ଝିଅଟିଏ ! ଯାକୁ ପୁଣି ଶାଶୂଘର ଲୋକ ଅଣଦେଖା କରି ପାରିଲେ ! ! ଧର୍ମ ନ ସହୁ ସେ ଚୌଧୁରୀ ବଂଶକୁ ।”

ଇତି ମଧ୍ୟରେ ବିତିଗଲାଣି ପନ୍ଦର ବର୍ଷ । ବୁଢ଼ୀ ମାଉସୀ ଚାଲିଗଲେଣି ଆରପାରିକୁ । ଅନୁପମାଙ୍କ ଝିଅ ଶେଫାଳି ଏବେ ଏକୋଇଶି ବର୍ଷରେ ପାଦ ଦେଇଛି ଦେଖିବାକୁ ଯେମିତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୁନ୍ଦର ପାଠପଢାରେ ବି ସେମିତି ବିଚକ୍ଷଣ । ହଷ୍ଟେଲରେ ରହି ଡାକ୍ତରୀ ପାଠ ପଢୁଛି । ପାଠ ପଢା ଆହୁରି ଦୁଇ ବର୍ଷ ବାକି ଅଛି । ଅରକ୍ଷିତକୁ ଦଇବ ସାହା ପରି ସ୍କୁଲ ଶିକ୍ଷକ ମାନଙ୍କ ସହାୟତା ଆଉ ନିଜେ ପାଉଥିବା ବୃତ୍ତି ଟଙ୍କାରେ ଏତେ ବାଟ ଆସି ପାରିଛି ଶେଫାଳି । ଟଙ୍କା ପଇସା ପାଇଁ ବେଶୀ କିଛି ହଇରାଣ ହେବାକୁ ପଡିନି ଅନୁପମାଙ୍କୁ ।

ନିଜ ଦୁଃଖ କାହାଣୀକୁ ଗୋଟିଗୋଟି କରି ସବୁ କହିଛନ୍ତି ଅନୁପମା ନିଜ ଝିଅ ଆଗରେ । ତା ପାଇଁ ଯେ ତା ମା ଏତେ କଷ୍ଟ କରିଛି ଆଉ ଚୌଧୁରୀ ଘରର କୂଳବଧୁ ଏ ଚାଳ ଘରେ ରହି ଫୁଲବିକ୍ରି କରିଛି କେବଳ ତାକୁ ମଣିଷ କରିବା ପାଇଁ ଭାବିଦେଲେ ଶେଫାଳିର ମନଟା ଭକ୍ତି , କରୁଣା ଆଉ ଦୁଃଖରେ ବିଗଳିତ ହୋଇ ଉଠେ ।

ସମୟର କାଳଚକ୍ରରେ ସମସ୍ତେ ବନ୍ଧା । ସେଠି କାହାରି ଇଚ୍ଛା ଅନିଚ୍ଛାର କୌଣସି ସ୍ଥାନ ନାହିଁ । ସମୟ ସହ ତାଳ ଦେଇ ଜୀବନର ଏ ଅଙ୍କାବଙ୍କା ବନ୍ଧୁର ରାସ୍ତାକୁ ଅତିକ୍ରମ କରିବାକୁ ପଡିବ ସମସ୍ତଙ୍କୁ । ପ୍ରତ୍ୟେକଙ୍କର ଲକ୍ଷ୍ୟସ୍ଥଳ ସେଇ ଗୋଟିଏ -- କାହାପାଇଁ ମୃତ୍ୟୁ ତ କାହା ପାଇଁ ମୋକ୍ଷ ।

କମଳା ଦେବୀ ଚାଲିଗଲେଣି ଆରପାରିକୁ । ସୁରଞ୍ଜନଙ୍କର ତିନିଟି ଯାକ ପୁଅ ସହରରେ ଚାକିରୀ କରୁଛନ୍ତି । ଗାଁର ଚାଷବାସ ଜମିବାଡିକୁ ନାପସନ୍ଦ କରି ଆଦରି ନେଇଛନ୍ତି ସେମାନେ ସହରର ଚାକଚକ୍ୟକୁ । ସୁରଞ୍ଜନଙ୍କର ଆକଟ, ଚାରୁଲତାଙ୍କର ମମତା ଆଉ ଚୌଧୁରୀ ବଂଶର ଭିଟାମାଟିର ମୋହ ଅଟକେଇ ପାରିନି ସେମାନଙ୍କୁ ।

ଶେଫାଳି ପାଠପଢା ସାରି ଯୋଗ ଦେଇଛି ଏକ ସରକାରୀ ଡାକ୍ତରଖାନାରେ ନ୍ୟୁରୋ ବିଶେଷଜ୍ଞ ଭାବରେ । ତା ସହ କ୍ଲିନିକଟିଏ ମଧ୍ୟ ଖୋଲିଛି । ଡାକ୍ତରଖାନା ପାଖରେ ଭଲ ଘରଟିଏ ନେଇ ରହୁଛନ୍ତି ମା ଝିଅ । ଆର୍ଥିକ ଅବସ୍ଥାରେ ବି ବହୁତ ସ୍ୱଚ୍ଛଳତା ଆସିଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶେଫାଳି ଡାକ୍ତରଖାନାକୁ ଚାଲିଗଲା ପରେ ଅନୁପମା ପୁରା ଏକା ଘର ଭିତରଟାରେ । ଆଗରୁ ସିନା ବାଡ଼ିବଗିଚା, ପରିବା ଚାଷ ଆଉ ଫୁଲବିକ୍ରି କାମରେ ଦିନଟା କଟି ଯାଉଥିଲା । ଏବେ ତ ଆଉ ସେ ଧନ୍ଦା ନାହିଁ । ଏକା ଏକା ବସିଲେ ପୁରୁଣା ଅତୀତ ସବୁ ଧସେଇ ପଶନ୍ତି ମନ ଭିତରକୁ । ବହୁତ ମନେ ପଡନ୍ତି ସୁରଞ୍ଜନ । କେମିତି ଥିବେ କେଜାଣି ? ପୁଅମାନେ ବଡ଼ବଡ଼ ହୋଇଯିବେଣି । ବାହାସାହା ହେଲେଣି କି ନାହିଁ ? ଚାରୁଲତା କ'ଣ ଆଉ ତାଙ୍କୁ ମନେ ରଖିଥିବେ ? ଶାଶୁ କ'ଣ ଆଉ ଏତେ ଦିନ ବଞ୍ଚିଥିବେ ? ବୋହୁ ହିସାବରେ ତାଙ୍କ ପାଇଁ କିଛି କରି ପାରିଲିନି ମୁଁ । ଏ ଜନ୍ମରେ କ'ଣ ଆଉ ସୁରଞ୍ଜନଙ୍କ ସହ ଦେଖା ହବନି ମୋର ? ଦେଖିଲେ କ'ଣ ସେ ଆଉ ଚିହ୍ନି ପାରିବେ ମୋତେ ? ମୋ ଝିଅଟା କ'ଣ ତା ଜନ୍ମଦାତାଙ୍କୁ ଦେଖିବାର ସୁଯୋଗ ପାଇବନି ଆଉ ? ଏମିତି ବହୁତ ଚିନ୍ତା ତାଙ୍କୁ ବ୍ୟାକୁଳିତ କରେ । କିନ୍ତୁ କାହାଠାରୁ କିଛି ଖବର ପାଇବାର ସୁଯୋଗ ସେ ପାଆନ୍ତି ନାହିଁ । ସବୁଦିନ ସନ୍ଧ୍ୟାବେଳେ ଠାକୁରଙ୍କ ଆଗରେ ହାତ ଟେକି ଦିଅନ୍ତି ସମସ୍ତଙ୍କର ସର୍ବମଙ୍ଗଳ ଉଦ୍ଦେଶ୍ୟରେ ।

ଚାରୁଲତା ଭୀଷଣ ଅସୁସ୍ଥ । ମୁଣ୍ଡ ବୁଲେଇ ଚେତାଶୂନ୍ୟ ହୋଇ ପଡୁଛନ୍ତି ମଝିରେ ମଝିରେ । ଘରେ ଆହା ସାହା କେହି ନାହିଁ । ଏକା ସୁରଞ୍ଜନ । ପିଲାମାନେ ତ ସବୁ ବାହାରେ । ପିଲାମାନଙ୍କୁ ଅପେକ୍ଷା କଲେ ଚାରୁଲତାଙ୍କ ଜୀବନ ପ୍ରତି ବିପଦ ଆସିପାରେ । କଣ କରିବେ ନ କରିବେ ଭାବି ଭାବି ଡାକ୍ତରଖାନାକୁ ନେଇ ଆସିଲେ ଚାରୁଲତାଙ୍କୁ ସୁରଞ୍ଜନ । ବାହାରେ ବେଞ୍ଚରେ ଚାରୂଲତାଙ୍କୁ ବସେଇ ଦେଇ ଅପେକ୍ଷା କଲେ ସୁରଞ୍ଜନ ନିଜ ନମ୍ବର ପଡିବା ଯାଏ ।

ଶେଫାଳି ରୋଗୀ ଦେଖାରେ ବ୍ୟସ୍ତ । ସୁରଞ୍ଜନ ଭିତରକୁ ଗଲେ ଚାରୁଲତାଙ୍କୁ ନେଇ । ଶେଫାଳି ଉପରେ ନଜର ପଡୁ ପଡୁ କେମିତି ଗୋଟେ ମୋହାବିଷ୍ଟ ହୋଇଗଲେ ସୁରଞ୍ଜନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ସମୟ ପାଇଁ ।

— ମାଉସୀ କ'ଣ ହେଉଛି ତୁମର ? ଶେଫାଳି ପଚାରିଲା ଚାରୁଲତାଙ୍କୁ । ଗୋଟି ଗୋଟି କରି ସବୁ ଅସୁବିଧା କହିଲେ ଚାରୁଲତା ।

— ଠିକ ଅଛି ମାଉସୀ । କିଛି ଟେଷ୍ଟ କରିବାକୁ ପଡିବ । ମୁଁ ପ୍ରେସକ୍ରିପ୍ସନ ଲେଖିଦେଉଛି । ତୁମ ନାଁ ଟା କଣ ?

ଚାରୁଲତା ଚୌଧୁରୀ ।

ଚମକି ପଡିଲା ଶେଫାଳି । ଏ ନାଁ ଟା ବହୁତ ଥର ଶୁଣିଛି ତା ମା' ମୁହଁରୁ । ସଂସାରରେ ତ ଏଇ ନାଁ ରେ ବହୁତ ଲୋକ ଥିବେ କିନ୍ତୁ ଏ ଆଉ ସେ ଚାରୁଲତା ନୁହେଁ ତ ? ? କେମିତି ଜାଣିବ ସିଏ ? ?

—ଆଚ୍ଛା ମଉସା ଆପଣଙ୍କ ନାଁ ଟା ଟିକେ କହିବେ କି ?

- ସୁରଞ୍ଜନ ଚୌଧୁରୀ ।

— ଘର ? ?

- ପାଟଣା ଗଡ ।

ଆଉ କିଛି ଅଧିକା ପରିଚୟ ଜାଣିବା ଦରକାର ନ ଥିଲା ଶେଫାଳିର । ଆଖି ପୁରେଇ ଦେଖିନେଲା ତା ଜନ୍ମଦାତାଙ୍କୁ ।

ଆଗରୁ ମା ଠାରୁ ଘର କଥା ଶୁଣିଲା ବେଳେ ତାର ପ୍ରବଳ ରାଗ ହୁଏ ସୁରଞ୍ଜନଙ୍କ ଉପରେ । ପ୍ରତିଶୋଧର ଭାବନା ଜାଗିଉଠେ ମନରେ । ଆଜି ସେଇ ସୁରଞ୍ଜନ ଚୌଧୁରୀ ତା ସାମ୍ନାରେ କିନ୍ତୁ ତା ରାଗ ଅଭିମାନ ସବୁ କୁଆଡେ ଉଭେଇ ଗଲା ? ଇଚ୍ଛା ହଉଛି ପାଦ ଛୁଇଁ ପ୍ରଣାମ କରିବା ପାଇଁ, ଆଶୀର୍ବାଦ ନେବା ପାଇଁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

- ନା... ନା ... ଆଜି ନୁହେଁ .. ହଠାତ ଏମିତି ପରିଚୟ ଦେବାଟା ଠିକ ଲାଗୁନି ।

- ଠିକ ଅଛି ମାଉସୀ ଏ ପ୍ରେସକ୍ରିପ୍ସନ ଟା ନିଅ । ସବୁ ଟେଷ୍ଟ କରି କାଲି ଆସି ଦେଖା କରିବ ।

ଖୁସିରେ ଫାଟି ପଡୁଛନ୍ତି ଅନୁପମା । ଶେଫାଳି ଠାରୁ ସବୁ ଶୁଣିଲା ପରେ ଆନନ୍ଦରେ ଆତ୍ମହରା ହୋଇ ଉଠିଛନ୍ତି । ଆନନ୍ଦାଶ୍ରୁ ବୋଲ ମାନୁନି ଆଉ । ବୋହି ଯାଉଛି ଛାଁ କୁ ଛାଁ । କେମିତି ରାତି ପାହିବ ଆଉ ସେ ସୁରଞ୍ଜନଙ୍କୁ ଟିକିଏ ଦେଖିବେ ।

ଡାକ୍ତରଖାନାରେ ବସିଛନ୍ତି ଅନୁପମା । ସୁରଞ୍ଜନ ପହଞ୍ଚିଲେ ଚାରୁଲତାଙ୍କୁ ଧରି । ସୁରଞ୍ଜନଙ୍କ ଦୃଷ୍ଟି ଆଢୁଆଳରେ ରହି ମନ ଭରି ଆଖି ପୁରେଇ ଦେଖିନେଲେ ଅନୁପମା ତାଙ୍କର ସ୍ୱାମୀଙ୍କୁ ।

ଭିତରକୁ ଟେଷ୍ଟ ରିପୋର୍ଟ ଧରି ଗଲେ ସୁରଞ୍ଜନ । ରିପୋର୍ଟ ଦେଖି ଦୁଃଖରେ ଭାଙ୍ଗିପଡିଲା ଶେଫାଳି । ଚାରୁଲତାଙ୍କର cerebral artery ରେ blockage ଅଛି । Angio-plasty ଦରକାର । ଆଉ କିଛି ଉପାୟ ନାହିଁ । କେମିତି ଜଣେଇବ ସୁରଞ୍ଜନଙ୍କୁ ଭାବି ଭାବି କହିଲା, ମଉସା ଆପଣ ମାଉସୀଙ୍କୁ ଏଠି ଆଡ଼ମିଟ କରିଦିଅନ୍ତୁ । ତାଙ୍କର ବ୍ରେନରେ ଟିକେ ପ୍ରୋବ୍ଲେମ ଅଛି । ଅପରେସନ ଦରକାର । କିଛି ଡରିବାର ନାହିଁ ମଉସା । ମାଉସୀ ଭଲ ହୋଇଯିବେ କିନ୍ତୁ ଗୁଡ଼ାଏ ଟଙ୍କା ଦରକାର ଏବେ ।

ଅସହାୟ ହୋଇ ପଡିଲେ ସୁରଞ୍ଜନ । ପୁଅମାନଙ୍କ ପାଖକୁ ଖବର ଦିଆଗଲା । ପୁଅମାନେ ଆସି ସବୁ ଶୁଣିଲେ କିନ୍ତୁ ଏତେ ଟଙ୍କା ଆସିବ କୋଉଠୁ ଏତେ କମ୍ ଦିନ ଭିତରେ । ବଡ଼ପୁଅ କହିଲା ଏ ଘରଟା ବିକ୍ରି କରିଦେଲେ ଠିକ ହେବ । ଏ କୋଉ ପୁରୁଣା ଅମଳର ଦରଭଙ୍ଗା ଘର । ବହୁତ ଦିନରୁ ମରାମତି ହୋଇନି । କାନ୍ଥରୁ ଛାତରୁ ପଲସ୍ତରା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଛାଡି ଗଲାଣି । ଏ ଘର ମରାମତିରେ ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ଏଇଟାକୁ ବିକ୍ରି କରିଦେବା ଭଲ । ସେ ପଇସାରେ ବୋଉର ଚିକିତ୍ସା ହୋଇ ପାରିବ । ତା ପରେ ବାପା ବୋଉ ବି ଆମ ପାଖରେ ସବୁବେଳେ ରହି ପାରିବେ । ତାଙ୍କର ଆଉ ଏଠି ରହିବା ଦରକାର ନାହିଁ କି ଆମର ବି ଆଉ ଏଠିକି ହଇରାଣ ହୋଇ ଆସିବା ଦରକାର ନାହିଁ । ଅନ୍ୟମାନେ ବି ବଡଭାଇ କଥାରେ ସହମତ ହେଲେ ।

ପିଲାମାନଙ୍କ ନିଷ୍ପତ୍ତି ଶୁଣି ମୁଣ୍ଡ ଉପରେ ଆକାଶ ଛିଣ୍ଡି ପଡିଲା ସୁରଞ୍ଜନଙ୍କର । ଚୌଧୁରୀ ବଂଶର ଏ ଭିଟାମାଟି ବିକ୍ରି ହେବ ଆଉ କାହାକୁ ? ତିନି ତିନିଟା ପୁଅ ଥାଉ ଥାଉ ଏ ଡିହରେ ରାଜୁତି କରିବ ଆଉ କିଏ ? ନା.. ... ଅସମ୍ଭବ... ।ଏ ଭିଟାମାଟିକୁ ବଞ୍ଚେଇବା ପାଇଁ ମୋ ବୋଉ ବାପାଙ୍କୁ ମଲାବେଳେ ବଚନ ଦେଇଥିଲା । ଏଇ ଭିଟାମାଟି ପାଇଁ ମୁଁ ଦ୍ୱିତୀୟ ବିବାହ କରିବାକୁ ରାଜି ହେଲି । ଏହାରି ପାଇଁ ଅନୁପମା ଘର ଛାଡ଼ି ଚାଲିଗଲା । ଏ ଘରର ସୁରକ୍ଷା ପାଇଁ ଦ୍ୱିତୀୟ ବିବାହ କରି ଯେଉଁମାନଙ୍କୁ ସଂସାରକୁ ଆଣିଲି ସେଇମାନେ ଏବେ କହୁଛନ୍ତି ଏ ଘରକୁ ବିକ୍ରି କରିବା ପାଇଁ ! !

ପିଲାମାନଙ୍କର ଘୋର ବିରୋଧ କଲେ ସୁରଞ୍ଜନ । ବିରକ୍ତ ହୋଇ ଉଠିଲେ ପିଲାମାନେ ସୁରଞ୍ଜନଙ୍କ ପୁରୁଣାକାଳିଆ ଚିନ୍ତାଧାରାରେ ।

ତାହେଲେ ଠିକ ଅଛି । ଆମ ପାଖରେ ଯେତିକି ଟଙ୍କା ଅଛି ଆମେ ସେତିକି ଦେଇ ଦଉଛୁ । ବାକି କଥା ତୁମେ ବୁଝ । କୋଉଠୁ ଟଙ୍କା ଯୋଗାଡ କରିବ ସେ କଥା ତୁମେ ଜାଣିଥିବ । ପଛରେ ଆମକୁ ଆଉ ଦୋଷ ଦେବନି । ମଣିଷ ପଛେ ମରିବାକୁ ବସିଲାଣି ତୁମକୁ ଘରମୋହ ଛାଡୁନି । କର୍ପୁର ତ ଉଡ଼ିଗଲାଣି କୋଉକାଳରୁ ଖାଲି ଯାହା କନା ଖଣ୍ଡେ ପଡିଛି । ସେ କନା ଖଣ୍ଡକୁ ଜାବୁଡି ଧରି ବସିଥାଅ ଏଇ ଭିଟାମାଟି ଉପରେ । ଆମେ ସବୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାଲି ଯାଉଛୁ କାଲି ସକାଳେ ।

ଅଗତ୍ୟା ବାଧ୍ୟ ହୋଇ ସୁରଞ୍ଜନ ରାଜି ହେଲେ ନିଜର ଅନିଛା ସତ୍ତ୍ୱେ ।

ଡାକ୍ତରଖାନାରେ ଚାରୁଲତାଙ୍କୁ ଆଡ଼ମିଟ କରିସାରି ବାହାରେ ଠିଆ ହୋଇଛନ୍ତି ସୁରଞ୍ଜନ । ଦୂରରେ ଥାଇ ଦେଖୁଛନ୍ତି ଅନୁପମା ସବୁଦିନ ପରି । ହଠାତ ନଜର ପଡିଗଲା ସୁରଞ୍ଜନଙ୍କର ଅନୁପମାଙ୍କ ଉପରେ । ଚମକି ପଡି ମୁଁହ ବୁଲେଇନେଲେ ଅନୁପମା । ଆଶ୍ଚର୍ଯ୍ୟ ହୋଇଗଲେ ସୁରଞ୍ଜନ । ଅନୁପମା ! ! ! ଏ କଣ ଅନୁପମା ! ! ! ନାଁ ତାଙ୍କ ଆଖି ଠିକ ଦେଖିଛି । ଏ ହିଁ ଅନୁପମା । ବୟସାଧିକ୍ୟ ଯୋଗୁଁ ଚେହେରାରେ ପରିବର୍ତ୍ତନ ଆସିଛି ନିଶ୍ଚୟ କିନ୍ତୁ ସେଇ ଆଖି ସେଇ ମୁଁହ ସେଇ ନୀରିହ ଚାହାଣୀ ।ମନେ ମନେ କେତେ ନ ଖୋଜିଛନ୍ତି ସେ ଅନୁପମାଙ୍କୁ ! ଆଉ ଆଜି ଏଠି ....

ଧୀରେ ଧୀରେ ପାଖକୁ ଗଲେ ସୁରଞ୍ଜନ । ପାଖରେ ଠିଆ ହୋଇ ଧୀର ସ୍ୱରରେ ଡାକିଲେ ଅନୁପମା... । ବୁଲି ଚାହିଁଲେ ଅନୁପମା ସୁରଞ୍ଜନଙ୍କୁ । ଦୀର୍ଘ କୋଡିଏ ବର୍ଷ ପରେ ହେଲା ଚାରି ଚକ୍ଷୁର ମିଳନ । କାହାରି ମୁହଁରେ ଭାଷା ନାହିଁ । ଖାଲି ବୋହି ଯାଉଛି ଧାର ଧାର ଅଶ୍ରୁ ବାଧାବନ୍ଧ ନ ମାନି ।

ଶେଫାଳି ବିଷୟରେ ସବୁ ଶୁଣିଲେ ସୁରଞ୍ଜନ । ଖୁସିରେ ଗଦ୍ ଗଦ୍ ହୋଇ ଉଠିଲେ ଶେଫାଳି ତାଙ୍କ ଝିଅ ବୋଲି ଜାଣିଲା ପରେ । ଲଜ୍ଜିତ ହୋଇ ହାତ ଧରି କ୍ଷମା ମାଗିଲେ ଅନୁପମାଙ୍କୁ ନିଜର  କୃତକର୍ମ ପାଇଁ । ଅନୁପମାଙ୍କ ଆଗରେ ଅପରେସନ ଆଉ ଘର ବିକ୍ରି ସବୁ କଥା କହିଲେ ସୁରଞ୍ଜନ । କହିଲେ, "ବୁଝିଲ ଅନୁପମା, ଭଗବାନ ମୋତେ ଠିକ ଦଣ୍ଡ ଦେଇଛନ୍ତି । ଆହୁରି ବି ଦେବେ । ଯେଉଁ ଭିଟାମାଟିକୁ ବଞ୍ଚେଇବା ପାଇଁ ତୁମକୁ ମୁଁ ହତାଦର କରିଥିଲି ତାକୁ କିନ୍ତୁ ମୁଁ ସାଇତି ରଖି ପାରିଲିନି । କିଛିଦିନ ଭିତରେ ବିକ୍ରି ହେଇଯିବ ସେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରଟା । ତୁମକୁ ରାସ୍ତା ଉପରେ ଠିଆ କରିଥିଲି ଆଜି ମୋତେ ଭଗବାନ ରାସ୍ତା ଉପରେ ଠିଆ କରିଦେଲେ ।"

ଭଲରେ ଭଲରେ ଅପରେସନ ସରିଗଲା । ସୁସ୍ଥ ହୋଇ ଡାକ୍ତରଖାନାରୁ ଡିସଚାର୍ଜ ହେଲେ ଚାରୁଲତା । ଚାରୁଲତା ଆଉ ସୁରଞ୍ଜନଙ୍କୁ ଘରକୁ ଡାକିନେଲେ ଅନୁପମା । ନିଜ ହାତରେ ରାନ୍ଧି ଖୁଆଇଲେ ବହୁତ ଦିନ ପରେ । ଖାଇସାରି ଯିବାକୁ ବାହାରିଲେ ସୁରଞ୍ଜନ । ଗଲାବେଳକୁ ପାଦ ଛୁଇଁ ପ୍ରଣାମ କଲା ଶେଫାଳି । ପଚାରିଲା ବାପା, ଏବେ କୁଆଡେ ଯିବ ? ? ସୁରଞ୍ଜନ କହିଲେ ଆଉ କୁଆଡେ ଯିବି ରେ ମା' । ତୋ ସାନ ମା'ର ଅପରେସନ ପାଇଁ ଘରଟା ବିକ୍ରି କରିଦେଲି । ଏବେ ଯାଉଛି ପୁଅ ମାନଙ୍କ ପାଖକୁ । ଆଉ ଗାଁରେ କୋଉଠି ରହିବି ମୁଁ ?

ଶେଫାଳି ଆଣି ଧରେଇ ଦେଲା ଲଫାପାଟିଏ ସୁରଞ୍ଜନଙ୍କ ହାତରେ । କହିଲା, "ବାପା, ଏଇ ନିଅ ତୁମ ଘରର କାଗଜପତ୍ର । ଘରବିକ୍ରି ବିଷୟରେ ମା ସବୁ କହିଛି ମୋ ଆଗରେ । ସେ ଘର ସେତେବେଳେ ବି ତୁମର ଥିଲା ଆଉ ଏବେ ବି ତୁମର ଅଛି । ଆଉ କାହାକୁ ବିକ୍ରୀ ହେବା ଆଗରୁ ସେ ଘରକୁ ମୁଁ କିଣିଦେଇଛି ବାପା ।"

ଭି ଏସ ଏସ ନଗର
ଭ୍ରାମ୍ୟଭାଷୀ : ୮୮୯୫୩୨୬୪୩୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସନ୍ଦେହ



ମହେଶ୍ୱର ସାହୁ

ରାଜା ବାବୁଙ୍କର ବିବାହ ସରିଯାଇଥିଲା । ଆଜି ତାଙ୍କର ଚଉଠି । ମଣିଷ ଜୀବନରେ ଖୁସି, ସ୍ନେହ, ପ୍ରେମ ଓ ଆତ୍ମତୃପ୍ତି ହିଁ ଏହି ଚଉଠି ଦିନ ଉପଲବ୍ଧି ହୋଇଥାଏ । ଚଉଠି ପାଇଁ ଘର ବାହାର ଟେଣ୍ଟରେ ସୁସଜ୍ଜିତ ହୋଇଥାଏ । ଘରେ ବାହାରେ ବନ୍ଧୁ ବାନ୍ଧବଙ୍କ ସହିତ ଆତ୍ମୀୟ ସ୍ୱଜନଙ୍କ ଭିଡ଼ । ବାସ୍ନା ଭରା ଭବନ, ଆଲୋକର ସାଜସଜ୍ଜା ଅତ୍ୟନ୍ତ ଆକର୍ଷଣୀୟ, ନାନାବିଧ ପୁଷ୍ପ ଗୁଚ୍ଛରେ ପ୍ରଲୋଭିତ ଓ ଆକର୍ଷଣୀୟ ହୋଇଛି ନିଜର ବାସଭବନ । ରାଜା ବାବୁ ହେଉଛନ୍ତି ଜମିଦାରଙ୍କର ଅଣନାତି । ପରିବାରର ଖାତିରି କହିଲେ ଆଖପାଖ ଅଞ୍ଚଳରେ ବାବୁ ବାବୁ । ତେଣୁ ରାଜବାବୁ ବୋଲି ସମସ୍ତେ କୁହି ପକାଉଛନ୍ତି । ଜମିଦାରି ବାହାଘର ! ବାହାଘର ହେଲା ଭଳି ହୋଇଛି ମଧ୍ୟ । ଡିଜେ ବାଜୁଛି, ଚିକେନ୍ ମଟନ ରୋଷେଇ ଚାଲିଛି । କନିଆଁ ମଧ୍ୟ ଦେଖିବାକୁ ରାଜକୁମାରି ଭଳି । ବର କନିଆଁଙ୍କ ଛବି ଫାଟକ ପାଖରେ ଲଗା ଯାଇଛି ।

ହଠାତ ରାଜାବାବୁ ନିଜ କୋଠରୀ ମଧ୍ୟକୁ ପ୍ରବେଶ କଲେ । ଦେଖିଲେ ତାଙ୍କର ମନର ମାନସୀ, ହୃଦୟର ରାଣୀ ଫୋନରେ କଥା ହେବାରେ ବ୍ୟସ୍ତ । ଆଦୌ ରାଜବାବୁଙ୍କ ଆଡକୁ ଅନେଇଲେ ବି ନାହିଁ । ରାଜା ବାବୁ ଯେହେତୁ ମାନସି ପାଇଁ ନୂଆ ତେଣୁ କଥା ହେବାକୁ ତ ନିଶ୍ଚୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଜ ଲାଗିବ । ରାଜା ବାବୁ ରିକେ ସରମ ଭରା କଣ୍ଠରେ କହିଲେ, "ମାନସି ! କିଏ ଫୋନ କରିଛନ୍ତି ।"

"ମୋ ଧରମ ଭାଇ ।" ମାନସି ଉତ୍ସାହର ସହ ଜବାବ ଦେଇଥିଲେ ।

ରାଜାବାବୁଙ୍କ କଣ୍ଠ ରୋଦ୍ଧ ହୋଇ ଯାଇଥିଲା । ସେ ଧରମଭାଇ ଶବ୍ଦଟିକୁ ଆଦୌ ପସନ୍ଦ କରନ୍ତି ନାହିଁ । ହେଲେ ନୂଆ ବୋହୁ କଣ କହିବେ । ଭାବି ଭାବି କହିଲେ, "ଆଚ୍ଛା ମ୍ୟାଡାମ ! ମୋ ସହିତ କଥା ହେଇ ପାରିବେ ?"

"ହଁ, ନିଶ୍ଚୟ ! ତମ ସହିତ ତ ଜୀବନସାରା କଥା ହେବାକୁ ମୁଁ ତମ ହାତ ଧରିଛି । ହେଲେ ଭାଇଟା କଲ କରିଥିଲେ ତ, ସେଇଥିପାଇଁ କଥା ହେଉଛି ।"

"ଆଜିର ଦିନରେ କେତେ ବନ୍ଧୁ ବାନ୍ଧବ ଓ ସାଙ୍ଗ ସାଥି ଆସିଛନ୍ତି । ହେଲେ ତମେ ଏକୁଟିଆ ଏଇଠାରେ ବସି ଧରମ ଭାଇ ସହିତ କଥା ହେବା ଆଦୌ ଶୋଭା ଦେଉନି । ଏଇନେ ତୁମ ଘର ଲୋକ ସମସ୍ତେ ଆସିବେ ଚଉଠି ଭାର ନେଇ । ହଉ ଠିକ ଅଛି ମୁଁ ଆସୁଛି ।"

ଏତକ କହି ରାଜବାବୁ ବାହାରକୁ ଚାଲିଗଲେ । କିଛି ସମୟ ପରେ ରାଜାବାବୁଙ୍କ ମନ କେମିତି କଣ ଖୋଳି ତାଡ଼ିଲା ଭଳି ହେଉଥାଏ । ପୁନଶ୍ଚ ରାଜାବାବୁ କୋଠରୀ ମଧ୍ୟକୁ ଆସିଥିଲେ, ହେଲେ ମାନସି ସେମିତି ହସ ହସ ହୋଇ ବାର୍ତ୍ତାଳାପରେ ବ୍ୟସ୍ତ । ରାଜାବାବୁଙ୍କୁ ଆଦୌ ଗୁରୁତ୍ୱ ନ ଦେଇ ସେମିତି କଥା ହେଉଥାନ୍ତି ହିଁ ହେଉଥାନ୍ତି । ରାଜା ବାବୁ କିଛି ନ କହି ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେ ଆଉ ସିଧା ମାନସି ପାଖକୁ ନଯାଇ, ତାଙ୍କ କୋଠରୀର ଝରକା ପାଖକୁ ଯାଇ, ଟିକେ ଶୁଣିବାକୁ ଚେଷ୍ଟା କଲେ ଯେ ମାନସି କାହା ସହିତ କଥା ହେଉଛି । ହେଲେ ଧୀର କଣ୍ଠସ୍ୱରରୁ ରାଜବାବୁ କିଛି ଶୁଣିପାରିଲେ ନାହିଁ । ସେଠୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫେରି ଆସିଲେ ।

ନିଜ ଭଉଣୀ ମମତାକୁ ଡାକି କହିଲେ, "ତମେ ସବୁ ବାହାରେ ବୁଲୁଥାଅ ସିଆଡେ ନୂଆ ଭାଉଜ ଏକୁଟିଆ ବସିଛନ୍ତି । ଯାଇ ଟିକେ ତାଙ୍କ ପାଖରେ ବସିବ ଯାଅ ।"

ସାନ ଭଉଣୀ ମମତା ରୋକଠୋକ ମନା କରିଦେଇ କହିଲା, "ଭାଇ ମୁଁ ସେଠାକୁ ଯିବି ନାହିଁ ! ଭାଉଜ ମୋତେ କହିଲେ ତମେ ସବୁ ଏଠାରୁ ଯାଅ । ମୋତେ ଟିକେ ଏକୁଟିଆ ବସିବାକୁ ଦିଅ ।"

ଏଇଥର ରାଜବାବୁଙ୍କର ସନ୍ଦେହ ଆହୁରି ଦୁଇଗୁଣ ବଢିବାକୁ ଲାଗିଲା । ତାଙ୍କର ମନ କେବଳ ମାନସି ପାଖରେ ରହିଥାଏ । ଆଉ କୌଣସି କାମରେ ମଧ୍ୟ ତାଙ୍କୁ ଇଛା ହେଉ ନଥାଏ । ପୁଣି କିଛି ସମୟ ପରେ ସେ ନିଜେ ଯିବାକୁ ଚାହିଁଲେ । ଧୀରେ ଧୀରେ ଯାଇ କବାଟ ପାଖରେ ଛିଡା ହେଲେ । ଭିତରୁ ଠୋ ଠୋ ଶବ୍ଦ ଶୁଣିବାକୁ ପାଇଲେ । କଥାଗୁଡ଼ାକ ସ୍ପଷ୍ଟ ଶୁଣାଯାଉ ନଥିଲେ ମଧ୍ୟ ମଝିରେ ମଝିରେ ଠୋ ଠୋ ହୋଇ ହସର ଲହରୀ ରାଜବାବୁଙ୍କ କାଳିଜା କାଟି ଦେଉଥାଏ । କିଏ ସେ ଧରମ ଭାଇ ଯିଏ କି ଆଜିଭଳି ଦିନରେ ମୋତେ ଏତେ କଷ୍ଟ ଦେଉଛି । କଣ ମୋର ବିବାହର ସମସ୍ତ ଆୟୋଜନ ପାଣିଫୋଟକା ଭଳି ଫୁଟି ମିଳେଇଯିବ । କଣ ମୋର ସବୁ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯିବ । କଣ ମୋର ସବୁ ଖୁସି ଓ ସବୁ ଆଶା ଆକାଂକ୍ଷା ଧୂଳିସାତ ହୋଇଯିବ । କଣ ପାଇଁ ଏହି ସବୁ ଆୟୋଜନ ? କଣ ପାଇଁ ଏତେ ଫୁଲାଣିଆ ଓ ଦେଖାଣିଆ ସାଜସଜ୍ଜା ? କଣ ପାଇଁ ଏହି ବିବାହ ଓ ପ୍ରଚାର ?

ଛି ଛି ଛି ମୋର ଏଇ ଅପଦାର୍ଥ ଜୀବନ ! ଏମିତି ଅନେକ ଭାବନା ଓ ସନ୍ଦେହର ଜ୍ୱାଳାରେ ଛଟ ପଟ ହେଉଥାନ୍ତି ରାଜା ବାବୁ । ଗୋରୁ କନ୍ୟା ଭାଗ୍ୟରୁ ପ୍ରାପ୍ତି ହୋଇଥାଏ ବୋଲି ସେ ଶୁଣିଥିଲେ । ହେଲେ ତାଙ୍କର କଣ ଭାଗ୍ୟ ଏତେ ଖରାପ । ସତରେ ଏଇଟା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କର ଭାଗ୍ୟର ବିଡମ୍ବନା କହିଲେ ଚଳେ ।

ରାଜା ବାବୁ ଅସହ୍ୟ ହୋଇ ଭିତରକୁ ପଶି ଯାଇଥିଲେ । ହେଲେ ମାନସି ଟିକିଏ ମଧ୍ୟ ବିଚଳିତ ହୋଇ ନଥିଲେ ।

"କଣ ସେଇ ଧରମ ଭାଇ ଏବେ ପର୍ଯ୍ୟନ୍ତ କଥା ହେଉଛନ୍ତି । ମୋତେ ଟିକେ ଅନେଇବ କି ନାହିଁ ?"

"ହଁ ନିଶ୍ଚୟ ଅନେଇବି । ସେ ସମୟକୁ ଅପେକ୍ଷା କରନ୍ତୁ ! ଏବେ ଠାରୁ ଅଧର୍ଯ୍ୟ କାହିଁକି ?"

ରାଜା ବାବୁଙ୍କର ମାନସିର ଉତ୍ତରରେ କୌଣସି ଜବାବ ନଥିଲା । ସନ୍ଦେହର ଜ୍ୱାଳାରେ ସେ ଛଟ ପଟ ହେଉଥିଲେ । ଶୁଣାଗଲା ଯେ ଝିଅର ବାପାଘରୁ ଭାର ଆସିଛି !

ରାଜାବାବୁଙ୍କ ଘରେ ଶଶୁର ଘର ଲୋକଙ୍କ ଭିଡ଼ ଜମିଗଲା । ଶଶୁର ଘରୁ ଆସିଥିବା ସମସ୍ତ ଲୋକ ମାନେ ଗାଡିରୁ ଓହ୍ଲେଇ ସିଧା ଯାଇ ମାନସି ପାଖରେ ପହଁଚିଲେ ।

ଶଶୁର ଘର ଲୋକ ଜ୍ୱାଇଁପୁଅ କୁଆଡେ ଗଲେ କାହିଁ ଦେଖା ଯାଉନାହାଁନ୍ତି ବୋଲି ଖୋଜିବାକୁ ଲାଗିଲେ । ସମସ୍ତଙ୍କର ଖୋଜା ପଡିଲା, ରାଜା ବାବୁ କୁଆଡେ ଗଲେ । ହେଲେ ରାଜା ବାବୁ ନାହାନ୍ତି ଏଠି ବୋଲି ଜାଣିବାକୁ ପାଇଲେ । ପରିବାର ଓ ବନ୍ଧୁ ବାନ୍ଧବ ମଧ୍ୟ ଆଖ ପାଖ ଓ ସାହି ପଡ଼ିଶାରେ ଖୋଜିବାକୁ ଲାଗିଲେ । କିନ୍ତୁ ରାଜା ବାବୁଙ୍କୁ ପାଇଲେ ନାହିଁ । ମମତା କହିଲା ଏଇନେ ତ ଭାଇ ଏଇଠି ଥିଲେ । ମାନସି ମଧ୍ୟ କହିଲା ଏଇନେତ ମୋ ପାଖକୁ ଆସିକରି ଗଲେ । ହେଲେ ରାଜା ବାବୁ କୁଆଡେ ଗଲେ ? ରାଜା ବାବୁ ନିଖୋଜ ହୋଇଯାଇଥିଲେ ଯେପରି ।

ସନ୍ଦେହର ଜ୍ୱାଳା ସହି ନ ପାରି ରାଜା ବାବୁ ଅତ୍ୟନ୍ତ ବ୍ୟାକୁଳ ହୋଇ ସନ୍ଦେହର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜ୍ୱାଳାରେ ନିକଟରେ ଥିବା ଏକ ପୋଖରୀ ହୁଡ଼ାରେ ବସି ଆଖିରୁ ଲୋତକ ଗଡାଉ ଥାଆନ୍ତି । ଭାବୁଥାନ୍ତି କଣ ସତରେ ଅନ୍ୟ ଲୋକଙ୍କ ଭଳି ମୋ ଭାଗ୍ୟରେ ଚରିତ୍ର ହୀନା ଓ ହୀନ ପ୍ରକୃତି ନାରୀ ପହଁଚିଲା । ଯାହାର ଚଉଠି ଦିନ ଏମିତି ଆଗକୁ କଣ ନ ହେବ ।

ଲୋକମାନେ ଚତୁର୍ଦ୍ଦିଗରେ ଖୋଜା ଖୋଜି କରୁଥାନ୍ତି । ଏହିସମୟରେ ଜଣେ ପଡିଶା ଲୋକ ଡାକ ଛାଡିଲା ରାଜା ବାବୁ ଏଇଠି ଅଛନ୍ତି । ସମସ୍ତେ ସେଇ ଜାଗାକୁ ଦଉଡି ଯାଇଥିଲେ । ରାଜା ବାବୁଙ୍କର କଣ ଏମିତି ହେଇଛି । ସେ କାହିଁକି ଏମିତି ପାଗଳ ଭଳି ଆଜିର ଶୁଭ ଦିନରେ ଏଠି ବସିଛନ୍ତି ? ସମସ୍ତେ ତାଙ୍କୁ ବୁଝେଇ ସୁଝେଇ ଘରକୁ ନେଲେ । ହେଲେ ରାଜୁ ବାବୁ ସମ୍ପୂର୍ଣ ମୁକ ଭଳି କୌଣସି କଥାର ଉତ୍ତର ଦେଉ ନଥାନ୍ତି । ମାଆ ବାପା ଯେତେ ଯାହା ପଚାରିଲେ ମଧ୍ୟ ତାଙ୍କର କୌଣସି ଉତ୍ତର ନ ଥିଲା ।

ଶଶୁର ଘର ଲୋକ ରାଜା ବାବୁଙ୍କ ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ବାହାରେ ଧୂମ ଧାମରେ ଭୋଜି ଚାଲିଛି ହେଲେ ଏଠି ଯାହା ପାଇଁ ଭୋଜି ଓ ଏତେ ଆୟୋଜନ ସେ କଣ ମୁକ ପଙ୍ଗୁ ଭଳି ଅକର୍ମଣ୍ୟ ହୋଇଗଲା । ସମସ୍ତେ ଆଶ୍ଚର୍ଯ୍ୟ ଓ ନିର୍ବାକ ।

ରାଜା ବାବୁ ଧୀର ସ୍ୱରରେ କହି ପକାଇଲେ ସମସ୍ତଙ୍କୁ ଅନୁରୋଧ ସସମ୍ମାନେ ଭୋଜନ କରି ନିଜ ଘରକୁ ଯାଆନ୍ତୁ, ହେଲେ ମୁଁ କାହା କଥାରେ କୌଣସି ଉତ୍ତର ଦେଇ ପାରିବି ନାହିଁ ।

ରାଜା ବାବୁ ପୁନଶ୍ଚ କହିଥିଲେ ମୁଁ ପ୍ରଥମେ ମାନସି ସହିତ କଥା ହେବି, ତା' ପରେ ଯାହା କହିବି । ରାଜା ବାବୁ ନିଜ କୋଠରୀକୁ ପ୍ରବେଶ କଲେ୍ । ମାନସି ମଝିରେ ବସିଛି । ତାକୁ ଘେରି ରହିଛନ୍ତି ଶଶୁର ଘରର ଲୋକ । ରାଜା ବାବୁଙ୍କୁ ଦେଖି ମାନସି ସମସ୍ତ ଶଶୁର ଘର ଲୋକଙ୍କୁ କହିଲା ତମେ ମାନେ ବାହାରକୁ ଯାଅ ଖିଆପିଆ କରିବ । ମୁଁ ମୋ ପତି ଦେବଙ୍କ ସହ ଟିକେ କଥା ହେବି । ସମସ୍ତେ କୋଠରୀ ମଧ୍ୟରୁ ପଳେଇ ଆସିଥିଲେ । ରାଜା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାବୁତ ରାଗରେ କଁ କଁ ହେଉଥିଲେ । ମାନସିକୁ ଦେଖି ତାଙ୍କ ହାଡ଼ ସହିତ ଶିରା ପ୍ରସିରା ଜଳି ଯାଉଥିଲା । ସେ ଯାଇ ପଲଙ୍କ ଉପରେ ବସିଗଲେ । ଠିକ ଏତିକିବେଳେ ମାନସି କହିଲା, "କଣ ତମେ ମୋ ଉପରେ ରାଗିଛ ? ମୁଁ କଣ ଭୁଲ କଲି ଯେ ? "

ରାଜା ବାବୁ କିଛି କହି ପାରୁନଥିଲେ କି ସହି ପାରୁ ନଥିଲେ । ଏଇ ସମୟରେ ଫୋନ ରିଂ ହେଲା । ମାନସି ଫୋନ ଉଠାଇ କହିଲା, "ହ୍ୟାଲୋ, ତମେ ମୋ ସହିତ ଆଉ କଥା ହୁଅ ନାହିଁ । ମୋ ପତି ଦେବ ବହୁତ ରାଗ କରୁଛନ୍ତି ।"

ଏତିକି ଶୁଣି ରାଜା ବାବୁ ପଲଙ୍କ ଉପରୁ ଉଠି ବାହାରକୁ ପଳେଇ ଆସିବା ସମୟରେ ମାନସି ଯାଇ ରାଜା ବାବୁଙ୍କ ଆଗରେ ଠିଆ ହୋଇ ଯାଇଥିଲା । କହିଲା, "କାହିଁକି ପଳେଇ ଯାଉଛ । ମୋର ପରା ତମ ସହିତ କଥା ଅଛି ।"

"ମୁଁ ତୋ ଭଳି ନଷ୍ଟ ଚରିତ୍ରା ସହିତ କଥା ହେବାକୁ ଚାହେଁ ନାହିଁ । ମୋତେ ସବୁ ଜଣା ପଡିଗଲା ତୁ ଗୋଟେ ନାରୀ ନାଁରେ କଳଙ୍କ । ତେଣୁ ମୁଁ କିଛି ଅଘଟଣ ଘଟେଇବା ପୂର୍ବରୁ ମୋତେ ମୋ ରାସ୍ତା ଛାଡିଦେ !"

ମାନସି କାନ୍ଦି ପକେଇଥିଲା । କହିଲା, "ମୁଁ ଶିକ୍ଷିତା, ମୁଁ ନଷ୍ଟଚରିତ୍ରା ନୁହେଁ, ମୁଁ ଜାଣିବାକୁ ଚାହୁଁଥିଲି ମୁଁ ଯାହାକୁ ନେଇ ସାରା ଜୀବନ ସଂସାର କରିବି ସେ ସିନା ସମ୍ପଦରେ ଧନୀ ହେଲେ ହୃଦୟରେ ସେ କେତେ ଧନୀ ! ରାଜା ବାବୁ ତମେ ସମ୍ପଦରେ ଧନୀ ହେଲେ ହୃଦୟରେ ସମ୍ପୂର୍ଣ୍ଣ ଗରିବ । ମୋ ପାଖରେ କୌଣସି ଫୋନ ନାହିଁ । ମୁଁ ତମ ଭଉଣୀ ପାଖରୁ ଏଇ ଖେଳଣା ଫୋନ ଆଣିଥିଲି ଏଇ ନାଟକ କରିବାକୁ । ତମ ଭଉଣୀ ମୋତେ ନାଟକରେ ସାହାଯ୍ୟ କରିଥିଲେ । ବିବାହ ଏକ ବନ୍ଧନ । ଏହା ହୃଦୟରୁ ହୋଇଥାଏ ସନ୍ଦେହରୁ ନୁହେଁ । ତୁମେ ମୋର ପତିଦେବ । ଇହପର କାଳର ଦେବତା । ତୁମକୁ ନେଇ ପରା ମୁଁ ସାରା ଜୀବନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂସାର କରିବି ।" ମାନସି ମୁଣ୍ଡରେ ଓଢଣା ଦେଇ ରାଜା ବାବୁଙ୍କୁ ଆଣ୍ଠୁ ମାଡି ପ୍ରଣାମ କରିଥିଲା । ରାଜାବାବୁଙ୍କ ସମସ୍ତ ରାଗ ଘୃଣା କୁଆଡେ ଉଭେଇ ଯାଇଥିଲା । କହି ପକେଇଲେ, "ତମେ ସତ କହୁଚ ମାନସି ?" ରାଜା ବାବୁ ନିଜକୁ ଅତ୍ୟନ୍ତ ହୀନ ଓ ସନ୍ଦେହି ବୋଲି ବହୁତ ଘୃଣା କରୁଥିଲେ । ରାଜା ବାବୁଙ୍କ ଆଖିରୁ କେଇ ଠୋପା ଆନନ୍ଦାଶ୍ରୁ ଗଡି ପଡିଥିଲା ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର
9777995606

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏମିତି ଏକ ଅପେକ୍ଷା



ଝରଣା ବାରିକ

ସକାଳକୁ ଅପେକ୍ଷା କରି କରି ଭାରି ବ୍ୟସ୍ତ ହୋଇ ପଡୁଥିଲା ରୁବି । ରାତିଟା ଯେମିତି ବଢ଼ି ବଢ଼ି ଯାଉଥିଲା କିନ୍ତୁ ପାହିବାର ନାଁ ଧରୁ ନଥିଲା । ବାରମ୍ବାର ଘଣ୍ଟାକୁ ଚାହିଁ ଚାହିଁ ବିରକ୍ତ ହେଉଥିଲା ସିନା କିନ୍ତୁ ନିଦ ଜମା ହେଉନଥିଲା ତାକୁ । ମନରେ କେବଳ ଗୋଟିଏ ଭାବନା ଆସୁଥିଲା ସତରେ କାଲି ସକାଳ ମୋ ପାଇଁ ସୁନେଲି ସୂର୍ଯ୍ୟର କିରଣ ନେଇ ଆସିବ ତ ? କାଲି କେତେବେଳେ ସେମାନେ ପହଞ୍ଚିବେ । ଆଜି ଫୋନରେ କଥା ହେଲା ପରେ କେମିତି ଏକ ଅଜଣା ଭୟରେ ଛାତିଟା ଥରି ଉଠୁଥିଲା । ତଥାପି ଖୁସି ଲାଗୁଛି ସିଏ ଆଜି ଫେରିବେ ।

ଆଖିଟା ଟିକେ ବୁଜି ହେଇ ଯାଇଛି । ବାହାରେ କୋଳାହଳରେ ଶବ୍ଦ ଶୁଣି ଝଅଟ କିରି ଉଠିପଡି ଧାଇଁଲା ଦାଣ୍ଡ ଦୁଆର ମୁହଁ ଆଡେ । ୟେ କ'ଣ ଏତେ ଲୋକ କଣ ହେଇଛି କାହାର ଏମାନେ ଏମିତି କାନ୍ଦୁଛନ୍ତି କାହିଁକି । କାହା ଉପରେ ଏ ଚାଦର ଘୋଡା ହେଇଛି । ଇଏ କିଏ ମୁହଁଟାକୁ ଟେକିକି ଦେଖିବାକୁ ଚାହିଁଲା କିନ୍ତୁ ଭଲ ଭାବେ ଦିଶୁ ନଥିଲା ଝାପସା ଝାପସା ଦିଶୁଥିଲା ତାକୁ । ଏତିକିବେଳେ କେହିଜଣେ ଟାଣିଆଣିଲା ତାକୁ । ଆଲୋ ୟେ କ'ଣ କରୁଚୁ । କିଛି କହିବା ପୂର୍ବରୁ ନିଦଟା ଭାଂଗିଗଲ । ଏଇତ ସକାଳ ହେଇଗଲା । ଖରା ପଡ଼ିଲାଣି ଦୁଆରେ, ମୁଁ ଶୋଇପଡ଼ିଲି କେମିତି । ଝାଡୁଟା ନେଇ ତରରେ ଝାଡୁ କରିଦେଇ ନିଜର ନିତ୍ୟକର୍ମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାରିଦେଲା ରୁବି । ଏତେଦିନ ପରେ ଘରକୁ ଆସୁଛନ୍ତି କଣ ଦିଟା ରାନ୍ଧି ଦେଲେ ଆସିକି ଖାଇବେ । ତାଙ୍କ ମନ ପସନ୍ଦର ସବୁ ଖାଦ୍ୟ ପ୍ରସ୍ତୁତ କରିଦେଲା । ହେଲେ ଏ ପର୍ଯ୍ୟନ୍ତ ବି ଆସିଲେ ନାହିଁ । ଫୋନ ଲଗେଇ ଜାଣିବାକୁ ଚେଷ୍ଟା କଲା କିନ୍ତୁ ଫୋନ ଆଉଟ୍ ଅଫ ରେଞ୍ଜ, ସୁଇଜ ଅଫ ଜଣେଇ ଦେଲା ।

ମନଟା ଅସ୍ତ ବ୍ୟସ୍ତ ଲାଗୁଥିଲା । ଏତିକି ବେଳେ ଏକ ଅଜଣା ନମ୍ବରରୁ ଫୋନ କଲ୍ ଟିଏ ଆସିଲା । ଫୋନ ଉଠେଇ ହାଲୋ କହିଲା, ଯାହା ଶୁଣିଲା ତା ପାଦ ତଳୁ ମାଟି ଖସି ପଡ଼ିଲା । ମୁଣ୍ଡଟା ଘୁରେଇ ଦେଲା ସବୁ ଆଡ଼େ ଖାଲି ଅନ୍ଧାର ଆଉ ଅନ୍ଧାର ।

କଣ କରିବ କିଛି ଭାବିବା ଆଗରୁ ଚେତାଶୂନ୍ୟ ହୋଇ ପଡ଼ି ରହିଥିଲା । ଆଖି ଖୋଲିଲା ବେଳକୁ ତା ଚାରି ପାଖରେ ବହୁତ ଲୋକ ଘେରି ବସିଥିଲେ ।

ସମସ୍ତେ ଚାହିଁ ବସିଥିଲେ କେବେ ସିଏ ଆସି ପହଞ୍ଚିବ ?

କାଲି ପ୍ଲେନ କ୍ରାସ୍ ରେ ରବି ଆମକୁ ଛାଡି ଚାଲିଯାଇଛି । ଆଜି ରବି ନୁହେଁ ଫେରୁଛି ତା'ର ଶବ । ଓଡ଼ିଆର ଗର୍ବ ଗୌରବ ଓଡ଼ିଶା ମାଟିର ପୁଅ ଅମର ରହେ ଧ୍ୱନିରେ ସାରା ପରିବେଶ ଗାଁଠୁ ସହର ପ୍ରକମ୍ପିତ ହୋଇ ଉଠୁଥାଏ । ସମସ୍ତଙ୍କ ଆଖିରେ ଲୁହର ଧାର । ରୁବି ଗୋଟିଏ କାଠ କଣ୍ଢେଇ ପରି ଚୁପଚାପ୍ ଠିଆ ହୋଇଥାଏ ଗୋଟିଏ କୋଣରେ । ଛାତିକୁ ପଥର ପରି ଶକ୍ତ ହୃଦୟକୁ ଲୁହା ଠାରୁ ଟାଣ ପାଲଟି ଯାଇଥାଏ ଗୋଟିଏ ଜିଅନ୍ତା ଶବ । ହୃଦୟର ସ୍ପନ୍ଦନ ବନ୍ଦ ହେଉଥିଲେ ବି ନିଃଶ୍ୱାସ ପ୍ରଶ୍ୱାସ ଠିକ ଚାଲୁଥାଏ । ଗର୍ବରେ ଛାତି ଫାଟି ପଡୁଥାଏ ତାର । ଆର ଜନ୍ମରେ ତାଙ୍କରି ହାତରୁ ଶଙ୍ଖା ସିନ୍ଦୂର ପିନ୍ଧି ନବ ବଧୁ ଟିଏ ସାଜିବାକୁ ଅପେକ୍ଷା କରିଥାଏ ।

ସମଲ, ତାଳଚେର, ଅନୁଗୋଳ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନେଟ୍ ଶାଢ଼ୀ



ବିଶ୍ୱଜିତ ନାୟକ

ଆଧୁନିକ ସମାଜ ଆଉ ଆଧୁନିକ ବାର୍ତ୍ତାବରଣ । ଆମେ ଏକ ମଡର୍ଣ୍ଣ ଦୁନିଆରେ ବଞ୍ଚୁଛନ୍ତି । ସେଥିପାଇଁତ ଭୁଲି ଯାଉଛନ୍ତି ଆମ ସଂସ୍କାର, ପରମ୍ପରା, ଚାଲିଚଳନ ଆଉ ବ୍ୟବହାର । ସମାଜ ଦିନକୁ ଦିନ ଉଲଗ୍ନ ହେବାକୁ ପସନ୍ଦ କରୁଛି । ସତରେ କଣ ହଜିଗଲାଣି ଆମ ପରମ୍ପରା । ନୂତନ କରି ଆସିଥିବା ନବବଧୂଟି ଆଉ ହାତେ ଲମ୍ବାର ଓଢଣୀ ଦେଉନାହିଁ । ପରିବର୍ତ୍ତନଶୀଳ ସମାଜ ଏବେ ଗୋଟିଏ ନୂଆ ରୂପରେ ।

*ନେଟଶାଢ଼ୀ କାହାଣୀଟି ଏକ ପାରିବାରିକ କାହାଣୀ ଉପରେ ଆଧାରିତ*

ସେଦିନ ଟିକେ ବିଳମ୍ବିତ ରାତ୍ରିରେ ଘରକୁ ଫେରିଥାଏ । ସବୁଦିନ ପରି ସେଦିନ ମଧ୍ୟ ମୋର ପତ୍ନୀ ମୋ ଫେରିବା ବାଟକୁ ଅପେକ୍ଷ୍ୟା କରି ବସିଥାନ୍ତି । ବେସରକାରୀ ଚାକିରୀ ତ ବେଳେ ବେଳେ ଟିକେ ବିଳମ୍ବ ହୋଇଯାଏ । ସତରେ ପତ୍ନୀ ରୂପରେ ଭଲ ବନ୍ଧୁଟିଏ ପାଇଛି । ଯିଏକି ମୋ ସୁଖରେ ଦୁଃଖରେ ମୋ ସହ ପାଦରେ ପାଦ ମିଶାଇ ଚାଲି ପାରୁଛି । ହଟାତ, ଧୀର ସ୍ୱର ରେ ପ୍ରଶ୍ନ ଟିଏ ପଚାରିଦେଲେ । ଜାଣିଛ ଆଉ ଦୁଇ ଦିନ ପରେ କଣ.. ?

ମୁଁ କିଛି ସମୟ ନିରବ ହୋଇ ରହିଗଲି । କିଛି ସମୟ ପରେ ମୋର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନେ ପଡିଗଲା ଯେ ଆମର ବିବାହକୁ ପ୍ରଥମ ବର୍ଷ ପୁରିବ । ଆଜି ଯାଏ କିଛିବି ମୁହଁଖୋଲି ମାଗି ନାହାନ୍ତି । କାମର ବ୍ୟସ୍ତତା ଯୋଗୁ ଭଲକରି ସମୟ ବିତାଇପାରିନି ତାଙ୍କ ସହ । ମନେ ମନେ ଭାବୁଛି ଅଫିସରୁ ଏହି ଦୁଇଦିନ ଛୁଟି ନେଇ ପତ୍ନୀଙ୍କ ସହ ସମୟ ବିତାଇବାକୁ । କିଛି ଦିନ ହେଲା ଦେଖୁଛି ସେ କିଛି କହିବେ କହିବେ ହେଇଛନ୍ତି କିନ୍ତୁ କହି ପାରୁନାହାନ୍ତି । ମୁଁ ମୁହଁ ଖୁଲି ପଚାରି ଦେଲି କିଛି କହିବ ସାଙ୍ଗେ ସାଙ୍ଗେ ଉତ୍ତର ଆସିଲା "ହଁ " ମୁଁ କହିବାକୁ ଲାଗିଲି ଦେଖ ମୁଁ ତମର ସ୍ୱାମୀ ହେବା ସଙ୍ଗେ ସଙ୍ଗେ ଗୋଟିଏ ଭଲ ବନ୍ଧୁ ମଧ୍ୟ ତେଣୁ ମୋ ସହ କିଛି ବି ସେୟାର କରିପାରିବ । ସେ କହିବାକୁ ଲାଗିଲେ ଗୋଟିଏ ଶାଢ଼ୀ କିଣିଥାନ୍ତି । ମୁଁ ହସିଲି ଆରେ ଏଇ କଥା ହଁ କିଣିବା ମୋ ମୁହଁରୁ କଥା ସରିନଥାଏ ଧୀର ସ୍ୱର ରେ ଗୋଟିଏ ଶବ୍ଦ ଭାସି ଆସିଲା

"ନେଟଶାଢ଼ୀ" ମୁଁ କିଛି ସମୟ ସ୍ତବ୍ଧ ହୋଇଗଲି । ମୁଁ କେବେବି ଆଶା କରିନଥିଲି କି ତାଙ୍କ ପାଟିରୁ ଏମିତି ଏକ ଶବ୍ଦଟିଏ ଆସିବ ବୋଲି । ସେ ବାରମ୍ବାର ପଚାରୁଥାନ୍ତି କିଛି କହିଲେନି ଯେ । ମୁଁ ହଁ କିମ୍ବା ନା କହି ପାରୁନଥାଏ । ସେ ଉଦାହରଣ ଦେଇ କହିଲେ ପଡ଼ୋଶୀ ଘର ରାଣୀ ଭାଉଜ ପିନ୍ଧିଥିଲେ ଭାରି ଭଲ ଲାଗୁଥିଲେ । ତାଙ୍କ ମୁହଁରୁ ଏ କଥା ଶୁଣିବା ସାରିବା ପରେ ଧୀର ସ୍ୱରରେ 'ହଁ' କହିଦେଲି । କିନ୍ତୁ ସେ ଦିନ ରାତିସାରା ମୁଁ ଶୋଇନଥିଲି କାରଣ ମୋର ବିବେକ ମୋତେ ବାରମ୍ବାର କହୁଥାଏ । ମୁଁ ଜଣେ ଶିକ୍ଷକଙ୍କ ପୁଅ ଏ ସମାଜ ତାଙ୍କୁ ବହୁତ ସମ୍ମାନ କରେ ଲୋକମାନେ କଣ କହିବେ । ମୋର ପତ୍ନୀ କଣ କିଛି ଜାଣି ପାରୁନାହାନ୍ତି । ଜାଣିବେ ବା କେମିତି ଏ ସମାଜ ବଦଳୁଛି ବଦଳୁଛି ଚିନ୍ତା ଧାରା ।

ଦୁଇ ଦିନ ପରେ...

ସକାଳୁ ସକାଳୁ ବୁଲିବାକୁ ବାରି ପଡ଼ିଲୁ । ମୋତେ ବହୁତ ଖରାପ ଲାଗୁଥାଏ ତାଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇ ନେଟଶାଢ଼ୀକୁ ଦେଖି କାରଣ ସ୍ପଷ୍ଟ ଭାବରେ ଦେଖାଯାଉଥାଏ ତାଙ୍କର ଉଦର ଭିତରେ ଥିବା ନାଭିଟି । ତଥାପି ମୁଁ ମନା କରିପାରୁ ନଥାଏ । ବାପା ବିଦ୍ୟାଳୟକୁ ଚାଲିଯାଇଥାନ୍ତି । ମାଙ୍କ ପାଖକୁ ଗଲୁ ଆଶୀର୍ବାଦ ପାଇଁ ମୋ ମା ମୋତେ ଖାଲି ଅନାଉଥାନ୍ତି । ମୁଁ ପଢ଼ିପାରେ ତାଙ୍କ ଆଖିରେ ଥିବା ପରିଭାଷାକୁ । ସେ ଆଗ କାଳର ଲୋକ ତାଙ୍କୁ ଏ ସବୁ ଭଲ ଲାଗିବନି । ହେଲେ ମୁଁ ବା କଣ କରି ପାରିବି । ମା କିଛି କହିବା ଆଗରୁ ଘରୁ ଚାଲି ଆସିଲୁ । ମା  ଆଖିକୁ ସିନା କିଛି  କହିପାରିଲି ନାହିଁ କିନ୍ତୁ ରାସ୍ତାରେ ଗଲାବେଳେ ଅନେକଙ୍କ ସ୍ମିତହାସ୍ୟ ଯେମିତି ମୋତେ ପରିହାସ କରୁଥାଏ । ମୁଁ ଆଉ ଧୈର୍ଯ୍ୟ ଧରି ରହି ପାରିଲିନି । ରାଗିଯାଇ କହିବାକୁ ଲାଗିଲି କଣ ତମେ କିଛି ଜାଣି ପାରୁନ ।

ଭୋ ଭୋ ହୋଇ କାନ୍ଦି ଉଠିଲେ ଆଉ କହିବାକୁ ଲାଗିଲେ ମୁଁ ଜାଣିନଥିଲି କି ଏ ସମାଜ କଳୁଷିତ ହୋଇଯାଇଛି ବୋଲି । ମୋତେ କ୍ଷମା କରିଦିଅ ମୁଁ ଆଉ କେବେବି ଏମିତି କିଛି କରିବିନି ଯାହା ତୁମକୁ ଖରାପ ଲାଗିବ ।

ବାପା ଘରକୁ ନ ଆସିବା ପୂର୍ବରୁ ଆମେ ଘରକୁ ଫେରି ଆସିଲୁ । ସେଇ ଦିନଠୁଁ ମୁଁ ତାଙ୍କୁ ଦେଖିନି କେବେବି ସେ ନେଟଶାଢ଼ୀ ପିନ୍ଧି ବାର ।

ରାଜଘରପୋଖରୀ, ଭଦ୍ରକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କାନ୍ଥ ଠଣା



ନିତ୍ୟରଞ୍ଜନ ନନ୍ଦ

ଲେଉଟିଆ ଓ କୋଶଳା ଶାଗ କିଣିଲେ ବଙ୍କିମ ବାବୁ । ମୋଟ ପଚିଶ ଟଙ୍କାର ଶାଗ । କୋଡିଏ ଟଙ୍କା ପକେଟରେ ଥିଲା । ଆଉ ପାଞ୍ଚ ଟଙ୍କା ପାଇଁ ଏ ଘର ସେ ଘର ହେଉଛନ୍ତି ସେ । ଭଉଣି ଉର୍ମିଳା, ସ୍ତ୍ରୀ ସୁଜାତା ସବୁ ବସିଛନ୍ତି ବାରଣ୍ଡାରେ, ସମସ୍ତେ ଅଳସୁଆ । କେହି ଉଠୁ ନାହାନ୍ତି ନିଜ ନିଜ ଜାଗାରୁ । ବୋଉର ଶ୍ରାଦ୍ଧ ପାଇଁ ସମସ୍ତେ ଆସିଛନ୍ତି ସହରରୁ । ବାପା ଭୋଳା ମହେଶ୍ୱର । ବସିଛନ୍ତି ଚେୟାର ଉପରେ । ଚୁପ୍ ଚାପ୍ ବସି ଦେଖୁଛନ୍ତି । ଶାଗବାଲି ବୁଢ଼ୀ ପାଞ୍ଚ ଟଙ୍କା ବାହାନାରେ ଫେନ୍ ତଳେ ବସି ଝାଳ ମାରୁଛି ।

ବଙ୍କିମ ବାବୁ ଚିତ୍କାର ଛାଡ଼ିଲେ, ଆରେ ଉର୍ମିଳା ! ଆରେ ସୁଜାତା ! ଦେଖ କାହା ପାଖରେ ପାଞ୍ଚ ଟଙ୍କା ଅଛି । ସବୁଆଡେ ଖୋଜି ଆସିଲି, ପାଉନି ।

ବୋଉ ଯିବାପରେ ବାପା ବେଶି କିଛି କଥା ହୁଅନ୍ତି ନାହିଁ କାହା ସାଥିରେ । ଆଜି ବୋଉର ପ୍ରଶଂସା କରିବେ ବୋଲି ଆଗତୁରା ହୋଇ କହିଲେ, ତୁ ସବୁ ଶିଖି ଥାଆନ୍ତୁ ତୋ ବୋଉ ପାଖରୁ ।

ଶୁଣ ! ହାଟରୁ ଆସି ଯେମିତି ମୁଁ ସାର୍ଟ ଖୋଲି କାନ୍ଥରେ ଟାଙ୍ଗିଦିଏ, ତୋ ବୋଉ ବିଲେଇ ପରି ଜଗି ରହିଥାଏ ଟିକିଏ ଦୂରରେ । ପକେଟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ହାତ ପୁରେଇ ଖୁଚୁରା ପଇସା କାଢ଼ି କାନ୍ଥଠଣାରେ ରଖିଦେଇ ଆସେ । ମୁଁ ସବୁ ଦେଖେ, କିନ୍ତୁ କିଛି କହେନି । କାହିଁକି କେଜାଣି ଶ୍ରଦ୍ଧାରେ ବାନ୍ଧି ହୋଇ ଯାଇଥିଲି ତୋ ବୋଉ ସହିତ । ବୋଉର ଏଇ ସବୁ କାର୍ଯ୍ୟକଳାପ ମୋତେ ବେଶ୍ ଆନନ୍ଦ ଦେଉଥିଲା । ବିଚାରୀ ପଇସା ଆଣିବ କୁଆଡୁ । ମୋ ପକେଟରୁ ପଇସା ନେଇ ଯଦି ଜଣେ ଖୁସି ହୁଏ , ମୁଁ କାହିଁକି କିଛି କହିବି ଯେ ! ଶୋଇଲା ବେଳକୁ କହେ, ଜାଣିଛ !

ତା କଥା ଛଡେଇ ନେଇ ମୁଁ କହେ ଗୋଟେ ଚୋରଣୀ ଆସି ମୋ ପକେଟ ସଫା କରି ଦେଇଛି । ସେଇ କଥା କହିବ ତ !! ଫେଁ କରି ହସି ଦେଇ ମୁହଁ ମାଡ଼ି ଶୋଇଯାଏ ତୋ ବୋଉ । ଆମ ଶୋଇବା ଘର କାନ୍ଥଠଣା ହିଁ ତା ମନିପର୍ସ । ଶାଗ, ପରିବା ସବୁ କିଣେ ତା ପଇସାରୁ । ଶାଗବାଲି କହେ ମାଉସୀ, ତମେ ତ ଏ ଘରର ମାଲିକାଣୀ । ଏତେ ପଇସା ତମ ପାଖରେ ! କାହିଁ କେବେ ମଉସାଙ୍କୁ ତ ମାଗନି । ଛାତି କୁଣ୍ଢେ ମୋଟା ହୋଇଯାଏ ତୋ ବୋଉର । ମଲ୍ଲି ଫୁଲିଆ ହସଟିଏ ଦେଇ ଘର ଭିତରକୁ ପଶିଯାଏ ସିଏ ।

ତୋ ବୋଉ ପାଠସାଠ ପଢ଼ି ନ ଥିଲା । ପଇସା ଉପରେ ହାତ ବୁଲେଇ କହିଦିଏ, ପାଞ୍ଚ ଟଙ୍କିଆ କି ଦୁଇ ଟଙ୍କିଆ କଏନ । ହିସାବ ପତ୍ର ଜାଣି ନ ଥିବା ତୋ ବୋଉ କିନ୍ତୁ ଭାରି ଚାଲାକ ଥିଲା । ତା ପାଖରୁ ଠକେଇ ନେବା ସହଜ ନୁହେଁ ।

ମୋର ଦରକାର ହେଲେ ମୁଁ କହେ ବାସନ୍ତୀ, ଦୁଇ ଟଙ୍କା ଦରକାର ।ଧାଇଁ ଯାଏ ସେ ତା କାନ୍ଥଠଣା ପାଖକୁ । ଦୁଇ ଟଙ୍କା ବଢେଇ ଦେଇ ଗମ୍ଭୀର ହୋଇଯାଏ ସେ । ଯେମିତି ତା ସଞ୍ଚୟରୁ ଦୁଇ ଟଙ୍କା କମିଗଲା । ଦଶ ବାରଟି କଏନ ଥିଲେ ତୋ ବୋଉର ପାଦ ଆଉ ତଳେ ପଡେନି । ପୃଥିବୀର ଯେ କୌଣସି କୋଟିପତିଙ୍କ ଠୁ ଖୁସି ଥିଲା ତୋ ବୋଉ । ଖୁସି ଆଉ କଣ କି, ଦିଆ ନିଆରେ ଏମିତି କିଛି ମୁହୂର୍ତ୍ତ, ବାସ୍...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମରିବା ପୂର୍ବରୁ ଖାଲି ଧାଡ଼ିଏ କହିଥିଲା, ତମ ପକେଟ୍ ରୁ ପଇସା ଚୋରଉ ଥିଲି, କିଛି ଭାବିନ ତ !!!

ବାପା ଟିକିଏ ଭାବ ପ୍ରବଣ ହୋଇ ଉଠିଲେ..

ବଙ୍କିମ ବାବୁ ଦୌଡିଲେ ବୋଉର କାନ୍ଥଠଣା ପାଖକୁ, ଅନ୍ଧାରରେ ହାତ ବୁଲେଇ ଆଣିଲେ । ପାଞ୍ଚ ଟଙ୍କିଆ ଦୁଇଟି କଏନ । ଶାଗବାଲିକୁ ପାଞ୍ଚଟଙ୍କା ବଢେଇ ଦେଲେ ।

ଆରେ ବଙ୍କିମ ପାଞ୍ଚ ଟଙ୍କା କୋଉଠୁ ପାଇଲୁ ? ବାପା ପଚାରିଲେ

ବୋଉର ପଇସା, ପାଇଲି ତା କାନ୍ଥଠଣାରୁ, କହି ଭାବପ୍ରବଣ ହୋଇ ଉଠିଲେ ବଙ୍କିମ ବାବୁ । ପାଞ୍ଚ ଟଙ୍କିଆ ଦୁଇଟି କଏନ ସାଥିରେ ବୋଉ ଛାଡି ଯାଇଛି ଆକାଶ ପରି ବିଶାଳ ସ୍ମୃତିଟିଏ..

ମରିବା ପୂର୍ବରୁ ଖର୍ଚ୍ଚ କରି ପାରିନି ବୋଧେ ।

ଶାଗବାଲି ଆଖି ପୋଛି ପୋଛି ଗେଟ ଖୋଲି ରାସ୍ତା କୁ ବାହାରି ଗଲା । ବୋଉର ଆୟ ବ୍ୟୟ ଖାତାରେ ସବୁ ପଇସା ଶେଷ !! ବାଲାନ୍ସ ଜିରୋ... ଠିକ୍ ବୋଉର ହୃଦୟ ପରି । ନା ଗଣ୍ଠି, ନା ଛନ୍ଦ, ନା କପଟ ।

ଡି ଏଲ ଏ-୧୨, ଭି ଏସ ଏସ୍ ନଗର

ଭୁବନେଶ୍ୱର-୭୫୧୦୧୦

ମୋ - ୯୪୩୭୦୭୮୪୨୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଗରିବ ଛୁଆର କାଳୀପୂଜା



ଅଙ୍କିତା ପାଢ଼ୀ

ସାଧାରଣତଃ କାର୍ତ୍ତିକ ମାସ ଅମାବାସ୍ୟା ତିଥିରେ ଦୀପାବଳି ପାଳନ କରା ଯାଇଥାଏ । ଆମ ଓଡ଼ିଶାରେ ଦୀପାବଳି ଦିନ ପିତୃଲୋକଙ୍କୁ ଶ୍ରାଦ୍ଧ ଦେବା ସହ ସଂଧ୍ୟାରେ ବଡବଡୁଆ ଡାକିବାର ପରମ୍ପରା ରହିଛି । ସେହିପରି ଉତ୍କଳ,ପଶ୍ଚିମ ବଙ୍ଗରେ ଦୀପାବଳିରେ କାଳିପୂଜା କରାଯାଏ । ଆମ ଓଡ଼ିଶାର ଭଦ୍ରକ ଜିଲ୍ଲାରେ କାଳୀପୂଜା ଏକ ନିଆରା ଢଙ୍ଗରେ ପାଳନ କରାଯାଇଥାଏ । ଏଠିକାର ଭଦ୍ରକାଳୀ ମନ୍ଦିରରେ ମାଆ ଭଦ୍ରକାଳୀଙ୍କର ପୂଜା କରାଯାଇଥାଏ ।

"ଜୟନ୍ତୀ ମଙ୍ଗଳା କାଳି ଭଦ୍ରକାଳୀ କପାଳିନୀ ।
ଦୁର୍ଗା କ୍ଷମା ଶିବା ଧାତ୍ରୀ ସ୍ୱାହା ସ୍ୱଧା ନମସ୍ତୁତେ" ।

ଓଡିଶା ରେ ପ୍ରତିଷ୍ଠିତ ବିଭିନ୍ନ ଶକ୍ତି ପୀଠ ମଧ୍ୟରୁ ମା ଭଦ୍ରକାଳୀଙ୍କ ପୀଠ ଅନନ୍ୟ । ଏହା ସର୍ବ ପୁରାତନ ଶକ୍ତି ପୀଠ ମଧ୍ୟରୁ ଗୋଟିଏ । ମା ଭଦ୍ରକାଳୀ ହେଉଛନ୍ତି ମାତା ସତୀଙ୍କ ଅଂଶ । ମାତା ସତୀଙ୍କ ଅଂଶ ବିଶେଷରୁ ମା' ଜନ୍ମିଥିବାରୁ, ମାତାଙ୍କ ପୀଠ ଏକ ଶକ୍ତିପୀଠ ଭାବେ ସର୍ବଜନ ବିଦିତ । ମା ଭଦ୍ରକାଳୀଙ୍କ ମନ୍ଦିର ଭଦ୍ରକ ସହରଠାରୁ ପ୍ରାୟ ୭ କି.ମି. ଦୂରରେ ଥିବା ଆହାରପଦା ଗ୍ରାମରେ ଅବସ୍ଥିତ ।

ଏଠାରେ ଚତୁର୍ଭୁଜା ମା' ଭଦ୍ରକାଳୀ ସିଂହପୃଷ୍ଠରେ ପଦ୍ମାସନରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିରାଜମାନ କରିଛନ୍ତି । ଉପର ଭୁଜ ଦୁଇଟି ମଧ୍ୟରୁ ଦକ୍ଷିଣରେ ଖଡ୍‌ଗ ଓ ବାମ ଭୁଜରେ ଖର୍ପର ଧାରଣ କରିଛନ୍ତି । ତଳଭୁଜ ଦୁଇଟି ମଧ୍ୟରୁ ବାମଭୁଜରେ ଜପାମାଳି ଓ ଦକ୍ଷିଣ ଭୁଜରେ ଶିଶୁ କୃଷ୍ଣଙ୍କୁ କୋଳରେ ଧରିଛନ୍ତି । ଏହା ଏକମାତ୍ର ଶକ୍ତିପୀଠ ଯେଉଁଠି ମା କାଳୀ ଶ୍ରୀକୃଷ୍ଣଙ୍କୁ କୋଳରେ ଧରିଛନ୍ତି  । ଏହି ପୀଠକୁ "ଦୁର୍ଗା ମାଧବ ପୀଠ" ମଧ୍ୟ କୁହାଯାଏ  ।

ଏହି ଭଦ୍ରକାଳୀ ପୀଠ ଚରମ୍ପା, ଭଦ୍ରକରେ ଦୀପାବଳୀର ବେଶ ଧୂମ ଧାମରେ ମେଳା ଲାଗିଥାଏ । ଏଠାରେ ପ୍ରାୟତଃ ଛଅରୁ ସାତ ମେଢ଼ କାଳୀମଣ୍ଡପ ପ୍ରତିଷ୍ଠା କରା ଯାଇଥାଏ । ବହୁତ ଧୂମଧାମରେ ମେଳା ନଅଦିନ ପର୍ଯ୍ୟନ୍ତ ଲାଗିରହେ । ବହୁ ଦୂରଦୁରାନ୍ତରୁ ଲୋକମାନେ ମାଆ ଭଦ୍ରକାଳୀଙ୍କର ଦର୍ଶନ କରିବାକୁ ଆସିଥାନ୍ତି । ପୂଜା ସମୟର ସଂଧ୍ୟାର ଝଲକ ଅତ୍ୟନ୍ତ ମନ ମୁଗ୍ଧକର । ନାନା ରଙ୍ଗର ଅଲୋକରେ ରାସ୍ତା ଗୁଡିକ ସୁସଜ୍ଜିତ ହୋଇଥାଏ । ପୂଜା ମଣ୍ଡପ ଗୁଡିକ ମଧ୍ୟ ସମାଜ ସଚେତନତା ପୂର୍ବକ ନାନା ବିଧ ମୂର୍ତ୍ତି ମାନ ନିର୍ମାଣ କରା ଯାଇଥାଏ  ।

ବବୁଲର ଏକାନ୍ତ ଜିଦ୍ ଯେ ସେ ଭଦ୍ରକ କାଳି ପୂଜାରେ ମାଆ କାଳୀଙ୍କ ଦର୍ଶନ କରିବ । ନାନା ବିଧ ଦୋକାନ ଓ ଖେଳଣା ଦେଖିବ  ।

ବବୁଲ ଜିଦ୍ କରିବା ଯୋଗୁଁ ବାପା ମାଆ ଦୁହେଁ ବବୁଲକୁ ଭଦ୍ରକ କାଳୀ ଦେଖିବାକୁ ବୁଲାଇ ନେଲେ । ବବୁଲ ବସରେ ବସି ସହରକୁ ଯିବାକୁ ବହୁତ ପସନ୍ଦ କରେ । ସେମାନେ ଯାଇ ବସଷ୍ଟାଣ୍ଡରେ ପହଁଚିଲେ । କିଛି ସମୟ ଅପେକ୍ଷା ପରେ ବସ ଆସିଲା । ବସ ଭଦ୍ରକ ଯିବ ବୋଲି କଣ୍ଡକ୍ଟର ଡାକ ଛାଡୁଥାଏ ଭଦ୍ରକ.... ଭଦ୍ରକ... ଚରମ୍ପା ଭଦ୍ରକାଳୀ... ଚରମ୍ପା ଭଦ୍ରକାଳୀ.... । କଣ୍ଡକ୍ଟରର ଡାକରେ ବବୁଲ ଅତ୍ୟନ୍ତ ଆନନ୍ଦିତ ହୋଇଗଲା । ସେ ଆଜି ମନ ଭରି ସବୁ ଜିନିଷ ଦେଖିବ । କେତେ କାର, ବସ, ଟ୍ରକ ଆଦି ଗାଡି ଦେଖିବ । ହେଲେ ବସକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଖି ତାର ମନ ଦୁଃଖ ହୋଇ ଯାଇଥିଲା । ବାପରେ ବାପ ଏତେ ଭିଡ଼ ! କେମିତି ଚଢ଼ିବା ବସ ଭିତରକୁ ! ପାଦ ରଖିବାକୁ ବି ଜାଗା ନାହିଁ ! ସୋରିଷ ପକାଇଲେ ତଳକୁ ଆସିବ ନାହିଁ ।

ଏତିକି ବେଳେ କଣ୍ଡକ୍ଟର ଟାଣି ନେଇ ଭିଡ଼ ଭିତରକୁ ଠେସା ମାରିଦେଲା । ବାପା, ମାଆ ଓ ବବୁଲ ସହିତ ଅନ୍ୟାନ୍ୟ ଯାତ୍ରୀମାନଙ୍କୁ, କେଇ ସେକେଣ୍ଡ ମଧ୍ୟରେ ଠେସା ଠେସି କରି ବସ ଭିତରକୁ ପେଲି ଦେଲେ କଣ୍ଡକ୍ଟର । ବବୁଲ ଛୋଟିଆ ପିଲା ଯାହା ହେଉ କାହା ଗୋଡ଼ ତଳେ ଚାପି ହୋଇ ବସି ଯାଇଥାଏ । ମାଆ ଡାକ ଛାଡିଲେ ବବୁଲ ସେଇ ସିଟ ପାଖକୁ ସେମିତି ଆଉଜି ହୋଇ ବସି ରହିଥା । ବିଚରା ନିଜ ମୁହଁକୁ ସେଇ ସିଟ ତଳକୁ ଦେଇ ମାଙ୍କଡ ଭଳି ବସି ରହିଥାଏ ।

ବସ ଚାଲିଲା ! ହେଲେ ବବୁଲ ଭାବିଥିଲା ବସରେ ବସି ଗାଡି ଘୋଡା ଦେଖିବ ! ବଡ଼ ବଡ଼ କୋଠା ଦେଖିବ ! କେତେ ଖୁସି ହେବ ! ହେଲେ ତାର ସବୁ ଭାବନା ଭାବନାରେ ରହିଗଲା । ଏମିତି ଭାବୁଥିବା ବେଳେ ପାଖରେ ଛିଡା ହେଇଥିବା କେହି ଜଣେ ଯାତ୍ରୀ ମାରିଦେଉଥାଏ ଗୋଇଠା, ଓଃ ଓଃ ମୋ କମର ଭାଙ୍ଗିଗଲା !କହି ଡାକ ଛାଡୁଥାଏ । ହେଲେ କିଏ ଶୁଣୁଛି ? ବେଳେ ବେଳେ ହମ୍ପସ ଉପରେ ଗାଡି ଏମିତି କଚାଡି ଦେଉଥାଏ ଯେ ପ୍ରାଣ ବାହାରି ଯାଉଥାଏ । ଟିକେ ଏପଟକୁ ଅନାଇଦେଲା ବେଳକୁ ଛୋଟ ପିଲାଟିଏ ଭିଡ ଭିତରୁ ଦୁର୍ଗନ୍ଧ ଭରା ବାନ୍ତି ବୋହି ପକାଉଥାଏ । ଟିକେ ପୋଛି ପାଛି ହୋଇ ପୁଣି ତଳ ଆଡ଼କୁ ଅନେଇ ଦେଲା ବେଳକୁ ମଝି କୁଜରେ କାହାର ଆଣ୍ଠୁ ମାଡ଼ ହୋଇ ଜୀବନ ବାହାରି ଯାଉଥାଏ । ବହୁତ କଷ୍ଟରେ ଯାଇ ଚରମ୍ପା ବସ ଷ୍ଟାଣ୍ଡରେ ଗାଡି ପହଁଚିଲା । ଅଗଣିତ ଯାତ୍ରୀ ଓହ୍ଲାଉ ଥାଆନ୍ତି । କଣ୍ଡକ୍ଟର ଜଣ ଜଣକୁ ପଇସା ନେଇ ଓହ୍ଲାଇ ଦେଉଥାନ୍ତି । ହେଲେ ବବୁଲର ସମସ୍ତ ପୋଷାକ ପରିଚ୍ଛଦ ମଇଳା ହୋଇଯାଇଥାଏ । ହନୁ ମାଙ୍କଡ଼ ଭଳି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାନ୍ତି ଭିଜା ମୁଣ୍ଡ ବାଳ ଉପର ମୁହାଁ ହୋଇ ଠିଆ ହୋଇଥାଏ । ଯାହାହେଉ ବାହାରକୁ ବାହାରି ଆସିଲା । ବାପା ମାଆ ବବୁଲର ଅବସ୍ଥା ଦେଖି ଝାଡୀ ଝୁଡ଼ି ଟିକେ ସଫା ସୁତୁରା କରିଦେଇ ନିଜ ଆଙ୍ଗୁଳି ଦେଖେଇ କହିଲେ, " ବାପାରେ ବହୁତ ଭିଡ ! ମୋ ଆଙ୍ଗୁଳି ଜାବୁଡି ଧର, କେବେ ବି ଛାଡ଼ିବୁ ନାହିଁ । ନ ହେଲେ ହଜିଯିବୁ !"

ବାପା ମାଆଙ୍କ ସହିତ ବବୁଲ ଆଗକୁ ଆଗକୁ ଚାଲିଲା । କିଛି ବାଟ ଗଲା ପରେ ନାନା ପ୍ରକାର ଖେଳଣା ଦୋକାନ ଦେଖି ବବୁଲର ପେଟ ଭରି ଯାଉଥାଏ । ମଝିରେ ମଝିରେ ମାଆଙ୍କ ଆଙ୍ଗୁଳି ଛାଡି ଦେଇ ଖେଳଣା ଦୋକାନକୁ ଦଉଡି ଯାଉଥାଏ । ମାଆ ଡାକ ଛାଡ଼ନ୍ତି ବବୁଲ...ବବୁଲ...ପଳେଇ ଆ ବାପା... ହଜିଯିବୁ !

କିଛି ବାଟ ଗଲା ପରେ ହାଇସ୍କୁଲ କାଳୀ ମେଢ଼ ଗଳିରେ ବାପା ମାଆଙ୍କ ସହିତ ବବୁଲ ପ୍ରବେଶ ହେଲା । ସାମ୍ନାରେ ଜଣେ ଉଡାଯାହାଜ ବିକାଳୀ ରିମୋଟ ୱାଲା ଉଡାଯାହାଜ ଉଡାଇ ଉଡାଇ ପିଲାଙ୍କୁ ଆକର୍ଷିତ କରାଉ ଥାଏ । ବବୁଲର ଭାରି ଇଚ୍ଛା ହେଉଥାଏ ଉଡାଯାହାଜ କିଣିବ । ସେ ମଧ୍ୟ ଜାଣିଥାଏ ବାପାଙ୍କୁ କହିଲେ ବାପା କିଣି କିଣିବେ ନାହିଁ । କହିବେ ଅଧିକ ଦାମ । ତେଣୁ ବାପାଙ୍କୁ କହିବା ପୂର୍ବରୁ ଆଗକୁ ଚାଲିବାକୁ ଲାଗିଥାଏ ।

ଜଣେ ଲଡୁବାଲା ଡାକ ଛାଡୁଥାଏ ପାଳୁଅ ଲଡୁ....ପାଳୁଅ ଲଡୁ ...

ବବୁଲର ପାଳୁଅ ଲଡୁ ଭାରି ପ୍ରିୟ । ପାଟିରୁ ପାଣି ଆସିଯାଉଥାଏ । ଗୋଟେ ପେକେଟ ଦଶ ଟଙ୍କା ବୋଲି ଡାକ ଛାଡୁଥାଏ । ବବୁଲ ବାପାଙ୍କୁ କହିଲା, "ବାପା ମୁଁ ପାଳୁଅ ଲଡୁ ଖାଇବି, ବାପା ଦୟାକରି ମୋତେ ଗୋଟେ ପେକେଟ କିଣି ଦିଅ"

ବାପା ନାଲି ଆଖି ଦେଖେଇ, "ଚୁପ କର, ଏଇଥିପାଇଁ ତତେ କୁଆଡେ ଆଣିବା କଥା ନୁହେଁ ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏତେକ ଶୁଣି ବବୁଲ ସିଧା ଚାଲିବାକୁ ଲାଗେ । କିଛି ବାଟ ଉତ୍ତାରୁ, ସୁନ୍ଦର ସୁନ୍ଦର ବେଲୁନବାଲା ଡାକ ଛାଡିଲା, "ବେଲୁନ ନିଅ ନାଲି ବେଲୁନ..., ହଳଦିଆ ବେଲୁନ..., ଗୋଲାପୀ ବେଲୁନ.... । ବବୁଲର ଭାରି ମନ ହେଲା ଗୋଟେ ବେଲୁନ କିଣିବ । ପବନରେ ଉଡେଇବ । ଏହିଥର ସାହସର ସହିତ କହି ପକେଇଲା, "ବାପା ମୋତେ ଗୋଟେ ନାଲି ଉଡନ୍ତା ବେଲୁନ କିଣିଦିଅ । ମୁଁ ଆଉ କୌଣସି ଖେଳଣା ମାଗିବି ନାହିଁ ।"

ଏହିଥର ବାପାଙ୍କର କ୍ରୋଧର ସୀମା ପାର ହୋଇ ଯାଇଥିଲା । ଗାଲ ମୁଳିକୁ ନିର୍ଘାତିଆ ଗୋଟେ ଜାବୁଡା ଦେଇ କହିଲେ, "ଏଇଟାକୁ ମୁଁ ଯାତ୍ରା କି ମଉଛବକୁ ନେବା ପାଇଁ ଇଚ୍ଛା କରେ ନାହିଁ । ଯାହା ଦେଖିବ ମାଗିବ । କିଣିବି...କିଣିବି...ଯେମିତି ତା ବୋପାର ଜାହାଜ ଚାଲିଛି ।"

ମାଆ ସାନ୍ତ୍ୱନା ଦେଲେ ଥାଉ ପିଲାଟକୁ ଏମିତି ମାରିବା ଠିକ ନୁହେଁ । ବବୁଲ ଗାଲକୁ ଆଉଁସି ଆଉଁସି ଚାଲିଥାଏ । ହଠାତ କାଳୀ ମଣ୍ଡପ ପାଖରେ ଭିଡ଼ ବଢି ଯାଇଥିଲା । ଭିଡ଼ ଭିତରେ ବବୁଲ ମାଆଙ୍କର ଆଙ୍ଗୁଳି ଛାଡି ଦେଇଥିଲା । ତା'ପରେ କିଏ କୁଆଡେ ଚାଲିଯାଇଥିଲେ କେ ଜାଣେ ? ବବୁଲ ଆଉ ବାପା ମାଙ୍କୁ ଦେଖିବାକୁ ପାଇଲା ନାହିଁ । ଭିଡ଼ ଭିତରୁ ଲୋକଙ୍କର ପାଦ ଛନ୍ଦା ମଧ୍ୟ ଦେଇ ବାହାରକୁ ଗଳି ଗଳି ଆସିବାକୁ ଚେଷ୍ଟା କଲା । ହେଲେ କେହି ଲାତ ମାରି ଦେଉଥାଏ ତ କେହି ଗୋଇଠା । ବିଚରା ବାହାରକୁ ଆସିବା ପାଇଁ ବହୁତ କଷ୍ଟ ପାଉଥାଏ । ଜୋରରେ ବାପା... ମାଆ.. କାନ୍ଦିବାକୁ ଲାଗିଲା । ମୋ ବାପା କାହିଁ ? ? ? ମୋ ମାଆ କାହିଁ ? ? ? ହେଲେ କାନ୍ଦ କିଏ ଦେଖୁଛି ନା ଶୁଣୁଛି । ଭିଡ଼ ଭିତରେ ଆହୁରି ଅଧିକ ଚାପି ଯାଉଥାଏ ।

ଜଣେ ଡେଙ୍ଗା, ହୃଷ୍ଟପୃଷ୍ଟ ଓ ହୃଦୟବାନ ବ୍ୟକ୍ତିଙ୍କର ଦୃଷ୍ଟି ପଡିଲା ବବୁଲ ଉପରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଙ୍ଗେ ସଙ୍ଗେ ପିଲାଟାକୁ ଭିଡ ମଧ୍ୟରୁ ଟେକି ନେଇଥିଲେ । ପଚାରିଲେ, ବାପାରେ ତୋ ନାଁ କଣ ?"

ମୋ ନାଁ ବବୁଲ । ମୋ ବାପା ମାଆ ଭିଡରେ କୁଆଡେ ଚାଲିଗଲେ ମୁଁ ପାଉ ନାହିଁ । ମୋତେ ମୋ ବାପା ଦରକାର ଓ ମାଆ ଦରକାର !" ଉଁ ଉଁ ହୋଇ ଜୋରରେ କାନ୍ଦୁ ଥାଏ ବବୁଲ ।

ଭଦ୍ରଲୋକ ଜଣଙ୍କୁ ଭାରି ଦୟା ଆସିଲା । ଭିଡରୁ ବାହାରକୁ ପିଲାଟିକୁ ଆଣିବାକୁ ଚେଷ୍ଟା କଲେ । ଯାହା ହେଉ କଷ୍ଟେ ମଷ୍ଟେ ବବୁଲକୁ ବାହାରକୁ ନେଇ ଆସିଲେ । ବବୁଲ କେବଳ କାନ୍ଦୁଥିଲା ।

ଭଦ୍ରଲୋକ ଜଣଙ୍କ ବବୁଲକୁ ନେଇ ପାଲୁଅ ଲଡ୍ଡୁ ଦୋକାନକୁ ଗଲେ । ମନ ଭୁଲେଇବା ପାଇଁ ଗୋଟେ ପ୍ୟାକେଟ ଲଡ୍ଡୁ କିଣିଲେ । ହେଲେ ବବୁଲ ଆଡ଼ ଆଖିରେ ଚାହିଁଲା ନାହିଁ । ମୁହଁ ବୁଲେଇ ଦେଇ, କଇଁ କଇଁ ହୋଇ କାନ୍ଦି କହୁଥାଏ ମୋତେ ମୋ ବାପା ଦରକାର ମୋ ମାଆ ଦରକାର !

ପୁନଶ୍ଚ ଭଦ୍ରଲୋକ ଜଣଙ୍କ ବେଲୁନୱାଲା ପାଖକୁ ଯାଇଥିଲେ କିନ୍ତୁ ସେଠାରେ ମଧ୍ୟ ବବୁଲ ମୁହଁ ବୁଲେଇ ଦେଇ, କେବଳ କହିଥିଲା ମୋତେ ମୋ ବାପା ଦରକାର । ମୋତେ ମୋ ମାଆ ଦରକାର ।

ପୁନଶ୍ଚ ଉଡନ୍ତା ରିମୋଟୱାଲା ଉଡାଜାହାଜ ଜାହାଜ ପାଖକୁ ନେଇ, ଭଦ୍ରଲୋକ ଜଣଙ୍କ କହିଲେ , ଏଇ ଜାହାଜ କେବଳ ବବୁଲ ପାଇଁ । ଭାଇ ଗୋଟେ ଦେଲ ।"

ହେଲେ ବବୁଲ କଇଁ କଇଁ ହୋଇ କାନ୍ଦି କାନ୍ଦି ମୁହଁ ବୁଲେଇ ଦେଇ କହିଲା, ମୋର କିଛି ଦରକାର ନାହିଁ କେବଳ ମୋ ବାପା ଓ ମୋ ମାଆ ଦରକାର ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଦ୍ରଲୋକ ଯେତେ ବୁଝେଇଲେ ଓ ଯେତେ ନୂଆ ନୂଆ ଜିନିଷ ଦେଖେଇ ଭୁଲେଇବାକୁ ଚାହିଁଲେ ମଧ୍ୟ, ବବୁଲର କାନ୍ଦ ବନ୍ଦ ହେଉ ନ ଥାଏ କେବଳ କହୁଥାଏ, " ମୋତେ ମୋ ବାପା ଓ ମୋ ମାଆ ଦରକାର ।"

ହଠାତ କିଛି ଦୂରରୁ ଶୁଣା ଯାଇଥିଲା, ବବୁଲ....ବବୁଲ... ।

ବବୁଲ ଅନେଇ ଦେଇ ଦେଖିଲା ତା ମାଆ କାନ୍ଦ କାନ୍ଦ ହୋଇ ଡାକ ଛାଡୁଛି ।ବାପା ମଧ୍ୟ କାନ୍ଦୁଛନ୍ତି ।ବାବୁ ବାବୁ ମୋ ମାଆ ଓ ମୋ ବାପା....

ଏକା ଡିଆଁରେ ଯାଇ ସିଧା ବାପାମାଆ ପାଖରେ ହାଜର । ବାପା କୋଳେଇ ନେଇଥିଲେ ବବୁଲକୁ ।ବବୁଲ କହି ପକେଇଲା ବାପା... ମୋର କିଛି ଦରକାର ନାହିଁ । ମୋର ବେଲୁନ ଦରକାର ନାହିଁ କି ଲଡୁ ଦରକାର ନାହିଁ ।ମୁଁ ଆଉ କିଛି ଖେଳଣା କିଣିବି ନାହିଁ ।ମୋର କେବଳ ମୋ ବାପା ଦରକାର ।ମୋ ମାଆ ଦରକାର..

ନବମ ଶ୍ରେଣୀ, ବ୍ରାହ୍ମଣଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟ,
ବ୍ରହ୍ମଣଗାଁ,ଭଦ୍ରକ
ଭ୍ରାମ୍ୟଭାଷ : ୯୬୬୮୩୬୩୨୭୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁଅ ମୋ ଡାକ୍ତର



ପ୍ରହ୍ଲାଦ ସାହୁ

ଡକ୍ଟର ଆଶିଷ ମନକୁ ମନ ଭାବୁଥିଲେ ଏତେ ବଡ କ୍ରିଟିକଲ କେଶକୁ କେମିତି ହେଣ୍ଡଲ କରିବେ । କିନ୍ତୁ ଭଗବାନଙ୍କ ଉପରେ ତାଙ୍କର ଦୃଢ ବିଶ୍ୱାସ ଥିଲା ସେ ନିଷ୍ଚିତ ଭାବେ ସଫଳ ହେବେ ।

ଏମିତି ଅନେକ ଅପରେସନ ସେ କରିଛନ୍ତି । ଏହା ଆଉ ଏକ ଦାୟିତ୍ୱବୋଧତା କିମ୍ବା ଚ୍ୟାଲେଞ୍ଜ ହୋଇପାରେ ।

ଅନେକ ଷ୍ଟଡି କରିଛନ୍ତି, ସହକର୍ମୀଙ୍କ ସଙ୍ଗେ ମିଟିଙ୍ଗ ମଧ୍ୟ କରିଛନ୍ତି । ଏତେବଡ ଚ୍ୟାଲେଞ୍ଜକୁ ଏସେପ୍ଟ କରିବା ଯେତିକି କଠିନ ଥିଲା ହାର ମାନିଯିବା ତା ଠାରୁ ଅଧିକ କଷ୍ଟ ଦାୟକ ମଧ୍ୟ ।

ସହରର ନାମିଦାମି ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିବା ଡାକ୍ତର ଆଶିଷଙ୍କ ପାଇଁ ବୋଧହୁଏ ଏହା ଥିଲା ଏ ପର୍ଯ୍ୟନ୍ତ ସବୁଠାରୁ ରୋମାଞ୍ଚକ ତଥା ଚୁନୌତି ପୂର୍ଣ କେଶ୍ ।

ସମୟ ଗଡି ଚାଲିଥାଏ । ଧିରେ ଧିର ସେ ପ୍ରତୀକ୍ଷିତ ମୁହୂର୍ତ୍ତ ପାଖେଇ ଆସୁଥାଏ । ଘଡ଼ିର କଣ୍ଟା ଅନବରତ ଟିକ୍ ଟିକ୍ କରି ଚାଲିଥାଏ । ସବୁକିଛି ପ୍ରସ୍ତୁତ । ଦଶ ଜଣ ବିଶିଷ୍ଟ ଏକ ଡାକ୍ତର ଟିମ୍ ଗଠନ କରାଯାଇଛି ।

ସମୟ ରାତ୍ରି ଦଶ ଘଟିକା । ଶ୍ୟାମସୁନ୍ଦର ବାବୁ କଷ୍ଟ ଅନୁଭବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେ ଏବଂ ଡାକ୍ତର ଆଶିଷଙ୍କ ସହିତ କଥା ହେବାକୁ ଇସାରା କଲେ ।

କିଛି ସମୟ ଅନ୍ତରଙ୍ଗ କଥା ହେବାପରେ ଡକ୍ଟର ଆଶିଷ ଆଶ୍ୱସ୍ତ ହେଲେ ଯେ ଶ୍ୟାମସୁନ୍ଦର ବାବୁ ଅପରେସନ ପାଇଁ ପ୍ରସ୍ତୁତ ।

ଆହୁରି ଉତ୍କଣ୍ଠା ବଢିଗଲା ସମସ୍ତଙ୍କର ।

ଆଲାରାମ ବାଜି ଉଠିଲା । ଠିକ୍ ରାତ୍ରୀ ଏଗାର । ଚାରିଆଡ ଶୂନଶାନ । ଅପରେସନ ଥିଏଟର ସତେ ଯେମିତି ଏକ ନୂତନ କୀର୍ତ୍ତିରାଜିର ଭିତ୍ତିଭୂମି ସ୍ଥାପନ କରିବାକୁ ଯାଉଛି ।

ଶ୍ୟାମସୁନ୍ଦର ବାବୁ ଏକ ଅମାୟିକ, ସ୍ଥିତପ୍ରଜ୍ଞ, ନିଷ୍ଠାପର ବ୍ୟକ୍ତି । ସାରା ଜୀବନ ତମାମ ଅକ୍ଳାନ୍ତ ପରିଶ୍ରମ କରି ପଇସା କମାଇଛନ୍ତି ଏବଂ ସେହି ପଇସାର ସଦୁପଯୋଗ କରି ତିନୋଟି ବିଶ୍ୱ ପ୍ରସିଦ୍ଧ ଅନୁଷ୍ଠାନ ମଧ୍ୟ କରିଛନ୍ତି ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଓ ମାଆ ବୈଷ୍ଣୋଦେବୀ ମନ୍ଦିର । ଦାନଧର୍ମରେ ସେ ବିଶ୍ୱାସ ରଖନ୍ତି । ତିନୋଟିଯାକ ଅନୁଷ୍ଠାନ ତାଙ୍କରି ତତ୍ତ୍ୱାବଧାନରେ ଚାଲିଛି ।

ଦୁଃଖି ରଙ୍କିଙ୍କୁ ବହୁତ ସାହାଯ୍ୟ କରନ୍ତି ।

*ଗରିବ ପିଲାମାନଙ୍କୁ ମୁକ୍ତ ଶିକ୍ଷା ଲାଭର ସୁଯୋଗ ଦେଇଛନ୍ତି ।

*ଅର୍ଥହୀନ ରୋଗୀମାନଙ୍କୁ ନିଃଶୁଳ୍କ ଚିକିତ୍ସା କରାଇଛନ୍ତି ।

*ଦୂର ଦୂରାନ୍ତରୁ ଆସିଥିବା ଭକ୍ତମାନଙ୍କ ରହିବା ବ୍ୟବସ୍ଥା ମଧ୍ୟ ରଖିଛନ୍ତି ।

ଏକ ବାଜି ଅଠେଇଶ ମିନିଟ । ଅପରେସନ ଥିଏଟରର ନୀଳ ବତୀ ଜଳି ଉଠିଲା । ଅପରେସନ ସକସେସ ।

ସମଗ୍ର ପରିସର ଚଳ ଚଞ୍ଚଳ ହୋଇଉଠିଲା । ସମସ୍ତ ଙ୍କ ମୁହଁରେ ଗୋଟିଏ ଭାଷା - ଅଭିନନ୍ଦନ !

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିନ୍ତୁ ଡକ୍ଟର ଆଶିଷ, ଉପରେ ହସୁଥିଲେ ବି ଭିତରେ କିଛି ଚିନ୍ତାଗ୍ରସ୍ତ ଥିଲେ । ସମୟ ଅତିବାହିତ ହେଇଯାଉଥାଏ । ଶ୍ୟାମସୁନ୍ଦର ବାବୁ ବେହୋସ । ନିଶ୍ଚେତକ ଇଞ୍ଜେକସନର ପ୍ରଭାବ କମି ଆସୁଥାଏ । ଆଶିଷଙ୍କ ଉତ୍କଣ୍ଠା ବଢି ଚାଲିଥାଏ ।

ସବୁ ନିରବତାକୁ ଭଗ୍ନକରି ଶ୍ୟାମସୁନ୍ଦରବାବୁ କଡ ଲେଉଟାଇଲେ । ଆଶିଷ ପାଖକୁ ଦଉଡିଗଲେ ଏବଂ ପଚାରିଲେ କେମିତି ଲାଗୁଛି ? ଇସାରାରେ ଶ୍ୟାମସୁନ୍ଦର ବାବୁ ଭଲ ଲାଗୁଛି ବୋଲି କହିଲେ । ଖୁସିରେ ଡକ୍ଟର ଆଶିଷଙ୍କ ଆଖିରୁ ଦୁଇଟୋପା ଆନନ୍ଦାଶ୍ରୁ ଝରି ପଡିଲା । ଭଗବାନଙ୍କୁ ଧନ୍ୟବାଦ ଦେଲେ ! Thank God !

ତିନିଦିନ ପରେ ଶ୍ୟାମସୁନ୍ଦର ବାବୁ ହସ୍ପିଟାଲରୁ ଡିସଚାର୍ଜ ହେଲେ । ସମସ୍ତଙ୍କ ମୁହଁ ମିଠା କଲେ । ଯେଉଁ ହସ୍ପିଟାଲର ଶିଳାନ୍ୟାସ ନିଜେ କରିଥିଲେ ଆଜି ନିଜେ ସେଠି ଚିକିତ୍ସିତ ହୋଇ ଫଳପ୍ରଦ ହେବାର ଖୁସିରେ ସେ ବି ଟିକିଏ ବିଚଳିତ ହେଇ ଆସୁଥିଲେ ଠିକ୍ ଏହି ସମୟରେ ତାଙ୍କର ନାତୁଣୀ ଆସି ତାଙ୍କୁ ଆଲିଙ୍ଗନ କଲା । Grandpa, Are you OK ? ଶ୍ୟାମସୁନ୍ଦର ବାବୁଙ୍କ ମୁହଁରେ ସ୍ମିତ ହାସ୍ୟଥିଲା ।

ଛଅ ମାସ ପରେ -

All India Institute of Medical Association ତରଫରୁ ଡକ୍ଟର ଆଶିଷଙ୍କୁ ସମ୍ବର୍ଦ୍ଧନା କରାଗଲା ତାଙ୍କର ଏହି ଅଭୂତପୂର୍ବ ସଫଳତା ପାଇଁ । ସେଦିନ ତାଙ୍କ ସହିତ ତାଙ୍କର ପରିବାର ମଧ୍ୟ ଉପସ୍ଥିତ ଥିଲେ । ଖୁସିରେ ସମସ୍ତେ ମନ୍ତ୍ରମୁଗ୍ଧ ପ୍ରାୟ । ସଭାସ୍ଥଳକୁ ଶ୍ୟାମସୁନ୍ଦର ବାବୁଙ୍କୁ ଡକାଯାଇଥିଲା ତାଙ୍କ ଅନୁଭୂତିରୁ କିଛି ଶୁଣିବା ପାଇଁ ।

ଶ୍ୟାମସୁନ୍ଦର ବାବୁ ଯାହା ବର୍ଣ୍ଣନା କରିଥିଲେ ତାଙ୍କୁ ଶୁଣିବା ପରେ ସମସ୍ତେ ଆଚମ୍ଭିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯାଇଥିଲେ ।

ଡକ୍ଟର ଆଶିଷ ଆଉ କେହି ନୁହେଁ, ସେ ଶ୍ୟାମସୁନ୍ଦର ବାବୁଙ୍କର ବଡ ପୁଅ । ତାଙ୍କ ସାନ ପୁଅ ଇଞ୍ଜିନିୟର । ସାନ ପୁଅ ନାମ ଅନୁସାରେ କମ୍ପାନୀର ନାମ କରଣ କରାଯାଇଛି ।

ଶ୍ୟାମସୁନ୍ଦର ବାବୁ ନିଜ ହାତରେ ଉପଢୌକନ ପୁଅ ଆଶିଷଙ୍କୁ ଦେଇଥିଲେ ।

ଆଜି ଜଣେ ବାପା ତା ପୁଅର କୃତିତ୍ୱରେ ଏତେ ଖୁସି ଥିଲେ ସେ ଶବ୍ଦରେ ବର୍ଣ୍ଣନା କରି ପାରିନଥିଲେ । ଖୁସିରେ ଏତିକି ତାଙ୍କ ମୁହଁରୁ ଶୁଭୁଥିଲା - ଆଜି "ପୁଅ ମୋ ଡାକ୍ତର " ....... !

(ସତ୍ୟ ଘଟଣା ଉପରେ ଆଧାରିତ.....)


ନୂଆଦିଲ୍ଲୀ

ଭ୍ରାମ୍ୟଭାଷ : ୮୧୨୮୬୪୨୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ସହ ବି, ଜୀବନ ପରେ ବି



କଲ୍ୟାଣୀ ଦାଶ

ଜୀବନ ସହ ବି , ଜୀବନ ପରେ ବି ଏକ ଜୀବନବୀମା ଏଜେଣ୍ଟ .........

ପ୍ରକୃତି କୋଳରେ ବଦାନପୁର ବୋଲି ଏକ ଗାଁ ଥାଏ । ସେଠାକାର ପ୍ରାକୃତିକ ଦୃଶ୍ୟ ଅତି ମନୋରମ ଓ ଆକର୍ଷଣୀୟ । ଗାଁରେ ପାଖାପାଖି ସାତଶହ କି ଆଠସହ ଘର । ସେଥିମଧ୍ୟରୁ ରଘୁନାଥ ବାବୁ ଓ ଉଷା ଦେବୀଥିଲେ ସମ୍ଭ୍ରାନ୍ତ ଶ୍ରେଣୀର । ବହୁତ ଧନୀ । ତାଙ୍କର ଏକ ମାତ୍ର ପୁତ୍ର ଥାଏ ରାଜେଶ । ବୟସ ୭ ବର୍ଷ । ଛୋଟ ପିଲା ତେଣୁ ଜିଦି ଟିକେ ଥିଲା । କିନ୍ତୁ ସମୟ ସହ ରାଜେଶ ମଧ୍ୟ ବଡ ହେଲା

କିନ୍ତୁ ତାର ଟିକେ ଜିଦି ଟିକେ ଦୁଷ୍ଟାମି ସେମିତି ରହେ । ବାପା ରଘୁନାଥବାବୁ ଜଣେ ଆର୍ମୀ ଅଫିସର ଓ ମା ଉଷାଦେବୀ ଜଣେ ସମାଜସେବୀ ଥିଲେ । ସ୍ୱାମୀଙ୍କ office ରେ employee ମାନଙ୍କୁ ନିଜ ହାତରେ ରୋଷେଇ କରି ଦଉଥିଲେ । ସେ ସବୁବେଳେ ରାଜେସର ଯତ୍ନ ନିଅନ୍ତି । ସଠିକ ରାସ୍ତା ଦେଖାନ୍ତି । କିନ୍ତୁ ରାଜେସ ଖାତିର କରେନି । ରାଜେସକୁ ଯେତେବେଳେ ବାର ବର୍ଷ ରଘୁନାଥବାବୁ ଚାଲିଗଲେ । ସ୍ୱାମୀଙ୍କ ଯିବା ପରେ ଉଷା ଦେବୀ ଭାଙ୍ଗିପଡିଲେ କିନ୍ତୁ ରାଜେଶର ଭବିଷ୍ୟତ ପାଇଁ ଛାତିକୁ ପଥର କରି ସହିଗଲେ । ତାର ସବୁ ଅଳି ସହି ଗଲେ । ରାଜେସକୁ ଠିକ ପାଳିବାକୁ ଯାଇ ସେ ସମାଜସେବା ଛାଡିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜେସକୁ ଏବେ ୨୪ ବର୍ଷ ସେ ଏବେ ବାପାଙ୍କ ବିଜିନେସ ସମ୍ଭାଳୁଛି । କିନ୍ତୁ ସମୟ କ୍ରମେ ସବୁ ବଦଳିଯାଏ । ରାଜେସର ବିବାହ ହୁଏ ମଧୁମତୀ ସହ କିନ୍ତୁ ମାନସମ୍ମାନ, ଭକ୍ତି ଏସବୁ ଲକ୍ଷଣ ନଥିଲା । ଉଷା ଦେବୀ ଏବେ ବୃଦ୍ଧା ହେଲେଣି ଏସବୁ ରାଜେସ କି ମଧୁମତୀକୁ ଫରକ ପଡୁନଥିଲା । ସେ ଉଷା ଦେବୀଙ୍କୁ ହତାଦର ଓ ଅବହେଳା କରେ । ପୁଅ ରାଜେସ ମଧ୍ୟ ବୋହୁ କଥାରେ ଉଠୁବସ ହଉଥିଲା । ଉଷା ଦେବୀ ଚୁପ ରୁହନ୍ତି ସମୟ ଚକ୍ର ସହ ଉଷା ଦେବୀ ଆରପାରିକୁ ଚାଲିଗଲେ । ଘର ଓ ବିଜିନେସ୍ ନିଲାମ ହୁଏ । ରାଜେଶ ଓ ମଧୁମତୀ ସବୁକିଛି ହରାଇଲେ । ସେ ଦୁହେଁ ରାସ୍ତା ଉପରକୁ ଆସିଲେ ପରିସ୍ଥିତିକୁ ସାମ୍ନା ନକରିପାରି ମଧୁମତୀ ତା ବାପଘରକୁ ଚାଲିଗଲା । ରାଜେଶ ତା ଅଫିସ ବାରଣ୍ଡାରେ ବସି କାନ୍ଦୁଥାଏ । ଦୁଇଦିନ ହେଲା କିଛି ଖାଇନ । ଅଫିସରେ ଉଷାଦେବୀ ସମାନ୍ନ ପାଇଁ ମଧ୍ୟାହ୍ନ ଭୋଜନ ଦିଆଗଲା ଓ କିଛି ଭୋକିଲା ଲୋକଙ୍କୁ ଦିଆଗଲା ରାଜେଶ ମଧ୍ୟ ପାଇଲା ଖାଇସାରି ମା'ଙ୍କ କଥା ମନେପଡିବାରୁ ସେ ସମାଧି ନିକଟକୁ ଗଲା । ଆରେ ଏ କଣ ମା'ଙ୍କ ସମାଧିରେ ଦାମିଦାମି ଫୁଲ । ଏବେ ତାକୁ ଉପାୟ ମିଳିଲା ସେ ଫୁଲକୁ ବିକ୍ରି କରି ଦି ପଇସା ରୋଜଗାର କଲା । ଧୀରେ ଧୀରେ ସେ ପଇସାରେ ବଡ ଫୁଲ ଦୋକାନ ଖୋଲିଲା । ସେ ଯେଉଁ ମା'କୁ ପଚାରୁନଥିଲା ସେଇ ମା ମଲାପରେ ମଧ୍ୟ ତା ପୁଅକୁ ସଫଳ ବନେଇଦେଲା ।

ଏଥିପାଇଁ କୁହାଯାଏ ଭଗବାନ ସବୁବେଳେ ନଥାନ୍ତି କିନ୍ତୁ ମା ସବୁବେଳେ ଆମ ସହ ଥାଆନ୍ତି । ତାଙ୍କ ଜୀବନ କାଳ ମଧ୍ୟରେ ବି ଏବଂ ଜୀବନ ଚାଲିଗଲା ପରେ ବି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପରାଜୟ



ସାଗରିକା ମହାନ୍ତି

ଲେଖିଛନ୍ତି: ବିକାଶ ପ୍ରକାଶ ଯୋଶୀ ।

ଇଂରାଜୀରୁ ଅନୁବାଦିତ : ସାଗରିକା ମହାନ୍ତି ।

ପଲ୍ଲବୀ ନାମରେ ଝିଅଟିଏ ଥିଲା । ଆଉ ନୀରଦ୍ ନାମରେ ପୁଅଟିଏ ତାକୁ ଭଲ ପାଉଥିଲା । ସେଣ୍ଟ-ଭିନ୍ସେଣ୍ଟ ହାଇସ୍କୁଲ ପୁନାର, ନବମ ଶ୍ରେଣୀର ପୁଅମାନେ ମଧ୍ୟ ନୀରଦ୍ ପରି ଥିଲେ । ସେଥିରେ କିଛି ଆଶ୍ଚର୍ଯ୍ୟ ହେବା କଥା ନଥିଲା । ସେ ଝିଅଟିର ଭଲ ଚେହେରା, ଉତ୍ତମ ପାଠପଢା, ଆକର୍ଷଣୀୟ ଶରୀର ଦେଖି କେହି ତାକୁ ନ ଭଲ ପାଇ ରହି ପାରୁନଥିଲେ । ନୀରଦ୍ କିନ୍ତୁ ଦୂରରୁ ତାକୁ ଦେଖୁ ଥିଲା ସତ, କିନ୍ତୁ ସେ ସେମିତି ପିଲା ନଥିଲା ଯିଏ ତା ସହିତ ସହଜରେ ବନ୍ଧୁତା ସ୍ଥାପନ କରିପାରିବ ।

କିଛିଦିନ ପରେ ବିଦ୍ୟାଳୟରେ ଗୀତ ଗାଇବାର ପ୍ରତିଯୋଗିତା ଆରମ୍ଭ ହେବାକୁ ଥିଲା । ସେହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ନୀରଦ୍ ନିଜକୁ ତିନିମାସ ହେଲା ପ୍ରସ୍ତୁତ କରୁଥିଲା । ସେ ସବୁ ବେଳେ ଭାବୁଥିଲା ମୁଁ ଯଦି ଗୀତ ଗାଇବା ପ୍ରତିଯୋଗିତାରେ ଜିତିଯିବି, ତାହା ହେଲେ ମୁଁ ପଲ୍ଲବୀକୁ ପାଇପାରିବି ।

ଏହିପରି ଭାବରେ ସମୟ ବିତିଯାଇଛି । ଆଜି ବିଦ୍ୟାଳୟରେ ସେହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତିଯୋଗିତାରେ ସମୟ ଆସିଯାଇଛି । ନୀରଦ୍ ବିଦ୍ୟାଳୟକୁ ଯିବା ସମୟରେ ଭାବୁଛି, ପଲ୍ଲବୀ ଧାଡ଼ିରେ ବସିଥାନ୍ତା କି ? ଦେଖିଲା ବେଳକୁ ତା'ର ଭାବନା ସତ ମଧ୍ୟ ହୋଇଛି । ସେ ଗାଇବାକୁ ଆରମ୍ଭ କଲା "ତନ୍ ହା ଦିଲ୍", ଯୋଉଟା ଥିଲା ନିକଟରେ ଅତି ଲୋକପ୍ରିୟ ହୋଇଥିବା ହିନ୍ଦି ଚଳଚିତ୍ରର ଗୋଟିଏ ଗୀତ । ତା'ର ଗୀତ ଶୁଣୀ ତାକୁ ସମସ୍ତେ କରତାଳି ଦେଇ ବହୁତ ପ୍ରଂଶସା କଲେ । ପଲ୍ଲବୀ ମଧ୍ୟ ତାକୁ ପ୍ରଂଶସା କଲା ।

ବିଦ୍ୟାଳୟର ବହୁତ ପିଲା ଗୀତ ଗାଇବାକୁ ଆସିଲେ । କିନ୍ତୁ ନୀରଦ୍ ହିଁ କେବଳ ଭଲ ଭାବରେ ଗାଇପାରିଲା । ତା' ପରେ ୧୦ମ ଶ୍ରେଣୀର ମେଧାବୀ ଛାତ୍ର ସୁଧୀର ମିଶ୍ର ଗୀତ ଗାଇବାକୁ ଆରମ୍ଭ କଲା । ସେ କିନ୍ତୁ ଗୀତ ଶିଖୁ ନଥିଲା । ତା'ର ପେଶା ମଧ୍ୟ ଗୀତ ଗାଇବା ନଥିଲା । ତା'ର ଗାଇବାର ଶୈଳୀ ଦେଖି ନୀରଦ୍ ଓ ଅନ୍ୟ ଛାତ୍ରମାନେ ତା' ପ୍ରତି ବ୍ୟଙ୍ଗ ଇଙ୍ଗିତ କରିବାକୁ ଲାଗିଲେ । ଏ ସବୁକୁ ଦେଖି ସୁଧୀର ତା'ର ଗୀତ ସରିଲା ପରେ ସେଠାରୁ ଚାଲିଗଲା ।

ଆଶା କରାଯିବା ମୁତାବକ ନୀରଦ୍ ହିଁ ପୁରସ୍କାର ଜିତିଲା । ସେ ପୁରସ୍କାର ନେଲା ଓ ସମସ୍ତଙ୍କ ଭିତରେ ପଲ୍ଲବୀକୁ ଖୋଜିବାକୁ ଲାଗିଲା । କିନ୍ତୁ ପଲ୍ଲବୀ ସେଠାରେ ନଥିଲା । ଯେତେବେଳେ ସେ ଥିଏଟର ବାହାରକୁ ଆସିଲା, ସେତେବେଳେ ସେ ପଲ୍ଲବୀକୁ ସୁଧିର ସହିତ ବସିଥିବା ଦେଖିଲା ।

ପଲ୍ଲବୀ ନୀରଦ୍ କୁ ଦେଖି ସୁଧୀରର ମଜାକ୍ କରିଥିବାରୁ ତାକୁ ମୂର୍ଖ ବୋଲି କହିଲା । ସୁଧୀର କିନ୍ତୁ ନୀରବ ଥିଲା ।

ପଲ୍ଲବୀ କହିଲା "ଯଦିଓ ସେ ଭଲ ଗାୟକ ନୁହେଁ, ସେ ଭଲ ଗୀତ ଗାଇପାରେ ନାହିଁ", ତା' ବୋଲି ତାର ମଜାକ୍ ଉଡ଼ାଇବା ଉଚିତ୍ ନୁହେଁ । ସେ ଭଲଗୀତ ଗାଇ ନ ପାରିବା ସତ୍ତ୍ୱେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟ ଗୀତ ଗାଇବା ପାଇଁ ଚେଷ୍ଟା ତ କରିଥିଲା । ତାକୁ କେତେ ଅପମାନ ଲାଗିଲା । ସେ କଥା ତମେ ମାନେ ଜାଣିଛ ତ ?

ସେ ସୁଧୀରର କାନ୍ଧ ଉପରେ ହାତ ପକାଇ ସେଠାରେ ଚୁପ୍ ଚାପ୍ ବସିରହିଲା । ନୀରଦ୍ ସେମାନେ କରିଥିବା ଭୁଲ୍ ପାଇଁ ସୁଧିରକୁ କ୍ଷମା ମାଗିଥିଲା ।

ସୁଧୀର କେବଳ ତଳକୁ ଅନାଇ ମୁଣ୍ଡ ହଲାଇଲା ଓ ତା'ର ଆଖିରୁ ଲୁହ ଝରି ଆସିଥିଲା । କିଛି ସମୟ ପରେ ନୀରଦ୍ ପଲ୍ଲବୀକୁ ଘରକୁ ଯିବା ବିଷୟରେ ପଚାରିଥିଲା, ପଲ୍ଲବୀ କିନ୍ତୁ ନୀରବ ରହିଥିଲା କିଛି ସମୟ ପାଇଁ । ତା' ପରେ କହିଥିଲା ସୁଧୀରର ଘର ମୋ ଘରର ପାଖାପାଖି । ତେଣୁ ତା'ର ବାପା ଆସିଲେ ମୁଁ ତାଙ୍କ ସହିତ ଯିବି ।

ପଲ୍ଲବୀର ଏପରି କଥା ଶୁଣି ନୀରଦ୍ ନିଜକୁ ବହୁତ ତୁଚ୍ଛ ମନେ କଲା । ସେତେବେଳେ ସେ ଜିତିଥିବା ପୁରସ୍କାର ତାକୁ କେବଳ ଗୋଟିଏ ଧାତୁ ତିଆରି ଖେଳନା ପରି ମନେହେଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରିଘୁରିକା



ସୁଧାଂଶୁ ଶେଖର ଦ୍ୱିବେଦୀ

ନାଟକ:- (୬ଷ୍ଠ ଭାଗ)

୧୬ଶ ଦୃଶ୍ୟ ।।

(ରୁମ ମଧ୍ୟରେ ଏକାକୀ ଅନୁଶ୍ରୀ ନିଜ ଉପରେ ଅଭିମାନ କରି କାନ୍ଦୁଥାଏ । ହାତରେ ଏକ ପଏଜନ ଶିଶି ଧରି ଭଗବାନଙ୍କୁ ଗୁହାରି କରି କହୁଥାଏ)

ଅନୁ- ହେ ଭଗବାନ ! ମୁଁ ଜାଣେନି ଭୁଲ କରିଛି କି ଠିକ କରିଛି । ଏବେ ଯାହା କରିବି ତାହା ବି ମୋ ପାଇଁ ଭୁଲ କି ଠିକ କହି ପାରିବି ନାହିଁ । ତେବେ ମୋତେ ହିଁ ତାର ଉପଯୁକ୍ତ ଶାସ୍ତି ଭୋଗିବାକୁ ହେବ । ଥରେ ଯିଏ ସଂସାରରେ କଳଙ୍କିନୀ ହୋଇଯାଏ ତାପାଇଁ ବଞ୍ଚି ରହିବା ସମାଜ ଲାଗି କଳଙ୍କିତ । ତା ପୂର୍ବରୁ ଆତ୍ମହତ୍ୟା କରିଦେବା ସବୁଠାରୁ ଶ୍ରେୟସ୍କର । (ପଏଜନ ଶିଶିର ଠିପି ଖୋଲି ପିଇବା ପୂର୍ବରୁ) ପ୍ରଭୁ ! ମୋ ପାପ ପାଇଁ ମୋତେ କ୍ଷମା କରିଦେବ । (ପିଇବା ପାଇଁ ପ୍ରୟାସ ସମୟରେ ଶ୍ରାବଣୀ ଆସି ପଏଜନ ଶିଶି ଛଡ଼ାଇନିଏ)

ଶ୍ରାବଣୀ- ଏ କଣ ହେଉଛି ଅନୁ ?ତୁମେ ବିଷ ପିଉଛ ?

ଅନୁ- ପ୍ଲିଜ ଭାଉଜ ପ୍ଲିଜ ! ମୋତେ ସେ ପଏଜନ ପିଇବାକୁ ଦିଅ ମୁଁ ବଞ୍ଚିବାକୁ ଚାହେଁନା ।

ଶ୍ରାବଣୀ- ଏତେଶୀଘ୍ର ଜୀବନକୁ ହାରିଦେବା ପାଇଁ ମନ ବଳାଇଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେମିତି ?ଏମିତି କରିବାକୁ ତୁମର ସାହାସ ହେଲା କେମିତି ?ଜୀବନ କୌଣସି ଖେଳଘର ନୁହେଁ ଅନୁ ତୁମେ ତାକୁ ଏତେ ଶୀଘ୍ର ଭାଙ୍ଗିଦେବ ।

ଅନୁ- ଆଉ କଣ କରିପାରିଥାନ୍ତି ଭାଉଜ ! ଜୀବନ ଯେତେବେଳେ ନିଜ ପାଇଁ କଷ୍ଟଦାୟକ ହୋଇଯାଏ ସେତେବେଳେ ମଣିଷ ବଞ୍ଚିବାକୁ ଚାହିଁ ମଧ୍ୟ ମୃତ୍ୟୁକୁ ଆଦରି ନେଇଥାଏ ।

ଶ୍ରାବଣୀ- ମୃତ୍ୟୁ ଜୀବନର ଶେଷ ଠିକଣା ସତ ହେଲେ ଆତ୍ମହତ୍ୟା କରିବାକୁ ମୃତ୍ୟୁ କୁହାଯାଏନା ବରଂ ଏକ ଘୋର ଅପରାଧ ଅଟେ ।

ଅନୁ- କଳଙ୍କର ପସରା ମୁଣ୍ଡେଇ ସଢ଼ି ସଢ଼ି ମରିବା ଅପେକ୍ଷା ଆତ୍ମହତ୍ୟା କରି ମରିଯିବା ସବୁଠୁ ଭଲ ।

ଶ୍ରାବଣୀ- କିନ୍ତୁ ଆତ୍ମହତ୍ୟା ଯେ ମହାପାପ ।

ଅନୁ- ମୋ ଚରିତ୍ର ଯେତେବେଳେ ପାପରେ ପିଙ୍କିଳ ହୋଇଯାଇଛି ମହାପାପ କଲେ କ୍ଷତି କଣ ?

ଶ୍ରାବଣୀ- ବନ୍ଦକର ସେ ବାଜେକଥା ।

ଅନୁ- ତୁମ ଧମକ ଚମକରେ ଏବେ ସିନା ନିଜ ଉଦ୍ଦେଶ୍ୟରେ ବନ୍ଦ ହୋଇଯିବି ହେଲେ ମୁଁ ବଞ୍ଚିବାକୁ ଚାହେଁନା ଭାଉଜ । ମୁଁ... ମୁଁ... ମରିବାକୁ ଚାହେଁ, ମୁଁ ମରିବାକୁ ଚାହେଁ । (ପିଲାଙ୍କ ଭଳି କାନ୍ଦିଉଠେ)

ଶ୍ରାବଣୀ- (ଅନୁକୁ କୋଳେଇ ନେଇ) ଛି- ମୋ ସୁନା ଭଉଣୀଟା ପରା, ଏମିତି କେହି କଣ କାନ୍ଦେ । (ଅନୁର ଲୁହ ପୋଛି)ଆଚ୍ଛା କହିଲ ସେ କିଏ ?

ଅନୁ- ନା ମୁଁ କିଛି କହିପାରିବିନି, ମୁଁ କିଛି ଜାଣେନାହିଁ ।

ଶ୍ରାବଣୀ- ମୁଁ ଜାଣେ ଅନୁ ତୁମ ଚରିତ୍ରକୁ ଫେରାଇ ପାରିବି ନାହିଁ । ହେଲେ ତୁମେ ଯଦି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସବୁକିଛି ନ କହିବ ତାହେଲେ ଆମେ ତାର କିଛି କରିପାରିବା ନାହିଁ । ପରିସ୍ଥିତିକୁ ସମାଧାନ କରିବାକୁ ହେଲେ ତୁମକୁ ମୋ ପାଖେ ସବୁକିଛି କହିବାକୁ ହେବ । ସମ୍ବିତ ମଧ୍ୟ ଆଉଟିକେ ପୂର୍ବରୁ ଫୋନ କରି ତୁମ ବିଷୟରେ କହୁଥିଲେ । କୁହ ଅନୁ ଯାହା ତୁମ ସହିତ ଘଟିଛି ସବୁ ମୋତେ ଜଣାଅ ।

ଅନୁ- କଣ ଆଉ କହିବି ଭାଉଜ ! ଅଜାଗା ଘା' କାହାକୁ ଦେଖାଇବି ? ମୋର ସବୁକିଛି ସାରିଯିବା ପରେ ଅଲୋଡା କାହାଣୀ କାହିଁକି ବଖାଣିବି ?

ଶ୍ରାବଣୀ- ତୁମେ ଅଲୋଡା ହୋଇପାର ହେଲେ ତୁମ ଜୀବନ ଅଲୋଡା ନୁହେଁ ଅନୁ । ପ୍ଲିଜ ତୁମେ ଅବାଧ୍ୟ ହୁଅନା କୁହ ତୁମ ସହିତ ଯାହା ଯାହା ଘଟିଛି ସବୁ କହିଦିଅ ।

ଅନୁ- ସେତେବେଳେ ଆମେ ଦୁହେଁ ଏକା କଲେଜରେ ପଢୁଥିଲୁ । କ୍ରମଶଃ ବିକ୍ରମ ମୋତେ ଏଭଳି ବିବିଶ କରି ପକାଇଲା ଯାହାଦ୍ୱାରା ମୁଁ ତାକୁ ଆପଣାର କରିବାକୁ ମନରେ ଅସୁମାରୀ ସ୍ୱପ୍ନ ବୁଣିଲି । ହୁଏତ ମୁଁ ଜାଣିନଥିଲି ସେଇଟା ତାର ଛଳନା ଥିଲା ବୋଲି । ତଥାପି ତା ଛଳନାଭରା ଭଲପାଇବା ପାଖରେ ମୁଁ ହାରିଗଲି । କେମିତି କେଜାଣି ସେ ଲମ୍ପଟ ଜାଲରେ ଫସିଗଲି ଏ ପର୍ଯ୍ୟନ୍ତ ବି ବୁଝିପାରୁ ନାହିଁ । ମୁଁ ଜାଣିନଥିଲି ତା ଅସଲ ପରିଚୟ କଣ ? ସେହିଦିନ ଜାଣିଲି ଯେଉଁଦିନ ସେ ମୋତେ ହୋଟେଲ ଅପ୍ସରାକୁ ନେଇଯାଇ ଥିଲା ।

( ଫ୍ଲାସ ବେକ.....)

(ହୋଟେଲ ଅପ୍ସରା । ନାଚ ଗୀତର ତାଳେ ତାଳେ ଅଶ୍ଳୀଳ ମୁଦ୍ରାରେ ଯୁବକ ଯୁବତୀ ଝୁମୁଥାନ୍ତି । ନବୀନ ଆଢୁଆଳରେ ରହି ସମସ୍ତଙ୍କର ଭିଡିଓ କରୁଥାଏ । ଗୀତ ନାଚ ମଝିରେ ବିକ୍ରମ ଅନୁର ହାତ ଧରି ପ୍ରବେଶ କରେ ।)

ବିକ୍ରମ- ଆସ ଅନୁ, ଦେଖ କେମିତି ସମସ୍ତେ ନାଚ ଗୀତର ତାଳେ ତାଳେ ଝୁମୁଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁ- ଇସ....ଏମାନେ ଏଡ଼େ ଅଭଦ୍ର । ଏମାନଙ୍କର କଣ ମା' ଭଉଣୀ ନାହାନ୍ତି ?

ତୁମେ ମୋତେ କୋଉଠିକୁ ନେଇ ଆସିଲ ବିକ୍ରମ? ଏଇଟା ଆମ ଭଲ ପାଇବାର ପ୍ଲେସ ନୁହେଁ । ଏଇଟା ଗୋଟାଏ କାମନା ଶକ୍ତ ରଙ୍ଗଶାଳା । ଏ ରଙ୍ଗଶାଳାରେ ମୁଁ ଆଉ ମୁହୂର୍ତ୍ତିଟିଏ ରହିବାକୁ ଚାହେଁନା । (ପ୍ରସ୍ଥାନ ଉଦ୍ୟତ ଦ୍ୱାର ପାଖେ ନାଥୁରାମ ଚୁରୁଟ ଟାଣି ଧୂଆଁ ଛଡୁଥାଏ ।)

ନାଥୁ- ଖୁଆଡେ ଝିବ ମଣମୋହିଣୀ ?(ରାସ୍ତା ଅବରୋଧ କରେ)

ଅନୁ- (ଶଙ୍କିତ ହୋଇ) କିଏ...କିଏ ତୁମେ ?

ନାଥୁ- ଆଇ ଆମ ନାଠୁରାମ । ତୋ ଜବାଣୀରେ ମୁଁ ଆଜି ମନଭଡି ଖେଲିବି ।

ଅନୁ-ହ୍ୱାଟ ନନସେନ୍ସ ? ବିକ୍ରମ ! ଆରେ ତୁମେ କିଛି କହୁନାହଁ କାହିଁକି ? ଏମିତି ଚୁପଚାପ ଛିଡା ହେଲ କଣାପାଇଁ ?

ବିକ୍ରମ- (ହସ)ମୋତେ ଚିହ୍ନିବା ତୁମର ଭୁଲ ହୋଇଛି ଅନୁଶ୍ରୀ ଚୌଧୁରୀ । ମୁଁ ସେ ନୁହେଁ ଯାହାକୁ ତୁମେ ମନ ପ୍ରାଣ ଦେଇ ଭଲ ପାଉଥିଲ । ମୁଁ ସିଏ ଯିଏ ତୁମକୁ ଆଜି ଏଠିକୁ ନେଇ ଆସିଛି ତୁମ ନଗ୍ନତାରେ ମନଭରି ଖେଳିବାପାଇଁ ।

ଅନୁ- ମିଛ ! ତୁମେ ମିଛ କହୁଛ ବିକ୍ରମ ! ତୁମେ କେବେ ତୁମ ଅନୁକୁ ଏଭଳି ସ୍ଥିତିରୁ ପରିସ୍ଥିତି ସୃଷ୍ଟି କରି ନପାର ।

ବିକ୍ରମ- ମୁଁ ନାଚାର ଅନୁ ଡାର୍ଲିଙ୍ଗ । ମୋର ଦରକାର ଅମାପ ଟଙ୍କା । ଆଉ ସେଥିପାଇଁ ଆଜି ମୋ ଭଲପାଇବାକୁ ବଳି ଦେବାକୁ ହେବ ।

ଅନୁ- ଛଳନାର ମୁଖା ପିନ୍ଧି ତୁମେ ତାହେଲେ ମୋ ସହିତ ଏମିତି ଅଭିନୟ କରି ଚାଲିଥିଲ ? ମୁଁ କେବେ କଳ୍ପନା କରି ନଥିଲି ଆମ ଭଲପାଇବା ଏମିତି ଦିନେ କଳୁଷିତର ରୂପ ନେବ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାଥୁ- ଲେଟ ଇଟ, ବି ବାୟ ଗନ, ଲେଟ ବାୟ ଗନ । ତାଡ଼ ମନି ଦଡ଼କାଡ଼ ଆମର ଜବାଣୀ ଦରକାର ।

ଅନୁ- ମୋ ଯୌବନ ତମ ବାପ ସମ୍ପତ୍ତି ନୁହେଁ ଏତେଶୀଘ୍ର ଉତ୍ତରାଧିକାରୀ ହୋଇଯିବ ।

ନାଥୁ- ହ୍ୱାଟ ଇଉ ଟକିଙ୍ଗ ? ଆଇ ନୋ ଇଉ ଆର ଭେରୀ ଭେରୀ ଚାରମିଙ୍ଗ ଲେଡି । ଟୁ ଡେ ଆଇ ଆମ ଇଟିଙ୍ଗ ଇଉ ।(ଧରିବାକୁ ଆଗାଏ)

ଅନୁ- (ଭୟରେ ବିକ୍ରମକୁ ଜଡାଇ ଧରି)ବିକ୍ରମ ପ୍ଲିଜ ମୋତେ ବଞ୍ଚାଅ..ଏଇଯେ ସେ ଦାନବ ପରି ମୋ ନିକଟକୁ ମାଡି ଆସୁଛି । ବିକ୍ରମ ପ୍ଲିଜ ମୋତେ ବଞ୍ଚାଅ ମୋତେ ବଞ୍ଚାଅ.... ।

ନାଥୁ- ଆଇ ଆମ ନାଠୁରାମ । ମୋ ହଣ୍ଟିଙ୍ଗ ପଞ୍ଝା ଭିତଡକୁ ଯିଏ ଆଛେ ମୁଁ ଟା ସହିଟ ବହୁଟ ପ୍ଲେ କଡେ । ଆଛ ଆଛ ମାଣମୋହିଣୀ ।(ଧରିବାକୁ ଆଗଉଥାଏ)

ବିକ୍ରମ- ଆରେ ଯାଅ ଅନୁ ଡାର୍ଲିଙ୍ଗ ଭୟ କରୁଛ କଣାପାଇଁ ? ମୁଁ ଅଛି କିଛି ହେବନି । ବସ ତୁମ ସହିତ ଖାଲି ଖେଳିବେ ତାପରେ ତୁମେ ଖଲାସ ମୁଁ ମଲେମାଲ ।

ଅନୁ- ଇଉ ସ୍କାଉଣ୍ଡ୍ରାଲ, ରାସ୍କେଲ, ଇଡ଼ିଅଟ (ପ୍ରତିଟି ଶବ୍ଦରେ ବିକ୍ରମକୁ ଚାପୁଡ଼େ ଚାପୁଡ଼େ ପିଟୁଥାଏ)

ବିକ୍ରମ- (ଅନୁର ହାତ ଧରିନେଇ)ବହୁତ ହୋଇଗଲା ।ଶାଳୀ ମୋ ଗାଲରେ ଥପଡ଼ ମାରିବୁ ନୁହେଁ, ଯାଆ(ନାଥୁରାମ ପାଖକୁ ପେଲିଦିଏ)ଏଥର କେତେ ଥପଡ଼ ମାରିବୁ ମୁଁ ଦେଖିବି ।

ନାଥୁ- (ଅନୁକୁ ଧରି ହସିଉଠେ)

ଅନୁ- ପ୍ଲିଜ ମୋତେ ଛାଡିଦିଅ, ମୋତେ ଛାଡିଦିଅ ।

(ନାଥୁରାମ ପକେଟରୁ କ୍ଲୋରଫମ ରୁମାଲ ବାହାର କରି ଅନୁକୁ ଶୁଂଘାଇଦିଏ । ଅନୁର ଅଚେତ ଅବସ୍ଥାରେ ନାଥୁ ତା ଶରୀରରୁ ଡ୍ରେସ ଖୋଲୁଥିବା ସମୟରେ .....(ଅନ୍ଧାର)

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

(ପୁନଃ ଆଲୋକିତ ହେବାରେ ଅନୁ ଓ ଶ୍ରାବଣୀ ପୂର୍ବ ସ୍ଥାନରେ ଛିଡା ହୋଇଥାନ୍ତି ।)

ଶ୍ରାବଣୀ- ତା..ପ..ରେ... ?

ଅନୁ- ମୋର ସେନ୍‌ସ ଆସିବା ପରେ ବିକ୍ରମ ଓ ନାଥୁରାମ ପ୍ରତି ତୀବ୍ର ପ୍ରତିଶୋଧ ନେବା ଲାଗି ଧାଇଁଯାଇଥିଲି । ହେଲେ ମୁଁ ହାରିଗଲି ଭାଉଜ ମୁଁ ସଂପୂର୍ଣ୍ଣ ହାରିଗଲି । ବିକ୍ରମ ମୋ ଅଶ୍ଳୀଳ ଫୋଟକୁ ଦେଖାଇ ବାରମ୍ବାର ବ୍ଲାକ ମେଲ କରି ଚାଲିଛି ।

ଶ୍ରାବଣୀ- ତୁମେ ଜମା ବ୍ୟସ୍ତ ହୁଅନା ଅନୁ, ସବୁ କଥା ମୁଁ ଶୁଣିଲି ଏଥର ଦେଖ ସମୟର ଚକ କେମିତି ଘୁରୁଛି । ବିକ୍ରମକୁ ଯଦି ମୁଁ ତୁମ ଗୋଡ଼ ତଳକୁ ନ ଆଣିଛି ତାହେଲେ ଜାଣିବ ମୁଁ ତୁମ ଭାଉଜ ନୁହେଁ ।

(ମଞ୍ଚ ଅନ୍ଧାର)

କ୍ରମଶଃ........

email- dwibedysudhansu@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ଦ୍ୱିତୀୟ  ଅଧ୍ୟାୟ (ଭାଗ "୭")

ଅବାନ୍ତର କଥା ଦ୍ୱିତୀୟ ତା ମାତା
କିଏ ସିଏ ଏ ଅଜଣା,
ଅତି ଆଦରର ମାତା ତାର ପାଖେ
କି କରି ଅନ୍ୟଟି ଅଣା  ।
ଅଜ୍ଞାତେ ତାଙ୍କର ଡାହାଣ ଯେ କର
ଓଳଟି ଛୁଇଁଲା ତାକୁ,
ଅଙ୍ଗେଅଙ୍ଗେ ପୁଣି ବଦଳିଆ ଜାଣି
ଲୋମଷ ପ୍ରିୟ ପ୍ରାଣୀକୁ  ।
ଅଧସ୍ତନ ସିଏ ସଦାବେଳେ ଥାଏ
କବିତା ପାଖରେ ଭାବି,
ଅଦ୍ୟାପି କେବଳ ଏ କବି ପାଗଳ
କବିତା ସଂଗ ଅଭାବି  ।
ଅଦେୟ କହୁଛି ଦୂରରେ ରହୁଛି
ସ୍ୱର୍ଶ ମାତ୍ର ଦୂର କଥା,
ଅଙ୍ଗୁଳି ତାହାର ଛୁଏଁନି ଶରୀର
ଅଜ୍ଞାତ ଜ୍ଞାତରେ ଯଥା  ।
ଅଧିକାର ହାରି ବାଳାକୁ ଯେପରି
ମୃତ ଦେଖିଛି ଯେ ଦିନ,
ଅଦ୍ୟାପି କେବଳ ପାଖେଥାଇ ଦୂର
ଦୁଇଟି କୂଟିରେ ପ୍ରାଣ  ।
ଅଧର୍ଯ୍ୟ ନହୋଇ ପାଖେ ତାର ଥାଇ
ଚାହିଁଛି ଦେଖୁଛି ମୁଖ,
ଅଶ୍ରୁଳ ଲୋଚନ ପୁରି ରହେ ଜାଣ
ଅନ୍ତରେ ଅନନ୍ତ ଦୁଃଖ  ।
ଅନଘ ତାହାର ହୃଦୟ ଅନ୍ତର
ବାଳା ପାଇଁ ରହେ ଭାଲି,
ଅକର୍ମଣ୍ୟ ନୋହି ରହେ ବନେ ଆଜି
କର୍ତ୍ତବ୍ୟ ବ୍ରତୀ ସେ ଖାଲି  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଶନ ବ୍ୟବସ୍ଥା ସାଥେ ବସ୍ତ୍ରବୁଣା

କର୍ତ୍ତବ୍ୟ ତାହାର ଖାଲି,

ଅରଣ୍ୟେ କେବଳ ସ୍ନାନରେ ଚଂଚଳ

ଫେରଇ ସିଂହକୁ ତୋଳି ।

ଅସୁବିଧା କିଛି ତାଙ୍କର ନୋହିଛି

ଏମିତି ସୁଖ ସଂସାର,

ଅନ୍ତରେ ଏମନ୍ତ ଭାବନାରେ ଶାନ୍ତ

କବିଙ୍କୁ କୋଟି ଜୁହାର ।

ଅନ୍ୟ କେତେ ଦ୍ୱନ୍ଦ୍ୱେ କବି ପୁଣି ଚାହିଁ

ନିଶିରେ ଶୋଇଲେ ଶେଷେ,

ଅରଣ୍ୟ ମଧ୍ୟରେ କୁଟିର ଭିତରେ

ସାହିତ୍ୟ ଜଙ୍ଗଲ ଦେଶେ ।

(କ୍ରମଶଃ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଲଟ ବୃକ୍ଷ



ଶିବ ନାରାୟଣ ଦାଶ

ସରଗୁ ଖସିଲା ମୁକୁତାଟିଏଲୋ ସାଗରେ ମିଶିଲା ଯାଇ,
ମନରୁ ଉଜଳି ଉଲକାଟେ ପୁଣି ହୃଦୟେ ହଜିଲା କାହିଁ ।
ସାଗରେ ଖୋଜିଲି, ହୃଦୟେ ମଜିଲି, କିଛିତ ପାଇଲି ନାହିଁ,
ପାଇଲି ଯାହାକୁ, ଖୋଜିନି ତାହାକୁ କେଉଁଦିନ ଅବା ମୁହିଁ ।

ସେ ଯେ ଗଣ୍ଠିଧନ, ଅମୂଲ୍ୟ ରତନ ଅନ୍ତରେ ରହିଛି ଚେଇଁ,
ମାୟା-ମୋହ ଭରା ଜୀବନ ଖେଳରେ ଧରାଛୁଆଁ ଦିଏ ନାହିଁ ।
ଧରିବାକୁ ତାକୁ ବଢ଼ାଇଲେ ହାତ ଘୁଂଚି ଘୁଂଚି ସିଏ ଯାଏ,
ଦୁଃଖ-ସୁଖ ଭରା ଲୁଚକାଳି ଖେଳି ଭ୍ରମରେ ପକାଇଥାଏ ।
ସେ ଯେ ମାଣିକ୍ୟ-ପସରା ମୂଲ,
ଭାବକୁ ନିକଟ ଅଭାବକୁ ଦୂର କୈବଲ୍ୟ-କଣିକା ତୁଲ ।

ସାରୁ ଗଛ ମୂଳେ ବେଙ୍ଗୁଲିଟି ବସି ଧରାକୁ ମଣୁଛି ସରା,
ବରଷା ପାଣିରେ ଦୁନିଆ ଭାସିଲେ କିବା ଆସେ ଯାଏ ପରା ।
ବେଙ୍ଗୁଲି ଡାକୁଛି ବେଙ୍ଗକୁ ଆଦରି ସାରୁ ପତରର ତଳେ,
ଆପଣାକୁ ଭୁଲି ଜୀବନ ବଞ୍ଚିଲେ ମାୟା-ମୋହ ଯେତେ ଢ଼ଳେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ମାୟା ପରଶ ଜୀବକୁ ବାନ୍ଧଇ ଅଠା-କାଠି ବସାଘରେ,
ସଂସାର ମୋହରେ ଭୁଲାଇ ତାହାକୁ ପରମଠୁ ଦୂର କରେ ।
ଘର ଭାଙ୍ଗି ଦିନେ ପକ୍ଷୀ ଉଡ଼ିଯାଏ ସରାଗ ଯତନ ଭୁଲି,
ବେଙ୍ଗ-ବେଙ୍ଗୁଲିର ଜୀବନ ଆମରି ଚାଲିଥାଏ ହସି ଖେଳି ।

ଆମ୍ବ ଗଛେ ଦେଖ ଆମ୍ବଡା ଫଳିଛି ମହୁ ପାଲଟିଛି ନିମ୍ବ,
ପଘା ଛଡା ହୋଇ ବାଛୁରୀ ଧାଉଁଛି ଗାଇ ଯେ ପନହାଏ ଦୁଧ ।
ମିରିଗ ଧାଉଁଛି ବାଘ ପଛେ ପଛେ ବେଙ୍ଗ ଗିଳୁଅଛି ସାପ,
ଓଲଟ ବୃକ୍ଷରେ ଘୁଣ ଧରିଲାଣି ପାରା ହୁଏ ଛଟପଟ ।

ପଞ୍ଜୁରୀ ଆଦରି ଖେଳା କରେ ପାରା ଜନମ ଜନମ ଧରି,
ମିଛ-ମାୟା ଖେଳେ ମନ ଯେ ଭୁଲଇ ପଞ୍ଜୁରୀକୁ ସତ ମଣି ।
ସେ ପାରା ଉଡାଇ କୋଟିଏ ଯୋଜନ ଡେଣା ନାହିଁ ପୁଣି ତା'ର,
ଦେହ-ଦେଉଳରେ ବନ୍ଧା ପଡ଼ିଅଛି ଶୂନ୍ୟଦେହୀ କରେ ଘର ।

ବିଷଧର ସର୍ପ ଓଲଟି ଶୋଇଛି ଠିଆ-ମଣିଖମ୍ବ ମୂଳେ,
କୁଣ୍ଡଳୀ ମାରି ସେ ମୂଳାଧାର ତଳେ ସଂସାରର ବିଷ ଘୋଳେ ।
ଅନାହତ ପଦ୍ମ ପଡିଛି ଝାଉଁଳି ପଙ୍କରେ ଲୋଟୁଛି ଦେଖ,
ଘର ବୁଡି ପାଣି ଆଣ୍ଠୁଏ ହେଲାଣି ମାଛ ଖାଉଅଛି ବଗ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇଡା, ପିଙ୍ଗଳାରେ ପ୍ରାଣକୁ ସାଧିଲେ ସୁଷୁମ୍ନା ଜାଗଇ ପରା,
କୁଳ-କୁଣ୍ଡଳିନୀ ସର୍ପ ଯେ ଉଠଇ ଉର୍ଦ୍ଧ୍ୱଗତି କରି ତ୍ୱରା ।
ଅମୃତ ଝରଇ ଷଡ଼ଚକ୍ର ଭେଦି ପଦୁଅଁ ଫୁଟଇ ହୃଦେ,
ବ୍ରହ୍ମରନ୍ଧ୍ର ଭେଦି ସହସ୍ର କମଳେ ମାୟା-ମୋହ ଯେତେ ତୁଟେ ।

ମେଘ ବରଷିଲା ଟୁପୁରୁ ଟୁପୁରୁ କେଶୁର ମାଇଲା ଗଜା,
ରଜା-ରାଣୀ ଖେଳି ତେଲିଙ୍ଗି ବାଇଦେ ଦୁନିଆ କରୁଛି ମଜା ।
ଟୁଇଁ ଢ଼ାଳୁଅଛି ଚକୁଳି ପିଠଉ ଟୁଆଁ ଖାଉଅଛି ପିଠା,
ବହଳ ଆଖିରେ ପରଳ ପଡିଛି ସଂସାର ଲାଗଇ ମିଠା ।

ହୃଦ-ରତ୍ନମାଳୀ ଜୀବନ-ସଙ୍ଗାଳି ପରାଣ-ପିତୁଳା ଧନ,
ଅଲୋଡ଼ା ପଡିଛି ଛେଚା-ପିଟା ଘରେ କୁଆ ଖାଉଥାଏ ଧାନ ।
ଗୁମୁରି କାନ୍ଦଇ ନୟନର ମଣି ଭାଙ୍ଗିଲାଣି ଘର ଛାତ,
ଜାଉଁଳି ବନ୍ଧକୁ ଉଇ ଖାଇଲେଣି ବିଲୁଆ କରୁଛି ନାଟ ।

ଶୁଆ ସାରୀ ଦୁହେଁ ସାଙ୍ଗ ହୋଇଛନ୍ତି ତରୁ ଡାଳେ ବସି ରହି,
ଶୁଆ ଖାଉଥାଏ ବାରମାସୀ ଫଳ, ସାରୀ ରହିଥାଏ ଚାହିଁ ।
ଦୁଃଖ ସୁଖ ଫଳ ଭୁଞ୍ଜୁଥାଇ ଶୁଆ ଆପଣ କରମ ଲେଖି,
ଅକର୍ତ୍ତା, ନିର୍ଲିପ୍ତ, ଉଦାସୀ ନୟନେ ସାରୀ ହୁଏ ଖାଲି ସାକ୍ଷୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜ ଭାବ ଭୁଲି ଶୁଆ ଯେବେ ଥରେ ସାରୀକୁ ପାରଇ ଜାଣି,
ରୁନ୍ଧି ନବଦ୍ୱାର ଉଆସ-ଫାଟକ ସାରୀ ହୁଏ ରାଜ-ରାଣୀ ।
ଭେଳିକି ଭାଙ୍ଗଇ ଓଲଟା ଆଖିର ଘରଣୀ କିଳିଛି ଦ୍ୱାର,
ମନୁଆ ଚାକର ସେବା ଖଟିଲାଣି ଆପଣା ଲାଗଇ ପର ।

ଆକାଶେ ଉଇଁଲା ସୂରୁଜଟାଏ ଲୋ ସରଗେ ରୋଷଣୀ ଜାଳି,
ଆଉ ଯେତେ ଥିଲେ ଆଲୁଅ ହାବୁକା କୁଆଡେ ଗଲେଣି ଢଳି ।
ମନର ଦୀପାଳି ଲିଭିଗଲେ ସିନା ହୃଦୟର ଦୀପ ଜଳେ,
ସବୁ ଚାହିଁବାକୁ ନ ଚାହିଁ ପାରିଲେ ରାଜପଦ ପୁଣି ମିଳେ ।


ଚିହ୍ନା  ଚିହ୍ନା ମୁହଁ ଯେତେ ଯିଏ ଥିଲେ ହଜିତ ଗଲେଣି କାହିଁ,
ଅଚିହ୍ନା ମୁହଁଟି କଳାମାଣିକର ଦିଶୁଥାଏ ରହି ରହି ।
ହୀରା, ନୀଳା, ମୋତି ସାଉଁଟି ବସିଲେ କିଛି ତ ମିଳଇ ନାହିଁ,
ଅସାଉଁଟା ଧନ ହାତ ପାହାନ୍ତାରେ ଆତୁରେ ରହିଛି ଚାହିଁ ।

ଅବସରପ୍ରାପ୍ତ ମହା ପ୍ରବନ୍ଧକ (ବିତ୍ତ)
ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍ - ନୂଆ ଦିଲ୍ଲୀ
ଇମେଲ୍ : dasshibanarayan61@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୂନ୍ୟତାର ସ୍ୱରୂପ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

(୧)

ଶୂନ୍ୟତାକୁ ସାଉଁଟିବାକୁ ମୁଁ
ହାତ ବଢ଼ାଇଲି, ମୋ' ଜୀବନ ବଳୟରେ
ଅସୀମ ଶୂନ୍ୟତା ଯେଉଁ କାୟା ମେଲିଥିଲା
ହୃଦୟର ଅଭ୍ୟନ୍ତରେ, ପୁଣି
ପୁରିଥିଲା ଅନନ୍ତ ଶୂନ୍ୟତା ବିଶ୍ୱଚରାଚରେ ।

ସୃଷ୍ଟିର ସମ୍ଭବ ଯେଣୁ ଅଣାକାର
ଶୂନ୍ୟର ଗରଭୁ, ବିବର୍ତ୍ତନ ରହସ୍ୟର
ଆଦିପର୍ବ, ଜଠରେ ବହନ କରି
ଉତ୍ତରଣ ଅସୀମ ଆସ୍ପୃହା
ଜୀବନ ଲାସ୍ୟର, ବିଲୟର ଗର୍ଭୁ ବିକାଶର ।

ଶୂନ୍ୟର ସାକାରତାରେ ଏତେ ରୂପ
ହୋଇପାରେ ! ଏତେ ବର୍ଣ୍ଣ ବିଚିତ୍ର
ବୈଭବ
ସୃଜନର ବିପୁଳ ସମ୍ଭାର ଶ୍ରୀମଣ୍ଡିତ
ଅରୂପର ରୂପ ଅଭିନବ -
ଚିରନ୍ତନ ଭବ୍ୟ ।

କେତେ ସମାରୋହ ପୁଣି ଜୀବନର
ସମାବେଶେ, ବୃକ୍ଷଲତା
ସରୀସୃପ କେତେ ପଶୁପକ୍ଷୀ,
ଦୁର୍ଲଭ ମନୁଷ୍ୟଜନ୍ମ ଜାଗ୍ରତ ଆତ୍ମାର
ଜଗତରେ ଭାଗବତ ସାକ୍ଷୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

(୨)

ଚେତନାର ଉତ୍ତରଣ ମନୋଜ୍ଞ ପ୍ରକାଶ
ମହାଭୂତ ମନୁଷ୍ୟର ସ୍ଥିର ଚିର କାମ୍ୟ
ହେବାପାଇଁ ମିଳିତ ସେ ମହାଚେତନାରେ,
ଆଣିବାକୁ ଜଗତରେ ଚିଦାନନ୍ଦ ସାମ୍ୟ ।
ଅଭିବ୍ୟକ୍ତ ହେବାପାଇଁ ପରମପୁରୁଷ
ଏ ଭବର ଦିବ୍ୟ ରୂପାୟନେ
ରହିଛନ୍ତି ଚାହିଁ, କିନ୍ତୁ ସୃଷ୍ଟିର ବୈକଲ୍ୟ
ପାଶୋରି ଦେଇଛି ତାଙ୍କୁ ଅତି ସଂଗୋପନେ ।

ବିକାଶର ପଥେ ମନୁଷ୍ୟହୃଦୟେ
ଦିବ୍ୟଜ୍ଞାନ ପ୍ରୋଥିତ ରହିଛି
କିନ୍ତୁ ସେ ଯେ ସର୍ବଦା ପ୍ରଲୁବ୍ଧ
ଅବିଦ୍ୟାର ପରିଚର୍ଯ୍ୟାପାଇଁ,
ଅଳୀକ କାମନା ଲିପ୍ସା କରେ ତାକୁ କ୍ଷୁବ୍ଧ ।

ମଣିଷ ଦେଖିଛି କେତେ
ସୁଖର ସପନ ଭୋଗବିଳାସର
ପତ୍ନୀ ପୁତ୍ର କନ୍ୟା, ଧନଧାନ୍ୟ,
ପରିପୂର୍ଣ୍ଣ ପ୍ରାଚୁର୍ଯ୍ୟର ବନ୍ୟା,
ସୁଖପାଇଁ ସବୁ ବିଡମ୍ବନା, ସବୁ ବିନଶ୍ୱର ।

ବିଭୁପ୍ରେମ କି ପରମ ସୁଖ ପୁଣି
ମହାନନ୍ଦମୟ ଜଗତରେ,
ଚେତନା ଚୈତନ୍ୟରୂପେ ସେ ଯେ ବିଭାସିତ
ସଦାପରିପୂର୍ଣ୍ଣ ଶୂନ୍ୟ ହୃଦୟ ମନ୍ଦିରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(୩)

ଆବାହନକରି ସେହି ସ୍ୱରୂପ ଶୂନ୍ୟତା
ସମର୍ପଣ କଲେ ପୂର୍ଣ୍ଣ ଦେହ ପ୍ରାଣ ମନ
ବିରାଜିବେ ଶୂନ୍ୟମନ୍ଦିରରେ
ଜ୍ୟୋତିର୍ମୟୀ ଭଗବତୀ ଶକ୍ତି ସ୍ୱରୂପିଣୀ,
ସ୍ୱୟଂ ସଚ୍ଚିଦାନନ୍ଦମୟ ଭଗବାନ ।
ସେ ଦୁର୍ଜୟ ଅନନ୍ତ ସ୍ୱରୂପ
ଭକତିର ଡୋରେ କିନ୍ତୁ ବନ୍ଧା ଚିରଦିନ ।

ଜୀବନପାତ୍ର ମୋ' ଖାଲି, -
ଶୂନ୍ୟତାକୁ ଡେଣାମେଲି ଉଡିଯିବି
ତେବେ, ପୂର୍ଣ୍ଣତାକୁ ସାଉଁଟିବି
ଭରିବି ମୋ' ଚୈତନ୍ୟ ମୁଣିରେ,
ଭେଟିବିକି ତୁମକୁ ହେ ପ୍ରଭୁ କେଉଁଦିନ
ଉଡିଯାଉ ଯାଉ କେଉଁଠାରେ !
ମୋ' ଅନ୍ତରେ ଅଥବା ବାହାରେ
ମୋ' ଜୀବନ ଶୂନ୍ୟବଳୟରେ !

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବି



ଡା ନୀଳମାଧବ କର

୧

ଚିହ୍ନିବ କି ଥରେ ତୁମେ, ଜାଣିବାର ସୁଯୋଗ ନେବ କି

ସେ କାହିଁକି ତୁମ ଆଗେ ଛଳନା କରୁଛି

ମିଛ ମିଛ ଶବ୍ଦ ଯୋଡ଼ି,

ଅବୋଧ୍ୟ ଧାଡ଼ିରେ ଏଠି କବିତା ଲେଖୁଛି

୨

ସେ କିଆଁ ବରଷାରେ ଭିଜି,

ବନଗିରି, ଆକାଶରେ ନିଜକୁ ହଜେଇ

ବେଳେବେଳେ ଜୀବନର ଗଣ ଦଉଡ଼ରୁ ନିଜକୁ ପଛକୁ କରି

ତମ ପ୍ରେମ ପାଇଁ ଖୋରାକ ଖୋଜୁଛି, ଏଠି ସେଠି

ଦିନ ଦିପହରେ, ସମସ୍ତଙ୍କ ସାମନାରେ କିମିଆଁ କରୁଛି

୩

ତମରି ପ୍ରେମିକା ଠାରୁ ହସ ଧାରେ ପାଇଁ

ତମେ ଗାଅ ତା କବିତା ସ୍ୱରତନ୍ତ୍ରୀ ଥରେଇ ଥରେଇ

ସେ କିନ୍ତୁ କବିଟିଏ ବୋଲି ସତେ କଣ

ତା ପ୍ରେମିକା, ପ୍ରେମ ନୁହେଁ, ଦୟା ଯାଚୁଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୪

ତେବେ ବି ବୁଝ କି ତମେ କବିଟିକୁ

ଯିଏ ନିଜ ସ୍ୱପ୍ନକୁ ଆଡ଼େଇ

ତମ ପାଇଁ ସ୍ୱପ୍ନ ଦେଖେ ରାତି ରାତି ନିଦ ଭଡ଼ା ନେଇ

୫

ଭାଙ୍ଗିରୁଜି ଯିବାବେଳେ ବିଷୟ ପନ୍ଥାରେ

ନିଜକୁ ହଜାଏ ସିଏ ଗଢିବାରେ ଅଟ୍ଟାଳିକା ତୁମରି ସ୍ୱପ୍ନର

ତମ ପାଇଁ ଜିଇଁବାର ରାହା ଖୋଜି ଦେଇ

ନିଜ ପାଇଁ କିଆଁ ସିଏ ରାସ୍ତା ଭୁଲି ଯାଏ

୬

ନିଜ ରକ୍ତ ପାଣିଚିଆ କରି, ଭୋକିଲା ପେଟରେ

ସେ କିଆଁ ଖୋଜୁଛି କହ, ନିଜକୁ ଉପେକ୍ଷା କରି

ତୁମ ପାଇଁ ବୀର ରସ - ରଣର ଦୁନ୍ଦୁଭି

ଜୀବନର ଉଠାପକା ଅସରନ୍ତି ମରୁଭୂମି ପରେ

ସେ କିଆଁ ସ୍ୱପ୍ନ ଦେଖେ ସବୁଜ ରଙ୍ଗରେ

ତମ ଚାରିଆଡେ, ନିଜ ପାଇଁ ଖଞ୍ଜି ନେଇ ଧୂସର ପ୍ରାନ୍ତର

୭

ଦଳିତର ବରଫ ରକ୍ତରେ ସିଏ ଯେବେ ଜୁଆରର ସ୍ୱପ୍ନ ଦେଖେ

ତା ପାଇଁ ଲୋଡ଼ାହୁଏ ଶାଣଦିଆ ବାୟୋନେଟ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶବ ତାର ବୋହି ନେବାବେଳେ ଦଳିତର ନେତା ତମେ

ତା ଗୀତରେ ସୁର ଦେଇ ଫୁଲମାଳ ବେକରେ ଝୁଲାଅ

୮

ଦୁଃଖ ତାର ଭାଗ କରିବାକୁ ତମ ସାଥେ

ଚାହିଁନି ତ ସେ ଆଜି ଯାଏ - ସୁଖ ତ ବିପୁଳ ତାର

ଅବଣ୍ଟା ପଡ଼ିଛି - ଯୁଗ ଯୁଗ ଧରି,

ତମ ଗହଣରେ ସୁଖକୁ ବାଣ୍ଟିବ ବୋଲି,

ଏବେ ବି ସେ ସାଥିଟେ ଖୋଜୁଛି - ତା ଆଗରେ କିନ୍ତୁ

ତମ ମୁହଁ ପାଣିଚିଆ, ଉଦାସ ଦିଶୁଛି

୯

ଅନ୍ଧାରିଆ ତମ ହୃଦୟରେ, କି ରଙ୍ଗ ବୋଳିବ ସିଏ

କି ଗୀତ ଗାଇବ କହ, ସତେ ତମ ହୃଦୟ ନାଚିବ

ବୁଝ କି ନ ବୁଝ ତମେ, କବିଟିକୁ, ତା ଲେଖନୀକୁ

ବରଂ ତା ହୃଦୟଟା ସେଇମିତି ଲୁଚି ଛପି ଯିବ

ଜିଅନ୍ତା କବର ନେବ, ନିଦାରୁଣ ପଥର ପଛରେ

୧୦

ତଥାପି କବର ତଳୁ ତା ସ୍ପନ୍ଦନ, ତୁମକୁ ଶୁଭିବ

ସେ ଯେ ଗାଇବ ଗୀତ ଅଜଣା ସୁରର

ବୁଝ କି ନ ବୁଝ ତମେ, ସେ ସୁରରେ ତମେ ନାଚୁଥିବ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଥଶ୍ରାନ୍ତ, ତମ ଜୀବନର ଦିନସବୁ

ସହଜ ସରଳ ହେବ ତା ଗୀତରେ

ମନ ତୁମ ମତୁଆଲା ହେବ

୧୧

ହେଲେ ଅଚିହ୍ନା ସେ କବିର ହୃଦୟକୁ

ପାରିବକି ଚିହ୍ନି ତମେ, ଅଧା ଖରା ଅଧା ଛାଇ ପଥର ଗୁମ୍ଫାରୁ

ହୃଦୟଟା ସ୍ଥିର ହୋଇଗଲେ

ସ୍ପନ୍ଦନ ସବୁ ହଜିଗଲା ପରେ

ଅବା ତୁମ ଖିଆଲରେ ଅବୁଝା କବିତା

କେବେ କେବେ ଶବ ପାଲଟିଲେ,

ଚିହ୍ନିବ କି ତମେ ତାରେ ? ?

ଓଲଭରହାମ୍ପଟନ, ୟୁକେ

nmadhab@yahoo.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବର୍ଣ୍ଣବୋଧରେ ନୀତିଶିକ୍ଷା



ଅମରନାଥ ବାରିକ

ଅ ଅଳସୁଆ ହେବ ନାହିଁ ଜୀବନେ
ଆ ଆଦର କରିବେ ତୁମକୁ ଜନେ ।
ଇ ଇହଧାମେ ନିତି ପୂଜି ଶାରଦା
ଈ ଈଶ୍ୱରଙ୍କୁ ଭକ୍ତି କରିବ ସଦା ।
ଉ ଉଠିବ ଶେଯରୁ ଯେତେ ସଅଳ
ଊ ଊଣା ହେବ ନାହିଁ ଆୟୁଷ ଫଳ ।
ଋ ଋଣ ନେବ ନାହିଁ କେବେ ଜୀବନେ
ୠ ୠଷି ମୁନୀ ଲେଖିଛନ୍ତି ପୁରାଣେ ।
ଏ ଏମିତି ଜୀବନଚର୍ଯ୍ୟା ପାଳିଲେ
ଐ ଐଶ୍ୱର୍ଯ୍ୟ ଲଭିବ ନିଶ୍ଚୟ ପିଲେ ।
ଓ ଓଁକାର ଶବଦ ଜପିବ ନିତି
ଔ ଔଷଧ ପ୍ରମାଣେ ଜଗତ ଜିତି ।

କ କଥା କହୁଥିବ ମଧୁର ସ୍ୱରେ
ଖ ଖଳ ପ୍ରକୃତିରୁ ରହିବ ଦୂରେ ।
ଗ ଗଗନ ସଦୃଶ ହୁଅ ନିର୍ମଳ
ଘ ଘେନ ରାମ କୃଷ୍ଣ ନାମ ଯୁଗଳ ।
ଙ ଡର ରଖିଥିବ ପାପ କର୍ମକୁ
ଚ ଚଳିବ ତେବେଟି ସ୍ୱର୍ଗ ଧାମକୁ ।
ଛ ଛଳନା ନକଲେ କାହା ସାଥିରେ
ଜ ଜାଗା ମିଳିଯିବ ବୈକୁଣ୍ଠପୁରେ ।
ଝ ଝଗଡ଼ା ଝାମେଲା ନକଲେ କେବେ
ଞ ଜ୍ଞାନୀ ବୋଲି ଜନ ନିଶ୍ଚେ କହିବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟ  ଟଙ୍କା ଗଣି କାରବାର କରିବ
ଠ  ଠକାମି ଗୁଣ ବର୍ଜନ କରିବ ।
ଡ଼  ଡମ୍ବରୁଧର ସେହି ବାବା ଭୋଳା
ଢ଼  ଢାଲ ପିନ୍ଧି କରନ୍ତି ଲୀଳାଖେଳା ।
ଣ  ନଇଁଥିଲେ ତାଙ୍କ ପାଦରେ ମଥା
ତ  ତହିଁରୁ ହୋଇବ ଜଗତଜିତା ।
ଥ  ଥକାମନ ଥରେ ଭଜ ତାହାଙ୍କୁ
ଦ  ଦରଶନ କର ମହାଦେବଙ୍କୁ ।
ଧ  ଧନ ଅରଜନ ଲୋଭରେ ରହି
ନ  ନକହିବ ମିଥ୍ୟା କଥାଟି କେହି ।
ପ  ପାପ ଛାଡ଼ି ତୁମେ କର ଧରମ
ଫ  ଫାସରେ ନହେଲେ ବାନ୍ଧିବ ଯମ ।
ବ  ବଣ ଜଙ୍ଗଲକୁ କାଟିବ ନାହିଁ
ଭ  ଭରପୁର ଚାରା ରୋପିବ ନେଇ ।
ମ  ମନକୁ ନିଶ୍ଚଳ ରଖିବା ପାଇଁ
ଯ  ଯିବ କସରତେ ସକାଳୁ ଧାଇଁ ।
ର  ରହିବ ସୁଖରେ ସାରା ଜୀବନ
ଳ  ଲୟ ରଖି ଭଜ ହେ ପଞ୍ଚାନନ ।
ଵ  ବନମାଳୀ ତୋତେ କରିବେ ପାରି
ଶ  ଶରଣ ଚରଣେ ରଖିବୁ ହରି ।
ଷ  ଷଡ଼ରିପୁ ତୋର ସେହି ହରିବେ
ସ  ସମର୍ପଣ ହୁଅ ତାଙ୍କରି ପାଦେ ।
ହ  ହରି ଭଜୁଥିଲେ ଶୁଣ କୁମର
କ୍ଷ  କ୍ଷୟ ହେବ ଦୁଃଖ କ୍ଲେଶ ତୋହର ।
ୟ  ଯିବୁନାହିଁ ଅବାଟରେ ମନୁଆ
ଲ  ଲାଗିବ ନହେଲେ ପାଦରେ ନିଆଁ ।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ମୋ - ୯୫୪୦୩୦୦୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲାଲ୍ ବାହାଦୁର ଶାସ୍ତ୍ରୀ



ଶଙ୍କର ବିଶ୍ୱାଳ

ଭାରତ ବର୍ଷେ ସ୍ୱାଧିନକାର୍ଯ୍ୟେ।
ଥିଲ ତୁମେ ଅତୁଳନୀୟ,
ପ୍ରଧାନମନ୍ତ୍ରୀ ରୂପେ ନିର୍ବାଚିତ ହୋଇ
ହେଲ ସମସ୍ତଙ୍କ ପ୍ରିୟ ।

୧୯୦୪ ଅକ୍ଟୋବର ୨ରେ ଜନ୍ମିଲ
ବାରଣାସୀ ସହର ଠାରେ,
ଆଜିର ସମୟେ ଶାସ୍ତ୍ରୀ କହିଲେ
ତାଙ୍କୁ କିଏ ନ ଜାଣେ ।

ଜୀବନ ସଙ୍ଗୀନୀ ତମ
ଥିଲେ ଲଳିତ ଶାସ୍ତ୍ରୀ,
ପିତା ଥିଲେ ତୁମ ଆଦର୍ଶବାଦୀ ଯେ
ସରଧା ପ୍ରସାଦ ଶ୍ରୀବାସ୍ତବ ।

ରାଷ୍ଟ୍ରୀୟ କଂଗ୍ରେସେ ଯୋଗ ଦେଲ ତମେ
ରାଜନେତା ହେବା ପାଇଁ,
ଲୋକଙ୍କ ସେବାରେ ମର୍ଜି ଗଲଯେ
କିଏବା ଭୁଲିବ କାହିଁ ?

କାଶୀବିଦ୍ୟା ପିଠୁ ଶାସ୍ତ୍ରୀ ଉପାଧି ପାଇ
ହେଲଯେ, ବାହାଦୂର ଶାସ୍ତ୍ରୀ,
୧୧ ଜାନୁଆରୀରେ ଚାଲିଗଲ ତୁମେ
ଦୁଃଖୀ ହେଲା ସାରାଦେଶ ।

ଗୁଡ଼ିଆଳୀ, କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ-୬୩୭୨୨୬୯୯୬୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏମିତି ବିତିଯାଉ



ଦୁଷ୍ମନ୍ତ ବେହେରା

ହଜାରେ ଟୋପା ଲୁହ ମୋର
ବହୁତ ମନରେ ପ୍ରିୟା
ଦୁଃଖ ନରହୁ   ! !

ତୋ ଖୁସି ଦେଖି ଦେଖି ମୋ
ଜୀବନ ରାସ୍ତା ଏମିତି ମୋ
ସହରେ ବିତିଯାଉ   ! !

ତୋ ହସରେ ମୁଁ ଖୁସି ହେବି
ତୁ ଦୁଃଖ କଲେ ପ୍ରିୟା ମୁଁ
ଭାଙ୍ଗି ପଡିବି   ! !

ତୋ ବାଟର ଯାତନା ମୋ
ଦରଦ କୋହ କୁ ଏମିତି
ଛବିରେ ବିତିଯାଉ   ! !

କ'ଣ ଲୁଚାଇ ରଖିବି
ମୁଁ ହତ ଭାଗାଟିଏ
ତ ପ୍ରେମରେ  ! !

ମନ ଭିଜୁ ନାହିଁ ତ ଅତୀତ
ବାଟରେ ଶରୀର ଯାଏ
ଭିଜି ସମୟ ଥିଲେ ..

ଦେଖି ଆସିବ ଶବ ଥିବ
ତୁମକୁ ଚାହିଁ ......

ରାସୋଳ-ମୁଣ୍ଡିଆପଡ଼ି
ଢେଙ୍କାନାଳ
ମୋ ନଂ-୯୯୩୭୬୪୨୫୦୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିଆଲାରେ ତୁମେ ସ୍ନେହ ଭରିଦେଲ



ତାରା ପ୍ରସାଦ
ଜେନା

ପିଆଲାରେ ତୁମେ ସ୍ନେହ ଭରିଦେଲ
ଆକଣ୍ଠ ପିଉଛି ଆଜି
ତନ୍ଦ୍ରା ଅଳସରେ ସପନ ସାଥିରେ
ଆଖିକୁ ଦେଉଛି ମୁଜି ! ।।୦ ।।

ରୂପ ଲାବଣ୍ୟରେ ଆଉ ସବୁ ଫିକା
ତୁମେ ତ ଅଭୁଲା ଜ୍ୟୋତି
ଗପ ଅସରନ୍ତି ନାୟିକାରେ ଉଭା
ପ୍ରଣୟ ରାଗର ସ୍ତୁତି
ହଜେଇଦେବାକୁ କେବେ ଚାହିଁବିନି
ନିରତ ହେଉଚି ଖୋଜି !
.....ପିଆଲାରେ ତୁମେ ସ୍ନେହ ଭରିଦେଲ
ଆକଣ୍ଠ ପିଉଛି ଆଜି.......... ।।୧ ।।

ଜୀବନର ପଥ ଦୀର୍ଘ ହୋଇପାରେ
ମୁଁ ତୁମ ପନ୍ଥାର ପାନ୍ଥ
ପୁଣ୍ୟ ବିଚାରରେ ଜନ୍ମ ଜନ୍ମାନ୍ତର
ମୁଁ ଏକ ପ୍ରେମିକ ସନ୍ଥ
ମୋହ କୋହ ଭରା ହୃଦୟର ଭାଷା
ପଢ଼ିବ ମନର ରାଜି !
.....ପିଆଲାରେ ତୁମେ ସ୍ନେହ ଭରିଦେଲ
ଆକଣ୍ଠ ପିଉଛି ଆଜି.......... ।।୨ ।।

ସା.-ରଣପୁର (ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର,
ଜିଲ୍ଲା- ନୟାଗଡ଼, ପିନ୍- ୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଥିଲା ଆମ ବିଦ୍ୟାଳୟ



ମହେଶ୍ୱର ସାହୁ

ବିଦ୍ୟାଳୟ ଥିଲା, ସୁତୁରା ନିଆରା,
ଭୟ ଥିଲା ଆମ ହୃଦେ ।
ଦଣ୍ଡ ମୁକ୍ତ ହୋଇ, ଦଣ୍ଡ ହରାଶିଷ୍ୟ,
ହାରେ ଜୀବନର ଯୁଦ୍ଧେ ।।

ସଂସ୍କାର ବି ଥିଲା, ଥିଲା ଯେ ନମ୍ରତା,
ଅନ୍ତରରେ ଥିଲା ଭକ୍ତି ।
ଅଜ୍ଞାନ ଅନ୍ଧାରୁ, ଗୁରୁଦେବ ଆମ,
ଦିଅନ୍ତି ଆଲୋକ ଶକ୍ତି ।।

ଆଜିର ଦୁନିଆ, ଆଧୁନିକ ପଥେ,
ହେଉଅଛି ଅଗ୍ରସର ।
ସଂସ୍କାର ହଜୁଛି, ନାହିଁ ଶାଳୀନତା,
ଶିକ୍ଷା ହୀନ ଦରବାର ।।

ମୋବାଇଲ କରେ, କୁପଥକୁ ଯାତ୍ରା,
ଇଣ୍ଟର ନେଟରେ ଛନ୍ଦି ।
କୁପ୍ରଭାବରେ, ଶିଷ୍ୟ ଦିଗହରା,
ଅଶ୍ଳୀଳତା ଦିଏ ବାନ୍ଧି ।।

ହଳେ ଦୁଇ ହଳ,ପୋଷାକରୁ ଚଳୁ,
ଦୁଇ ବରଷର ପାଇଁ ।
ଚପଲ ନ ଥାଏ, ନାହିଁ ସାଇକେଲ,
ସମୟରେ ଆସୁ ଧାଇଁ ।।

ମୋବାଇଲ ଯୋଗେ, ଛାତ୍ର ପଥ ହରା,
ଷଷ୍ଠରୁ ହୁଅଇ ନଷ୍ଟ ।
ପ୍ରେମ ବାର୍ତ୍ତା କରେ, ଶ୍ରେଣୀ ଗୃହେ ବସି,
ଗୁରୁ ଶିଷ୍ୟ ପଥଭ୍ରଷ୍ଟ ।।

ମଦ୍ୟପାନ କରି, ଆସେ ବିଦ୍ୟାଳୟ,
ଖାଏ ଖଇନି ଗୁଟୁଖା ।
ପାଠ ନାହିଁ ଲୋଡ଼ା, ଆଜିର ସମାଜେ,
ସିବା ମୋବାଇଲ ଛଡା ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଖାଣିଆ ଯୁଗ,  ଆଜିର ସମାଜ,

ଫେସବୁକ ହ୍ୱାଟ୍‌ସଆପ  ।

ସଭିଏଁ ପାଗଳ,  ନିଜ ପ୍ରସଂଶାରେ,

ହୃଦୟରେ ରଖି ପାପ  ।।

ଛୁଟି ସମୟରେ,  ଫାଟକ ସମ୍ମୁଖେ,

ଛାତ୍ରଙ୍କର ବିଶୃଙ୍ଖଳା  ।

ଆଶ୍ଚର୍ଯ୍ୟ ଲାଗିବ, ନିଶ୍ଚୟ ଦେଖିଲେ,

ଛାତ୍ର ଛାତ୍ରୀଙ୍କର ଲୀଳା  ।।

ଚରିତ୍ର ଗଠନ,    ଶିଖାନ୍ତୁ ଗୁରୁଜୀ,

ଦେଇ ନମ୍ରତାର ବାଣୀ  ।

ନଚାଲୁ ଶ୍ରେଣୀରେ, ଛାତ୍ର ଛାତ୍ରୀ ମଧ୍ୟେ,

ପ୍ରେମ ଆଳାପର ବାଣୀ  ।।

ଆଧୁନିକ ହେଉ,  ଚାଲୁ ରାଜନୀତି,

ପ୍ରଭାବ ନପଡୁ ଶିକ୍ଷେ୍ୟ  ।

ଛାତ୍ର ଛାତ୍ରୀ ଯଦି, ହୋଇବେ ସଂଶ୍ଳିଷ୍ଟ,

ପଥଭ୍ରଷ୍ଟ ହିଁ ଭବିଷ୍ୟେ  ।।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର

ଭ୍ରାମ୍ୟଭାଷ : ୯୭୭୭୯୯୫୬୦୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆକାଶର କୁନି ତାରା



ଆଲିଶା ପୁରୋହିତ

ବଗିଚାର ଆମେ ଛୋଟ ଛୋଟ ଫୁଲ
ଆକାଶର କୁନି ତାରା,
ଆସନ୍ତା କାଲିର ଭବିଷ୍ୟତ ଆମେ
ହସାଇବୁ ଏହି ଧରା ।

ସୁନାର ଭାରତ ଗଢି ଦେବୁ ଆମେ
ବୀରତ୍ୱ ର ବୁଣି ଗାଥା,
ଶତ୍ରୁ ଆଗେ ଆମେ ଡରିଯିବୁ ନାହିଁ
ନୁଆଇଁବୁ ନାହିଁ ମଥା ।

ବୁହାଇବୁ ଆମେ ଏ ଧରା ବକ୍ଷରେ
ପ୍ରେମର ପ୍ରଫୁଲ୍ଲ ଧାରା,
ବୁଣିଦେବୁ ମଞ୍ଜି ଶାନ୍ତି ଓ ମୈତ୍ରୀର
ଜଗାଇବୁ ଭାଇଚାରା ।

କରୁଛୁ ବିନତୀ ଜଗତ ଠାକୁର
ତୁମ ପାଦେ ଥାଉ ଲୟ,
ଧର୍ମ ପଥେ ଥାଇ ଅଧର୍ମ କୁ ଆମେ
ନ କରିବୁ କେବେ ଭୟ ।

ଦୟା ଭାବ ଥାଉ ହୃଦୟେ ଆମର
କ୍ରୋଧ ଭାବ ଦୂରେ ଯାଉ,
ସତ୍ୟ ପଥ ପାଇଁ କରୁଣାମୟ ହେ'
ପାଦ ଆମ ବଢୁଥାଉ ॥

ସମରା, ତୁଷୁରା, ବଲାଙ୍ଗିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାନ୍ଦର ଚାନ୍ଦିନୀ



ନିରଞ୍ଜନ ସାହୁ

ଜହ୍ନକୁ ଚାହିଁଲେ ଜହ୍ନ ହସିଦିଏ
ତାସ୍ନଲ୍ୟ ଲାଗଇ ମୋତେ
ଜହ୍ନ ବୋଧହୁଏ ଜାଣି ଦେଇଅଛି
ଭୁଲି ପାରୁନି ମୁଁ ତୋତେ ।

ଜହ୍ନ ତ ଦେଖାଏ ସଭିଙ୍କୁ ସପନ
ମୋତେ ବି ଦେଖାଇଥିଲା
ମାୟାବିନୀ ରାତି ଆଖିରୁ ମୋହରି
ନିଦକୁ ଚୋରାଇ ନେଲା
ଜହ୍ନ ସହ ଯେବେ ଆଖି ମିଶିଯାଏ
ଲାଜେ ମୁଁ ମୁହଁକୁ ପୋତେ ।

ଜହ୍ନ ସାଥେ କଇଁ ଭାବ ଦିଆନିଆ
ଏ କଥା ଦୁନିଆ ଜାଣେ
ସେଥିପାଇଁ ସିଏ ଅମର ପ୍ରେମକୁ
ଦର୍ଶାଏ ଆପଣା ଟାଣେ
ଜହ୍ନ ଆଲୁଅରେ ସ୍ମୃତି ଚାଷ ଜମି
ଚଷିବାକୁ ହଳ ଯୋତେ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :- ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କିଛି ତ ଭାବିବାକୁ ଦିଅ



ଡା ବିଜୟ କୁମାର ପାତ୍ର

ରୁହ ! ଅପେକ୍ଷା କର,
ପିଆଲା ଭର୍ତ୍ତି ମଦିରାକୁ
ଉଛୁଳିବାକୁ ଦିଅ,
ସୁରାସଙ୍ଗିନି !
ତୁମେ ବିଶ୍ରାମ କର ,
ଜୀବନରେ ପ୍ରଥମ ଥର
କିଛି ଭାବିବାକୁ ଦିଅ ।

କଡକାଡ ଶବ୍ଦ,
ବୟସ ମାନଙ୍କୁ ଧୋଇ
ସୁଖୋଉଛନ୍ତି
ଲାଜକୁଳୀ ଡାହାଣୀମାନେ ।

ଯେଉଁ ବଗିଚାରୁ ତୋଳିଥିଲି
ପେନ୍ଥାଏ କୃଷ୍ଣ ଚୁଡ଼ା ,
ଠିକ୍ ସେଠି ମଶାଣିଟେ,
ନିର୍ଜନ ଦ୍ୱୀପରୁ
ମଝିରେ ମଝିରେ ଶୁଭୁଛି ,
ପରିଚିତ ଚଣ୍ଡାଳର
କ୍ଷୀପ୍ର ଦୀର୍ଘଶ୍ୱାସର ସ୍ୱର ,
ଅଳସ ଭାଙ୍ଗିବାର

ଯେଉଁ ରାସ୍ତାଦେଇ
ଗୋଟେ ଅନାୟସତାର
ଦ୍ୱାର ଖୋଲିଥିଲା,
ଇନ୍ଦ୍ରଧନୁରୁ ରଙ୍ଗ ଚିମୁଟି
ମାୟା ପ୍ରଜାପତି
ଛାତିରେ ବୋଳିବାକୁ ,
ଲାଞ୍ଛିତାରା ଗର୍ଭରୁ
କାହାଳିଆ ଆୟୁଷ ମେଞ୍ଚେ ଆଣି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅବଶିଷ୍ଟ ବୟସରେ ଫେଣ୍ଟିବାକୁ ,
ପହ୍ଲେ କଙ୍କାଳ..
କସରତ କରୁଥିଲେ
ସ୍ୱର୍ଗାରୋହଣ ପାଇଁ ,
ସେଠି ଆଜି ଶକ୍ତ କଂସାକବାଟ ,
ଆରପଟେ ଛାଇମାନେ ବି ବନ୍ଦୀ,
ରହିଯାଅ ସୁରାସଙ୍ଗିନି !
ମଦିରାକୁ ଉଛୁଳିବାକୁ ଦିଅ
ମୋତେ କିଛି ଭାବିବାକୁ ଦିଅ ।

ଯେଉଁଠି କେବେ
ଦଳେ ଯାଯାବର ନିତିନିତି
ଶେଯ ପାରୁଥିଲେ ,
ବନ୍ଦ ଆଖିର ବ୍ୟୂହ ଭିତରେ ଜି
ଅନ୍ତତ ଗୋଟେ ରାତି
ଜୀଇଁ ଯିବା ପାଇଁ ,
ସେଠି ଆଜି
ଶୁଆପଖିଆ ରଙ୍ଗର
ଉତୁଙ୍ଗ ପ୍ରାସାଦ,
ଭାସିଆସେ ମହମହ
ବସ୍ତୁର ଗନ୍ଧ ,
ହେ ବନ୍ଧୁ !
ତୁମେବି ତ ଟିକେ ଚୁପ୍ ରୁହ ,
ମୋତେ କିଛି କ୍ଷଣ
ଭାବିବାକୁ ଦିଅ ,
ପରେ ବରଂ.....
ତୁମ ପାଇଁ ପିଇଯିବି
ପେଟଭର୍ତ୍ତି ଲୁହ
ଓ
ବାକିଥିବା ମଦିରା ।

କଡ଼ରେ ମହିମାଧର୍ମିମାନେ
ଧୁନିରେ ସିଝୋଉଥିବା
କାମନାଗୁଡା
ପୁଣି ଜୀଇଁ ଗଲେଣି ,
ଗୋ ସୁରାସଙ୍ଗୀନି !
ଏବେତ ନୀରବିଯାଅ,
ସନ୍ଧ୍ୟା ଯାଇ ରାତି ହେଲାଣି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସନ୍ତର୍ପଣରେ କବାଟ କିଳିଦିଅ ,

ଏବେ ମୁଁ ମୂର୍ଚ୍ଛିତ,

ସଂଜ୍ଞାପୂର୍ଣ୍ଣ ହେଲେ

କିଛି ମୁହୂର୍ତ୍ତ....

ମୁ ଅଚେତ୍ ହେଇଯିବାର

ଅଭିନୟ କରିପାରେ,

ଖାସ ଦୁନିଆ ଆଖିରୁ

ତୁମକୁ ଲୁଚାଇବା ପାଇଁ ।

ତୁମ ସ୍ପର୍ଶରେ

ଗତିଶୀଳ ନିଃଶ୍ୱାସ;

ମଧୁଶାଳାରେ ଆଶ୍ରିତ

ବିଢ଼ାଏ ସ୍ମୃତି ,

ଅଜାଣତରେ ଛାଡିଥିବା

କିଛି ସ୍ମାରକୀ ଫେରେଇ ଦିଅ ,

ନିହାତି ଫେରେଇ ଦିଅ,

ଏବେ ମଧୁଶାଳା ବନ୍ଦ;

ପିଆଲା  ମଦିରା ଶୂନ୍ୟ;

ତୁମେ ବି ତ ବିଶ୍ରାମରତ,

ମୋ ଭିତରେ

ଟଳମଳ ହେଉଥିବା

ଗୋଟେ ଅସ୍ତିତ୍ୱକୁ କାନ୍ଧେଇ,

ଫେରିଯିବି........

ନିର୍ବାଣ ଉପତ୍ୟକା ଆଡେ ।

ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ,

ଢେଙ୍କାନାଳ

୭୮୦୬୭୧୭୯୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସମ୍ପୂର୍ଣ୍ଣ



ଜୟନ୍ତୀ ମିଶ୍ର

ଲେଖିବି ବୋଲି ମୁଁ ଯାହା ଭାବିଥିଲି
ସବୁତକ ଗଲି ଭୁଲି,
ମୋ ମନର ସେଇ ବିସ୍ତୀର୍ଣ୍ଣ ବେଳାରେ
ଶବ୍ଦ ଗୁଡା ଚୋରା ବାଲି ।

ମୁଠା ଟାଣ କରି ଜାବୁଡି ଧରିଲି
ହାତରେ ମୁଠାଏ ସେ ବାଲି,
ସମୟ ସ୍ରୋତରେ କିଛି ବାଟ ଯାଇ
ଦେଖେ ହାତ ମୋର ଖାଲି ।

ନୟନରେ ଏବେ ଅଶ୍ରୁ ଭରିଯିବେ
ଆଉ ପାରୁନାହିଁ ଚାଲି,
ଅସମ୍ପୂର୍ଣ୍ଣ ମୋର ଲିଖନ ପ୍ରଚୁର
ଖାଲି ମୋ କୁନି ପାପୁଲି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କ୍ରାନ୍ତି



ବାସନ୍ତୀ ଲତା ଜେନା

ଦେଶ ଜାତି ପାଇଁ ଲଢେ କ୍ରାନ୍ତି ଯବାନ
ମୁକ୍ତିର ମଶାଲ ଧରେ ହୋଇ ନିପୁଣ ।୧।

ବୀର ରକ୍ତ ଜାଗି ଉଠେ କ୍ରାନ୍ତି ପ୍ରାଣରେ
ନ୍ୟାର୍ଯ୍ୟ ଅଧିକାର ମାଗେ ତୀକ୍ଷ୍ଣ ଖଡ୍ଗରେ ।୨।

ଶତ୍ରୁର ଆଗରେ ମୁଣ୍ଡ ନୁଆଁଏ ନାହିଁ
ପ୍ରାଣ ବିସର୍ଜନ କରେ ଅଟଳ ରହି ।୩।

ମାଟି ଋଣ ସୁଝିବାକୁ କରେ ଲଢେଇ
ଜୀବନକୁ ତ୍ୟାଗ କରେ ସହିଦ ହୋଇ ।୪।

ଲାଠି ମାଡ଼ ବନ୍ଦୀ ଶାଳା ଯାଏନି ଡରି
ବୀର ଦର୍ପେ ସଂଗ୍ରାମରେ ହୁଏ ସେ ଘାରି ।୫।

ଶେଷ ପ୍ରାଣ ବିନ୍ଦୁ ଦିଏ କରି ସଂଗ୍ରାମ
ଶତ୍ରୁ ରକତେ ଖେଳିବା ତାଙ୍କରି କାମ ।୬।

ବିପ୍ଳବୀ ବାନ୍ଧି ହୁଏନା ସମ୍ପର୍କ ଡୋରେ
ବିପ୍ଳବର ମହାମନ୍ତ୍ର ବାଜେ କର୍ଣ୍ଣରେ ।୭।

ମସ୍ତକେ ବାନ୍ଧିଣ ଥାଏ କଳା ରିବନ
ଶତ ସିଂହ ବଳ ଦେହେ ଭରା ଜୀବନ ।୮।

ଗୋପବନ୍ଧୁ ମହାତମା ଗାନ୍ଧୀ ସୁଭାଷ
ନେହେରୁ ପଟେଲ ଜୟୀ ଜୟ ପ୍ରକାଶ ।୯।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲକ୍ଷ୍ମଣ ନାୟକ ବୀର ସୁରେନ୍ଦ୍ର ସାଏ
ଖୁଦିରାମ ବାଜିଆ ତ ପ୍ରେରଣା ଦିଏ ।୧୦।

ଏମାନଙ୍କ ତ୍ୟାଗ କେବେ ବୃଥା ଯାଏନା
ପରାଧୀନ ଦେଶେ ଉଡେ ସ୍ୱାଧୀନ ବନା ।୧୧।

ଭ୍ରଷ୍ଟାଚାର ମିଛ ଆଉ ଦୁର୍ନୀତି ପଣ
କ୍ରାନ୍ତିର ମଶାଲ ଜଳେ ଦେଇ ଜୀବନ ।୧୨।

ମରି ମଧ୍ୟ ଅମର ତ କ୍ରାନ୍ତି ହୁଅଇ
ପ୍ରତି ପ୍ରାଣେ ନାମ ତାଙ୍କ ଲେଖା ହୁଅଇ ।୧୩।

କ୍ରାନ୍ତି ବୀର ଯବାନଙ୍କୁ କରେ ସଲାମ
ଦେଶକୁ ସୁରକ୍ଷା ଦ୍ୟନ୍ତି ତାଙ୍କରି ଧର୍ମ ।୧୪

ତ୍ୟାଗ ଆଉ ବଳିଦାନ କରେ ମହାନ
ଅଲିଭା ସାଇରେ ଲେଖା ତାଙ୍କ ଜୀବନ ।୧୫ ।

ଗାନ୍ଧୀନଗର, ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫେରି ଆସନ୍ତ କି ଥରେ



ଜନ୍ମଜୟ ନାୟକ

ଫେରି ଆସନ୍ତ କି ଜହ୍ନ ଜୋଛନାରେ
ମନ ଅଗଣାକୁ ଥରେ,
ଭିଜେଇ ଦିଅନ୍ତ ସୁଶୀତଳ ଧାରେ
ପ୍ରେମାସିକ୍ତ ପୁଲକରେ ।
ସ୍ମୃତି ତବ ହାତ ଠାରେ,
ସତେକି ଚାତକ ଭିଜିବ ପ୍ରାଙ୍ଗଣେ
ଆଶା କେତେ ଉଙ୍କି ମାରେ ।।

ଫେରି ଆସନ୍ତ କି ପାହାନ୍ତି ସପନେ
ସାଜି ମୋ ସପନ ରାଣୀ,
ସତ ନ ହେଲେ ବି ସପନରେ ଥରେ
ପାଶେ ନିଅ ତୁମ ଟାଣି ।
ପ୍ରିୟତମା ମୋର ଜେମା,
ସାଜିବି ସପନ ସୌଦାଗର ତୁମ
ଖୁସିର ନଥିବ ସୀମା ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଫେରି ଆସନ୍ତକି ବରଷା ସାଥିରେ
ସାଜି ତୁମେ ସୌଦାମିନୀ,
ତୁମ ଚମକରେ ଅମା ଅନ୍ଧକାରେ
ଜଳନ୍ତା ପ୍ରେମର ବହ୍ନି ।
ଆଜିବି ମୁଁ ପ୍ରତୀକ୍ଷାରେ,
ତବ ପରଶ ପାଇଁ ରହିଛି ଚାହିଁ
ଫେରି ଆସନ୍ତ କି ଥରେ ।।

ଫେରି ଆସନ୍ତ କି ଗୋଧୂଳି ଲଗନେ
ହୃଦ ଉପବନେ ମୋର,
ମହକରେ ତୁମ ଶିହରି ଉଠନ୍ତା
ଛାତି ତଳ କାରାଗାର ।
ଆଗୋ ଅଭିମାନୀ ମୋର,
ବିରହ ଫଗୁଣ ନିକ୍ଷେପ କରିଣ
ଫେରି ଆସ ଏଇ ଥର ।।

ଗଣିତ ଶିକ୍ଷକ, ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର, ୯୩୩୭୮୦୦୫୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ତୁମକୁ ଭଲପାଏ



ଅଲେଖ ମେହେର

ବିଧୁ ବଦନିଆ  ବାସଚନ୍ଦନିଆ
ଦେଖ  ମୋ' ଅନ୍ତର  ମେଲି,
ପ୍ରସୂନର ବାସ  ବାସରେ ଛୁଟିବ
ଅମୃତର ନଦ ଖୋଲି ।

ତୁଚ୍ଛଟାରେ କିଆଁ  ସାଜୁ ମହନୀୟା
ମଦାଳସା ରତି ଧାରେ,
ମାୟା ମୋହ ଲୋଭ  ଭୋଗ ବିଳାସକୁ
ସୁରରିପୁ ମନ ଝୁରେ ।

ଏକାକାର ପାଇଁ  ବିଲୋକେ ଇକ୍ଷଣ
ପ୍ରେମ ଦୀପଦିଅ ଜାଳି,
କ୍ଷୀର ସାଥେ ନୀର  ପ୍ରଣୟ ବିଭୋର
ଷଡରିପୁ ହେବ ଦଳି ।

ସ୍ୱାର୍ଥ  ହୟ ଧାଏ  ଆମାଜନ  ବନେ
ଜ୍ଞାନ କର ଯହିଁ ଶୁନ,
ବିଷଧର ଗୁଧ୍ର  କଣ୍ଠିରବ ହିଂସ୍ର
ଖାଦକ ସାଜେ  ଜୀବନ ।

ଇନ୍ଦ୍ରନିଳମଣି  ଦୁର୍ଲଭ  ଶରୀରେ
ମିଳନର ଆଶା ନେଇ,
ଉଛନ୍ନ ରତିର  ଚରମ ଆନନ୍ଦ
ଅଯାଚିତେ ଦେବି ଦେଇ ।

ହୋୟାଂହୋର ସମ  ଘଟି ମତିଭ୍ରମ
ବଦଳୁଛୁ ଗତିପଥ,
ବୟସ ସାୟାହ୍ନେ  ବହିଯିବ ପୟଃ
ପଡିଯିବ  କାୟା ରଥ ।

ମାର୍ତ୍ତଣ୍ଡ ଯେସନେ  ଅମ୍ବରରେ ରହି
ନଳିନୀକୁ କରେ ସ୍ନେହ,
ତେସନେ ତୁମର  ସାଥିରେ ମୋହର
ସେନେହ ମମତା  ମୋହ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଷୋହଳ ସହସ୍ର  ବ୍ରଜବାଳା ତପେ

ବାହୁ ପାଶେ ହେଲି ବନ୍ଧା,

ସୁଦ୍ଧ ଯୋଗୀ ତପି  ନୈସର୍ଗିକ ପ୍ରେମ

ବାହୁରେ ବାହୁମୋ' ଛନ୍ଦା ।

ଭାବେ ବଲଗିଲେ     ଦେବି ପ୍ରତ୍ୟୁତ୍ତର

ଅଭାବେ ଯୋଜନ ଦୂର,

ହୃଦୟ ଗହନେ   ବିରାଜିତ ମୁହିଁ

ଖୋଲ ନୟନ ମୁକୁର ।

ଭବ ପାରାବାରେ ଲାଗିଛି ତରଣୀ

ତରଣି  ନଭରେ ରାଜେ,

ସତ୍ୟର  କାତରେ   ଖଟାଇଲେ ବଳ

କଦନ  ନିଦାଘ  ଭାଜେ ।

ଅଲେଖ ମେହେର ସୋହେଲା ବରଗଡ

ମୋ-୬୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଅଭିଯୋଗ



ହରେରାମ ପଣ୍ଡା

ଆଷୁ ଡାକୁଅଛି ଆଇକୁ ଗେହ୍ଲେଇ
ପାଖକୁ ଆସିବା ପାଇଁ ,
"ସବୁବେଳେ ଖାଲି କହୁଛୁ ଆସିବୁ
ମୋ କଥା କି ମନେ ନାହିଁ ?

ଖେଳରେ ଏଥର ପ୍ରାଇଜ ପାଇଛି
ଡ୍ରାମାରେ ବି ପାର୍ଟ କରିଛି ,
ନାନୀ ନାଚ ଦେଖି ଭଦରକ ଗଲୁ
ସବୁ ଖବର ମୁଁ ରଖିଛି ।

ନନା ନାନୀ ପାଶେ ରହିକି ଆସୁଛୁ
ଏଠିକି ଆସିଲୁ ନାହିଁ ,
ସତେକି ଅଫିସ ଚାକିରୀ କରିଛୁ
ଛୁଟି ଜମା ମିଳୁନାହିଁ ।"

ମାମା ବୁଝେଇଲା "ସତରେ ଆଇ ତୋ
କରିଅଛି ବଡ଼ ଚାକିରୀ ,
ଘରୋଇ ବିଭାଗ ହେଡ୍ ମୋ ବୋଉ
ନାହିଁ ଦରମା କି ଉପୁରି ।

ସବୁ ଚାକିରୀରେ ସି .ଏଲ୍ , ଇ.ଏଲ୍ .
ପୁଣି ଓଷାବାର ଛୁଟି ,
ଛୁଟି ତା ନଥାଏ ଆମ ହାଣ୍ଡିଶାଳୁ
ଦିନରାତି ହୁଏ ଘାଣ୍ଟି ।

ଘର ଓଳେଇବା, ବାସନ ମାଜିବା,
ଲୁଗାପଟା ସଫା କରେ,
ଫୁଲ ଫଳ ଗଛ ବାଡ଼ିରେ ଲଗାଏ
ଆମପାଇଁ ବଢ଼ି ପାରେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗଣ୍ଡେ ଖାଇ ଖଣ୍ଡେ ପିନ୍ଧିବା ସାଙ୍ଗକୁ
ଦରମା ଟଙ୍କାଟେ ନାହିଁ,
ଯାହା ପାଞ୍ଚ ଦଶ ରଖେ ସେ ଲୁଚେଇ
ନାତି, ନାତୁଣୀଙ୍କ ପାଇଁ ।

ଆସିଲାଣି ଧନ ମଙ୍ଗଳା ଯାତରା
ଆଇ ପାଖକୁ ତ ଯିବୁ ,
ତୋ ସାଥେ ଆସିବ ଛୁଟି ଦେବାପାଇଁ
ଅଜାଙ୍କୁ କହି ଆସିବୁ ।"

କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ।
ଆଳାପ - ୯୪୩୮୦୬୫୧୯୫ .

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆଶା



ସରୋଜ କୁମାର ଜେନା

ଆଶା ଯେବେ ଏଠି ନିରାଶା ପାଲଟେ
କହିବା କାହାକୁ କୁହ ,
ସବୁ ଆଶା ଯଦି ପୂରଣ ହୁଅନ୍ତା ।
ମନରେ ନଥାନ୍ତା କୋହ ।।୧।।

ଆଶାଟି ପାଞ୍ଚିବା ସଭିଙ୍କ ମନରେ
ଥାଏ ନିଜ ଅଧିକାର ,
ପରକୁ ଆଶ୍ରୟ କରିଥିବ ଯଦି
ଆଶା ହୋଇଯାଏ ଦୂର ।।୨।।

ନିଜ ଶକ୍ତି ବଳେ କରିବ ପ୍ରୟାସ
ଯେବେ ହେବ ଆଶା ପୁରା ,
ନିରାଶ ମନଟି ଉଲ୍ଲାସ ହୋଇବ
ସୁଖ ଦେବ ଆପେ ଧରା ।।୩।।

ଦରଦୀ କବି ସରୋଜ କୁମାର ଜେନା
ବାଲିଝରୀ,ନରସିଂହପୁର,କଟକ
ମୋ -୯୩୪୮୨୮୩୭୯୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଏମିତି ସବୁବର୍ଷ



ପୁଷ୍ପାଞ୍ଜଳୀ ପଣ୍ଡା

ହଁ, ସେ ଏମିତି ସବୁବର୍ଷ ଆସେ
ନୂଆରୁ ପୁଣି ପୁରୁଣା ହୁଏ
ଅନେକ ଦୁଃଖ, ଅଳପ ସୁଖ ଦେଇ
ପୁଣି ଚାଲିଯାଏ ।।
ଜମା ଅଚାନକ ଭେଟ ନୁହେଁ
ପୂର୍ବ ପ୍ରସ୍ତୁତି ଥାଏ
ଧୁମ୍ ଧାମ୍ ନୀଳ ନାଲି
ଆଲୋକମାଳାରେ
ସହର ସଜେଇହୋଇଥାଏ
ନ୍ୟୁ ଇଅର ଆସିଯାଏ
ଜିରୋ ଆୱାର ବଢିଯାଏ ।।
ହେଲେ, ଚିରା ଫ୍ରକ୍ ପିନ୍ଧି
ଜରି ଗୋଟାଏ ଯେଉଁ
ବାରବର୍ଷର ଝିଅଟି ପାଇଁ ତ
ଆଦୌ ନୁହେଁ ।

ନା ଗତ ବର୍ଷ, ନା ଏ ବର୍ଷ
ନୂଆ ବର୍ଷ କଥା ଜମାନୁହେଁ ।
ଥଣ୍ଡା ବୋତଲ ,ମଦ ବୋତଲ
ମିଳିବନି ତାକୁ ବିକିବାକୁ
ଅଧା ଖିଆ ପିଜ୍ଜା
ମିଳିବନି ଖାଇବାକୁ
ଅଧା ପିଆ ଡ୍ରିଙ୍କସ୍
ମିଳିବନି ପିଇବାକୁ
ହେଲେ ପାଖ ବିଲ୍ଡିଂ
ବଡ଼ବାବୁ ସବୁବେଳେ ତାକୁ ଡାକୁଛି
ନୂଆବର୍ଷରେ, ତା ଘରେ, ଆସର ରେ
ତାକୁ ନାଚିବାକୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝିଅ ଟି ତାଳରେ ଦୌଡୁଥିଲା

କେମିତି ନାଚିବ

କଣ ସବୁ ଖାଇବ ଭାବୁଥିଲା

ନୂଆବର୍ଷ ତମେ ଶିଘ୍ର ଆସନ୍ତ ନି.. ! !

ରାସ୍ତା କଡ଼ରେ

ମଇଳା ଶେଜରେ

ଶୋଇ ଶୋଇ ସ୍ୱପ୍ନ ଦେଖୁଥିଲା

ନୂଆବର୍ଷ ଧିରେ ଧିରେ

ସହର ଟା ସାରା

ମାଡ଼ି ଚାଲିଥିଲା । ।

ପୁଷ୍ପାଞ୍ଜଳି ପଣ୍ଡା
ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାନ୍ତକବି ଲକ୍ଷ୍ମୀକାନ୍ତ



ରୋହିତ ସେଠୀ

ଉତ୍କଳ ସାହିତ୍ୟାକାଶେ ଉଜ୍ଜ୍ୱଳ ନକ୍ଷତ୍ର
ଶୋଭା ପାଆନ୍ତି ଲକ୍ଷ୍ମୀକାନ୍ତ ମହାପାତ୍ର ।
କାନ୍ତକବି ସମ୍ମାନରେ ବିଭୂଷିତ ଯିଏ
ସାରସ୍ୱତ ଜଗତର ଶ୍ରେଷ୍ଠ ହୀରାଟିଏ ।।

ପିତା ଭାଗବତ ଚଉଧୁରୀ ଔରସରୁ
ଜନମ ହୋଇଲ ରାଧାମଣୀଙ୍କ ଗର୍ଭରୁ ।
ପବିତ୍ର ପାର୍ବଣ ମାଣବସା ଗୁରୁବାରେ
ଭୂମିଷ୍ଠ ହୋଇଲ ତୁମେ ଉତ୍କଳ ମାଟିରେ ।।

ଦେଶାତ୍ମବୋଧକ ବ୍ୟଙ୍ଗ ରଚନା ଶୈଳୀରେ
ଶତାଧିକ ଲେଖା ମିଳେ ବାଣୀ ଭଣ୍ଡାରରେ ।
ଲେଖକ-ଔପନ୍ୟାସିକ-କବି-ଗଳ୍ପକାର
ସଂଗ୍ରାମୀ,ବିଶିଷ୍ଟ ସ୍ରଷ୍ଟା ନାଟ୍ୟ ଜଗତର ।।

'ଯୁଗର ମଜା', 'କଣାମାମୁଁ', 'ଶୋକ ଗୀତ'
'ବନ୍ଦେ-ଉତ୍କଳ-ଜନନୀ' ଉତ୍କଳ ସଂଗୀତ ।
'ବୁଢ଼ା ଶଙ୍ଖାରୀ','ପ୍ରଳୟ ଦୁନ୍ଦୁଭି','ଏ ଦେଶ'
ରଚିତ ଅନେକ ଗଳ୍ପ କାବ୍ୟ ଉପନ୍ୟାସ ।।

'ଚଟକ ଚନ୍ଦ୍ର ହାସ ଚମ୍ପୁ','ଜାତୀୟ ପତାକା'
'ଆର୍ଯ୍ୟ ବାହିନୀ','ଉନ୍ମାଦ' କେତେକ ଲାଳିକା ।
'ଅଲଣା ପୁରାଣ' ଭଳି ପୌରାଣିକ ଗାଥା
'ଡଗର' ମାସିକ ପତ୍ରିକାର ପ୍ରତିଷ୍ଠାତା ।।

ତୁମ କାବ୍ୟ କବିତାର ଅକ୍ଷୟ କୀରତି
ଜାଗରଣ କରେ ଜାତୀୟତା ଭାଷା ପ୍ରୀତି ।
ପ୍ରତି ଓଡ଼ିଆଙ୍କ ହୃଦେ ଚିର ସ୍ମରଣୀୟ
ହେ ସାହିତ୍ୟ ବିନ୍ଧାଣି ! ତୁମ୍ଭର ହେଉ ଜୟ ।।

ଶିକ୍ଷକ, ଖଜୁରୀପଡ଼ା,କନ୍ଧମାଳ
ଦୂରଭାଷ-୭୭୩୫୨୧୪୩୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହା ପ୍ରସାଦ



ସୁରେଶ ଚନ୍ଦ୍ର ପାଢ଼ୀ

ତୁମ ମହା ପ୍ରସାଦ ପାଇବାକୁ
ହୋଇଛି ମନ ମୋର
ଶ୍ରୀ ମହା ପ୍ରସାଦ ତୁଣ୍ଡ ମୋ ପାଇଲେ
ତରିଯିବି ଭବ ସାଗର

ତୁମରି ପ୍ରସାଦ ଦେଲ ବନ୍ଧୁ ମହାନ୍ତିଙ୍କୁ
ହରି ନେଇଥିଲ ସବୁ ଦୁଃଖକୁ
ଭକ୍ତ ପାଇଁ ଖାଇଲ କ୍ଷୀରି ପ୍ରସାଦକୁ
ଅଲାରନାଥ ହେଲ ଯୁଗ ଯୁଗକୁ

ତୁମ ଆନନ୍ଦ ବଜାରକୁ ଯିବି
ଡୋରି ଲଗାଅ କୈବଲ୍ୟ ଠାକୁର

ସୁଦାମାର ଖୁଦ ଭଜାକୁ ଖାଇଲ
ଭାବର ନଡ଼ିଆ ଦାସିଆର ନେଲ
ଶବରୀର ଭକ୍ତିରେ ଅଇଁଠା ଖାଇଲ
ବିଦୁର ଶାଗ ଭଜା ଖାଇ ତୃପ୍ତ ହେଲ

ତୁମ ମହା ପ୍ରସାଦରେ ଦୁଃଖ ହରି ନିଅ
ଏତିକି ବିନତି ମୋର

ମା ମହାଲକ୍ଷ୍ମୀଙ୍କ ସୁଦୟା ଥାଏ
ଛପନ ଭୋଗ ନିତି ରୋଷଘରେ ହୁଏ
କଣିକାଏ ନିର୍ମାଲ୍ୟ ମୁକତି କରାଏ
ଜନମ ଜନମ ପାପ ସବୁ ହରିନିଏ

ମୋ ପରି ପାପୀକୁ ଦେବ କିହେ ପ୍ରଭୁ
ଶରଣ ନେଇଛି ଚରଣେ ତୁମର

ବୁଗୁଡ଼ା, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ପିତା



ଦେବାର୍ଚ୍ଚନ
ମେହେର

ବାପା ତୁମ ଠାରୁ ବଡ଼ ଏ ସଂସାରରେ ନାହିଁ କେହି,
ନିଜର ସବୁ ଦୁଃଖ କଷ୍ଟ ରଖ ଚାପି, ସନ୍ତାନ ମୁଖ ଚାହିଁ । ।

ସକାଳୁ ବାହାରି ସନ୍ଧ୍ୟାରେ ଫେର କର୍ମ କରି,
କେତେ ପରିଶ୍ରମ କର ସନ୍ତାନ ପାଇଁ ରାତିଦିନ ଏକ କରି । ।

ନିଜେ ଭୋକ ଉପାସରେ ରହି ସନ୍ତାନ ମୁହେଁ ଦିଅ ଆହାର,
ଆକାଶ ଠୁ ବଡ଼ ତୁମେ ବାପା ମୋର । ।

ଜନ୍ମ ଜନ୍ମ କରି ସାତ ଜନ୍ମ ନେଲେ ଶୁଝି ପାରିବିନି ବାପା ତୁମ ଋଣ,
ଜଗତେ ଜିତିବି ଥିଲେ ତୁମ ଆଶିର୍ବାଦ ଜାଣ । ।

ମୁଁ ଅବାଟେ ଗଲେ ବାଟକୁ ଆଣଇ କାନ ଧରି ମୋର,
ବାପା ତୁମେ ହିଁ ମୋର ପରମେଶ୍ୱର ଠାକୁର । ।

କରେ ମୁଁ ପ୍ରଣତି ପଦ୍ମେ ତୁମ ପିତା,
ଧନ୍ୟ ତୁମ ତ୍ୟାଗ, ବଳିଦାନ ଧନ୍ୟ ତୁମରି ଗାଥା । ।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଲାଲୋ ସଙ୍ଗାତ ପୁରୁଣାବରଷ



ପ୍ରତିମା ମେହେର

ଗଲାଲୋ ସଙ୍ଗାତ ପୁରୁଣା ବରଷ
ଛାଡ଼ିଯାଇଅଛି ସ୍ମୃତି
ନେଇ ଆସିଅଛି ନୂତନ ବରଷ
ଭରିଛି ମନରେ ପ୍ରୀତି ।।

କେତେ ଦୁଃଖ ସୁଖ ଘଟିଲା ପରାଲୋ
ମହାବାତ୍ୟା ମହାମାରୀ
ହଜିଲା ଜୀବନ ଶୁଖିଲା ନଈଲୋ
ଅଛି ଆଶା ଅସୁମାରୀ ।।

ଭୁଲି କି ପାରିବା ଆତ୍ମୀୟ ସ୍ୱଜନ
ଚାଲିଗଲେ ଜହ୍ନଦେଶେ
ରହିଲେ ମିତଲୋ ଛାଡ଼ି ପରିଜନ
ତଥାପି ବଞ୍ଚିବା ଆଶେ ।।

ସମୟ ଚକ୍ରର ଆମେ ପରା ଦାସ
ସହିପୁଣି ଆଗେଇବା
ଝଡ଼ିଗଲେ ଫୁଲ ଛାଡ଼େ କି ତା'ବାସ
ହସି ଆମେ ହସାଇବା ।।


ନୂତନ ଉତ୍ସାହ ନୂତନ ପୁଲକ
ସବୁରି ମନରେ ଖେଳୁ
ଆସ ମୋର ସଖି ବୁଣିବା ମହକ
ବାଆ ବହେ ସୁଲୁ ସୁଲୁ ।।

ଯେତେ ଦିନ ଥିବା ଏ'ମହୀ ତଳରେ
ଉପକାର କରିଯିବା
ଜଣେ ଜଣକର ସାଜିବା ସଖାରେ
ସ୍ନେହ ପ୍ରେମ ବାଣ୍ଟି ନେବା ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଲ ଲାଗେ ମୋତେ



ଗୌରୀ ପଣ୍ଡା

ମୋତେ ଭଲ ଲାଗେ କେତେ
ଟିକି ପ୍ରଜାପତି ।
ଉଡିବୁଲୁ ଥିବି ମୁହିଁ
ତାକୁ ଧରି ନିତି । ୧
ଆକାଶରେ ଉଡୁଥିବା
ଗୁଡି ଭଲ ଲାଗେ ।
ବଗିଚାରେ ଫୁଟିଥିବା
ଫୁଲ ଭଲ ଲାଗେ ।
ଭଲ ଲାଗେ ଝରଣାର
ଜଳ ସୁଶୀତଳ ।
ଫୁଲ ର ପାଖୁଡା ଦେଖ
କେଡେ ସୁକୋମଳ ।
ସଜାଉଛି ମହୁ ମିଠା
ଟିକି ମହୁ ମାଛି ।
ଟିକି ବୃକ୍ଷ ପାଶେ ଆମ
ଆଶା କେତେ ଅଛି ।
ଉଡିବୁଲିବାକୁ ମୋର
ଭାରି ଖୁସି ମନ ।

ଟିକି ଶିଶୁ ବୋଲି ମୁହିଁ
ନୁହେଁ କେବେ ସାନ ।
ଟିକି, ଟିକି ଜିନିଷ ରେ
ବଡ କଥା ଅଛି ।
ଟିକି ଦୀପ ଟିଏ ଦେଖ
ଆଲୋକ ଦେଉଛି ।
ଭାବ ନାହିଁ ଟିକି ବୋଲି
ମୁହିଁ ପାରିବାର ।
କରିପାରେ ବଡ କାମ
ନୁହେଁ କଷ୍ଟକର ।
ଖାଲି ଟିକେ ଦିଅ ମୋତେ
ସାହସ, ଶକତି ।
ଭରିଦେବି ଏଧରା ରେ
ଶାନ୍ତି, ମୈତ୍ରୀ, ପ୍ରୀତି ।

ଜୟପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଗାଁ ହସୁଛି



ସୁବ୍ରତ କୁମାର
ପ୍ରଧାନ

ମୋ ଗାଁ ହସୁଛି ଦାନ୍ତ ନିକୁଟାଇ
ପଡିଅଛି କନା କର୍ପୁର ଉଡି
ମନରେ ଆସିଲେ ପୂର୍ବ ସ୍ମୃତି କଥା
ନୟନୁ ଲୋତକ ଆସେ ନିଗିଡି ।

ଆତ୍ମୀୟତା ସ୍ନେହ ଭକ୍ତି ସମ୍ବେଦନା
ହୃଦୟୁ ଭୁଲିଛି ମୋ ଗାଁ ଜନ
ସ୍ୱାର୍ଥ ମଦିରାରେ କାମାନ୍ଧ ମଣିଷ
ନିଃସ୍ୱାର୍ଥ ଭାବନା ସାତ ସପନ ।

ରାଜନୀତି ପାଇଁ ମାଆ ପେଟ ଭାଇ
ଘରେ ଟାଣୁଅଛି ଲକ୍ଷ୍ମଣରେଖା
ମଦ ମାଂସ ଆଉ ଦୋଅକ୍ଷରି ଗାଳି
ସଞ୍ଜେ ଆଡ୍ଡା ନିତି ଜମାନ୍ତି ଟୋକା ।

ଗାଁ ଟୁଙ୍ଗି ଘରୁ ଗୀତା ଭାଗବତ
ପୋଥିପରେ ଉଈ ଗଲେଣି ଚରି
ପୂଜା ପାର୍ବଣରେ ଡିଜେ ଓ ମେଲୋଡି
ଉନ୍ମାଦ ସଭିଏଁ କି ନର ନାରୀ ।

ପୂର୍ବ ପୁରୁଷର ବୀରତ୍ୱ ଗୌରବ
ଶୋଣିତରେ ନାହିଁ ପୁରୁଵ ତେଜ
ଗୋମାତା ପାଉନି ଖାଇବାକୁ ଏଠି
କୁକୁର ଖାଉଛି ଅମୂଲ୍ୟ ଚିଜ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚୂଡା ମୁଢ଼ି ଭାତ ଗୁଡ ଜଳଖିଆ
ଖାଉନି ଜମାରୁ ମୁନା ଆମର
ଚାଓମିନି ମ୍ୟାଗି ଚିକେନ ପକଡା
ଆଣିବାକୁ ସଞ୍ଜେ ଦିଏ ଅଡର ।

ତଥାପି ହସୁଛି ମୋର ଟିକି ଗାଁ
ତା ପାଣି ପବନ ମୋ ମଥା ଟିକା
କରେ ନିବେଦନ ମୋ ଗାଁ ପୁଅକୁ
ସେବା ରେ ବାନ୍ଧିବା ଭକ୍ତି ଶିରପା ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ ,୭୫୯୧୩୦
ମୋ - ୯୮୬୧୯୭୦୪୧୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ ସକାଳ



ବାଲାଜୀ ସେଠୀ

ଥିରି ଥିରି ଶୀତ ଛୁଇଁଲା ମରତ
ସରଗ ଭୁବନ ଛାଡ଼ି
ପର୍ଣ୍ଣ ମୋଚିର ପ୍ରଣତ ପତର
ନିରବେ ପଡଇ ଝଡ଼ି ।

ଥକ୍କି ଝରି ପଡେ କାକର ସାଥିରେ
ପଦୁଅଁ ପାଖୁଡ଼ା ଲୁହ
ବିରହିଣୀ ଝୁରେ କାନ୍ତ ଦରଶନ
ତୁଟାଇ ଜୀବନ ମୋହ ।

କ୍ଷୀଣ ତନୁ ଦେଖି ତଟିନୀର ଆଖି
ଛଳଛଳ ମନ୍ଦ ଗତି
ଝାଉଁଳା କୁସୁମେ ଭ୍ରମର ବିଷାଦେ
ଖେଦରେ କାଟଇ ରାତି ।

ଦିନମଣି କର ମଳିନ ନିଷ୍ପ୍ରଭ
କୋଟି ତେଜିୟାନ ମୁହଁ
ଧରଣୀ ବକ୍ଷରେ ଶୁଭ୍ର ଚାଦର
ଥରଇ ଫୁଙ୍ଗୁଳା ଦେହ ।

କାକର ଭିଜା ଏ ସୁନେଲି ସକାଳ
ପ୍ରକୃତିର ନୂଆଁ ବେଶ
ସୁଷମା ପଖାଳି ପର୍ଯ୍ୟଟନ ସ୍ଥଳୀ
ଜନ ମନ କରେ ବଶ ।

ଉତ୍କଳ ଆକାଶେ ଅତିଥିର ବେଶେ
ଉଡନ୍ତି ବିଦେଶୀ ପକ୍ଷୀ
ଦକ୍ଷ ଚିତ୍ରକାର ସୁଦକ୍ଷ ତୁଳୀର
ରଙ୍ଗ ରହିଅଛି ସାକ୍ଷୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନରମ ପୋଷାକ ଗରମ ବାଣ୍ଟଇ
ଆଦର ତାହାର ବେସି
ସିଆଁ ପଣତରେ ଅଭାବୀର ଶୀତ
ଦେହରୁ ଯାଉଛି ଖସି ।
ରଇତର ଖଳା ଦିଶଇ ଉଛୁଳା
ଫୁଲିଯାଏ ଛାତି ସୁଖେ
ନିଗାଡି ରକତ ସ୍ୱନ୍ଦନର ମନ୍ତ୍ର
ଫୁଙ୍କଇ ସବୁରି ମୁଖେ ।
ମରାଳ ଖେଳଇ ଶୀତଳ ସଲୀଳେ
ମହାନନ୍ଦେ ମୀନ ଖୋଜି
ତେଜିଲେ ଆଳସ୍ୟ ସାଜିଲେ କର୍ମଠ
ଜିଣିବା ଜୀବନ ବାଜି ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏ କେମିତି ପ୍ରେମ



ଆଦରମଣି ପ୍ରଧାନ

ତୁମକୁ,

ଭାଷାରେ ବୁଝେଇ ପାରୁନି,,,

ଆଖିରୁ ଦୂର କରି ପାରୁନି,,,

ହୃଦୟରେ ସାଇତି ପାରୁନି,,,

ଲୁହରେ ରୋକି ପାରୁନି,,,

କୋହରେ ବଞ୍ଚି ହେଉନି,,,,

ଏ କେମିତି ପ୍ରେମ ଜାଣିନି,,,, ।

ଆଖିରେ ଅଛ ବୋଲି,,,

ନିଦରୁ ଉଠି ପାରୁନି,,,

ସପନ ରେ ଆସୁଛ ବୋଲି,,,

ସବୁ ସୁଖ ଭୁଲି ଗଲିଣି,,,

ଟିକେ ଦୂରତ୍ୱ ବି ସହି ହେଉନି,,,

ଏ କେମିତି ପ୍ରେମ ଜାଣିନି,,,,।

ଭାବନାରେ ଅଛ ବୋଲି

ମନ ଆଉ ବୋଲ ମାନୁନି,,,

ଚିନ୍ତା ଚେତନାରେ ଜଡେଇ ହୋଇ

ସମଗ୍ର ସତ୍ତାରେ ଛାଇ ଗଲଣି,,,,

ଏ କେମିତି ପ୍ରେମ ଜାଣିନି,,,,, ।

ହସରେ ରହୁଛ ବୋଲି

ଫୁଲ ସବୁ ଇର୍ଷା କଲେଣି,,,

ଦେହରେ ବାସୁଛ ବୋଲି

ଖୁସିରୁ ଜଣା ପଡ଼ିଲାଣି,,,

ଏ କେମିତି ପ୍ରେମ ଜାଣିନି,,,,,, ।

ଗୀତରେ ଗାଉଛି ବୋଲି

ସ୍ୱର ସବୁ ଲାଜ କଲେଣି,,,

ପ୍ରେମ ହେଇଛି ବୋଲି

ଲକ୍ଷଣରୁ ଜଣା ପଡ଼ିଲାଣି,,,,

ଏ କେମିତି ପ୍ରେମ ଜାଣିନି,,,,,, ।

ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୈକୁଣ୍ଠରେ ହେବ ଭେଟ



ଅବିନାଶ
ମହାପାତ୍ର

ଜାଣିଛି ପ୍ରଭୁହେ ତୁମେ ମୋର ସେହି
ଭାବ ବିନୋଦିଆ ହରି
ତୁମ ନାମ ଧରି ତୁଣ୍ଡରେ ଆଜିମୁଁ
ଭବ ଜଳ ହେବି ପାରି  !(୦)

ଭକତିର ଅର୍ଘ୍ୟ ଦେଇମୁଁ ପାରୁନି
ମନେ ମୋର ଦୁଃଖ ନାହିଁ
ଫୁଲ ଆଞ୍ଜୁଳାଏ ପାଦ ତଳେ ଥୋଇ
ଡାକୁଛି ଜଗତ ସାଇଁ  !(୧)

ଊଣା ରଖିବନି ମନରେ ତୁମର
ମାଗିବିନି ପ୍ରଭୁ କିଛି
ତୁମ ପାଦତଳେ ଆଶ୍ରା ଦେବ ମୋତେ
ବାକି ଦିନ ଯାହା ଅଛି  !(୨)

ଧରିଥିବ ହାତ ଏ ଭବସାଗରେ
ପାରି ହେବି ତୁମ ନାମେ
ଚକାନୟନ ହେ ଥକ୍କାପାରି ବସି
ଧକ୍କା ଦେଉଥିବ ତୁମେ  !(୩)

ତୁମ ଅଙ୍ଗେ ଶୋଭା ଦୟଣାତୁଳସୀ
ମୁଖେ ମୋର ଲୋଡା ହେବ
କୁଣ୍ଠିତ ହେବନି ଦେବାପାଇଁ ପ୍ରଭୁ
ଯେବେ ଯମ ଡାକି ନେଉଥିବ  !(୪)

ପ୍ରିୟ ପରିଜନ ସବୁ ଭୁଲିଯିବେ
ଛାଡ଼ି ଯିବ ଯେବେ ଘଟ
କଥାଦିଅ ମୋତେ ଆହେ କୃପାସିନ୍ଧୁ
ବୈକୁଣ୍ଠ ରେ ହେବ ଭେଟ  !(୫)

ବୟାଙ୍ଗଡିହି, କୋଠାର, ଭଦ୍ରକ
ମୋ : ୯୫୮୩୧୨୦୪୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମିକାର ମାଆ



ସିଦ୍ଧେଶ୍ୱର ତ୍ରିପାଠୀ

ଗୋଟେ ଅଭୁଲା ଅତୀତର
ତିକ୍ତ ମିଶା ମିଠା ଅନୁଭୂତି
ଗୋଟେ ନଷ୍ଟ କାହାଣୀର
ଶୀତଳ ଚରିତ୍ର
ଗୋଟେ ଭୁଲିବା ରାଜ୍ୟର
ଅଭୁଲା ଚିତ୍ର ।

ଚୁକ୍ତିହୀନ ସେନେହ ଆଶୀଷ
ଆଜିବି ସେ ଶୁଭ ପରିବେଶ
ଏ ସମ୍ପର୍କ ଇଞ୍ଜିନ ବିହୀନ ଡବା
ପିତା ରାଜ୍ୟେ ସେ ମଧୁର ଆଭା ।

ଅଭୁଲା ସେ ଅଦ୍ଭୁତ ଚରିତ୍ର
ଥୁଣ୍ଟା ଗଛେ ଗୋଟେ ମାତ୍ର ପତ୍ର
ହଜିଲାଣି ସମ୍ପର୍କ ଯେମିତି
ମରିନାହିଁ କିନ୍ତୁ ସେହି ସ୍ମୃତି ।

ଭଲ ପାଇ ଜଣେ ଭୁଲିଯାଏ
ଆଜି ବି ସେ ମାଆ ମନ
ଭାବନା ସବୁକୁ
ଦୁରୁଥାଇ ପ୍ରଣାମ ଜଣାଏ ।

ଖୋର୍ଦ୍ଧା, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିରହ



ବିନୟ ମିଶ୍ର

ତୁମ ବିବାହର ନିମନ୍ତ୍ରଣ ପତ୍ର
ଦେଲା ଆମ ଘରେ ତୁମ ଭାଇ,
ଆଖି ସେଇଦିନୁ ଲାଲ ପଡ଼ିଅଛି
ଭୁଲିଗଲ ଅବା କାହିଁ ।

ଯିବି କି ନ ଯିବି ଭାବୁଥିଲି ବସି
ଅଲାଜୁକ ମୁହଁ କାହିଁକି ନେଇ,
ଚାଲିଗଲି ତୁମ ଭଲପାଇବାର
ହାତବନ୍ଧା ସେଇ ଡୋରୀକୁ ନେଇ ।

ଲାଲ ଦିଶୁଥିଲା ମୟୁରକଂଠିଆ
ଶାଢ଼ୀଟା ଓଢଣୀ ସାଥେ,
ମଥାର ସିନ୍ଦୁର,ପାଦର ଅଳତା
ଶଙ୍ଖା, ଓଠ ସବୁ ଯେତେ ।

ନାଲି ବୋତଲରୁ ସରିଗଲା ସବୁ
ତୁମେ ଦିଶୁ ଥିଲ ନାଲି,
ନାଳରେ ନ ପଡି ତୁମ ବେଦୀ ପାଖୁ
ଯାଇଥିଲି କହ ଚାଲି ।

ତୁମକୁ ନ ପାରି ଭୁଲି,
ମୁହଁରେ ରୁମାଲ ଦେଲି,
ତୁମ ବର ଯଦି ଦେଖି ଦେଇଥାନ୍ତା
ଗାଲ ଯାଇଥାନ୍ତା ଫୁଲି ।

ରାତିଟାରେ ସେଥିପାଇଁ ପରା
କଳା ଚଷମା ବି ପିନ୍ଧି ଥିଲି,
କଥା ଦେଇ କଥା ରଖି ପାରିଲନି
ମୁଣ୍ଡ ଯାଉଥିଲା ଘୁରି ।

ନିଆଳି, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀଳ କୁମୁଦର ପ୍ରୀତି



ବେଣୁଧର ସୁତାର

ମାଧୁର୍ଯ୍ୟ ମଧୁରେ ଭରା
ଏ ସୃଷ୍ଟିର ଚାରୁଧାରା
ଗାଉଅଛି ମଙ୍ଗଳର
        ମୁଗ୍ଧ ସୂକ୍ତିନାମା
ଦିବ୍ୟ ଶାନ୍ତି ମଧୁମୟ
ସୃଜନୀ ମଙ୍ଗଳମୟ
ରମଣୀୟ ନୈସର୍ଗିକ
        ବିରଳ ଉପମା ।।

ସବୁଜ ଧରଣୀ ହସ
ସପନ ଫୁଲର ବାସ
ରୂପସୀ ପ୍ରକୃତି କଳ-
        କଲ୍ଲୋଲିତ ଧାରା
ବ୍ୟଷ୍ଟି ସମାହାର ସୁର
ପୁଲକିତ ମଞ୍ଜୁ ପୁର
ସୁନାଝରା ପ୍ରଭାତର
        ଆଶିଷ ପସରା ।।

ତନ୍ମୟ ତଟିନୀ ଧାର
ମନୋହର ମୂର୍ଚ୍ଛନାର
ଗାଇଯାଏ ଏସୃଷ୍ଟିର
        ଆଦିମ ସଙ୍ଗୀତ
ରଙ୍ଗ ରସ ସମାହାର
ମହକ ମଧୁରତାର
ଚିନ୍ମୟ ଝଙ୍କାର ତୋଳେ
        ପ୍ରକୃତି ପଣତ ।।

ଲଳିତ ଲାବଣ୍ୟ ମାଳା
ପ୍ରକୃତିର ଚାରୁକଳା
ତୃପ୍ତମୟ ରଙ୍ଗୋଲିର
        ବିଭୋର ମହ୍ଲାର
ଅଭିନବ ରୂପ କାୟା
ନୀଳ ଜୀମୁତର ମାୟା
ଅନୁପମ ଅନୁରାଗ
        ଭୂମି ଓ ଭୂମାର ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୋଧୂଳି ସୁଷମା ନେଇ
ଚାରୁମୟ ଦିଶେମହୀ
ଅସ୍ତରାଗ ଲାଲିମାର
କାଉଁରୀ ପରଶ
ପ୍ରକୃତିର ନିକେତନ
ଆହାକେତେ ଶୋଭାବନ
ରୂପମୟୀ ଧରାବେଶ
ଲଳିତ ବିନ୍ୟାସ ।।
ଭାନୁ ଅସ୍ତାଚଳ ଦେଖି
ଜୋଛନା ପୀୟୂଷ ମାଖି
ଉଇଁଲେଣି ପ୍ରାଚୀ ଭାଲେ
ସୌମ୍ୟ ସୁଧାକର
ନିଶି ଆଉ ନିଶାକର
ଜୋଛନାର ଅଭିସାର
ପ୍ରକୃତି ପଣତୁ ଝରେ
ପ୍ରଣୟ ଝଙ୍କାର ।।

ଗଗନ ବିତାନ ତଳେ
ଶୀତଳ ସରସୀ ଜଳେ
ପ୍ରଣୟର ମଧୁଶାଳା
ରମ୍ୟରାସ ପୁରେ
ପ୍ରେମରେ ମଗନ ରାତି
ନୀଳ କୁମୁଦର ପ୍ରୀତି
ପରବାସୀ ପ୍ରିୟ ରାସ
ଲଳିତ ଶୃଙ୍ଗାରେ ।।
ମଧୁର ଏ ବିଭାବରୀ
ପ୍ରୀତିର ସପନ ପୁରୀ
ମାଧୁର୍ଯ୍ୟର ମଧୁଶାଳେ
ଅନୁଢା ରୂପସୀ
ପ୍ରଣୟର ଫୁଲବନେ
ପ୍ରୀତି ସୁଧାମଧୁ ପାନେ
ସମର୍ପିଛି ତନୁମନ
ସେ, ତନ୍ଦ୍ରା ତାମସୀ ।।

କେଶଦୁରାପାଳ, କେନ୍ଦୁଝର
ଦୂରଭାଷ -୯୧୭୮୪୬୮୨୪୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଛବିବହି କହେ



ମନୋଜ କୁମାର ବାରିକ

ହାତୀ ପିଠିରେ ବସିଛି ବାଘ

ବାଘ ଉପରେ ଛେଳି

ବାଃ ବାଃ କେମିତି ମଜା, ଭାଲୁ ନାଚ କରେ ବଜାଇ ବାଜା ।

ସର୍କସରେ ରିଂଗମାଷ୍ଟ୍ରରର କମାଲ

ସର୍କସରେ ବାଘ, ସର୍କସରେ ହାତୀ, ସର୍କସରେ ମାଙ୍କଡ

ସର୍କସରେ ପୁଣି କୁକୁର ।

ରିଂଗ ମାଷ୍ଟରର ଆଦେଶ -

କୁକୁର ଡେଇଁବ ନିଆ ବଳୟ ,

ହାତୀ ଖେଳିବ ଫୁଟବଲ ,

ମାଙ୍କଡ ଦୋଳିବ ଦୋଳି

ସର୍କସରେ ଦଉଡି ଉପରେ ଚାଲି ।

ଯାଦୁବିଦ୍ୟାରେ ଯାଦୁଗର - ଯାଦୁଗରର ହାତସଫେଇର ଦୃଶ୍ୟ ,

ଖୋଲାହସ୍ତରୁ ବାହାର କରେ ବିଭୁତି,

ଖୋଲା ପକେଟରୁ ବାହାରକରେ ଫୁଲମାଳ, ଫୁଲଦାନୀ ।

ଯାଦୁଗରର ଯାଦୁବିଦ୍ୟା,

ପୁରୁଷ ହୁଏ ନାରୀ, ନାରୀ ହୁଏ ପୁରୁଷ - 'ଯାଦୁଗରର କାଉରୀକାଠିର କମାଲ' ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଣିଷ ଜୀବନରେ ସର୍କସ ,

ମଣିଷ ହସେ, କାନ୍ଦେ, ନାଚେ, ଦୌଡ଼େ

ମୁଣ୍ଡ ଉପରେ ତାର ରିଙ୍ଗ ମାଷ୍ଟ୍ରର ବା ଯାଦୁଗର

- ଆଦେଶ ଦିଏ ରିଙ୍ଗ ମାଷ୍ଟ୍ରର (ଅଦୃଶ୍ୟ ଶକ୍ତି)

କାମକରେ ମଣିଷ

ବାଲ୍ୟ ଠାରୁ ବୃଦ୍ଧ ଯାଏ ଅନବରତ ଲଦେଇ ।

ମଣିଷ ଜୀବନରେ ସର୍କସ

ପୁଙ୍ଗୁଳା ହସ୍ତରେ ଆସେ ଦୁନିଆକୁ

ଫେରେ ପୁଙ୍ଗୁଳା ହସ୍ତରେ

ଯାଦୁଗରର ଯଦୁବିଦ୍ୟାରେ ମଣିଷ ସାଜେ 'କଣ୍ଢେଇ' ।

ମଣିଷ ଜୀବନରେ ସର୍କସ

ଖୋଜୁଥାଏ ଗୋଟେ, ପାଏ ଅନ୍ୟଟି ।

ସମର, ତୁଷରା, ବଲାଙ୍ଗୀର

ଭ୍ରାମ୍ୟଭାଷ : ୯୦୭୮୪୯୩୮୮୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୋ ଜୀବନ ଡାଏରୀ



ରାକେଶ ମୁଦୁଲି

ମୋ ଜୀବନ ଡାଏରୀରେ ଆଙ୍କୁଥିଲି କେତେ ଛବି,
ହେଲେ ସେ ଛବି ଆଙ୍କିବା ଛାଡି ଲେଖିଲି ମୁଁ କବିତା ଭାବି ।
ଅଲିଭା ଗାରଟେ ଗାରେଇ ଦେଲି ମୁଁ ଡାଏରୀର ଗାର ଧାରେ,
ଭାବନା ରାଇଜେ ହଜି ଶବ୍ଦ ସମୂହ ଖୋଜି କବିତା ଲେଖିଲି ଧୀରେ ।
କି ଉପମା ଦେବି ଶୃଙ୍ଗାର ରଚିବି ଗଢିବି କବିତା ମାଳି,
ଭିନ୍ନ ଭିନ୍ନ ଶବ୍ଦକୁ ସଜାଇ ପୂର୍ଣ୍ଣ କଲି କବିତା ଥାଳି ।
କି ଭାବନା ଦେବି ଭାଷାର ଜୁଆରେ ଶବ୍ଦ ମୁଁ ପାଏନା ଖୋଜି,
ଶବ୍ଦ ପରିଚୟେ କବିତା ଗହଣେ ଯାଏ ରେ ମୁଁ ହଜି ।
କବିତା ମାଳିରେ ଶବ୍ଦଗୁଡାକ ହୀରା ଭଳି ହୁଏ ଚକମକ,
ସତେ ଯେପରି ରଙ୍ଗୀନ ଫୁଲରେ ଭରା ସବୁଜ ବୃକ୍ଷ ।
କବିତା ନୁହେଁ ମୋ ଏଣୁତେଣୁ ଗାଥା,
କବିତାଟି ମୋ ହୃଦୟର କଥା ।
କେତେ ରଙ୍ଗ ଭରେ କବିତାରେ ମୋର,
ଛିଟା ସମ ଲାଗେ ନୀଳ ଆକାଶ ସପ୍ତରଙ୍ଗି ଇନ୍ଦ୍ରଧନୁର ।
ଶବ୍ଦ ପରେ ଶବ୍ଦ ଆସି ଶବଦ କରନ୍ତି ମୋ କର୍ଣ୍ଣ ଉହାଡେ,
ସ୍ୱେଦର ସ୍ୟାହିକୁ କରି ଯେ ଏକାଠି କବିତା ଲେଖେ ମୁଁ ଜାଗ୍ରତେ ।
ମୋ କବିତା ପୁଣି ପାଖୁଡା ମେଲାଏ,
ଆଉ କିଛି ପଦ ଲେଖନୀରୁ ଝରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭୁଲା ପ୍ରେମ



ରାହୁଲ ଚନ୍ଦ୍ର
ଘଡ଼େଇ

ପ୍ରଥମ ଦେଖାରେ ଭାବି ନେଇଥିଲି ତୁମେ କେବଳ ମୋର
ତୁମ ମିଠା ମିଠା ହସକୁ ଦେଖି ଦେଇ ଦେଇଥିଲି ଏ ମନ
ଝୁରି ହୁଏ ମନ ଆଜି ବି ସେଦିନ ।

ସବୁ ଜାଣିବି ତୁମେ ଅଜଣା ହେଉଥିଲ
ପାଗଳ ପରି ଭଲ ପାଇବା ଦେଖି ମୋର ।
ଚୋରା ପ୍ରେମ କୁ ମୋ ପ୍ରଥମ ହାତ ଲେଖା ଚିଠି
ପଢ଼ି ସେଦିନ ହୋଇ ଯାଇଥିଲ ଅଧିକ ଖୁସି ।

ଡରି ଡରି ରହୁଥିଲି କାଳେ କିଏ ଜାଣିଦବ ତୁମ ମୋ ପ୍ରେମ
କିନ୍ତୁ ଡରରେ ଡରରେ ଦୁନିଆକୁ କହିଦେଲି ମୁ ତୁମକୁ କରୁଛି ପ୍ରେମ ।
କାହିଁ ଗଲା ସେ ଦିନ ଆସୁନି ଆଉ ସେ ସମୟ
ଲାଗୁଚି ଭାରି ଡର କାଳେ ତୁମେ ହେଇଯିବ ଆଉ କାହାର ।

ପାଗଳ ପ୍ରେମୀକ ପରି ଜଗି ରହିଛି ମୁ ବାଟ ତୁମର
ଆଜି ଯାଏଁ ବି ମୁଁ ଭାବୁ ଅଛି ଯେ ତୁମେ କେବଳ ମୋର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ଅବିବେକି ସମୟ କହୁଛି ଜଗି ବସି ଅଛୁ ବାଟ ଚାହିଁ ଯାହାର

ସେ କାହିଁ କୋଉ ଦିନୁ ହୋଇ ଗଲାଣି ଆଉ କାହାର ।

ପ୍ରଥମ ପ୍ରେମ ମୋ ପ୍ରଥମ ଆସା

ବାନ୍ଧି ଥିଲା କେତେଯେ ମୋ ମନରେ ଅସୁମାରୀ ଆସା

ଲାଗୁଛି ଦୁନିଆରେ ଏକା ମୁଁ ହିଁ ପାଗଳ

ଯିଏ ବାନ୍ଧି ରଖିଛି ତୁମ ଆସିବାର ଆସା ।

ଦାଣ୍ଡମୁକୁନ୍ଦପୂର୍ ,ପିପିଲି,ପୁରୀ

୮୪୫୫୯୫୯୫୯୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଛି କଥା



ଟୋନିସ୍
ରୋହିଦାସ

ଲେଖୁଅଛି ଆଜି ତୁମ ପାଇଁ ଗୋଟେ କବିତା ।
ଭାବିବନି ସତେ ଏହା ନୁହେ ସତ କଥା ।।

ସାଗର ଠୁ ଭି ବଡ଼ ହୋଇ ଥାଏ ବିଶ୍ୱାସ ର ସେଇ ବନ୍ଧନ ।।
ଯେତିକି ବୁଝି ପାରିଲେ ସେ ହୋଇ ଯାଏ ତିଳକ ଚନ୍ଦନ ।।

ହସ ହସ ସେଇ ମଧୁର କଥା ଭଲ ଲାଗେ ବୋଲି ।।
ହୃଦୟ ର ସବୁ ଭାବନା କହି ଦିଏ ସଭିଙ୍କ ପାଖରେ ଖୋଲି ।।

ମନକୁ ଭଲ ଲାଗେ ଥିଲେ ସୁନ୍ଦର ଚେହେରା ।
କିଏ ବା ବୁଝିବ ଆଜି କାଲି ଦେଖନ୍ତି ଖାଲି କଳା,ଗୋରା ।।

ସମ୍ପର୍କର ମାନେ କିଏ ବୁଝିଛି ସବୁ ତ ନିଜର ସ୍ୱାର୍ଥ ଦେଖନ୍ତି ।।
କିଛି କଥା କହି କରିବେ ନିଜର କିଛି ଦିନ ପରେ ସଭିଏଁ ଭୁଲି ଜାନ୍ତି ।।

କାହାକୁ କହିବି ନିଜର ଏଠି ତ ସଭିଏଁ ମୋର ପର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଖିର ଲୁହ ମଧ୍ୟ ହୋଇ ଯାଏ ଧୀରେ ଧୀରେ ଦୂର । ।
ଅଜଣା ଲୋକକୁ କେମିତି କରିବି ନିଜର
ପ୍ରେମ ଭରା ଏଇ ଦିନିଆ ରେ କେହି ଅଛି ହୃଦୟ ରେ କରି ଘର । ।

ଯେମିତି ଋତୁ ପରେ ଋତୁ ହୋଇଥାଏ ପରବର୍ତ୍ତନ
ସେମିତି ତୁମେ ହେବ ନାହିଁ ସାଥି ତୁମେ ମୋର ଜିବନ । ।
ଲେଖା ନୁହେ ଏହା ମନର ଭାବନା
କଲମ ରେ ସିନା ହୋଇଛି ଲେଖା ହୃଦୟର ଅଟେ ବେଦନା । ।

କବି-ଟୋନିସ ରୋହିଦାସ,ପାମରା, ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଗତ ନବବର୍ଷ



ନିକୁଞ୍ଜ କୁମାର ଘୋଷ

ଆନନ୍ଦ ମୁଖର ଏ ସଜ ସକାଳ
ଖିଲି ଖିଲି ହସେ ଜନ
ଶୀତ କାକରର ଟୋପା ବିନ୍ଦୁ ଦେଇ
ତୁମକୁ ଏ ଅଭିନନ୍ଦନ ।।

ଅଧ ରାତେ ଆସ କାହିଁ ପାଇଁ କୁହ
କୀଟ ଖଦ୍ୟୋତର ଆଲେ
ପାପ ଛୁଏଁ ମନେ ଅତୀତକୁ ଭାବି
ତୁମ କଥା ବସି ଭାଳେ ।।

ବିଗତେ ଆଣିଲ କରୋନା ଯନ୍ତ୍ରଣା
ଏଯାଏଁ ଲିଭିନି ମନେ
ଓମିକ୍ରନ୍ ସାଥେ ଆସିଲ କି ତୁମ୍ଭେ
ସଂଶୟ ଆସଇ ମନେ ।।

କଷଣର ସ୍ୱର ଶୁଭୁଛି ସବୁଠି
ନିଦ ଟିକେ ଆସୁ ନାହିଁ
ନାରୀ ଓ ପୁରୁଷ ଉଭୟଙ୍କେ ପାଇଁ
ଲୋତକ ଦେଉଛି ବହି ।।

ଅତୀତର ଦୁଃଖ ନ ଦିଅ ଜୀବନେ
କରୁଣା ଏତିକି କର
ପ୍ରାଣ ରଖି ପିଣ୍ଡେ ସନ୍ତାପ ଦିଅନା
ଜୀବନରୁ ଅବା ମାର ।।

ନାନା କଷାଘାତେ ଜର୍ଜରିତ ଜନ
ମୁଖେ ଫୁଟାଅ ହରଷ
ନୂତନ ବରଷେ ପିଆଇ ପୀୟୁଷ
ଜୀବନେ ଭର ସରସ ।।

ସା-ମାଧବପୁର, ପୋ-ଲକ୍ଷ୍ମଣନାଥ, ଥାନା-ଜଳେଶ୍ୱର ,ଜିଲ୍ଲା-ବାଲେଶ୍ୱର, ଓଡିଶା, ୭୫୬୦୩୨,
ମୋ : ୮୧୪୪୮୫୧୦୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆସ ! ନବ ବରଷ



ସ୍ନିଗ୍ଧା ଜି ମହାପାତ୍ର

ଆସ ଆସ ତୁମେ ନୂତନ ବରଷ
ବର୍ଷ ମାସ ଦିନ ହୋଇ
ପ୍ରତିଟି ପ୍ରାଣରେ ସଂଚର ସରସ
ସଭି ହୃଦେ ସୁଖ ଦେଇ..

ନବ ସୁରୂଜର ସୁନେଲି କିରଣ
ଧୋଇ ଦଉ ଯେତେ ଦୁଃଖ
ଶୋଇ ପଡ଼ିଥିବା ଉଦାସୀ ମନଟି
ଚେଇଁ ଉଠୁ ପାଇ ସୁଖ...

ସମୀରଣ ସାଥେ ସୁରଭି ବିତରି
ନିରିମଳ କର ମନ
ରାଗ ହିଂସା ଦ୍ୱେଷ ଦୂର କରି ଦେଇ
ପୂତ କର ଏ ଜୀବନ...

ପ୍ରତି କାକରର ଜଳବିନ୍ଦୁ ଦେଉ
ତୁମରି ଶୁଭ ବାରତା
ନିରାଶ ମନକୁ ତେଜି ଦିଅ ପୁଣି
ଜାଳି ପ୍ରେମର ସଳିତା...

ଏ ଧରା ଧାମକୁ ରକ୍ଷା କର ତୁମେ.
ରଚି ଦେଇ ଇତିହାସ
କ୍ଷତିକାର ଯେତେ ଭୂତାଣୁ ଜୀବାଣୁ
ମହୀରୁ ହୁଅନ୍ତୁ ନାଶ...

ବାରିପଦା, ୯୪୩୭୬୧୫୨୨୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସତ ପ୍ରେମ



ସତ୍ୟବ୍ରତ ବାରିକ

ଦୁଇଟି ହୃଦୟର ମିଳନରେ ହୋଇଥାଏ ପ୍ରେମ
କିଛି ନ ଜାଣି ଦୁନିଆ କରେ ତାକୁ ବଦନାମ

କେତେବେଳେ ପ୍ରେମ ହୁଏ କେହି ତ ଜାଣେନା
ଯେତେ  ବାଣ୍ଟିଲେ ବି  ଏ ମନ ମାନେନା

ଅଭିମାନ ଭରା ପ୍ରେମରେ ନ ଥାଏ କଳଙ୍କ
ସତ ପ୍ରେମ ଆଣିଦିଏ ଜୀବନେ ମହକ

ସ୍ୱପ୍ନ ଆକାଶରେ ଉଡ଼େ ପ୍ରେମ ପକ୍ଷୀ
ମନ ମନ୍ଦିରରେ ପୂଜା ପାଏ ନୀତି

ଇନ୍ଦ୍ରଧନୁ ପରି ପ୍ରେମ ରଙ୍ଗ ନିଆରା
ଆଖି ଆଇନାରେ ଦେଇଥାଏ ଇଶାରା

ପ୍ରେମରେ ନଥାଏ ଜାତି,ଧର୍ମର ବିଚାର
ଯୁଗେ ଯୁଗେ ରହିଥାଏ ସେ ଚିର ଅମର

ଛଳନା ପ୍ରେମ ରହେନାହି ବେଶୀ ଦିନ
ପ୍ରେମ ବିନା ଫିକା ଫିକା ଲାଗେ ଆମ ଜୀବନ

୯୮୬୧୬୨୦୯୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ରାମ



ରମେଶ ଟାକ୍ରୀ

ଅହିଂସାର ମାର୍ଗ ଦେଖାଇଲ ଆଗ
ଆଣିଲ ଦେଶେ ସ୍ୱାଧୀନ
ଇଂରେଜ ଶାସନ ହେଲା ଅବସାନ
ହଟିଗଲା ପରାଧୀନ ।୧ ।

ଦିଲ୍ଲୀ ନଗରୀର ସୂର୍ଯ୍ୟାସ୍ତ ସଙ୍କରେ
ରୁଣ୍ଡ ହେବେ ବହୁଜନ
ବିରଳା ଭବନ ପାଖରେ ଉଦ୍ୟାନ
ପ୍ରାର୍ଥନାର ଆୟୋଜନ ।୨ ।

ସନ୍ଧ୍ୟା ପ୍ରାର୍ଥନାରେ ସେହି ଭବନରେ
ଗାନ୍ଧୀ ଦେବେ ଯୋଗଦାନ
ପ୍ରାର୍ଥନା ଶେଷରେ ଦେଶ ଉଦ୍ଦେଶ୍ୟରେ
ଦେବେ ବୋଲି ଉଦବୋଧନ ।୩ ।

ନାଥୁରାମ ଆସି ଗହଳିରେ ପଶି
ଗାନ୍ଧୀଙ୍କୁ କଲା ପ୍ରଣାମ
ସାଥିରେ ବନ୍ଧୁକ ରଖିଥିଲା ପାଖ
କରିବାକୁ ମନ୍ଦ କାମ ।୪ ।

ବନ୍ଧୁକ ଫୁଟିଲା ଗୁଳି ବରଷିଲା
ଅଘଟଣ ଘଟିଗଲା
ହେ ରାମ କହି ଗାନ୍ଧୀ ଗଲେ ଶୋଇ
ଜୀବନ ଦୀପ ଲିଭିଲା ।୫ ।

ଗାନ୍ଧିଜୀଙ୍କୁ ମାରି ନିଜେ ଗଲା ମରି
କରି ବନ୍ଧୁକ ଚାଳନା
ଆଶ୍ଚର୍ଯ୍ୟ ହୋଇଲେ ଜାଣି ନ ପାରିଲେ
ଯାହାର ମନ୍ଦ ଭାବନା ।୬ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ପ୍ରାର୍ଥନା ସଭା ହେଲା ଶୋକ ସଭା
ମାତ୍ର କିଛି ସମୟରେ
ଆଲୁଅ ଲିଭିବ. ଅନ୍ଧାର ଆସିବ
ଜାଣି ନ ଥିଲେ ମନରେ । ୭ ।

ହେଲା ହିନ୍ଦୁ ସ୍ଥାନ ଆଉ ପାକିସ୍ତାନ
ଧର୍ମୀୟ ଭାବନା ନେଇ
ରାମ ରାଜ୍ୟ ଆଶା ହୋଇଲା ନୀରାଶା
ଏ ଭାରତ ଭୂଇଁ ପାଇଁ ।୮ ।

ଏ ବି ଇ ଓ ତେନ୍ତୁଳିଖୁଣ୍ଟି
ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ରାମ !



ଭାରତୀ ସାହୁ

ହେ ରାମ ଶବ୍ଦକୁ କହିବା ପାଇଁ କି
ଶେଷ ଇଚ୍ଛା ରଖିଥିଲ
ଶତ୍ରୁ ଗୁଳିଆଗେ ନିଜର ଛାତିକୁ
ଅବିଳମ୍ୱେ ପତାଇଲ ।

ନିଜ ଦେଶପ୍ରେମ ସମାଜ ଆଗରେ
ଜଣାଇବା ଭୁଲିଗଲ.
ଶତ୍ରୁ ଆଗରେ ଯେ ଉଦାର ହୃଦୟେ
ଚିର ବନ୍ଦନୀୟ ହେଲ ।

ଦେଶ ଜାତି ପାଇଁ ନିଜର ଜୀବନ
ତିଳ ତିଳ ଜାଳିଦେଲ
କରମ ଆଗରେ ଜୀବନଟା ତୁଚ୍ଛ
ପ୍ରମାଣିତ କରିଦେଲ ।

ଧନ୍ୟବାଦ ନାହିଁ ତୁମ ପାଇଁ ଗାନ୍ଧୀ
ଧନ୍ୟ ତୁମ ଦେଶ ପ୍ରେମ
ଧନ୍ୟ ହୋଇଗଲେ ଏ ଦେଶ ଜନତା
ତୁମକୁ ଦେଲି ପ୍ରଣାମ ।

ସମୟଟା ଆଜି ବଦଳି ଯାଇଛି
ବଦଳିଛି ରାଜନୀତି
ହେଲେ ସବୁଦିନ ଖୋଜୁଛି ଦୁନିଆ
ତୁମର ସେ ଦେଶ ପ୍ରୀତି ।

ତୁମେ ଚାଲିଗଲ ହା ରାମ ଶବ୍ଦକୁ
ତୁଣ୍ଡରେ କହି ଶେଷରେ
ରାମ ରାଜ୍ୟ ପରା ଅଧୁରା ରହିଲା
ଫେରିଆସ ଆଉ ଥରେ ।

ଯୁନିଦା ପାଟଣା, ଦଶରଥ ପୁର, ଯାଜପୁର, ମୋ :
୭୮୪୪୮୪୧୧୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ରାମ



ସ୍ୱାଗତିକା ସାହୁ

ଶବ୍ଦ ସବୁ ପ୍ରଗଳ୍ଭ ହୁଏ
ଝୁରେ ଆଜି ଅସହ୍ୟ ଯନ୍ତ୍ରଣା ରେ ତୁମ ଦେଶ
ତୁମ ସ୍ମୃତିରେ ନୀରବି ରହିଛି
ଆଖିଏ ଉଜ୍ଜ୍ୱଳ ଆଭା ଆଉ ଆଶାଡୁଆ କିଛି ସ୍ୱପ୍ନ
ସକାଳ ହସ,ସଂଜକୁ ମିଛ
ପଲକେ ଶୋଇଯାଏ ମାଟି ଶେଯରେ
ନିଃସ୍ୱାର୍ଥପର ଜନନାୟକଙ୍କ
ତ୍ୟାଗପୂତ ଜୀବନ......
ନାଥୁରାମଙ୍କ ଗୁଳିର ଚକ୍ରବ୍ୟୂହରେ
ସାବରମତିର ବକ୍ଷ ଦିବ୍ୟ ରକ୍ତରେ ଭିଜିଛି
ପାର୍ଥନା ସଭାଟି ସ୍ତବ୍ଧ, ଆବାକ
ଜାନୁଆରୀ ତିରିଶି ତାରିଖ
ଗୁଞ୍ଜରୀ ଉଠିଥିଲା ହେ ରାମ ଶବ୍ଦରେ
ସବୁଜ ନିଶ୍ୱାସ ରୁନ୍ଧିଭରେ...
ତୁମେ ଦେଖିଥିବା ରାମ ରାଜ୍ୟରେ
ନାରୀ ଜାଗରଣ,ବର୍ଣ୍ଣ ବୈଷମ୍ୟ ନୀତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱଚ୍ଛ ଭାରତ,ଛୁଆଁ ଅଛୁଆଁ ଭେଦଭାବ

ସେଇ ବିଦେଶୀ ଦ୍ରବ୍ୟ ବର୍ଜନ

ପ୍ରତି ହୃଦେ ସାଇତା ହୋଇ ରହିଛି

କୁଟି ଖାଅ,କାଟି ପିନ୍ଧା ବାର୍ତ୍ତା... ! ! !

ଶିଖାଇଥିବା ଏକତାର ମନ୍ତ୍ର

ଆତ୍ମବଳର ସୌଧ ଉଜ୍ଜୀବିତ

ଚାଲିଗଲ କେଉଁ ଅଚାନକ ଘୂର୍ଣ୍ଣିରେ

ଉଡେଇ ନେଲା ସେଇ ପୁଣ୍ୟ ଶ୍ଳୋକଙ୍କୁ

ମହାମାନବ ଜାତିର ପିତାଙ୍କୁ

ମନ ଅତଳରେ ସେ ଚିର ଅମର

ଉମରକୋଟ, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୁଆଇ ଦେବାନି ପବିତ୍ର ଆଶାକୁ



ନାରାୟଣ ଚନ୍ଦ୍ର
ସେନାପତି

ଆଶା କେବେ ଛୁଏଁ ହିମ ଶିଖରକୁ
କେବେ ଛୁଏଁ ମହାସାଗର ତଳ
ଆଶାର ଆଶାଟା ଛୁଇଁବାକୁ ମତ୍ତ
ପିଇବାକୁ ପ୍ରୀତି ଗଙ୍ଗାଜଳ ।

ଆଶାରେ ପୁରିତ ଅଭିନ୍ନ ଆବେଗ
ଶାନ୍ତି ପାଇବା ତା ମହାନ ଲକ୍ଷ୍ୟ
ଫଳ ତୋଳିବାକୁ ଅଦମ୍ୟ ଉଦ୍ୟମେ
ଲଂଘେ ଗିରି ବନ ସମୁଦ୍ର ବକ୍ଷ ।

ଶରଧା ସେନେହ ମମତା ସଂଗମେ
ଗଢ଼ା ଯେଉଁ ଆଶା ସରଗ କୋଳେ
ପୂତ ପବିତ୍ର ସେ ନିର୍ମଳ ଚଦର
ଘୋଡାଏ ଧରଣୀ ମାଆର କୋଳେ ।

ପବିତ୍ର ଆଶାରେ ଥାଏ ଧୈର୍ଯ୍ୟ ବଳ
ସହାନୁଭୁତିର ମଧୁର ଛୁଆଁ
ସେ ଆଶା ପୂରଣ କରିବାକୁ ବିଭୁ
ଉଛନ୍ନ କରନ୍ତି ସତ ଦୁନିଆଁ ।

ସ୍ୱାର୍ଥ ହିଂସା ଛଳ ନ ଥାଏ କିଞ୍ଚିତ
ପବିତ୍ର ଆଶାର ପ୍ରତି ଅଣୁରେ
ଶରଧା ଝର ତା ସଦା ଝରୁଥାଏ
ପ୍ରେମ ବାଣ୍ଟିବାକୁ ପ୍ରତି କ୍ଷଣରେ ।

ପବିତ୍ର ଆଶାରେ ଲୁଚିଥାଏ ସତ୍ୟ
ପୁଣ୍ୟ ଧର୍ମ ହସି ଖେଳନ୍ତି ଦୋଳି
ଆନନ୍ଦ ମନରେ ଫଳ ତୋଳିବାକୁ
ଜିଜ୍ଞାସା କରଇ ଅଳି ଅର୍ଦ୍ଧଳି ।

ପବିତ୍ର ଆଶାଟି ଜାଗ୍ରତ ହୋଇଲେ
ଅସମ୍ଭବ ଶବ୍ଦ ହୋଇବ ଲୀନ
ଶୁଆଇ ଦେବାନି ପବିତ୍ର ଆଶାକୁ
ଆସ ହେ ଗଢିବା ଦେଶ ମହାନ ।

ଜମ୍ପୁରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ନବବର୍ଷ ତୁମକୁ ସ୍ୱାଗତ



ବିଷ୍ଣୁ ପ୍ରସାଦ ମିଶ୍ର

କିଛି ସ୍ମୃତି କିଛି ଇତିହାସ
ଜୀବନର ପ୍ରତିଟି ପୃଷ୍ଠାର,
ପ୍ରତିକ୍ଷଣ ପ୍ରତିଟି ମୁହୂର୍ତ୍ତ
ଆସିଥାଏ ନୂତନ ଆଶାର  । ।

ବିତିଯିବା କାଲିର ସମୟ
ରଖିଯାଏ ଖୋଜିବାର ପାଇଁ ,,
ହଜିଥିବା ମାନେ ବୁଝୁ ବୁଝୁ
ଆଗାମୀ'ଟା ଆସିଯାଏ ଧାଇଁ  । ।

ଚିରନ୍ତନ ଏଇ ଦୁନିଆଁରେ
ଜୀବନଟା ସମୟ ଭିତରେ  ,,
କିଛି ଜଣା କିଛି ଅନୁଭୂତି
କିଛି ମାନ ଅଭିମାନ ତୀରେ  । ।

କିଛି ଖୋଜା କିଛିଟା ଆଖୋଜା
ବୁଝିବାକୁ ଅଛି ଆଉ କିଛି ,
ବିତିଯିବା କାଲି ପୂରାତନ
ଆସିବାଟା ନୂଆଁ ଲାଗୁଅଛି  । ।

ସ୍ନେହ ଆଉ ସମ୍ପର୍କ ବନ୍ଧନ
ଚୀର ଦିନ ଅଟଇ ନୂତନ ,,
ମମତା"ର ଡୋରି ଠାରୁ
ଧନ ଆଉ ସମୟ ନୀଉନ  । ।

ଜିବା ଯାହା ଜୀବନ ଯନ୍ତ୍ରଣା
ଆସିବାଟା ଆଶା'ର ସବାରୀ ,,
ବିଦାୟ "ସେ ଗତବର୍ଷେ
ନବବର୍ଷେ ସ୍ୱାଗତ ସମ୍ଭାରୀ  । ।*

ରଥଶର୍ମା କଲୋନୀ, କୋରାପୁଟ
୯୧୨୪୦୪୯୧୨୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶୂନ୍ୟବ୍ରହ୍ମ



ନିରୁପମା ପାଣି

ଶୁନ୍ୟ ମଧ୍ୟେଶୁନ୍ୟ ତୁମେ ମହାଶୁନ୍ୟ
ନାମ ତୁମ ଶୁନ୍ୟବ୍ରହ୍ମ
ହସ୍ତ ପାଦ ଶୁନ୍ୟ କରୁଅଛ ଦାନ
ଭକତର ରଖିମାନ
ଚଉଦ ବ୍ରହ୍ମାଣ୍ଡ ଭ୍ରମଣ କରୁଛ
ତୁମେ ପ୍ରଭୁ ନାରାୟଣ
ଷାଠିଏ ପଉଟି ଭୋଗର ବାସନା
ନିଅ ତୁମେ ଭଗବାନ
କାଠ ଗଣ୍ଡି ହୋଇ ମଉନେ ବସିଛ
ଲାଗ ସତେ ଦିନ ହୀନ
ସାରା ବ୍ରହ୍ମାଣ୍ଡର ମାଲିକ ହୋଇବି
ଶୁନ୍ୟ ତୁମେ ମହାଶୁନ୍ୟ
ସୂର୍ଯ୍ୟ ଚନ୍ଦ୍ର ଯାର ଦି ଚକାନୟନ
ଜଳଧୀ ଧୂଏ ଚରଣ
ବାୟୁ ଦେବ ପୁଣି ଚାମର ଢାଳନ୍ତି
ପୂଜୁଥାନ୍ତି ପଦ୍ମାସନ
ମହାଲକ୍ଷ୍ମୀ ସେତ ଚରଣ ସେବିକା
ନିତୀ ସେବନ୍ତି ଚରଣ
ଅନାଥର ନାଥ ତୁମେ ଜଗନ୍ନାଥ
ମହାଶୁନ୍ୟ ପରଂବ୍ରହ୍ମ

ଚାନ୍ଦବାଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେ ଆଉ ଫେରିବ କି



ସୁକମନ୍ ଦିଶାରୀ

ଜୀବ ଚାଲିଗଲେ ନିର୍ଜୀବ ବୋଲାଇ

ହଜାଏ ନିଜ ଠିକଣା

ସିଏ କି ବୁଝିବ ନିଜ କର୍ମ ଫଳ

ମଧୁ ପ୍ରିତୀ କଟକଣା ।

ଇହ ଧାମ ଛାଡି ଚାଲିଯାଏ ଯିଏ

ଭଲ କର୍ମ ଯଦି ନାହିଁ

ପଛରେ କହନ୍ତି ଚାଲିଯାଉ ଶଳା

ଦୁଃଖ ତ ତାହାରି ପାଇଁ ।

ଦୁଇ ହଜାର୍ ଏକୋସି ଚାଲିଗଲା ଆଜି

ସିଏ କି ଫେରିବ ଆଉ

ଏକ ବର୍ଷ କାଳ କରିଥିବା ଲୀଳା

ସ୍ମୃତି ଫଲକରେ ଥାଉ ।

କରୋନା ବେପାର କରିଥିଲା ସିଏ

ପାଇଛି ପ୍ରଚୁର ଲାଭ

ମରଣ ମୁହଁରୁ ବଞ୍ଚିଗଲା କିଏ

କିଏ ପାଲଟିଛି ଶବ ।

ସୁଖ ଠାରୁ ଦୁଃଖ ମିଳିଛି ଅଧିକ

ତଥାପି ସହିଛି ଦେହ

ନାଚି ଉଠେ ଆଜି ଆଖି ଆଇନାରେ

ହଜିଥିବା ଚିହ୍ନା ମୁହଁ ।

ଆସିଛି ବାଇସି ହାତେ ଧରି ଫାଶୀ

କାମକୁ ଦେଖିବା ବାକି

ଗଲା ଏକୋଇସି ଜୀବନରେ କେବେ

ସେ ଆଉ ଫେରିବ କି ।

ପାପଡାହାଣ୍ଡି,ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ତୁମେ ଆସିବ ବୋଲି



ନୃସିଂହାନନ୍ଦ
ମହାପାତ୍ର

ତୁମେ ଆସିବ ବୋଲି

ଧରଣୀର ପଟୁଆର

ଠାବେ ଠାବେ

ସ୍ୱାଗତ ତୋରଣ,

ପତ୍ରରେ ପତ୍ରରେ ସବୁଜିମା

ଫୁଲରେ ଫୁଲରେ

ମହ ମହ ବାସ

ଧୂଳି ଓ ତୁଳିରେ

ଚିତ୍ରିତ ବର୍ଣ୍ଣାଳି

ପରଜାପତିର ପିଠିରେ

ଇନ୍ଦ୍ରଧନୁର ଛିଟା ।

ତୁମେ ଆସିବ ବୋଲି

ନିଃଷ୍ଟୁପ ଗହାମି ରାତିଟା

ଚେଇଁ ଉଠିଛି

ଭାରି ବୁଟର ଶବ୍ଦରେ

ଉଷୁମ ପିଆଲାର ଛୁଆଁରେ

ଜାଫର ଖାନର

କଂସେଇ ଖାନରେ

ନୀରୀମାଖି କୁନି ଝିଅର

ଛିଣ୍ଡା ଫ୍ରକରେ ଆଉ

ସନିଆ କହଁରର

ପୁଅକୁ ଅଫିସର କରି

ବେଘରି ହେବାରେ.. ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ଆସିବ ବୋଲି

ମାଗୁଣିର ବଢ଼ିଲା

ଝିଅ ଆଖିରେ ସ୍ୱପ୍ନ

ବାଇଶି ଛୁଇଁଲା ବୋଲି

ହୃଦୟରେ

ହାତୁଡିର କୋହର ପାହାର ।

ହେଲେ ଦନେଇ ଦାସର

କି ଯାଏ

ସେ ତ ଛିଣ୍ଡା ମସାଣି ତଳେ

ନିଘୋଡ଼ ନିଦରେ

ଘୁଙ୍ଗୁଡ଼ି ମାରୁଛି

କାଲିର ସୁନ୍ଦରା ଫିଟିବା ପୂର୍ବରୁ

ହଳ ନେଇ ଯିବ

ସାହୁ ର ଦୋଷାମାଳୀକୁ ।

ତୁମେ ଆସିଗଲ

ଠିକ ରାତି ବରଟାରେ

ବାବୁ ଭୟାଙ୍କୁ ରଙ୍ଗୀନ କରି

ଅତି ସନ୍ତର୍ପଣରେ

କାଲେ  ଦନେଇ ଦାସ ମନେ

ତୁମକୁ ଚିହ୍ନି ଦେବେ ବୋଲି ।

ମାଷ୍ଟରପଡା, ଫୁଲବାଣୀ, କନ୍ଧମାଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁଣି ହସିବ ଶିକ୍ଷାମନ୍ଦିର



ଅଜିତ କୁମାର
ତ୍ରିପାଠୀ

ପୁଣି ହସିବ ଶିକ୍ଷା ମନ୍ଦିର
ଖୋଲିଯିବ ଏଥର
ବିଦ୍ୟାଳୟର ପରିବେଶଯେ
ହୋଇଯିବ ସୁନ୍ଦର ।।୧।।
ବାଳକ ଏବଂ ବିଳକା ଘେନି
ହେବ ଚଳ ଚଞ୍ଚଳ
ଅନେକ ଦିନ ପରେ ଏଥର
ହୋଇବ କୋଳାହଳ ।।୨।।
ଗୁରୁ ଆଶିଷ ପାଇ ପରଷ
ପ୍ରତ୍ୟକ୍ଷ ଭାବେ ପୁଣି
ପାଠ ପଢ଼ିବେ ଜ୍ଞାନ ଅର୍ଜିବେ
ଶୁଣି ଶିକ୍ଷକ ବାଣୀ ।।୩।।
ଦୀର୍ଘ ଦିନର ଆଶା ପୂରଣ
ହୋଇଯିବ ଏଥର
ଅବଶାଦର ଦିନ ସରିବ
ସର୍ବେ ହେବେ ଡତ୍ୱଜ୍ୱର ।।୪।।
ପ୍ରଥମ ଠାରୁ ହେବ ସପ୍ତମ
ଶ୍ରେଣୀ ଆରମ୍ଭ ହୋଇ
ଶିକ୍ଷା ପ୍ରଦାନ ଗୁରୁ ଗହଣ
ଛାତ୍ର,ଛାତ୍ରୀଙ୍କୁ ନେଇ ।।୫।।

ଅନ ଲାଇନ ବିଦ୍ୟା ପଠନ
ହୋଇବ ଅବସାନ
ପାଠ ପଢ଼ିଣ ଜ୍ଞାନ ପାଇଣ
ହୋଇବେ ଆଜ୍ଞାଧୀନ ।।୬।।
ଆନନ୍ଦ ମନେ ସାଥୀ ଗହଣେ
କରିବେ ଅଧ୍ୟୟନ
ହସି ସରବେ ହସାଇ ଦେବେ
ସେହି ଶିକ୍ଷା ସଦନ ।।୭।।
ଆଶା, ଆଶଂକା ପୁରି ଆକାଂକ୍ଷା
ଦୁଃଖ ହେବ ମୋଚନ
ହୋଇବେ ମେଳ ସାଙ୍ଗ ସକଳ
କାଟିବେ ସୁଖେ ଦିନ ।।୮।।
ପିଲେ ହୋଇବେ ଏବେ ଧନ୍ୟ

ଗ୍ରାମ/ପୋଷ୍ଟ - କୁଲାଡ଼, ଭଞ୍ଜଭୂମି
ଭଞ୍ଜନଗର,ଗଞ୍ଜାମ - ୭୬୧୧୩୧
ଭ୍ରାମ୍ୟଭାଷ - ୯୪୩୮୧୮୯୯୪୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା



ବିନତା ଜେନା

କିଏ ସେ ଗଢିଲା "ବାପା"
କି ଅମୃତ ବେଳାରେ.....
ଦୁଇଟି ଅକ୍ଷର ଶବ୍ଦ
ବିସ୍ତୃତ ତା କଳେବର
ଆକାଶ ଠୁ ଉଚ୍ଚ ସିଏ
ସାଗର ଠୁ ଗଭୀର
ମାଟି ଠାରୁ ମହାନ ସେ
ବିଶାଳ ହୃଦୟ ।
ବୃକ୍ଷ ଠାରୁ ମୌନ ସିଏ
ସତେ ଯୋଗୀ ଋଷି
ଯାହାର ସ୍ପର୍ଶରେ ହରେ
ଯେତେ ଦୁଃଖ କ୍ଲାନ୍ତି.....
କହିବା ଆଗରୁ ଯିଏ
ମନ କଥା ବୁଝନ୍ତି
ମାଗିବା ଆଗରୁ ସଦା
ମନ ଯାଣି ଦିଅନ୍ତି ।।
ପିଲାଦିନେ ଘୋଡା ହୋଇ
ପିଠିରେ ବୁଲାନ୍ତି
ଗୁଗୁପାଚି କରି ପୁଣି
ତାଳ ଗଛ କରନ୍ତି ।

କାନ୍ଧରେ ବସାଇ ସିଏ
ମେଳାରେ ବୁଲାନ୍ତି
ନିସ୍ତବ୍ଧ ରାତ୍ରୀ ରେ ଜହ୍ନ ମାମୁଙ୍କୁ ଦେଖାନ୍ତି ।
ହାତ ଧରି ଅବାଟରୁ ବାଟକୁ ଆଣନ୍ତି
ଦୁନିଆ ର ବଡଦାଣ୍ଡେ
ମଜବୁତ କରି
ଠିଆ ବି କରାନ୍ତି ।
ଜୀବନର ଆଦ୍ୟଭାଷା
ଶିଖାଇବା ନିଶାରେ........
ବିତାଇ ଦିଅନ୍ତି ତାଙ୍କ
ମହାର୍ଘ ମୁହୂର୍ତ୍ତ ......
ସେଇ ବାପା ପାଦ ତଳେ ମଥା ନଇଁ
ଯୋଡ ହସ୍ତେ
କରୁଛି ପ୍ରଣାମ ।

ଉପର ବାଗୁରାଇ, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସବୁଠାରୁ ଭଲ ମୋର ବାପା



ତୃପ୍ତିରାଣୀ ପାତ୍ର

ସଂସାର ଯାକରେ ଯେତେ ଯେ ନିଜର
ସବୁଠୁ ଭଲ ମୋ ବାପା
ଅସାର ଲାଗେରେ ଯେତେ ଆପଣାର
ସ୍ୱାର୍ଥେ ହୋଇଥାନ୍ତି ଖପା ।

ସେହିପରି କେତେ ସମ୍ପର୍କର ଡୋର
ଜୀବନରେ ହୁଏ ବନ୍ଧା
ସେହି ବନ୍ଧନରେ ମୋହ କାମନାର
ବିଷୟ ଥାଏ ଯେ ଛନ୍ଦା ।

ସବୁଠାରୁ ଭଲ ମାଆ ବାପା ମୋର
ଅତିପ୍ରିୟ ଆପଣାର
ଛଳନା ନରଖି ଅନ୍ତରେ ତାଙ୍କର
କରନ୍ତି ସଦା ଆଦର ।

ଦୁଃଖ ବିପଦରେ ହୋଇଣ ସହାୟ
ନେଇଥାନ୍ତି ସତ୍ୟପଥେ
ଜୀବନ ଧାରଣେ ରଖିଥାନ୍ତି ଲୟ
ନେଇଯାନ୍ତି ଧର୍ମେ ନିତ୍ୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନେପଡେ ତୁମ କଠୋର ଶାସନ
ହୃଦୟରେ ଆଲିଙ୍ଗନ
ସତ୍ୟନ୍ୟାୟ ପଥେ ହୋଇ ଧାବମାନ
ଶିଖାଇଛ ଦୟା ଦାନ ।

ସୁଚରିତ ଜ୍ଞାନ କରି ଆହରଣ
ଧୈର୍ଯ୍ୟରେ ପର୍ବତ ସମ
ଏଭବ ସଂସାରେ ଥିବି ଯେତେଦିନ
ସ୍ମରୁଥିବି ତୁମ ନାମ ।

ଶିକ୍ଷା ସଂସ୍କାରକୁ ହୃଦେ ଭରିଦେଇ
ହେଲ ଚିର ବନ୍ଦନୀୟ
ମଣିଷ ପଣିଆ ଦେଇଛ ଶିଖାଇ
ଅଟେ ତାହା ମହନୀୟ ।

ଦୟା କ୍ଷମା ପ୍ରେମ ସେବାର ଗୁଣରେ
ତୁମେ ଥିଲ ମୂର୍ତ୍ତିମନ୍ତ
ଅମାୟିକ ତୁମ ସୁଶାନ୍ତ ସ୍ୱଭାବେ
ଭୁଲିବି କୁହ କେମନ୍ତ ।

ଆଶା ନିରାଶାରେ ଦୋଛକିରେ ତୁମେ
ଅଟ ବିଶାଳ ପର୍ବତ
ଜୀବନ ନିର୍ବାହେ ଶିଖାଇଛ ପ୍ରେମେ
ଧର୍ମେ ଜିଇଁବା ଅମୃତ ।

କରମ ଧରମ ମହତ ପଣିଆ
ଜୀବନର ରଣାଙ୍ଗନେ
ସମ୍ପର୍କର ସେତୁ ଅଢେଇ ଦିନିଆ
ହେଜୁଥିବା ନିତ୍ୟ ମନେ ।

ସହଦେବଖୁଣ୍ଟା, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ବାପା



ପ୍ରତାପ କିଶୋର ରାଉତ

ବାପା ତୁମେ ମୋର ଜୀବନ ବେଦର
ଅମୃତର ପରିଭାଷା
ତୁମେ ହିଁ ତ ଧର୍ମ ତୁମେ ହିଁ ତ ସ୍ୱର୍ଗ
ପରମ ତପ ଭରଷା
ନବୀନ ଉଷାର ଆଭା
ଜୀବନର ପଥେ ଆଶା ମହାଦ୍ରୁମ
କଳ୍ପନାର ମଧୁ ବିଭା ।

ଘର ମଝିଖୁଣ୍ଟ ପରି ଠିଆହୋଇ
ସଂସାର ଝଡ଼ ସହୁଛ
ଅଳି ଅରଦଳି ପୁରଣ କରୁଛ
ଆନମନା ନ ହେଉଛ
ଭୋକ ଉପାସରେ ରହି
ଆମରି ପେଟରେ ଆହାର ଭରିଛ
ତିଳେ ଦୁଃଖ କଷ୍ଟ ନାହିଁ ।

ତୁମ କାନ୍ଧେ ବସି ଶୈଶବ କାଟିଲି
ସ୍ମୃତିରେ ଅଛି ସେ ଦିନ
ତୁମରି ଖେଳନା ମିଠାଇର ମୋହ
ଆଜି ବି କରେ ଉଛନ୍ନ
ଅତୀତ ଯାଇଛି ଚାଲି
ଆଜି ଯେବେ ପିତା ଆସନେ ବସିଲି
ଭାବନାରେ ରହିଗଲି ।

କବିର ଲେଖନୀ ଗରଜି ଉଠଇ
ମା' ପାଇଁ ସତେ କେତେ
ତୁମ ପାଇଁ ବାପା ପଦେ ଲେଖିବାକୁ
ବାରଣ ହେଲା କି ସତେ
ମାଟିର ମଣିଷଟିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁଖ ଓ ଦୁଃଖ କୁ ଗଳା ହାର କରି
ବଞ୍ଚିବା ଶିଖିଛି ଯିଏ ।

ବାପା ତୁମ ପାଇଁ ଦୁନିଆ ରେ ଥାଏ
ସଭିଙ୍କର ପରିଚୟ
ନିଆରା ମଣିଷ ତୁମେ ଜୀବନ ର
ଜଗତେ ଅତୁଳନୀୟ
ମୋ ଜୀବନ ଚଲାପଥେ
ତୁମରି ଇସାରା ହେଉ ମୋ ସହାୟ
ରହିଥାଅ ମୋର ସାଥେ ।

ଶିକ୍ଷକ, ଚମ୍ପକେଶ୍ୱର ଉଚ୍ଚ ବିଦ୍ୟାଳୟ
ପୋଇପାଣି, କେନ୍ଦୁଝର
ମୋ : ୮୩୨୭୭୨୫୦୩୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁଅପରି ତତେ ପାଳିବି



ଧୀରେନ୍ଦ୍ର ମଲ୍ଲିକ

ଖାଉଥିଲି ବସି ପିଣ୍ଡାରେ ଆମର
ଭେଣ୍ଡି ଭଜା ସାଥେ ଶୁଖୁଆ ରାଇ,
ବୁଝିଲାନି ମନ ସେତିକିରେ ମୋର
ଆଚାର ପାଇଁକି ଗଲିଟି ଧାଇଁ,,
ସଙ୍ଗେ ସଙ୍ଗେ ଆସି ଦେଖିଲି ଥାଳିରେ
ମୁହଁ ପୁରେଇଛି  କୁକୁର ଟିଏ,
ରାଗି ଯାଇ ମୁହିଁ କହିଲି ଦୁଷ୍ଟର
ଗୋଡ଼କୁ ବାଗେଇ ପାହାରେ ଦିଏ,,
କିଳାଟିଏ ଆଣି ପିଟିଲି ପଛରୁ
ଛୋଟା ହୋଇଗଲା ଗୋଡ଼ଟି ତାର,,
କାଉଁ କାଉଁ ହୋଇ କାନ୍ଦି ପଳେଇଲା
ସେବେ ଠାରୁ କେବେ ଆସେନି ଘର,,
କିଛଦିନ ପରେ ରାତି ଅଧେ ମୋର
ବହୁତ ଜୋ'ରେ କାଟିଲା ପେଟ,
ପାଣି ଢାଳେ ନେଇ ପଡ଼ିଆକୁ ଗଲି
ଭଲଭାବେ ଦିଶୁ ନଥିଲା ବାଟ,,
ଡର ଲାଗୁଥାଏ ଏକୁଟିଆ ମତେ
ତଥାପି ସାହସେ ବସିଲି ଦୁଇ,
ପଛରୁ ଶୁଭିଲା କୁକୁରର ସ୍ୱର
ଟିକିଏ ଚମକି ପଡିଲି ମୁହିଁ,,
ଦେଖିଲି ବୁଲିକି ବିଷାକ୍ତ ସାପଟେ
ମୋହରି ଆଡ଼କୁ ଆସୁଛି ବେଗି,
କୁକୁରଟି ତାକୁ ଆକ୍ରମଣ କରେ
ବହୁ ଚାଲାକରେ ମାରିବା ଲାଗି,,
ବିଳମ୍ବ ନ କରି ବାଡି ଖଣ୍ଡେ ଆଣି
ସାପଟିକୁ ଦୂରେ ଫୋପାଡ଼ି ଦେଲି,
ଲୁହ ଛଳ ଛଳ ଆଖି ହୋଇଗଲା
ସ୍ନେହେ କୁକୁରକୁ କୋଳେଇ ନେଲି,,
କହିଲି ମତେ ତୁ କରିଦେରେ କ୍ଷମା
ବହୁତ କଷ୍ଟ ମୁଁ ଦେଇଛି ତତେ,
ବଞ୍ଚେଇଲୁ ଆଜି ଜୀବନ ମୋହର
ତୁ ଏକା ସବୁଠୁ ବିଶ୍ୱାସୀ ସତେ,,
ଆଜିଠୁ ରହିବୁ ମୋ ପାଖରେ ତୁ
ପୁଅ ପରି ତତେ ପାଳିବି ମୁହିଁ
କରିବିନି କେବେ ନିଜଠୁ ଅଲଗା
କହୁଛି ମୋହର ମଥାକୁ ଛୁଇଁ,,

ନିଳକଣ୍ଠପୁର, ମଙ୍ଗଳପୁର, ଯାଜପୁର, ୭୯୦୪୩୯୨୬୮୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସବୁଠୁଁ ଭଲ ମୋ ବାପା



ବିଦ୍ୟୁତପ୍ରଭା ମିଶ୍ର

ପିତା ଧର୍ମ  ପିତା ସ୍ୱର୍ଗ ପିତାହି ପରମ ତପ

ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା

************************

ବାପାତ ଅଟନ୍ତି ସରଗ ପରିକା
ମାଆ ତ ଧରିତ୍ରୀ ମାତା,
ଜୀବନର ମୂଳଦୁଆ ସେ ପକାନ୍ତି
ତାଙ୍କ ପାଦ ତଳେ ମଥା  ।
ଆମରି ହାତକୁ ବାପା ଧରିଥିଲେ
ନଥାଏ କାହାକୁ ଡର,
ବାପା ଟି ସବୁଠୁ ବଳୁଆ ମଣିଷ
ସ୍ନେହର ଶୀତଳ ଝର  ।
ବାପା ମା ଆ ଏକ ଚଳନ୍ତି ସଂସ୍କାର
ପିଲା ତାର ପ୍ରତିଛବି,
ସଂସାର ପଥରେ ଅଭ୍ୟସ୍ତ ହେବାକୁ
କରିଥାନ୍ତି ଅନୁଭବୀ  ।

ପିଲା ଯାହା ଚାହେଁ ଦେବା ପାଇଁ ତାକୁ
ପଛାଇ ଯାଆନ୍ତି ନାହିଁ,
ନିଜେ ପଛେ କଷ୍ଟ ସହି ଯାଉଥାନ୍ତି
ତା ଇଚ୍ଛା ପୂରଣ ପାଇଁ  ।
ମେରୁଦଣ୍ଡ ଟି ପରି ବାପା ସର୍ବଦା
ପଛରେ ଥାଆନ୍ତି ରହି,
ପରିବାର ଟିକୁ ଆଗେଇ ନିଅ ନ୍ତି
କାନ୍ଧ ରେ ତାଙ୍କର ବହି  ।
ବାପା ଠାରୁ ଭଲ ବାପା ଠାରୁ ଶ୍ରେଷ୍ଠ
ସଂସାରେ ଆଉକେ ନାହିଁ,
ବାପା ହାତ ଯଦି ମଥା ପରେ ଥାଏ
ଜଗତେ କେ ହାରେ ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେତେ ବଡ଼ ପଛେ ହେଉ ପିଲା ତାଙ୍କ
ଭାବନ୍ତି ତାହାକୁ ସାନ,
କ୍ଷମା କରିବାଟା ତାଙ୍କର ସ୍ୱଭାବ
ତାର ଦୋଷ ତ୍ରୁଟି ମାନ ।
ସଂସାର ବାଟରେ ଚାଲିବାର ପାଇଁ
ପଥ ପ୍ରଦର୍ଶକ ସାଜି,
ଜୀବନର ନାନା ଭେଳିକି ଭିତରେ
ନ ଯାଉ ଯେପରି ହଜି ।
ଯେତେ ଦୂରେ ଆମେ ରହିଥିଲେ ମଧ୍ୟ
ତାଙ୍କ ପାଦେ ରହୁ ମନ,
ତାଙ୍କ କଥାମାନି ତାଙ୍କ ଆଦର୍ଶ ରେ
କାଟିବା ଆମ ଜୀବନ ॥
ଦେବତା ଙ୍କୁ ଆମେ ଦେଖିନେ ଜୀବନେ
ଦେଖିଛେ ପିତା ମାତାଙ୍କୁ,
ସେମାନେ ଆମର ଚଳନ୍ତି ଠାକୁର
ପ୍ରଣାମ କରିବା ତାଙ୍କୁ ॥

ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଶା



ବୀଣା ସାହୁ

ଆଶା ଅସୁମାରୀ ପର୍ବତ ଶିଖର
ଆଞ୍ଜୁଳାଏ ସ୍ୱପ୍ନ ହାତରେ ଧରି
ଜୀବନ ଏଠି ଖେଳେ  ଖରାଛାଇ ପରି
ସତେ ଅବା ବିମୁକ୍ତ ପଞ୍ଜୁରୀ ଆଶ୍ରା କରି ।

ସବୁ ସ୍ୱପ୍ନ ସବୁବେଳେ ପୁର୍ଣ୍ଣ ହୁଏ ନା
କିଛି ରହିଯାଏ ବାକି
ଆଶାର ବିକାଶ ତ ଅସରନ୍ତି
କିଛି ଆଶା ବଞ୍ଚିବାର ସାହାରା ଦିଏ,
ଆଉ କିଛି ଭାଙ୍ଗି ତୁଟି
ଶେଷରେ ଚୁରମାର ହୋଇଯାଏ ।

ବହୁତ କିଛି କରିବାକୁ ମନେ ବାନ୍ଧେ
ଭରଷା,
ନୀରବତା ଭିତରେ ଗତି କରୁଥିବା ମନଟା
ଛଟପଟ ହୁଏ
କେବେ ବି ଆକାଂକ୍ଷା ସାହାରା ବନିଯାଏ
ଅସମୟରେ ସବୁଠାରୁ ସାହାରା ଦିଏ
ଗୋଟିଏ ଆଶା ଟିକିଏ ନିଶା ।

ଆଶା ବୁଣିହୁଏ ତାରକା ମେଳରେ,
ପ୍ରସ୍ଫୁଟିତ ହୁଏ ସେ ତ ଜହ୍ନ ଆଲୁଅ ରେ
ଛୋଟ ଛୋଟ ଜଳରାଶି ହୁଅନ୍ତି
ବାଟବଣା,
କେବେ ନଦୀ ହେବ ସେ
ଆଉ କିଏ ପୁଣି କେବେ ସେ ଝର ଝର
ଝରଣା ।

ଆଶା ମୋ ଅନେକ ଏଇ ଛୋଟ ଜୀବନ ରେ,
ପାଇବାକୁ ଇଛା ହୁଏ ହାତ ଆଞ୍ଜୁଳାରେ ।

ଟାଟା ଷ୍ଟିଲ କଲୋନୀ,
ଯୋଡ଼ା, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୃକ୍ଷ...



ଦମୟନ୍ତୀ ଜେନା

ବୃକ୍ଷ ନୁହେଁ ଏକ ଆବଶ୍ୟକ ସାଧନ
ଅଟେ ସେ ରତନ ମଣି
ବୃକ୍ଷ ଅଟେ ଏକ ଅମୂଲ୍ୟ ସମ୍ପଦ
ଜାଣିଥାରେ ଧନମଣି ।

ଦିନ, ରାତି, ମାସ, ବର୍ଷ ଧରି ଲୋକେ
ନିଇତି କାଟନ୍ତି ବୃକ୍ଷ
ବୃକ୍ଷ କିନ୍ତୁ ଦିଏ ପ୍ରତିବଦଳରେ
ନିଜର... ସର୍ବସ୍ୱ ।

ଅବିବେକୀ ମାନବ ବିଚାର ଶୂନ୍ୟ ହୋଇ
ବୃକ୍ଷକୁ କରେ ପ୍ରହାର
ବିବେକୀ ହୋଇ, ବୃକ୍ଷ କିନ୍ତୁ ଦିଏ
ନିଜର ସମସ୍ତ ଶରୀର ।

ଅର୍ଥ ଲୋଭି ହୋଇ ମାନବ ଆଜି
ବୃକ୍ଷକୁ କରେ ନଷ୍ଟ
ପ୍ରତିବଦଳରେ ଦେବତା ସାଜି ବୃକ୍ଷ
ମାନବକୁ ଦିଏ ଆଶିଷ ।

ଜଙ୍ଗଲ ସମ୍ପଦ ନଷ୍ଟ ହୋଇଯାଏ
ବୃକ୍ଷ କଟା ଯୋଗୁଁ
ପଶୁ, ପକ୍ଷୀ, ବୃକ୍ଷ ଲୋପ ପାଇଯାଏ
ବ୍ୟବସ୍ଥା କୋହଳ ଯୋଗୁଁ ।

ପ୍ରଦୂଷଣ ବଢେ ବାୟୁ ମଣ୍ଡଳରେ
ଏଭଳି କାର୍ଯ୍ୟ ହେତୁ
ନିରବି ଦେଖିବା ଛଡ଼ା ମୁଁ କରିପାରେନା କିଛି
ଏଣୁ ଏହିଭଳି ଲେଖୁ ।।

ପ୍ରକୃତି ତାର ଭାରସାମ୍ୟ ହରାଇ
ବିପର୍ଯ୍ୟକୁ ଟାଣି ଆଣେ
ମାନବ କିନ୍ତୁ ଆଜି ମତୁଆଲା ହୋଇ
ପ୍ରକୃତିକୁ ଭୁଲିଯାଏ ।।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ ବର୍ଣ୍ଣନା



ସୌମ୍ୟ ରଞ୍ଜନ ସାହୁ

ପ୍ରଥମ ଭାଗ: ପୂର୍ବକାଳରେ ବନର ସୌନ୍ଦର୍ଯ୍ୟ

ଅତନ୍ଦ୍ରିୟ ଦିଶେ ବୃକ୍ଷ ରାଜି ପତ୍ରେ
ସତେ ଘନ କୃଷ୍ଣ କେଶ
ଅତୃପ୍ତ ସୁଗନ୍ଧ ମୋହାଚ୍ଛନ କରେ
ହିଲୋଳିତ ଚତୁଃପାର୍ଶ୍ୱ

ବୈଭବ ଶାଣିତ ରଙ୍ଗିଣୀ ଶୋଭିତ
ମୂର୍ଚ୍ଛନା ଯେ ଅବିରତ
ଶୃଙ୍ଗାରିତ ରୂପ ମଧୁରିମା ବେଶ
ଭାବାବେଗେ ଅଳଙ୍କୃତ

ପ୍ରଭାକର କର ମନେ ହୁଏ ଅବା
ଉନ୍ମାଦିତ ଏ ପ୍ରକୃତି
କାନନ କାନ୍ତାର ପ୍ରେମେ ବିହ୍ୱଳିତ
ଗୃହ ରେ ବଧୂ ଯେମିତି

ଦ୍ୱିତୀୟ ଭାଗ : ବର୍ତ୍ତମାନ ସମୟରେ ବନର ସୌନ୍ଦର୍ଯ୍ୟ

ବନର ପାଦପ ସେ ବଲ୍ଲରୀକୁଞ୍ଜ
ନିଷ୍ପ୍ରାଣ, ନିରସ, ଶୁଷ୍କ
ନାହିଁ ସେ ଜଙ୍ଗମ କାକଳୀ ର ସ୍ୱନ
ନାହିଁ ପୁଲକର ସ୍ପର୍ଶ

ଯଥା ଖଡ୍ଗ ହସ୍ତେ ଧରି ଯେ ଦାନବ
ଛିନ୍ନ କରେ ତନୁ ମନ
ତଥା ନବଯୁଗ ବାଣିଜ୍ୟ ନିମିତ୍ତ
ବନକୁ କରେ ବିଲ୍ଲିନ
ମେଘ ଖଣ୍ଡ ଟିଏ ଶୂନ୍ୟ ଗଗନ ରେ
ଯେପରି ପ୍ରତୀୟମାନ
କାନନ କାନ୍ତାର ବନରାଜି ଲୀଳା
ସ୍ଥାନେ ସ୍ଥାନେ ଦୃଶ୍ୟମାନ

ଡଙ୍କୁରି, ହାଟଡିହି, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେଇ ତୁମ ପଦାରବିନ୍ଦେ



ଦିନେଶ ମେହେର

ତୁମ ଆଲୁଅରେ
କ୍ଷୁଦ୍ର ଖଦ୍ୟୋତିକା ଟିଏ
ଚମକି ଯାଏ
ଉଜ୍ଜ୍ୱଳ ନକ୍ଷତ୍ର ରୂପରେ ।

ତୁମ କରୁଣାରେ
ବେସୁରା ଜୀବନରେ
ରଙ୍ଗ ଲାଗି
ପାଲଟିଯାଏ
ଏକ ମଧୁମୟ ସଙ୍ଗୀତଟିଏ ।

ତୁମ ଆଦେଶରେ
ପୂର୍ବ ଆକାଶେ
ଆବିର୍ଭାବ ହୁଏ
ଅଗଣିତ ସୂର୍ଯ୍ୟ

ତୁମର ପଦିଏ କଥାରେ
ସନ୍ତାପିତ ପ୍ରାଣରେ
ଜିଇଁବାର ଇଚ୍ଛା
ହୁଏ ଜାଗ୍ରତ ।

ତୁମର ଲେଖନୀ ମୁନର
ଶକ୍ତି ଠାରେ
ଯୁଦ୍ଧାସ୍ତ୍ରଟିଏ
କ୍ଷୁଦ୍ର କଣିକାଟିଏ
ଯାଏ ପାଲଟି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ଚରଣ ତଳେ

ସଭ୍ୟ ଜଗତର

ସାତ ସିନ୍ଧୁ ତିଷ୍ଠି ରହି ପାରେ,

ଗୁରୁ ହେ  !

ସେଇ ତୁମ

ପଦାରବିନ୍ଦେ

କୋଟି ପ୍ରଣିପାତ ।

ପଳାସ, କଳାହାଣ୍ଡି

(ଧର୍ମଗଡ଼ ସାହିତ୍ୟ ସଂସଦ)

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଘର



ସୁଷମା ପରିଜା

କହିଥିଲ କରିଦେବା ଜହ୍ନରେ ଘରଟେ
ଅଗଣାରେ ଝରୁଥିବ ଜୋଛନାର ଧାରା
ତାରା ସବୁ ଫୁଲ ହୋଇ ଫୁଟୁଥିବେ ସେଠି
ମଲ୍ଲୀ ଫୁଲ ମହମହ ବାସୁଥିବ ଘରସାରା ।।

ଦୁଇ ନୁହେଁ ଏକ ହୋଇ ରହିଥିବା ଆମେ
ଦେହ ସିନା ଭିନ୍ନ ହେଲେ ଆତ୍ମା ତ ଏକଇ
ପ୍ରୀତି ଆମ ଜନ୍ମ ଜନ୍ମ ପାଇଁ ଚିର ଅମଳିନ
ତୁମ ବିନା ଏ ଜୀବନ ମୋ, ଜୀବନ ନୁହଁଇ ।।

କୁନି କୁନି କଳୀ ଦୁଇ ଆମ ଅମର ପ୍ରେମର
ଖେଳି ବୁଲି ଘର ଅଗଣାରେ ଦିଶିବେ ସୁନ୍ଦର
ସୁନାର ସପନ ଯେତେ ଦେଖାଇଥିଲ ତୁମେ
ଆଖି ବୁଜି ସେଇ ସବୁକୁ ମାନି ନେଲି ମନେ ।।

ଆଖି ଖୋଲା ରଖି ଦେଖିଲି ତୁମ ଦେଖା ସ୍ୱପ୍ନ
ଅଜାଣତେ ଭାସିଗଲି ମୁଁ କାହିଁ କେତେ ଦୂର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭ୍ରମ ତୁଟିଗଲା ତୁମେ ଯେବେ ମୋ ହାତ ଛାଡି
ଚାଲିଗଲ ମନସୁଖେ ଗଢିବାକୁ ଆଉ କା'ର ଘର । ।

ଭୁଲିଲ କେମିତି କୁହ ଆମର ଅଭେଦ୍ୟ ପ୍ରୀତି କୁ
ଯାହା ତୁମେ ମୋ ସପନ ରେ ରୂପ ଦେଇଥିଲ
ଜହ୍ନ ରୁ ଆମର ସେ ଘର କ'ଣ ଡାକେନା ତୁମକୁ
କୁହ ! କେମିତି ତମେ ଏତେ ନିଷ୍ଠୁର ସାଜିଲ । ।

ଥରେ ବି ଚାହିଁଲନି ଫେରି ଆମର ପ୍ରେମ କୁ
ଏକା ଏକା ଆଜି ଭାସୁଛି ମୁଁ ଲୁହର ସାଗରେ
କେବେ ତୁମକୁ ତ କେବେ ତୁମ ଜହ୍ନ ର ଘରକୁ ,
କେବେ ତୁମ ଜହ୍ନ ଅଗଣା କୁ ଝୁରି ଝୁରି ମରେ । ।

ଶାରଳା ଭବନ, ପୋତାପୋଖରୀ, ନୂଆବଜାର, କଟକ - ୭୫୩୦୦୪
ଭ୍ରାମ୍ୟଭାଷ : ୯୩୩୭୨୭୨୬୪୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଧିରଥ



ସ୍ମୃତିରଞ୍ଜନ ବାରିକ

ହସ୍ତିନାପୁର ଯେ ବିରାଟ, ଯାହା ଜନ୍ମ ବୀରର,
ବୀରତ୍ୱର ଗାଥା ଗାଏରେ, ଭୂଇଁ ଜନ୍ମ ଭୂମିର । ।
ଭରତ ସମ୍ରାଟ ନାମରେ, ଦେଶ ଏହି ଭାରତ,
ପରାକ୍ରମୀ ଗୀତ ଲେଖେରେ, ଶତ୍ରୁ ମୃତ୍ୟୁରେ ହତ । ।
ଚକ୍ରବର୍ତ୍ତୀ ରାଜା ଆସଇ, ତୀର ନାମରେ ଯୁଦ୍ଧ,
ଅଧିରଥ ନାମେ ସାରଥୀ, ଆଗେ ଟାଣଇ ରଥ । ।
ବିଶ୍ୱାସର ଚୂଡା ଉପରେ, ଲେଖା ନାମ ଯାହାର,
ମହାରାଜା ରଥ ବିଶ୍ୱାସେ, ଭାବେ ଆତ୍ମା ନିଜର । ।
ସାହାସୀ ସମ୍ରାଟ ସାରଥୀ, ସେହି ରଥ ଚାଳକ,
ଦର୍ଶନ ଦିଅଇ ଦିଗର, ରଥେ ରାଜା ପାଳକ । ।
ଯୁଦ୍ଧରେ ରାଜାର କବଚ, ବନେ ରଥ ସାରଥୀ,
ବିଜୟ ଉପରେ ସାହାସ, ସିଏ  ରାଜାର ସାଥୀ । ।
ଅଧିରଥ ନୁହେଁ ସାରଥି, ରାଜା ମନର ରଥି,
କାଳର ଭୟରେ ପଛକୁ, ଯିଏ ନଦିଏ ସାଥି । ।
ଭରସା ଜନ୍ମାଏ ଚିତ୍ତରେ, ରାଜା ହୁଏ ପ୍ରସନ୍ନ,
ଅଧିରଥ ଭଳି ସାରଥୀ, ଦିଏ କାର୍ଯ୍ୟରେ ଧ୍ୟାନ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଳଘେନି ଆସେ ବିପଦ, ରଥି ରଥରେ ନାହିଁ,
ଅଧିରଥ ଗୃହେ ଅଶାନ୍ତି, ବିନା ପୁତ୍ରକୁ ଚାହିଁ ।।
ଶୁଣେ ମହାଦେବ ପ୍ରାର୍ଥନା, ସେ ଡାକ ମାତାର,
ଗଂଗାକୂଳେ ଦେଖେ କିରଣ, ଦିଏ ନାମ ରାଧେର ।।
ସୁଖରେ ବିତଇ  ଜୀବନ, ରାଧେ ଦିଅଇ ହସ,
ଦୁଃଖର ବାଦଲ ଆସଇ, ରାଧେ ଖୋଜଇ ବଂଶ ।।
କ୍ଷତ୍ରିୟ ରକତ ବହଇ, ଆତ୍ମା କୁହେ ବୀରର,
କେମନ୍ତ ବୁଝିବ ମନତ, ହୋଇ ଚାଳ ରଥର ।।
କ୍ଷତ୍ରିୟ ବ୍ୟତୀତ ଦିଅଇ, ଶିକ୍ଷା ରାଜ କୁମାର,
ଏହା କହି ଦ୍ରୋଣ ଆଚାର୍ଯ୍ୟ, ନାମ ଦିଏ କର୍ଣ୍ଣର ।।
କର୍ଣ୍ଣର ନବୀନ ନାମକୁ, ଧରି ଚାଲଇ ରାଧେ,
ବୁଝାଇ ବାଟରେ ସାରଥୀ, ବସେ ଅଧିର ରଥେ ।।
ଅଧିରଥ ପରି ପିତାର, ସେହି ପୁତ୍ର ମହାନ,
ପର୍ଶୁରାମ ପାଶେ ଶିକ୍ଷଇ, ଯୁଦ୍ଧ ଦେଇତା ମନ ।।
ବିରାଟ ବୃକ୍ଷରେ ପୂରଣ, ହୁଏ ସମୟେ ପରେ,
ଅଂଗର ସମ୍ରାଟ ବନଇ, ଅଧିରଥ ଯେ କରେ ।।
ଦେଖଇ ପିତା ସେ ପୁତ୍ରର, ସେହି ସୁନ୍ଦର ମୁଖ,
ଆନନ୍ଦେ ନାଚଇ ମନରେ, ଖେଳେ ହୃଦୟେ ସୁଖ ।।
ଏହା ଦେଖି କର୍ଣ୍ଣେ ହୁଅଇ, ଆତ୍ମ ବିଭୋର ଭରା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁତପୁତ୍ର ବୋଲି କହଇ, ଭୀମ ବଜାଇ ନାରା ।।

ଜନ୍ମରୁ କର୍ଣ୍ଣର ଜୀବନ, ଅପମାନ ରେ ଭରା,

ଅଧିରଥ ପିତା ନୁହଁଇ, ସିଏ ପାଳନ କର୍ତ୍ତା ।।

ଗରବ ଦେଖଇ ଦୁନିଆ, ଅଧିରଥ ଯେ ପିତା,

ରାଧେ ଭଳି ପୁତ୍ର ମିଳଇ, ଖୋଜେ ଜୀବନ ସତ୍ତା ।।

ଗ୍ରାମ:-ଅନୁପଲା,ପୋ:-ଅନ୍ତେଇ,

ଜିଲ୍ଲା:-ଜଗତ୍ସିଂହପୁର,

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରେମ... ଅଢ଼େଇ ଅକ୍ଷର



ଡଃ ମାଙ୍ଗଳିକା
ମହାପାତ୍ର

ପ୍ରେମ ...
ଅଢେଇ ଅକ୍ଷରର ସମାହାର
ଗୀତିକଥା ଆତ୍ମା ଓ ହୃଦୟର
ପ୍ରତିଫଳିତ କରାଏ...
ଗଭୀରତା ଭଲପାଇବାର
ଏକ କାଳୀନ ସ୍ପନ୍ଦନର
ଅପୂର୍ବ ମିଳନର ...

" ପ" ... ପହିଲି ଅକ୍ଷର
ବୁଝାଏ ମହତ୍ତ୍ୱ ପୁରୁଷର
" ମ " ... ଦ୍ୱିତୀୟ ଅକ୍ଷର
ଅନାବିଳ ସ୍ନେହ ମହିଳାର

ଦୁଇଟି ଆତ୍ମା ଦୁଇପଟ
ଗୋଟିଏ ସରଳରେଖାର
ଏକାଠି ବିତାନ୍ତି ସମୟ
ସୁଖ, ଦୁଃଖ ଓ ମିଳନର

ଭୁଲି ବାଧାବିଘ୍ନ ସଂସାରର
ପ୍ରକାଶନ୍ତି ଅନ୍ତର୍ନିହିତ ..
ପରିଭାଷା ହୃଦୟର
ସବୁ ଝଡ଼ ଝଞ୍ଜା
କରି ଅତିକ୍ରମ
ଆଶା ଓ ନିରାଶା
ଭଲ ଓ ମନ୍ଦକୁ
କରନ୍ତି ଆପଣାର

ମିଳନ ଓ ବିଚ୍ଛେଦ ଦେଇ
ଗତିକରେ ଜୀବନ ସେମାନଙ୍କର
ତାହା ହିଁ ହୁଏ ପରୀକ୍ଷା
ତାଙ୍କ ଶାଶ୍ୱତ ପ୍ରେମର ...

ପ୍ରଶାନ୍ତି ବିହାର, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମକୁ ପାଇଲି ଭଲ



ଜୟନ୍ତ କୁମାର
ମଲ୍ଲିକ

ଗାଡ଼ି ଟିଏ ମୋତେ କିଣି ଦେଇଥିଲ
ପଇସା ନଥିଲା ବୋଲି
ପେଟ୍ରୋଲ ଦର ତ ବଢ଼ି ବଢ଼ି ଚାଲେ
କେମିତି ପାରିବି ବୁଲି ?
ସାଇକେଲ ଚଢ଼ି ବୁଲୁଥିଲି ବୋଲି
ଗାଡ଼ିଟିଏ ମୋତେ ଦେଲ
ସେଇଦିନ ଠାରୁ ମନେମନେ ମୁହିଁ
ତୁମକୁ ପାଇଲି ଭଲ ।
କେବେ ଭାବିବନି ପର ବୋଲି ମୋତେ
କେବେ କରିବନି ରାଗ
ପ୍ରେମରେ ମୋହର ବୋଳିବନି କେବେ
ସନ୍ଦେହର କଳା ଦାଗ ।
ଫିକା ମନ ନେଇ ଆଜି ମୁଁ ବଞ୍ଚିଛି
କେବଳ ତୁମରି ପାଇଁ
ହସି ହସି ତୁମେ ମୋହରି ପାଖକୁ
କୁହ ଆସିବକି ନାହିଁ ?

ଶୂରଡିହ, ନନ୍ଦିପୁର, ଯାଜପୁର
ଆଳାପ:-୯୪୩୭୮୬୫୭୨୭

ଆହ୍ବାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବାଘର ଆଁ



ଦୀନବଂଧୁ ବେଜ

ବାଘ ଆଁ ପରି ଭୟଙ୍କର,
ଶୁଖିଲା ଘଡ଼ଘଡ଼ି ,
ଛାତି ଥରାଉଛି ରହିରହି
ଅନତି ଦୂରର ଭୀମରଢି ।
ଅଜଣା ଭୟଟା
ଶିରା ଓ ପ୍ରଶିରାରେ
ଡାଳମାଙ୍କୁଡି ଖେଳପରି
ଥରାଉଛି ମାଘ ମାସ
ହାଡ଼ଭଙ୍ଗା ଶିତ ।

ଅଦୃଶ୍ୟର ଡର ସଭିଙ୍କ
ମୁହଁରେ ଦିଶି ଯାଉଛି ସ୍ୱଷ୍ଟ,
ଯେପରି ପାତି ମାଙ୍କଡ଼ ମୁହଁ
ମହୁଫେଣା ଖାଇଲା ବେଳେ
ମଧୁମକ୍ଷୀ ଆକ୍ରମଣରେ
ହୁଏ ବିଭ୍ରାଟ ।
ମୃତ୍ୟୁର ତାଣ୍ଡବ ପାଇଁ
ଡିଣ୍ଡିମ ପିଟୁଛି ସୂଚନା ଫର୍ଦ୍ଦ ,
ମୂହୁର୍ତ୍ତ ମାନେ ସଢୁଛନ୍ତି
ଅଜଣା ବ୍ୟାଧିରେ.... ।
ମନୁଷ୍ୟମାନେ ସତେକି
ଦ୍ୱାପର ଯୁଗର ଶାମ୍ବ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ମୁଖ୍ୟସ୍ରୋତ ଏବେ

ପକ୍ଷଘାତରେ ପିଢିତ,

ସଂଶୟ ଭିତରେ ସମୟ

ସ୍ରୋତ ବହି ଯାଉଛନ୍ତି ନିମ୍ନକୁ

ଚିରି ଯାଉଛି ପଥରର ଛାତି ।

ସ୍ୱର୍ଣକାତର ମାନେ ଡେଇଁ ପଡୁଛନ୍ତି

ପତଙ୍ଗଙ୍କ ପରି ଫଙ୍କଫଙ୍କ ହୋଇ

ବଳିଦାନ ଦେବାପାଇଁ

ଦୂନିଆଁ ମାରୁଛି ଲମ୍ବୁଡ଼ିଆଁ,

ଦୁନିଆଁଟା ଗରିବୀ ମାଇପିର

ସାତସିଆଁ ଲୁଗାପରି

ଦେଖି ହେଉନି କି

ଦେଖେଇ ହେଉନି.....

କହି ହେଉନି କି....ସହି ହେଉନି ।

ମାଲକାନଗିରି, ଓଡିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏ ସନ୍ଦେହ କଣ ନ କରେ



ପଙ୍କଜ କୁମାର
ମଙ୍ଗଳ

ସନ୍ଦେହର ବହ୍ନି ଉଦଗିରଣ ହେଲେ ଉଠେ ଅବିଶ୍ୱାସ ଜ୍ୱାଳା ମୁଖି,
ଧ୍ୱଂସ ପାଲଟଇ ବିଶ୍ୱାସର ସେତୁ ଯେତେ ଅତୀତର ନିବିଡ଼ତା...
ନିଭାଇ ପାରେନା ନିର୍ଝରର ଧାରା ବହିଲେ ବି
ଶୁଷ୍କ ହୋଇଯାଏ ଆଖି ।

ଝଡ଼ ଥମି ଗଲେ ଅନ୍ଧାର ହଟିବ ଧରା ହସେ ଦିବାଲୋକରେ,
ହେଲେ ମନରୁ ଅନ୍ଧାର ହଟାଇ ପାରେନା ଭେଦି ପାରେନା ସେ ଘୃଣାର ପ୍ରାଚୀର...
ସମୟ୍ର ସହିତ ବ୍ୟାପେ ସେ କାଳିମା
ଦୂରତା ବଢ଼ଇ ସମ୍ପର୍କରେ ।

ବିତି ଥିବା ମୂହୁର୍ତ୍ତ ବିଷ ପରି ଲାଗେ ମନେ ଭରିଯାଏ ଗ୍ଲାନି ଭାବନା,
ପ୍ରଶ୍ନ ପରେ ପ୍ରଶ୍ନ ଉର୍ମିପରି ମାଡ଼ି ଦହଲାଇ ଦିଏ ମନକୁ...
ପାଇ ପାରିଲିନି ଭଲ ମଣିଷଟେ ଆଜି ସତ୍ୟ ହେଲା ସାମ୍ନା
ମିଛ ଥିଲା ସବୁ ଅତୀତ ସମ୍ପର୍କ ସବୁ ଥିଲା ତାର ଛଳନା ।

ଦଣ୍ଡେ ନ ଦେଖିଲେ ଝୁରୁ ଥିଲା ଆଖି ଟିକେ କଥା ନ ହେଲେ ବଢ଼େ ବ୍ୟଗ୍ରତା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ସେ ସମ୍ପର୍କ ରହିଛି ମଣିଷବି ଅଛି ...

ସ୍ନେହ, ପ୍ରେମ ବଦଳରେ ଘୃଣା ବଢ଼ି ଚାଲେ

ନୀରବ ରହି ଓଠ ଭାବ କହେ ଆଖି ସମ୍ପର୍କରେ ଥିବା ତିକ୍ତତା ।

ସମ୍ପର୍କର ମୂଳଦୁଆ ଚରାବାଲି ପରି ଗୋଟେ ମୂହୁର୍ତ୍ତରେ ସବୁ ସରେ,

ଅତୀତର ଯେତେ ଭରସା ଜିତିଲେ କି ହେବ ଗୋଟେ ମୂହୁର୍ତ୍ତରେ ଧୋଇ ଯାଏ...

ଯେତେ ପ୍ରମାଣ ଦେଲେବି ଆଉ ସେ ଫେରେନା ସତରେ ଏ ସନ୍ଦେହ କଣ ନ କରେ ?

ଅବିଶ୍ୱାସ ବଉଦ ହଟିଲେ ପାଇବା ବିଶ୍ୱାସର ଇନ୍ଦ୍ରଧନୁ,

ରଙ୍ଗମୟ ସିନା ହେବନି ପୃଥିବୀ ହେଲେ ସେ ରଙ୍ଗ ଜୀବନି ମନୁ ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆବର୍ଷ ଆସିଛି !



ପ୍ରବୋଧ କୁମାର ହୋତା

କ୍ୟାଲେଣ୍ଡରଟି ବଦଳିଗଲା ବୋଲି
କାହିକି ହେ ବନ୍ଧୁ ବର ମନେ ଭର ହର୍ଷ
ସମୟର ଚକ ଏଠି ଘୁରେ ଅବିରତ
ଆପେ ଆପେ ବଦଳେ ତ ଦିନ, ମାସ, ବର୍ଷ ।

ଆବେଗ -ଉଚ୍ଛ୍ୱାସରେ ପ୍ରାଣ ପୁଲକିତ
ବଦଳେନି ସୂର୍ଯ୍ୟଙ୍କର ପରାଚୀ ଠିକଣା
ପକ୍ଷୀମାନେ ଭୁଲନ୍ତିନି ଆପଣାର ନୀଡ଼
ଜହ୍ନର କଳଙ୍କ ବି ହୁଏନାହିଁ ଊଣା !!

ହାପି ନ୍ୟୁ ଇଅର ଶୁଭୁଅଛି ସାରା ରାତି ଶୁଣ
ରାଜପଥେ ମାଳମାଳ ପୁଷ୍ପର ବିପଣୀ
ଟ୍ରାଫିକ ଓ ଫୁଟପାଥେ ଶୀତରେ ଥରୁଛି
ଭୋକରେ ଆଉଟୁପାଉଟୁ ଅଲୋଡ଼ା ରମଣୀ ।

କାହିଁକି ଚାଲିଛି ଘରେ, ସାହିରେ ବସ୍ତିରେ
ଅର୍ଦ୍ଧରାତ୍ରୀର ଏ ଉତ୍ସବ ଉଦଘୋଷ
ମୁକୁଳା ଆକାଶର ବିମୁକ୍ତ ଛାତତଳେ,
ହେଁସ ପାରିହୋଇ ଲଭେ ଖାଲି ଅବସୋସ ।

କିମ୍ବା ଚାଲେ ମଦମାଂସ ଭୋଜି ଆୟୋଜନ
ରଙ୍ଗୀନ ଆଲୋକରେ ଝଲସେ ସହର
ଭୋକିଲାଟେ କାନ୍ଦୁଅଛି ଆଖି ଲୁହ ଢାଳି
ସତେ କ'ଣ ନୂଆବର୍ଷ ତା ପାଇଁ ପାଲଟେ ଜହର !

ଅସୁମାରି ଆଶା ଏଠି ଜୀବନେ ଆଲୋକ,
ନିରାଶା ଯେ ମୃତ୍ୟୁର ଘନ ଅନ୍ଧକାରେ
ମରି ମରି ବଞ୍ଚିବାର ମାନେ କିଛି ନାହିଁ
କ୍ୟାଲେଣ୍ଡର ବଦଳିଲା ପାହାନ୍ତା ପହରେ ।

ବିଭାଗୀୟ ମୁଖ୍ୟ, ବାଣିଜ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କବିର ପଡ଼ୋଶୀ



ଶିଶିର କୁମାର
ପଣ୍ଡା

ପାଖ ପଡ଼ୋଶୀ ମୋ କବିତା ଶୁଣାଏ
କବିଭାବେ ନାଆଁ ରହିଛି
ଆଉ ସହିବିନି ତାଆ ଜାଳା ଏବେ
ଏଯାଏ ଅନେକ ସହିଛି ।

ନିଇତି ସଞ୍ଜରେ ମୋ ପାଖେ ଆସଇ
ଶାନ୍ତିରେ ରଖେଇ ଦିଏନି
ଚାହା ପରେ ଚାହା ଗିଳଇ ଏମନ୍ତ
ଘରେ ସେ ଯେମିତି ପିଏନି ।

ପକୁଡ଼ି ସାଥିରେ ହାତକୁ ଚାଟିକି
ଖାଏ ସିଏ ଚିଲି ସଅସ
କହେ ଗୋଟେ ଲେଖା ଶୁଣେଇବି ଆଜି
ପାଖରେ ଟିକିଏ ବଅସ ।

ଗୋଟିଏ ବୋଲିକି ଦଶଟା ଶୁଣାଏ
ଦାନ୍ତକୁ ନିକୁଟେ ବସିକି
ମୋଓ ମନହୁଏ ଏଭଳି ଲୋକକୁ
ଚାପୁଡ଼େ ଦେବିକି କସିକି !

ଯାହା କରପଛେ କବିର ପଡ଼ୋଶୀ
ଆଉ ହେ ଠାକୁର ନକର
ଇଚ୍ଛା ନ ଥାଇକି ମିଛରେ କିଏବା
ହୋଇବ ବକର ବକର ?

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁଡ଼ି



ସରୋଜ କୁମାର ସାହୁ

ଗୁଡିରେ ଗୁଡି ଯାଉଛୁ ଉଡି
ଆକାଶେ ପକ୍ଷୀ ସାଜି
ଦେଖୁଛୁ କେତେ ଦେଶ ବିଭବ
କହରେ ପାଖେ ଆଜି ।
ପବନ ସାଥେ ବାରତା ନେଇ
ଯାଉଛୁ ହସି ହସି
ଦୂରରୁ ପାଖ ରଙ୍ଗ ବେରଙ୍ଗ
ଆକାଶେ ପୁଣି ଦିଶି ।
ଧୂଳି ଧୂସର ବାଦଲ ସଙ୍ଗେ
ହେଉଛୁ ତୁହି ଭେଟ
ଫେରାଇ ଆଣୁ ମିଠା ଦରଦ
ନ ଭୁଲି ଯାଇ ବାଟ ।

ଟିକିଏ ନାହିଁ ରାଗ କି ରୁଷା
ଅଭିମାନର ଭାବ
ସ୍ନେହ ପ୍ରେମର ଅମୃତ ଧାରା
ସଭିଁଙ୍କୁ ଖୁସି ଦେବ ।
କୁନି ପିଲାଙ୍କ ସରଗଶଶୀ
ଚାନ୍ଦ ତାରାଠୁ ବେଶି
ଭୁଲି ଯାଅନ୍ତି ଭୋକ କି ଶୋଷ
ସାଥିରେ ଖେଳି ହସି ।
ନିତି ତୁ ଆସୁ କୁନି ସପନେ
ସାଜି ସଙ୍ଗାତ ମିତ
ଅଜାଡି ଦେଉ ଭରା ନିଦରେ
ମହୁଲି ଝରା ଗୀତ ।

ଆଠଗଡ଼ .କଟକ
୯୩୪୮୫୭୫୨୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂସ୍କୃତି



ବୀର କିଶୋର
ନାୟକ

ବହୁରୂପୀ ପରି ବଦଳାଇ ଚାଲିଛି ତାର ରୂପ
ଅତୀତକୁ ବି ଭୁଲିସାରିଲାଣି
ଏମିତି କେମିତି ଏକ ଉଦ୍ଭଟ କଳ୍ପନା
ପଶିଲା ତା ମୁଣ୍ଡରେ କେଜାଣି
ଯେମିତି ଉଲଗ୍ନ ହୋଇଯିବ,
ସମସ୍ତ ଲଜ୍ଜ୍ୟାର ସରହଦ
ଡେଇଁ ସାରିଲାଣି ।

ଆଦିମ ମଣିଷର ବଲ୍କଳକୁ
ପରିତ୍ୟାଗ କରି
ଦିନେ ଆପାଦମସ୍ତକ ଘୋଡେଇ
ଶାଳୀନତାରେ ତଲ୍ଲୀନ ହୋଇଗଲା,
କିନ୍ତୁ ଏବେ ପୁଣି ବୋଧେ
ଅତୀତକୁ ମନେ ପକାଉଛି
ନାରୀର ନଗ୍ନ ପୋଷାକରେ
ଅଟକି ଯାଇଛି,
ଆଦିମ ହୋଇଯିବାକୁ
ପୁଣି ବୋଧେ ଚେଷ୍ଟାକରୁଛି ।

ସମ୍ମାନ, ଅସମ୍ମାନ କରିବା ସେ ଶିଖିଥିଲା,
ଯୁଗପତ ଲାଗିଯାଇଥିଲା ତାକୁ
ସେଥିପାଇଁ
ଆଉ କିନ୍ତୁ ଏବେ
ସେ ସବୁ ମନେ ପଡୁନି,
ପୂଜ୍ୟ ପୂଜାକୁ ଛାଡିସାରିଲାଣି,
ତାହା ଏବେ ପରିବର୍ତ୍ତିତ ହୋଇଛି
ବାମ ବା ଡାହାଣ ହାତର ବଦ୍ଧ ମୁଷ୍ଟିରେ
ନିଜ ଛାତିକୁ ଛୁଇଁବାରେ,
କିମ୍ବା ହାତ ଦୋହଲାଇ
ଟା ଟା ବା ବା କହିବାରେ ।

ମନ୍ଦିରରେ ସଂକୀର୍ତ୍ତନ ହେଉଥିଲା
କି ସୁନ୍ଦର ମୂର୍ଚ୍ଛନା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଧ୍ୟାତ୍ମିକତାର ସୁରଭିରେ
ସମ୍ମୋହିତ ହେଉଥିଲା ପ୍ରାଣ
ଭକ୍ତିରେ, ଈଶ୍ବରଙ୍କ ଠାରେ,
ଏବେ ବି ଚାଲିଛି ସଂକୀର୍ତ୍ତନ
କିନ୍ତୁ ନାହିଁ ସେ ଉଦବେଳନ
ସ୍ବର ସବୁ ବଦଳି ଯାଇଛି
କେତେ କେତେ ପ୍ରେମ ସଙ୍ଗୀତର
ତାଳରେ ତାଳରେ
କେମିତି ଏକ ଅଢଙ୍ଗ ନୃତ୍ୟରେ ।

ସନ୍ଧ୍ୟାରେ ତୁଳସୀ ମୂଳରେ
ସଞ୍ଜବତୀ ଜାଳୁଥିଲା ଦିନେ ଓଡ଼ିଆଣୀ
ପବିତ୍ର ମନରେ,
ମାଗୁଥିଲା ପରିବାର ସୁଖ
ଏକାନ୍ତ ଭକ୍ତିରେ,
କିନ୍ତୁ ଆଜି,ଘରର କୁଳବୋହୁ
ଭୁଲିଗଲାଣି ସେସବୁ,
ସନ୍ଧ୍ୟା ବିତେ ଆଳସ୍ୟରେ
ତୁଳିତଳ୍ପ ଶଯ୍ୟାରେ
କିମ୍ବା
ସାନ୍ଧ୍ୟ ଭ୍ରମଣରେ ।

ଅଟକି ଯାଉଥିଲେ ଲୋକେ
ମନ୍ଦିର ପାଖରେ,
ସେଇଠି ସଂସାର ର ଦୁଃଖ ସୁଖ
ହାନୀ ଲାଭ,ପାପ, ପୂଣ୍ୟ,
ସବୁ ଗପ ଚାଲୁଥିଲା
ଆଳାପ ଭିତରେ,
ଆଜି କିନ୍ତୁ କାହାସାଥେ କଥା ପାଇଁ
ସମୟ ତ ନାହିଁ
ବେଳ ବିତେ ମଦ ଦୋକାନରେ
କିମ୍ବା ରାସ୍ତାକଡେ ପଡିଥାଏ
ଗଭୀର ନିଶାରେ ।

ଖଣ୍ଡବନ୍ଧ, ଢେଙ୍କାନାଳ ।
ଫୋନ: ୮୮୪୭୮୪୨୨୯୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିବର୍ତ୍ତନ



ଅସିତ ମହାନ୍ତି

ଘର ଚାଳ ଥିଲା ବର୍ଷା ହେଲେ ପାଣି ଗଳୁଥିଲା,
କିନ୍ତୁ ସେଥିରେ ଶାନ୍ତି ଆଉ ସନ୍ତୋଷ ଥିଲା ।
ଆଜି ବାଲି ସିମେଣ୍ଟର ଘର ତିଆରି ହେଲା ,
କିନ୍ତୁ ମନୁଷ୍ୟ କୃତ୍ରିମ ଜିନିଷ ଉପରେ ନିର୍ଭର ହେଲା ।
ଗରିବ ଥିଲେ, ଦରକାରୀ ଜିନିଷର ଅଭାବ ଥିଲା ,
କିନ୍ତୁ ସମ୍ପର୍କ ପକ୍କା ଥିଲା, ପଡୋଶୀ ଅଭାବ ଦୂର କରୁଥିଲା ।
ଆଜି ଅଭାବ ଦୂର ହୋଇଯାଇଛି ,
କିନ୍ତୁ ପଡୋଶୀ ଆମଠାରୁ ଦୂରେଇ ଯାଇଛି ।
ଘରର କବାଟ ସର୍ବଦା ଖୋଲା ରହୁଥିଲା ,
ବାଟ ଚଲା ଲୋକ ପାଣି ମାଗି ପିଉଥିଲା ।
ରାତି ଅଧ ପର୍ଯ୍ୟନ୍ତ ମୁଖ୍ୟ ଦ୍ୱାର ଖୋଲା ରହୁଥିଲା,
ଯେଉଁ ଜିନିଷ ଯେଉଁଠି ଥିଲା ସେହିପରି ପଡି ରହୁଥିଲା ।
ନଥିଲା ଚୋରର ଭୟ ଆଉ ଆତଙ୍କ, ବିଶ୍ୱାସ ଆଉ ଆତ୍ମୀୟତା ଥିଲା ,
ଆଜି ଚୋର ଭୟରେ କବାଟ ବନ୍ଦ, ଭିକାରି ଦେଖି ଫେରି ଯାଇଥିଲା ।
ପଡୋଶୀ ଶାଗ ଆଉ ତରକାରୀ ନେଇ ଆସୁଥିଲେ ,
ଭାତ ଥାଳି ଚାରିପାଖେ ପାଞ୍ଚ ପ୍ରକାର ତୁଣ ମା ପରଷୁଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ସେ ପଡ଼ୋଶି ନାହାନ୍ତି , ନାହିଁ ସେ ପାଞ୍ଚ ତୁଣ ,

ଯେମିତି ଅକାଳ ପଡିଯାଇଛି , ଅଭାବ ରହିଛି ସେହି ଗୁଣ ।

ଜେଜେ ମା ଜେଜେ ବାପା ଶୁଣାଉଥିଲେ ନାତି ନାତୁଣୀଙ୍କୁ କାହାଣୀ ,

ଦେଖୁ ଦେଖୁ ସୋଇପଡୁଥିଲେ ନାତି ନାତୁଣୀ।

ଆଜି ନାହାନ୍ତି ସେ ଜେଜେ ଆଉ ଜେଜେ ମା ନା ଅଛି ସେ କାହାଣୀ ,

ଆଧୁନିକତାର ଶିକାର ହୋଇ ଧରିଛନ୍ତି ମୋବାଇଲ ନାତି ନାତୁଣୀ।

ପରିବର୍ତ୍ତନ ଧାରାରେ ମନୁଷ୍ୟ ପରିବର୍ତ୍ତନ ହୋଇଛି ,

କିନ୍ତୁ ସେହି ପରିବର୍ତ୍ତନରେ ସଂସ୍କୃତି ଏବଂ ନୈତିକତା ର ଅଭାବ ରହିଛି ।

ବିଜ୍ଞାନ ପରିବର୍ତ୍ତନର ଧାରାକୁ ତ୍ୱରାନ୍ୱିତ କରିଛି ,

କିନ୍ତୁ ଜୀବନ ଗଢିବାରେ ବିଜ୍ଞାନର ଉପଯୋଗୀତାକୁ ଅଣଦେଖା କରାଯାଉଛି ।

ପରିବର୍ତ୍ତନ ହେଉଛି ବସ୍ତୁର ନିୟମ, ଏହା ସଭିଏଁ ଜାଣନ୍ତି ,

କିନ୍ତୁ ନକାରାତ୍ମକ ପରିବର୍ତ୍ତନ ଭୟଙ୍କର ବୋଲି ମନୀଷୀ ମାନେ କହିଛନ୍ତି ।

ସୁଜନପୁର , ଯାଜପୁର

୯୩୪୮୭୭୮୮୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଆରେ ବାଇମନ



ପ୍ରହ୍ଲାଦ ସାହୁ

ମୋହରେ ପଡି କିଆଁ ହେଉ ଛଟପଟ
ସଂସାର ନିଆଁରେ ପରଖ ଭାଗ୍ୟ ପଟ୍ଟ ।
ଯାହାକୁ କହୁଛୁ ତୁ ମୋର ମୋର ସବୁ
କେହି ନୁହେଁ ସାଥି ତୋର ଯମପୁରକୁ ।
ଆସିଥିଲୁ ଏକା ଯିବୁରେ ପୁଣି ଏକା
ପିନ୍ଧା ବସ୍ତ୍ରତକ ଦେଇଦେବେ ଧୋକା ।
ପୁଅ ବୋଲି ଯାହାକୁ କରିଛୁ ସଂଖାଳୀ
ତୋ ମଲାଦେହେ ନିଆଁଦେଇ ଯିବ ଫେରି ।
ଅତି ଆପଣାର ଧର୍ମ ପତ୍ନୀ ତୋହର
ତେର ଦିନ ପରେ ଲୁହ ଶୁଖିଯିବ ତାର ।
ବନ୍ଧୁ ବାନ୍ଧବ ଫେରିବେ ଦଧି ହାଣ୍ଡି ଭାଙ୍ଗି
ତୋ ଖବର ଗାଁମୁଣ୍ଡ ମାଲ ଆଟିକା ସାଖି ।
ଯେଉଁ ବ୍ୟାଙ୍କରେ ସଂଚିଛୁ ଟଙ୍କା ପଇସା
ମଲା ପୂର୍ବେ ଟିପ ଚିହ୍ନେ ତୁଟାଇବେ ଭରଷା ।
ମୋହ ମାୟାରେ ଗଢିଥିଲୁ ଯେଉଁ ଘର
ତୁ ଗଲାପରେ ହୋଇଯିବ ଆଉ କାହାର ।
କେତେ ଯତନେ ଘେରିଲୁ ବାଡି ବଗିଚା
ତୋ ଅନ୍ତେ ବାଣ୍ଟି ନେବେ ପୁଅ ପୁତୁରା ।
ପୋଖରି ଖୋଳି ପୂଣ୍ୟ ଅରଜିଛୁ ଯେତେ
ବାସ ନାହିଁ ବୋଲି ଭାଇ ପୋତି ଦେବେ ।
ଯେଉଁ ମନ୍ଦିରେ ପୋଥି ପୁରାଣ ପଢୁଥିବୁ
ତୋ ପରେ ଖେଳିବେ ଲୋକେ ତାସ, ଲୁଡୁ ।
ଜୀବ ଥାଉ ଥାଉ ସଚଂୟ କର କର୍ମ ଫଳ
ମୋହ ମାୟ ନୁହେଁ ଏହି ତୋ ମହତ ଧନ ।

ନୂଆଦିଲ୍ଲୀ, ୮୧୭୮୬୪୪୨୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶେଷ ମାର୍ଗଶିର



ରିଭୁ ଆଭୂଷଣ
ପଣ୍ଡା

ବୋଧେ ଆଦେଶ ଆସିଯାଇଥିଲା
ବୋଧେ ମାୟା ବନ୍ଧନ ଫିଟିଗଲା
ଏକ ଅମୃତ ବେଳା ରେ ଚାଲିଗଲ
ମୋନେପଡୁଛି ସେ ହସ ମୁଖ ଚିତ୍ର ।୧ ।

ମଣିଷ ହେଇଚି ତୁମ ପାଇଁ
ତୁମେ ଥିଲ ମୋ ସବୁକିଛି
ବିଚିତ୍ର ଏ ସମୟର ଖେଳ
ପାଖେ ଥାଇ ବି ହେଇଗଲି ଦୂର ।୨ ।

ଲୁଟେରା ପୁରୋହିତ ସାଙ୍ଗକୁ କଟୁ କଥା
ରକ୍ତ ସମ୍ପର୍କର ରହିଲାନି ମୂଲ୍ୟ
ସବୁର ମୂଳରେ ପଇସା
କେବଳ ତୁମେ ହିଁ ମୋ ବିଶ୍ୱାସ ।୩ ।

ତୁମେ ଏକ ଯୋଗଜନ୍ମା ପୁରୁଷ
କିନ୍ତୁ ମୁ ତ ଏକ ସାଧାରଣ ମଣିଷ
କିଛି ତ ଦେଇଥାନ୍ତ ସେବାର ସୁଯୋଗ
ତୁମେ ଜନ୍ମଦାତା ତୁମେ ହିଁ ମୋ ସଂସାର ।୪ ।

ମୋ ମନ ଏବେବି ବୁଝିନି
ଲାଗେ ଆଣି ଦିଅନ୍ତି କି ତୁମକୁ ପୁଣିଥରେ
ତୁମେ ଏକ ଅନୁଷ୍ଠାନ ତୁମେ ଏକ ଉଦାହରଣ
ଚାରିଦିଗେ ବାଜୁଛି ତୁମରି ସ୍ୱର ।୫ ।

ପାରଳାଖେମୁଣ୍ଡି, ଗଜପତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶଗଡ଼ର ଦୁଃଖ



ରାଧାମୋହନ
ପୂଜାହାରୀ

କିଛି ବର୍ଷ ପୂର୍ବ ତଳର କଥା ମୁଁ
କହୁଛି ବଖାଣି ଶୁଣ,
ଚିନ୍ତି ତା'ରି କଥା ପାଇ ମନେ ବ୍ୟଥା
ଗାଉଅଛି ତା'ର ଗୁଣ ।
ସଂସାରେ ତା' ଭାଗ୍ୟ ଭବିଷ୍ୟତ ଆଜି
ହୋଇଅଛି ଅନ୍ଧକାର,
ଅଧୁନା ଯୁଗେ ସେ ଯନ୍ତ୍ରର ପ୍ରଭାବେ
ହରାଇଛି ସତ୍ତା ତା'ର ।। (୧)

ଏକଦା ସଭିଙ୍କ ଥିଲା ଆପଣାର
ଆଦର ସେ ପାଉଥିଲା,
ମୁନିବ ଆଦେଶେ ନିର୍ଭୟରେ ବଣ
ବିଲେ ମାଡ଼ି ଯାଉଥିଲା ।
ଏକଦା ତା' ପ୍ରିୟ ବାଉଁଶ ରୋଦର
ଥିଲା ତା'ର ସହଚରୀ,
ଥିଲେ ସେ ସଙ୍ଗାତ ଦୁହେଁ ଦୁହିଙ୍କର
କୃଷ୍ଣ-ସୁଦାମା ଙ୍କ ପରି ।। (୨)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦିନେ ସେ ସଂସାରେ ସୃଷ୍ଟି କରିଥିଲା
ନିଜେ ନିଜ ପରିଆରା,
ଧାନ ଅମଳର ସମୟେ ସେ ଥିଲା
କୃଷକ ଆଖିର ତାରା ।
କିନ୍ତୁ ସମୟର ଚକ୍ରବ୍ୟୁହେ ସିଏ
ଫସି ଯାଇଅଛି ଆଜି,
ଭଗ୍ନ ଅବସ୍ଥାରେ ପଡ଼ିଛି ଗୁହାଳ
କୋଣେ ବିକଳାଙ୍ଗ ସାଜି ।।(୩)

ଯାତାୟାତ କ୍ଷେତ୍ରେ ପ୍ରମୁଖ ଭୂମିକା
ନିର୍ବାହ ସେ କରୁଥିଲା,
ଝିଅ ବଧୂ ବେଶେ ତା' କୋଳରେ ବସି
ଶାଶୂଘର ଯାଉଥିଲା ।
ଧାନ, ମୁଗ, ବିରି, କୋଳଥ, କାନ୍ଦୁଲ
ହର୍ଷେ ନେଉଥିଲା ବୋହି,
କେବେ ପୁଣି ଇଟା, ବାଲି, ପଥରର
ବୋଝ ଯାଉଥିଲା ସହି ।।(୪)

ସମାଜର ଚିତ୍ର ବଦଳିଛି ଆଜି
ବଦଳି ଯାଇଛି ନର,
ବିକାଶର ନାମେ ରଚୁଛି ସେ ଆଜି
ଚକ୍ରବ୍ୟୁହ ବିନାଶର ।
ସେ ବ୍ୟୁହରେ ଫସି ବିକଳେ ପଡ଼ିଛି
ଗୁହାଳେ ତା' ମୁହଁ ମାଡ଼ି,
ଦୁଇ ଅଖ ଲଗା କାଠରେ ତିଆରି
ଆଜି ସେ ଶଗଡ଼ ଗାଡ଼ି ।।(୫)

ନାହିଁ ଶଗଡ଼ିଆ ନାହିଁ ତ ଶଗଡ଼
ଶୁଭୁନି ହଳିଆ ଗୀତ,
ଆସିଛି ବିପଦ ଶଗଡ଼ ଜୀବନେ
ଖରା ହେଉ ଅବା ଶୀତ ।
ଶରାଘାତେ ଆଉ ଶଗଡ଼ର ଶବ୍ଦ
ଶୁଭୁନି କେଏଁ କଟର,
ଦିଲ୍ଲୀ ଠାରୁ ପଲ୍ଲୀ ଯହିଁ ଦେଖ ଆଜି
ପେଏଁ ପାଁ ଗାଡ଼ି ମଟର ।।(୬)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯାନବାହନ ର ଚାହିଦା ବଢ଼ିଛି
ଆଜି କୋଣେ ଅନୁକୋଣେ,
ତାଙ୍କରି ଦୌରାତ୍ମ୍ୟେ ଏ ଧରା ସହୁଛି
ଶବ୍ଦ ବାୟୁ ପ୍ରଦୁଷଣେ ।
ବିନା ପ୍ରଦୁଷଣେ ସେହି ଶଗଡ଼ଟା
ଯେବେ ଯାଉଥିଲା ଗଡ଼ି,
ହସୁଥିଲା ଧରା ସୁସ୍ଥ ପରିବେଶେ
ସୌନ୍ଦର୍ଯ୍ୟ କୋଳରେ ବଢ଼ି । । (୭)

ସେ ଦୂଷିତ ବାୟୁ ସଂକ୍ରମଣେ ନର
ଭୋଗେ ରୋଗ ନାନାବିଧ,
ଦିଲ୍ଲୀ ଅଟେ ତା'ର ଜ୍ୱଳନ୍ତ ନମୁନା
ହୋଇଅଛି ଆଜି ସିଦ୍ଧ ।
ନାନା ରୋଗେ ପଡ଼ି ମଣିଷର ଆଜି
ଆୟୁଷ ଯାଇଛି କମି,
ଗାଡ଼ି ମଟରରୁ ନିର୍ଗତ ଧୂଆଁ ରେ
ବିଷ ଯେ ରହିଛି ଜମି । । (୮)

କୃଷି ସଂସ୍କୃତିର ଅଭିନ୍ନ ଅଙ୍ଗ ଏ
ବଳଦ ଟଣା ଶଗଡ଼,
ଲଙ୍ଗଳ, ଶଇଳ, ଈଷ, ପିଚିକୀଳ
କୃଷକ ପାଇଁକି ବଡ଼ ।
ଶଗଡ଼ ବିକଳେ କହେ ଆଜି 'ମୋତେ
ଉଦ୍ଧାର କର ହେ ନର !'
ତୁମ ସେବା ପାଇଁ ଦିଅ ମୋତେ ଶକ୍ତି
ଦିଅ ନବ କଳେବର । । (୯)

ଅଧ୍ୟାପକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେଉଁ ଅନନ୍ତ କାଳରୁ



ଅନସୂୟା ପଣ୍ଡା

କେଉଁ ଅନନ୍ତ କାଳରୁ, ସେଇ ଉଦ୍ଦାମ ପୌରୁଷ ତଳେ
ଏକ ରୁକ୍ଷ ନାଗଫେଣୀ ତ୍ରସ୍ତ  ମରୁଭୂମି
କେବେ ରାମ ସୀତାଙ୍କୁ ଛାଡି ଦେଇଥିଲେ ଜଙ୍ଗଲରେ ଗର୍ଭାବସ୍ଥାରେ
କେବେ ଗୌତମ ଛାଡି ଆସିଥିଲେ ପୂର୍ଣ୍ଣ ଯୌବନା ପତ୍ନୀକି
ଯନ୍ତ୍ରଣାର ମହାମ୍ବୁଧୀରେ ।
କେବେ କାହ୍ନା ରାଧାଙ୍କୁ ବିମୋହିତ କରିଥିଲେ ପ୍ରୀତିର ବାସ୍ନାରେ
କିନ୍ତୁ ବରିଥିଲେ ଅଷ୍ଟପାଟବଂଶୀରେ
ଯୁଗରୁ ଯୁଗକୁ, ଅନିବାର
ଏଇ ଅଭାବନୀୟ ସନ୍ଦର୍ଭ ଲେଖା ହେଇଛି ଅତୀତରୁ ।
କେବେ ଚକ୍ରାନ୍ତରେ କୁନ୍ତୀ ବରିଲେ ଶାପଗ୍ରସ୍ତ ପଣ୍ଡୁଙ୍କୁ
ଦୈହିକ ତୃଷ୍ଣାର ଅନଳରେ ଜଳୁଥିଲେ ଅଦୃଶ୍ୟରେ
ସମସ୍ତଙ୍କ ଅଜାଣତରେ ଗରଳ ଖାଲି ପିଉଥିଲେ ସନ୍ତପ୍ତ ମନରେ
ଅନନ୍ୟ ସ୍ତ୍ରୀର ଅନ୍ତର୍ଦହନରେ
ସମୟ ଉପଯୋଗୀ ପୁଣ୍ୟର ପ୍ରସାଦରେ ଅପତ୍ୟ ପ୍ରାପ୍ତି କରିଥିଲେ
ଅନପତ୍ୟ ଯନ୍ତ୍ରଣାରୁ ଉଧୁରି ଯାଇଥିଲେ ।
ଗାନ୍ଧାରୀ ଫସିଥିଲେ ଗୋଟେ ଚକ୍ରବ୍ୟୂହରେ ସମ୍ପର୍କ ମୋହରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ବି ଅନପତ୍ୟ ଥିଲେ,

ଗର୍ଭ ଧାରଣ ସୁଖରୁ ବଞ୍ଚିତ ଥିଲେ

ଶତ ପୁତ୍ରର ଜନନୀ ସତ୍ତ୍ୱେ ।

ମାଦ୍ରୀ ବି ଗୋଟେ ଯନ୍ତ୍ରଣାରେ ଜଳୁଥିଲେ

ବିଳାସର ରାଜ ମହଲରେ, ସତୃଷ୍ଣ ମନର ବାଟ ଚାଲି ଚାଲି

ସେବି ନିଃସନ୍ତାନ ସବୁ ଥାଇ ହାତ ମୁଠାରେ

ବିଡମ୍ବିତ ଜୀବନ ଥିଲା, ସମ୍ଭ୍ରାନ୍ତର ପ୍ରଚ୍ଛଦ ପଟରେ ।

ଯାଜ୍ଞସେନୀତ ଜଳୁଥିଲେ ଅହରହ

ଅନିର୍ବଚନୀୟ ଅନ୍ତଃକରଣର ମହୋଦଧିରେ

ଫରୁଆ ଭର୍ତ୍ତି ସ୍ୱପ୍ନ ଉଜୁଡି ଯାଇଥିଲା ଏରୁଣ୍ଡି ପାଖରେ

ଗୋଟେ ନାରୀ ଅନ୍ୟ କାହା ଇଚ୍ଛାରେ ବିଭାଜିତ ହେଇଥିଲା

ରାଜପ୍ରସାଦର ବିଭ୍ରାନ୍ତିକର ସତ୍ୟ ପାଳନରେ ।

ପୁରା ଜୀବନ ଆକ୍ଷେପର କ୍ରୁଶ ବିଦ୍ଧରେ

କ୍ଷତାକ୍ତ ହେଇଥିଲେ ଅଦମ୍ୟ ଜୀବନ ରାସ୍ତାରେ

ଅଧିକଶ୍ରାନ୍ତ ବାରୁଦର ରାସ୍ତା ଚାଲି ଚାଲି ପ୍ରତି ପାଦେ

ବିସ୍ଫୋରଣ ଘଟୁଥିଲା ଝଞ୍ଜା ।ବର୍ତ୍ତ ଜୀବନ ସହରେ ।

ଏମିତି ଅନେକ ଯୁଗ ଗଲେଣି ବାହୁଡି

ନାରୀ ପ୍ରତୀଟି ଯୁଗରେ ପ୍ରତି ସମୟରେ

ଅଧା ଦିଶେ ଅଧା ଅଦୃଶ୍ୟ ଚରିତ୍ରର ଖୋଳପା ଭିତରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି କିନ୍ତୁ ବୁଢିଆଣୀ ପରି ସିଦ୍ଧହସ୍ତ ଘର ଗଢିବାରେ,

ସମ୍ପର୍କର ଜାଲ ବୁଣିବାରେ ।

ସଭ୍ୟ ଭବ୍ୟ ଚଳଣିର ଚାରୁ କଳା ବିଭବ ଭିତରେ

ନାରୀ ସହିବାର ପରିଧି ଭିତରେ ଅପର୍ଣ୍ଣା,ସର୍ଜନା

ସହିବାର ପରିଧି ବାହାରେ ସୀମା ଲଂଘି ଗଲେ

ମହାକାଳୀ ସୃଷ୍ଟି ହୁଏ ବିନାଶର ତାଣ୍ଡବ ସଂହାରେ ।

ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର, ୭୬୮୦୧୮

ଭ୍ରାମ୍ୟଭାଷ : ୯୪୩୯୨୧୯୯୭୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝିଅ



ଦଣ୍ଡାସି ପ୍ରଧାନ

କେଉଁ ଦରବରେ ଗଢ଼ିଛ ପ୍ରଭୁହେ ପରଖି ପାରେନି ଜମା ,
ଉଦାର ସୁଧାର ସ୍ୱଭାବ ମଧୁର ସେବା ତ୍ୟାଗେ ନିରୂପମା ।।୧
ଜନମ ଭୂଇଁର ଆଦର ଯତନେ ଜନନୀ ଜନକ କୋଳେ
ମାଳ କୂଳ ବେଳା ସରହଦ ନେଇ ଶିକ୍ଷା ନିକେତନେ ଖେଳେ ।।୨
ଶ୍ରଦ୍ଧାର ସାଗର ପ୍ରିୟଙ୍କା ପ୍ରତିମା ଢ଼ାଳିଥାଏ ସୁଖରାଶି
ମାତା ପିତା ଗୁରୁ ସଂସ୍କାର ଘେନିଣ ବିବିଧ ଗୁଣ ପ୍ରକାଶି ।।୩
ଜନ୍ମ କର୍ମ ଭୂମି ସଜାଡି ଯୋଗାଡେ ନିଃସ୍ୱାର୍ଥ ମନସ୍କା ମନା
ଭିତ୍ତି ସ୍ଥିତି ବୃତ୍ତି ଯାବତୀୟ କ୍ଷେତ୍ରେ ଅଦ୍ୱିତୀୟା ସେ ଅନନ୍ୟା ।।୪
ନିଜସ୍ୱ ଇଚ୍ଛାକୁ ତୋଳି ତଉଲିବା ମନ୍ଦ ଚିନ୍ତା କୁଭାବନା
ପୂଜନ ଅର୍ଚ୍ଚନ ତୀର୍ଥ ତୀର୍ଥାଟନ ବ୍ୟର୍ଥ ସେବାଧର୍ମ ବିନା ।।୫
ପର ଆପଣାର ଭିନ୍ନାଭିନ୍ନ ପଣ ସେନହ ମମତା ଆଳେ
ବାଣ୍ଟିବାରେ ସୁଖ ଆନନ୍ଦ ଅପାର ଶିଖାଇଛି କାଳେକାଳେ ।।୬
ଜୀବନଟା ଏକ ପଶାପାଲି ପରି ଘଡିକେ ବଦଳେ ଗୋଟି
କରମ କରଣି ଶ୍ରୀପାଣି ସ୍ପର୍ଶରେ କହେକଥା ପଶାକାଠି ।।୭
କନ୍ୟା ରତ୍ନ ଝିଅ ତନୟା ବନିତା ଭଗିନୀ ଜନନୀ ଜାୟା
ଦୁହିତା ସୁବାଳା ମଙ୍ଗଳ ଆଳୟ ସାକ୍ଷାତ ଲକ୍ଷ୍ମୀ ହୃଦୟା ।।୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଦର ଯତନ ଶୋଭର ଭଣ୍ଡାର ସୁଭାଗ୍ୟ ଉଦୟ ହେତୁ
ଅଶ୍ରୁଳ ସମୟେ ଅଜାଡି ପାରେ ସେ' ଅମୃତାଞ୍ଜଳିର ବସ୍ତୁ ।।୯
ପିତା ମନ ଜାଣି ମାତା ହୃଦ କିଣି ଶଶୁରାଳୟ ଜଞ୍ଜାଳେ
ସୁତୀକ୍ଷ୍ଣ ଆଖିରେ ନିରେକ୍ଷି ଥାଇ ସେ ସୁଖ ବାଣ୍ଟେ ବେନି କୁଳେ ।।୧୦
ଆଭା ପ୍ରଭା ବିଭା ଗୁଣ କର୍ମ ଧର୍ମେ ବିଭବପ୍ରଦା ପ୍ରତିମା
ଯତ୍ନ ସୁରକ୍ଷିତେ ସୁଲକ୍ଷଣ ବଳେ ଦୁର୍ଗତି ନାଶିନୀ ଯେମା ।।୧୧
ଆବାଲ୍ୟରୁ ବୃଦ୍ଧା ସମର୍ପଣ ଭାବ ଭାବନା ପାଥେୟ କରି
ସଂସାର ସଜ୍ଜାରେ ତା' ଜୀବନ ଧନ୍ୟ କିଏ ହେବ ତାହା ସରି ? ।।୧୨

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସେବା ସଂସଦ, ପାତ୍ରପୁର, ଗଞ୍ଜାମ
ବେଙ୍ଗାଲୁରୁ, ଭ୍ରାମ୍ୟଭାଷ : ୮୭୬୦୦୧୯୪୯୭୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରହେଳିକା



ପ୍ରଶାନ୍ତ କୁମାର ମହାରଣା

ମୋ ଭାବନାର ପୃଷ୍ଠା ଉପରେ
ତୁମ ପ୍ରତୀକ୍ଷାର ଢେଉ ଯେବେ ଲହଡ଼ି ଭାଙ୍ଗେ,
ସମ୍ପର୍କର ସେତୁ ଗଢି ନୂଆ ଏକ କୁଳର ଠିକଣା ମୁଁ ଖୋଜେ ।

ଆତ୍ମୀୟତାକୁ ଭୁଲି ଏ ସମାଜ
ପରିଚୟର ସଂଜ୍ଞା ଲୋଡେ ।
ବୁନିଆଦିର ଶୃଙ୍ଖଳା ଛିଡେଇ
ଭରା ନଈର ଛାତି ଉପରେ
ନିଜ ଯୋଗ୍ୟତାର ବାସ୍ତବତା ମୁଁ ପରଖେ ।

ସମର୍ପଣକୁ ସାଥେ ନେଇ ସନ୍ତୁଳି ହୁଏ ।
ପୁଣି କେଉଁ ଅଜଣା ଅଭିଶାପର ଇସାରାରେ
ସମ୍ପର୍କର ମୋଡ଼ ବଦଳିଯାଏ,
ତୁମ ହୃଦୟରେ ମୋ ପାଇଁ
ସାଇତି ରଖିଥିବା ସେଇ ଶୂନ୍ୟତା
ସମୟର ଘୂର୍ଣ୍ଣନରେ ପଶ୍ଚାତାପ କରେ ।

ଅସଂଜତ ମାନସିକତାରେ
ମୋର ଭାବନାର ସବୁ ଶକ୍ତି ପୁଣି ଠୋକର ଖାଏ ।

(ଓଡ଼ିଆ ଶିକ୍ଷକ) ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଲିଙ୍ଗିପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସକାଳର ସଂକଳ୍ପ



ରୋହିତ
ପଟ୍ଟନାୟକ

ନୂତନ ମନର ବିକଳ୍ପ
ଚିନ୍ତା କରିବ ଅଳ୍ପ ।।
ଦିନରେ କର୍ମ
ରାତ୍ରେ ଧର୍ମ
ପ୍ରଭାତେ ମର୍ମ ।।

ଜୀବନ ସୀମିତ
ସଂସାର ବିସ୍ମିତ
ମୂର୍ତ୍ୟ ଅସ୍ମିତ ।।

ମଣିଷ ଅହଂକାର
ଶୂନ୍ୟ ର ଆକାର
ନ ଚିନ୍ତେ ବ୍ୟଭିଚାର ।।

ନିୟତି ର ରଙ୍ଗ
ଅହମିକା ର ଭଙ୍ଗ
ଶୁନ୍ୟ ପୁରୁଷ ର ଢଙ୍ଗ ।।

ପାପ କ୍ଷୟ
ରୋଗ ନିର୍ଣ୍ଣୟ
ବିଧାତା କରେ ବିଳୟ ।।

ଅନ୍ତେ ସ୍ମଶାନ
ଭକ୍ଷଣ କରେ ସ୍ୱାନ
ଅର୍ଜିତ କର୍ମଫଳ ହୁଏ ମଳିନ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟ



ଯଶୋବନ୍ତ ସା

କାହିଁ ଚାଲିଗଲ ସମୟ ତୁମେ ..........

ବିଶ୍ରାମ ତୋ କଲ ନାହିଁ

ସୁଖର ଦୁଖର ଏହି ସଂସାର କୁ

ପଛରେ ଛାଡିଲ କାହିଁ ।

କଲେଜ ବ୍ୟାଚ ଆଜି ମନେ ପଡେ ଭାରି

ସୁ-ସମ୍ପର୍କ ଥିଲା ଆବୋରି ।

ପାଠ ପଢା ସଙ୍ଗେ , ସେଲଫି ରଙ୍ଗେ

ଦୁନିଆ ଥିଲା କେତେ ରଙ୍ଗୀନ ...

ହେ ସମୟ ତମେ କାହିଁକି ଗଲା

ବିଶ୍ରାମ ତ କଲ ନାହିଁ ?

ଅଧ୍ୟାପକ-ଅଧ୍ୟାପିକା ସ-ସ୍ନେହ ପ୍ରେମେ

ପ୍ରେମ ତରଙ୍ଗିଣୀ ସାଜି ...

ଦୋହାଲୁ ଥିଲୁ ଜୀବନ ଦୋଳିରେ

ହେ ସମୟ ତମେ ସବୁ ତ ଦେଲ ସାରି ॥

ସ୍ୱଳ୍ପ ସମୟର ଜୀବନରେ କେତେ

ଉତ୍-ଥାନ ପତନ ଆସି

ଦେଖା ଦେଇ ପୁଣି ଦୂରେ ଚାଲିଯାଏ

ଯେମିତି ନୀରରୁ ଶଶି ॥

ସମ୍ପର୍କ ର ଏଠି ନାହିଁ ପୂର୍ଣଚ୍ଛେଦ .....

ଜୀବନ ଏଠି କ୍ଷଣ-ଭଙ୍ଗୁର ସତ ॥

ସୀମିତ ସମୟେ ଯୋଡି ରହିଥାଉ

ହୃଦୟ ସହିତ ହୃଦୟ ର ॥

ସିନାପାଲି, ନୂଆପଡା

ମୋ: ୭୮୯୪୭୩୭୩୭୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନବବର୍ଷ...



ସାଇ ପ୍ରସାଦ ସାହୁ

ହେ ନବବର୍ଷ ଦୁଇହଜାର ବାଇଶି
ତୁମକୁ ସ୍ୱାଗତ
ଦୁଇହଜାର ଏକୋଇଶି ଆଜି ଅତୀତ
ବର୍ତ୍ତମାନ ସେ ଆଲୋଡା
କେତେ ସୁଖ , ଦୁଃଖ ଓ ହସକାନ୍ଦର ସମାହାର
ତା'ର ପୃଷ୍ଠ ଭୂମି ଉପରେ ଦୁଇହଜାର ବାଇଶି ପ୍ରତିଷ୍ଠିତ
ତୁମର ବିଜୟ ହେଉ ।

ହେ ନବବର୍ଷ, ତୁମର ନବସୁରଭିରେ
ପାର୍ଥୀବ ପଦାର୍ଥ ସୁରଭିତ ହେଉ
ତୁମ ଆହ୍ୱାନରେ ନୂତନତ୍ୱ ପ୍ରେରଣା ଓ ଉଦ୍ଦୀପନା ସୃଷ୍ଟି ହେଉ
ମଳୟାନିକ ଆପ୍ରାଣ ପାଇଁ ତୁମେ ସମସ୍ତ ପ୍ରାଣୀଙ୍କର ସହାୟକ ହୁଅ ।

ବିଧି ବିଧାନରେ ଏ ନବବର୍ଷ
ସବୁରି ମନ ଓ ହୃଦୟରେ , ଶାନ୍ତି ଓ ପ୍ରେମ ବରଷୁ
ଈଶ୍ୱରଙ୍କ ଆଦେଶରେ ପ୍ରତିଟି ସୁମଙ୍ଗଳର ନିର୍ଘୋଷ
ଜଳେ, ସ୍ଥଳେ, ଗଗନେ ଓ ପବନେ
ଚିର ନିଦ୍ରିତ ହୋଇ
ସ୍ନେହ, ପ୍ରୀତି ଓ ସୌହାର୍ଦ୍ଦ୍ୟ ସୃଷ୍ଟି କରୁ ।

ସିନ୍ଦେକେଲା, ବଲାଙ୍ଗୀର, ଭ୍ରାମ୍ୟଭାଷ – ୯୯୩୭୦୩୪୭୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଶାର ବୈତରଣୀ



ଗୋବର୍ଦ୍ଧନ
ସେନାପତି

ଗାଁ ମୁଣ୍ଡ ନଈ ଘାଟରେ
ଅତୀତ ଦିନ ପରି ନିଶ୍ଚୟ ପୁଣି ଭିଡ ହେବ ।
ଆଜି ଥିବା ଖାଲି ଡଙ୍ଗାରେ
ଲୋକଙ୍କୁ ବସାଇ ନାଉରିଆ ପୁଣି କାତ ମାରିବ ।।

ଗାଇବ ସେ ତା କୌଳିକ ଗୀତ
ସେହି ପୁରୁଣାକାଳିଆ ସ୍ୱରରେ ।
ତା ଗୀତ ଶୁଣି ନଈ ରେ ଥିବା
ପାଣି ଭଉଁରୀ ନାଚିବ ଖୁସିରେ ।।

ନାଚି ନାଚି ପାଣି ଭଉଁରୀ
ଡଙ୍ଗା ଠାରୁ ଦୂରେଇ ତ ଯିବ ।
ନାଉରିଆ ଆରାମରେ କାତ ମାରି
ନଈ ସେପଟ ଘାଟରେ ପହଞ୍ଚିବ ।।

ଏବେକାର ଶୂନଶାନ ସହରରେ
ପୂର୍ବ ପରି ପୁଣି ଗହଳ ଚହଳ ଲାଗିବ ।
ଖୋଲିବ ଦୋକାନ ବଜାର
ବ୍ୟବସାୟ ସାଥେ କିଣାବିକା ଚାଲିବ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଳିବ ରୋଜଗାରର ସୁଯୋଗ
ସାଥେ ନିଯୁକ୍ତିର ପଥ ଖୋଲିଯିବ ।
ଅସହ୍ୟ ଆଉ ଏ ଦୁଃଖର ସମୟ
ସମସ୍ତଙ୍କ ଠାରୁ ଟିକେ ଦୂରେଇ ତ ଯିବ ।।

ଶିକ୍ଷାନୁଷ୍ଠାନ ଠାରୁ ପୁଣି ସାଧାରଣ
କାର୍ଯ୍ୟାଳୟର ସ୍ଥିତି ସାଧାରଣ ହେବ ।
ପୂର୍ବ ଅବସ୍ଥା ଫେରିବ, ପିଲା ବିଦ୍ୟାଳୟ ଯିବେ
ପୁଣି ସବୁ ଶ୍ରେଣୀରେ ପାଠପଢା ହେବ ।।

ଅମା ଅନ୍ଧକାର ପରି ଏହି
କରୋନା ମହାମାରୀ ଧ୍ୱଂସପ୍ରାପ୍ତ ହେବ ।
ପ୍ରାଚୀ ଦିଗେ ନୂତନ ସୂର୍ଯ୍ୟୋଦୟ
ସାଥେ ହସର ଲହରୀ ଖେଳିବ ।।

ବିଶ୍ୱାସ ଓ ଭରସାରେ ଭରୁଛି
ଆଜି ଏବେ ସମସ୍ତଙ୍କ ମନ ପୁଷ୍କରିଣୀ ।
ଏ ନୂଆବର୍ଷ ଦେଖାଦେବ ସମସ୍ତଙ୍କ
ଜୀବନରେ ଏକ ଆଶାର ବୈତରଣୀ ।।

ନୂଆଦିଲ୍ଲୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳା ବନ



ଶୁଭମ କୁମାର ସାହୁ

କାଲି ଯାଏଁ ଦେଖିଆସୁଥିବା ସବୁଜ ବନ ଟେ
ଆଜି ସଂପୂର୍ଣ୍ଣ ଦିଆସିଆ
ନାହିଁ ବନେ ଆଉ କଅଁଳିଆ ପତର
ଶୁଭୁନି ଆଉ ପକ୍ଷୀଙ୍କ କଳହ ସ୍ୱର ଓ
ପଶୁଙ୍କ ଗର୍ଜନର ଡାକ
ସଂପୂର୍ଣ୍ଣ ନିଶବ୍ଦ
ସବୁଜ ବନ ଆଜି ପାଲଟିଛି କଳାବନ
ସଂପୂର୍ଣ୍ଣ କଳାବନ
କେତେ ରୁଧିର
କେତେ ଚକ୍ଷୁ ଜଳ ସେ ଢ଼ାଳି ଦେଉଛି
ଯାତନା ପରେ ଯାତନା ସହି
ନିଜକୁ ଥୁଣ୍ଟା ଗଛଟିଏ କରିଦେଇଛି
ହେଲେ ମଧ୍ୟ ସେ ନିଃଶବ୍ଦ
ସଂପୂର୍ଣ୍ଣ ନିଶବ୍ଦ
ତଥାପି
ତା ଚକ୍ଷୁରେ ଦିଶୁଛି ତାର ନିଜସ୍ୱ ମୃତ୍ୟୁ

ସା : ପଦାପଡ଼ା, ପୋ : ଗୁଡ଼ିଖାଳ
ଜିଲ୍ଲା : ବାଲେଶ୍ୱର, ପିନ୍ : ୭୫୬୦୩୦
ଭ୍ରାମ୍ୟଭାଷ : ୮୯୧୭୫୧୨୭୪୭
ଇମେଲ୍ : sahoosubham603@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଏବେ ବଜାରରେ ଶସ୍ତା



କୃଷ୍ଣଚନ୍ଦ୍ର ବାରିକ

ଏବେ ଏବେ ଅର୍ଥରେ ଅଙ୍କା ହେଉଛି ଯୌବନର ଝୋଟି
ସ୍ୱାର୍ଥରେ ସଜ୍ଜା ହେଉଛି ପ୍ରଣୟର ପଟ୍ଟଚିତ୍ର
ଯେତେ ସବୁ ମଧୁକଥା ନୀରବ ନିଶବ୍ଦ ନିଶି ରେ
କେବଳ ଆକଳନ ହୁଏ  ଆବେଗ ର ଅବୈଧ ବ୍ୟାକୁଳତା ...
ପ୍ରେମ ଏବେ ବଜାରରେ ଶସ୍ତା ...(୧)

ଲଜ୍ଜା ଯେତେ ଫୁଙ୍ଗୁଳା ହେବା ଶିଖି ଲାଣି
ଚରିତ୍ର କ୍ରୟ ବିକ୍ରୟ ଦରରେ ଉପଲବ୍ଧ ହେଲାଣି
ଏବେ ବିଶ୍ୱାସ ରେ ଗଢି ହେଉନି ସମ୍ପର୍କର ଇମାରତ
ନିଖୁଣ ଅଭିନୟରେ ଚାଲିଛି ହୃଦୟକୁ ଜିତିବାର
ଭୟାନକ ପ୍ରତିଯୋଗୀତା....
ପ୍ରେମ ଏବେ ବଜାରରେ ଶସ୍ତା...(୨)

କେବଳ ଭୋକକୁ ନେଇ ରୂପର ତିଳ ତିଳ ତର୍ଜମା
ଆକର୍ଷଣକୁ ନେଇ ପୋଷାକର ଅହରହ ପ୍ରଶଂସା
ସମ୍ଭୋଗରେ ଭାଗ କରି ହେଉଛି ସମ୍ପର୍କର ମାନ୍ୟତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପଦ୍ରବ କରୁଛନ୍ତି  କାମ୍ୟାର କାମୁକ୍ତ ଉପଭୋକ୍ତା

ପ୍ରେମ ଏବେ ବଜାରରେ ଶସ୍ତା...(୩)

ମରୀଚିକାରେ ମେଣ୍ଟେ ନାହିଁ ଶୋଷ

ପ୍ରେମରେ ନଥାଏ ପ୍ରାପ୍ତି ଅପ୍ରାପ୍ତିର ଅବଶୋଷ

ପ୍ରେମ ତ ନିଃସ୍ୱାର୍ଥର ନୀରିହ ହୃଦୟ

ମୃତ୍ୟୁ ନଥିବା ଏକ ସମ୍ପର୍କ ର ସତ୍ତା

ପ୍ରେମ ଏବେ ବଜାରରେ ଶସ୍ତା ...(୪)

ରଜିବ, ବାଙ୍କୀ,କଟକ


କଥାହେବା: ୬୩୭୦୧୧୦୦୬୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ପରି...



କଲ୍ୟାଣୀ ଦାଶ

ଦୁନିଆ ଭିତରେ ଲକ୍ଷ ଲକ୍ଷ ମୁହଁ
ତୁମ ପରି କେହି ନାହିଁ ।
ନିଜକୁ ଯେ ଯିଏ ଭୁଲିଯାଇପାରେ
ଅନ୍ୟର ମଙ୍ଗଳ ପାଇଁ ।
ତୁମରି କଥାକୁ କେମିତି କରିବି କାହାରି ସହ ତୁଳନା
ଉଦାସ ଜୀବନେ ଭରିଦିଏ ସେ ତ ସାତସୁରର ମୂର୍ଚ୍ଛନା ।
ଜଟିଳ ସଂସାରେ ତମ ସରଳ ହୃଦୟ
ନିରୀହ, ନିର୍ମଳ ମନ ।
ତୁମେ ଯଦି ଥାଅ ପାଖେପାଖେ ମୋର
କି ଲୋଡା ଅମାପ ଧନ ।
ସ୍ୱାର୍ଥ ସଂସାରରେ ନିସ୍ୱାର୍ଥପରତା
ମହାନତା ତୁମ ତ୍ୟାଗ ।
ତୁମକୁ ପାଇ ମୁଁ ସବୁ ପାଇଗଲି
କାହିଁ କାହାର ସେ ଭାଗ୍ୟ ?
ତୁମ ପାଦେ ମୁହିଁ ସମର୍ପଣ କଲି
ତନୁ, ପ୍ରାଣ, ଆଉ ମନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୂର୍ଣ୍ଣମୀ ଜହ୍ନରେ  ଦାଗ ଥାଇପାରେ

ହେଲେ ତୁମେ ଦାଗହୀନ  ।

ଅନେକ ଚେହେରା ଶହଶହ ବ୍ୟକ୍ତି

ଜୀବନେ ଦେଖିଛି ମୁହିଁ  ।

ଦେବତ୍ୱ ଚରିତ୍ରେ ଜନମିଲ ତୁମେ

ତୁମ ପରି କେହି ନାହିଁ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜରି ଗୋଟାଳି ଝିଅ



ମଞ୍ଜୁରାଣୀ ମିଶ୍ର

ଜରି ଗୋଟାଳି ଝିଅ ଜାଣେନା

କେତେ ଧାନରେ କେତେ ଚାଉଳ

ସମୟ ଖେଳୁଥାଏ ଲୁଚକାଳି ଖେଳ

ପାଚେରୀ କଡେ କୁଢ଼ କୁଢ଼ ଜରିର ଦସ୍ତାବିଜ

ବାଉଗନଭିଲିଆ ଫୁଲର ମୁଠା ମୁଠା ହସ

ପବନର ନିଃଶବ୍ଦ ନିଶ୍ୱାସ

ଆଉ ମଧୁମାଳତୀ ଲତା ତଳେ ଭଙ୍ଗାରୁଜା ଖେଳନା

ଛୋଟ ଆଖିରେ ଅଧାପଢା  ନୂଆ ଦୁନିଆ

ଆଉ କିଛି ଅନାବନା ସ୍ୱପ୍ନର ରଚନା

ଜରି ଗୋଟାଳି ଝିଅର ହାତ ପାପୁଲିରେ କଟି ଯାଇଥିବା  ଦାଗ

ଅନାତ୍ମୀୟ ଫୁଲର ପରାଗ

ସୁନେଲି ସୂର୍ଯ୍ୟର ଇନ୍ଦ୍ରଧନୁ ସ୍ୱର୍ଶ

ଛୋଟ ହୃଦୟରେ ବଡପଣର ବିଶ୍ୱାସ

ଜୀବନର ବିଚିତ୍ର ମହକ

ଭବିଷ୍ୟତର ଅଦେଖା ଆଲୋକ

ସବୁ ମିଶି ଫେଣ୍ଟାଫେଣ୍ଟି ଧୂସର ଦୁଃଖର ଦୁର୍ଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅବୁଝା ମନର ଆବେଗ

ଜରି ଗୋଟାଳି ଝିଅର ଜରି ଖୋଜା ସରିନଥାଏ

ଖରାବେଳ  ଛାଇ ଛୋଟ ହୋଇ ଆସେ

ପେଟ ଲାଖିଯାଏ ପିଠିରେ

ଜୀବନ ଚୁମ୍ବନ ଦିଏ ଥାକ ଥାକ ଶୀତଳ ଯନ୍ତ୍ରଣା

ବିଧିର ବିଡମ୍ବନା

ଯେତେ ଜରି ଗୋଟାଇଲେ ବି ଦିନ ସରେନି

ମା ଅଭିମାନ କରେ

ନିଶାରେ ମାତାଲ ବାପ କଡ ଲେଉଟାଏ

ଜରି ଗୋଟା ପଇସାରେ ଚୁଲି ଜଳେ

ଭାତ ଫୁଟେ ତିଅଣ ନଥାଏ

ହାଇଦ୍ରାବାଦ

୭୩୮୧୨୬୫୭୬୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରସ ସାଗର



ପ୍ରଦୀପ କୁମାର
ଜିଲିକାରା

୧ମ ଛାନ୍ଦ- ରାଗ- ମଙ୍ଗଳ ଗୁର୍ଜ୍ଜରୀ

ଜୟ ଜୟ ଦାରୁ ରୂପୀ ନୀଳାଦ୍ରି ଈଶ୍ୱର
ଜଡ଼ରୁ ଚେତନ ସର୍ବ ପୂରିଛ ବିଶ୍ୱର ହେ ।
ଭାରତ ପୂର୍ବ ଉତ୍କଳେ ସିନ୍ଧୂ ତଟେ ରହି
ବଉଦ୍ଧ ରୂପରେ ନାନା ଲୀଳା ଅଛ ବିହି ହେ ।
ନୀଳାମ୍ବର ପୀତ ମୁଖୀ ସଙ୍ଗେ ପୀତବାସ
ସୁଦର୍ଶନ ସଙ୍ଗେ ଥାଇ କି ସୁନ୍ଦର ଦିଶ ହେ ।
ବରୁଣ ଯା'ର ଚରଣ ଧୋଇଦିଏ ନିତ୍ୟ
ଇନ୍ଦିରା ସିନ୍ଧୂ ନନ୍ଦିନୀ ପଡ଼ିଦାତ୍ରୀ କାନ୍ତ ହେ ।
କମଳ ନୟନେ ଚକା ଡ଼ୋଳା ଭୃଙ୍ଗ ଖେଳା
ଜୀମୂତ ଜିତ କାନ୍ତିକୁ ଅଙ୍ଗେ କେ ଲେଖିଲା ହେ ।
ରଚିବାକୁ କାବ୍ୟ ମତ୍ତି ବଳାଇଛି ମୋର
ସାଧବେ ରସିବେ ରସେ ଯେବେ କୃପା କର ହେ ।
ମୂରୁଖ ମାନଙ୍କେ ଖ୍ୟାତ ମୂର୍ଖ ଶିରୋମଣି
ଆର୍ଶୀ ନ ବର୍ଷିଲେ ଅସମ୍ଭବ ଚକ୍ରପାଣି ହେ ।
ଅସାଧ୍ୟକୁ ସାଧ୍ୟ କର ତୁମେ ଦଇତାରୀ
ଭାରତୀ ଭାଷଇ ଖନା ପଙ୍ଗୁ ଲଙ୍ଘେ ଗିରୀ ହେ ।
କାବ୍ୟ ରସ ସାହିତ୍ୟରେ ଆଉ କା ପିପାସା
ଦୁର୍ବହ ଜନ ଜଞ୍ଜାଳେ ବୁଡ଼ି ଅଛି ରସା ହେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣ୍ଟକ ବିପିନେ ପୁଷ୍ପେ ବିକଚ ହୋଇବେ
ମଧୁଲିଟ ଗୁଣି ମଧୁ ଖୋଜି ହିଁ ପାଇବେ ହେ ।
ଗୀତ ଯେ ହୋଇବ 'ରସ ସାଗର' ସାର୍ଥକ
ଖଳ ଜନେ ବଜ୍ର ହେବ ପୀୟୂଷ ଆର୍ଥିକ ହେ ।
ଶ୍ରୀବତ୍ସ ଗୋଇଠା କଉସ୍ତୁଭ ମଣିଧାରୀ
ସମାନ ଭାବରେ ବେନି ନେଇଛ ଆଦରି ହେ ।
ଯେହୁ ମାରୁ କରତାଳି ଯେହୁ ଦେଉ ଗାଳି
ସବୁ ମୋର ପ୍ରିୟ ହେବ ହୋଇ ଗ୍ରୀବା ମାଳି ହେ ।
ରସିକ ଶେଖର ଜଗନ୍ନାଥ ଯେଉଁ ଲୀଳା
ବିହାଇଲେ ବ୍ରଜେ ତାହା କରିବା ମୁକୁଳା ହେ ।
ଭଗବତ ରସେ ଭକ୍ତେ ଆନନ୍ଦ ହୋଇବେ
ଶୂକର ଶାକର ତେଜି ମେଦ ହିଁ ଗ୍ରାସିବେ ହେ ।
କନ୍ଧ କୁଳ ଦୀପ କବି ପ୍ରଦୀପ ହୋଇବ
ହରି ଯେବେ କୃପା ନେତ୍ର ଢ଼ୋଳେ ଢାଳିଥିବ ହେ ।
ପରଂବ୍ରହ୍ମ ପଦ ଛଡ଼ା ଆଉ କି ସଂସାରେ
ନ ଲଭି ଶୋକରେ, ଶକ୍ର ଶଙ୍କର ବିଧିରେ ହେ ।
ସେହି ଦୁରୁଲଭ ପଦ କଞ୍ଜ କରି ଧ୍ୟାନ
ଭଣଇ ଦାସ ପ୍ରଦୀପ ଘେନ ସାଧୁଜନ ହେ ।

ହାଡ଼ଶିଙ୍ଗୁଳା, ରାୟଗଡ଼ା
ଦୂରାଭାଷ- ୮୨୪୯୯୬୩୯୯୩୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପେକ୍ଷାରେ



ସମୀର ରଣା

ସୂର୍ଯ୍ୟ କୁ ଶତଦଳ ଜହ୍ନ କୁ କଇଁ
ଚାହିଁ ରହିଥାନ୍ତି ବାଟ ଅନାଇ ।
ସେହିପରି ପ୍ରିୟା ତୋ ବାଟ ଚାହିଁ
ଅପେକ୍ଷା ରେ ଅନ୍ଧ ହେଲିଣି ମୁହିଁ ।।

ଚାତକ ଯେପରି ପ୍ରଥମ ବର୍ଷା କୁ
ଅପେକ୍ଷାରେ ଥାଏ ଆତ୍ମ ତୃପ୍ତୀ କୁ ।
ମୟୂର ଚାହିଁ ଥାଏ କଳା ମେଘ କୁ
ଭ୍ରମର ଯେପରି ପୁଷ୍ପ କଢ଼ କୁ ।।

ତାଙ୍କୁ ଦେଖି ଦୃଢ଼ କରିଛି ମନକୁ
ଆସିବୁ ବୋଲି ତୁ ମୋରି ପାଖକୁ ।
ତୋତେ ପାଇ କେବେ ହେବି ମୁଁ ସୁଖି
ଅପେକ୍ଷା ରେ ତଣ୍ଟି ଗଲାଣି ଶୁଖି ।।

ଶୁଣ ଗୋ ସଜନୀ ଥରେ ମନଦେଇ
ତତେ ଝୁରି ଝୁରି ମରୁଛି ମୁହିଁ ।
ଦେହ ସିନା ଏଠି ମନ ତୋ ପାଖେ
ଅପେକ୍ଷା ରେ ତୋର ଏସବୁ ଲେଖେ ।।

ରିଗଡୁଲ୍, ଟିଟିଲାଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋଭର୍ କରାମତି



ସତ୍ୟନାରାୟଣ ମିଶ୍ର

ରାତି ର୍ ଦଶ ବଜେ କବାଟ କେ ହେବକେଇ କରି ବଲ୍‌ହ ସମି ଆସଲା ଘର୍କେ ଡାକୁ ଗୁଟେ । କର୍ଷା ମେଛା , ମୁଡ଼େ କଲା ଟୁପି , ଢେଲା ଢେଲା ଆଁ ଖ୍ ।

ତେଜେରି କେ ଜବର୍ କରି ହିଟେଇ କରି ଟଙ୍କା ସୁନା ଚୁରାବା କେ ଯାଇଛେ ଜେନ୍ତା ଦୁଇଟା ଠେଙ୍ଗା ଧରି କରି ଦୁଇଟା ମାହେଜି ହାଜର୍ । ଦେଖବୁ କେଁ ରେ ଚୋର ବାଗ ଧରା ବୋଲି ଠେଙ୍ଗା ଉଁ ଚା ବାର୍ ଦେଖି ଚୋର ଆରୁ କାହିଁ ରହେ । ତର୍ସରେ ହେ ବୁଆ ହେ ମା ବୋଲି ଭାଗଲା ଗଦ୍ ବଦ୍ ।

ସଖାଲୁ ସଖାଲୁ ଘର ର୍ ମୁହେଁ ସୁନା ହାର ଟେ ପଡିଚେ ।ଦେଖି କରି ଦୁହିଁ ମାହେଜି ଚକିତ୍ । କାହିଁ ସୁନା ହାର ଟେ ବୋଲି କଥା ହେତେ ହେତେ ଦୁହେଁ ଯାକ ବିଚାର କଲେ ଇଟା ସେ ଡାକୁ ର୍ ଟା । କେଂନୁ ଚୁରେଇ ଆନ୍ଲା ଆର ଆମକୁ ଡରିକରି ଭାଗିଗଲା ବେଲେ ପଡି ଯାଇଛେ । ବଡ଼ ମାହେଜି କହେଲା "ଇଟା ମୁଇଁ ନଉଛେ । ସାନ କହେଲା" ନାଇଁ ଗୋ । ଇଟା ମୁଇ ନେମି । ଘିଚା ରଗଡା ଚଲ୍ଲା ତାଙ୍କର୍ ଭିତିରେ । ବାଲ ଘିଚା ଘୁଚି । ଅପରା ଚିପିରା । ପିଟା ମରା ଧୁରକୁଟ୍ ।

ଇଂତା ସମିଆ କେ ଭଟା ନୁ ଘର୍କେ ଢୁକି ଆସିକରି ଘର ର୍ ଗୁସିଆ କହେଲା " କାଁ ହେଲା ରେ ? ମୁଇ ଗାଁ ନୁ ଘର୍କେ ଆସଲା ବେଲେ ଦୁହିଁ ସଉତେନ ଇଂତା ଗାଲି ମାଡ଼ କାହିଁ ଲାଗୁଛ ? କେଡେ ସୁନ୍ଦର ତ ଦୁହିଁ ବହେଁନ୍ ବାଗିର ପଟି ଥିଲ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସବୁ କବାର କେ ମିଶି କରି କରୁଥିଲ । ରାତି ନେ ଠେଙ୍ଗା ଧରି କରି ଡାକୁ କେ ଦୁହେଁ ଯାକ ଖେଦଲ । ଇଛେନ କେନ୍ତା ରଂଚଣ୍ଡୀ ବେଶେ ଘର ଫଟେଇ ଦେଲନ ? ଇ ଛାର୍ ଗୁଟେ ପିତଲ ହାର ର୍ ଲାଗି ।

ସୁନି କରି ମାହେଜି ଦୁହେଁ ସତକଦମ୍ । କହେଲେ " ତମେ ତ ଗାଁ ଯାଇ ଥିଲ । ଡାକୁ ର୍ କଥା ଆରୁ ହାର ର୍ ବିଷେ ଥି କେନ୍ତା ଜାନି ପାର୍ଲ ? ହସି ହସି ଗୁସିଆ କହେଲା " ହେ ଯେନ୍ ଡାକୁ ବୋଲି କହୁଛ ହେ ଡାକୁ ବେଶେ ମୁଇ ଆସିଥିଲି । ତମେ ଦୁହେଁ ଠିକ୍ ସେ ପଟି କରି ଅଛ କି ଲୋଭ ର୍ ଲାଗି ନିଜର ଭିତିରେ ଝଗଡା ଲାଗବ ଯେ ପରୀକ୍ଷା କରୁଥିଲି । ହେଲେ ,ମୁଇ ଦେଖଲି ତମେ ପରିକ୍ଷା ଥି ଦୁହେଁ ଯାକ ଫେଲ୍ ହେଇଗଲ ।

ଆମର ଭୁଲ୍ ହେଇଗଲା ଗୋ । ଆରୁ କେଭେ ବି ଲୋଭ ର୍ ଲାଗି କି ଆର୍ କେନ୍ କଥା ର୍ ଲାଗି ଆମେ ଦୁହିଁ ବହନି ର୍ ଭୁଲ୍ ବୁଝାମନା ନାଇଁ ହଏ ।

ଇ ଥରେ ନ । ହଉ ହଉ ବୋଲି ଗୁସିଆ ପିଢ଼ା ଥି ବସଲା ଆରୁ ପଖାଲ୍ ବାଢ଼ ରେ ବଏଲା କେ ଦୁହେଁ ପଚାର୍ଲେ "ହଏ ଗୋ ! ବାସି ଖାଇବ କି ତତଲା ???

ସତ୍ୟନାରାୟଣ ମିଶ୍ର । ସିନ୍ଧେକେଲା ।ବଲାଙ୍ଗୀର ।

୯୪୮୩୬୦୫୯୧୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ



ସହଦେବ ପ୍ରଧାନ

ଓଁ ନମଃ ଭଗବତେ ବାସୁଦେବାୟ !

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋ³ମଂ

ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।

ମୂକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ

ଯକ୍ରୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।

ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।

ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବି ଭାବୁକାଃ ।

ଶ୍ରୀମଦ୍ଭାଗବତ ମହାପୁରାଣର ୧୦ମ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ୧୦ମ ସ୍କନ୍ଧର ଦ୍ୱିତୀୟାର୍ଦ୍ଧ ଦ୍ୱାରିକାଲୀଳା ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ଦଶମ ସ୍କନ୍ଧ ଦ୍ୱିତୀୟାର୍ଦ୍ଧ ଦ୍ୱାରିକାଲୀଳାର ବିଷୟ ସୂଚୀଠାରୁ ଆରମ୍ଭ କରି ସର୍ବମୋଟ (୪୯ ଠାରୁ ୯୬) ୪୮ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରା ଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ - ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦଶମ ସ୍କନ୍ଧ - ୯୬ ଟି ଅଧ୍ୟାୟ ଦ୍ୱାରିକାଲୀଳା – ୪୮ ଅଧ୍ୟାୟ (ନିରୋଧ) ଭାଗବତର ୮ମ ଲକ୍ଷଣ

| ସଂଖ୍ୟା | ଅଧ୍ୟାୟ | ବିଷୟ ବସ୍ତୁ |
|---|---|---|
| ୪୯ | ଊନପଞ୍ଚାଶତ୍ | ବିଦ୍ୟାଲାଭାର୍ଥେ କୃଷ୍ଣ-ବଳରାମଙ୍କ ଗୁରୁଗୃହଗମନ- ଶିକ୍ଷା ସମାପନ- ଯମଠାରୁ ଗୁରୁପୁତ୍ରଙ୍କୁ ଆନୟନ । |
| ୫୦ | ପଞ୍ଚାଶତ୍ | ଶ୍ରୀକୃଷ୍ଣଙ୍କ ଆଦେଶରେ ଉଦ୍ଧବଙ୍କ ଗୋପପୁର ଗମନ - ନନ୍ଦ ଓ ଉଦ୍ଧବଙ୍କ ବାର୍ତ୍ତାଳାପ । |
| ୫୧ | ଏକପଞ୍ଚାଶତ୍ | ଉଦ୍ଧବ ଓ ଗୋପୀଙ୍କ କଥୋପକଥନ; ଭ୍ରମର ଗୀତ ଏବଂ ଉଦ୍ଧବଙ୍କ ମଥୁରା ପ୍ରତ୍ୟାବର୍ତ୍ତନ । |
| ୫୨ | ଦ୍ୱିପଞ୍ଚାଶତ୍ | କୁବ୍ଜାର ବାଞ୍ଛା ପୂର୍ଣ୍ଣକରି ଅକ୍ରୁର ଗୃହରେ ଶ୍ରୀକୃଷ୍ଣଙ୍କର ପଦାର୍ପଣ ଏବଂ ଅକ୍ରୁରଙ୍କୁ ହସ୍ତିନାପୁର ପ୍ରେରଣ । |
| ୫୩ | ତ୍ରିପଞ୍ଚାଶତ୍ | ହସ୍ତିନାପୁର ସଂବାଦ ଘେନି ଅକ୍ରୁରଙ୍କର ମଥୁରା ପ୍ରତ୍ୟାବର୍ତ୍ତନ । |
| ୫୪ | ଚତୁଃପଞ୍ଚାଶତ୍ | ଜରାସନ୍ଧ ସହ ଯୁଦ୍ଧ ଏବଂ ଦ୍ୱାରିକାନଗର ନିର୍ମାଣ କରି ସେଠାରେ ଯାଦବମାନଙ୍କ ଅବସ୍ଥାପନ । |
| ୫୫ | ପଞ୍ଚପଞ୍ଚାଶତ୍ | ମୁଚୁକୁନ୍ଦ ଦ୍ୱାରା କାଳଯବନର ବିନାଶ; ମୁଚୁକୁନ୍ଦ ଓ ଶ୍ରୀକୃଷ୍ଣଙ୍କର କଥୋପକଥନ । |
| ୫୬ | ଷଟ୍‌ପଞ୍ଚାଶତ୍ | ଶ୍ରୀକୃଷ୍ଣଙ୍କର ଦ୍ୱାରିକା ଗମନ ଏବଂ ବ୍ରାହ୍ମଣ ହସ୍ତରେ ଶ୍ରୀକୃଷ୍ଣଙ୍କ ନିକଟକୁ ରୁକ୍ମିଣୀଙ୍କ ସନ୍ଦେଶ । |
| ୫୭ | ସପ୍ତପଞ୍ଚାଶତ୍ | ରୁକ୍ମିଣୀ ବିବାହ । |

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

୫୮ ଅଷ୍ଟପଞ୍ଚାଶତ୍ ଶିଶୁପାଳକୁ ଓ ଶତ୍ରୁରାଜାମାନଙ୍କୁ ଜିଣି ରୁକ୍ମିଣୀଙ୍କ ସହିତ ଶ୍ରୀକୃଷ୍ଣଙ୍କ ଦ୍ୱାରିକା ଗମନ ଏବଂ ବିବାହୋତ୍ସବ ।

୫୯ ଊନଷଷ୍ଠିତମ ପ୍ରଦ୍ୟୁମ୍ନ ଜନ୍ମ ଓ ହରଣ ତଥା ଶମ୍ବରାସୁର ବଧ ।

୬୦ ଷଷ୍ଠିତମ ସ୍ୟମନ୍ତକ ମଣି ବୃତ୍ତାନ୍ତ; ଜାମ୍ବବତୀ ଓ ସତ୍ୟଭାମା ସହ ଶ୍ରୀକୃଷ୍ଣଙ୍କ ପରିଣୟ ।

୬୧ ଏକଷଷ୍ଠିତମ ଶତଧନ୍ୱା ଦ୍ୱାରା ସ୍ୟମନ୍ତକ ମଣି ହରଣ, ଶତଧନ୍ୱା ବଧ; ଭୟରେ ପଳାୟନ କରିଥିବା ଅକ୍ରୁରଙ୍କୁ ସାନ୍ତ୍ୱନା ପୂର୍ବକ ପୁନଃ ଦ୍ୱାରିକା ଆମନ୍ତ୍ରଣ ।

୬୨ ଦ୍ୱିଷଷ୍ଠିତମ ଖାଣ୍ଡବବନ ଦହନ ଓ କାଳିନ୍ଦୀ ସହ ଶ୍ରୀକୃଷ୍ଣଙ୍କ ବିବାହ ।

୬୩ ତ୍ରିଷଷ୍ଠିତମ ମିତ୍ରବିନ୍ଦା, ଲକ୍ଷ୍ମଣା, ସତ୍ୟା ଓ ଭଦ୍ରା ସହ ଶ୍ରୀକୃଷ୍ଣଙ୍କ ବିବାହ ।

୬୪ ଚତୁଃଷଷ୍ଠିତମ ନାରକାସୁର ବଧ; ଷୋଳସହସ୍ର ଏକଶତ ରାଜକନ୍ୟାଙ୍କ ସହିତ ଶ୍ରୀକୃଷ୍ଣଙ୍କ ବିବାହ ଏବଂ ସ୍ୱର୍ଗରୁ ପାରିଜାତ ବୃକ୍ଷ ଆନୟନ ।

୬୫ ପଞ୍ଚଷଷ୍ଠିତମ ରୁକ୍ମିଣୀଙ୍କ ସଙ୍ଗେ ଶ୍ରୀକୃଷ୍ଣଙ୍କ ହାସ୍ୟ ବିନୋଦ ।

୬୬ ଷଷ୍ଠଷଷ୍ଠିତମ ଶ୍ରୀକୃଷ୍ଣଙ୍କ ପୁତ୍ର-ପୌତ୍ରାଦିଙ୍କ ନାମ; ଅନିରୁଦ୍ଧ ବିବାହ ଓ ରୁକ୍ମଣ ବଧ ।

୬୭ ସପ୍ତଷଷ୍ଠିତମ ଉଷା-ଅନିରୁଦ୍ଧ ମିଳନ ଓ ବାଣାସୁର ଦ୍ୱାରା ଅନିରୁଦ୍ଧ ନାଗଫାଶବନ୍ଧନ ।

୬୮ ଅଷ୍ଟଷଷ୍ଠିତମ ହରିହରଯୁଦ୍ଧ ତଥା ଶ୍ରୀକୃଷ୍ଣ ବାଣାସୁର ଯୁଦ୍ଧ ଓ ବାଣାସୁର ବାହୁଛେଦ, ରୁଦ୍ରଜ୍ୱ(ଶିବ)ଙ୍କର ସ୍ତୁତି ।

୬୯ ଊନସପ୍ତତିତମ ନୃଗରାଜା ଚରିତ ଓ ଶାପମୁକ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୭୦ ସପ୍ତତିତମ ବଳରାମଙ୍କର ବ୍ରଜପୁର ଗମନ; ଗୋପୀଙ୍କ ସଙ୍ଗେ ଜଳକ୍ରୀଡ଼ା ଓ ଯମୁନାକର୍ଷଣ ।

୭୧ ଏକସପ୍ତତିତମ ପୌଣ୍ଡ୍ରକ ଓ କାଶୀରାଜା ବଧ ।

୭୨ ଦ୍ୱିସପ୍ତତିତମ ବଳରାମଙ୍କ ଦ୍ୱାରା ଦ୍ୱିବିଦ ବାନର ବଧ ।

୭୩ ତ୍ରିସପ୍ତତିତମ କୌରବଙ୍କ ପ୍ରତି ବଳରାମଙ୍କ କୋପ ଓ ଶାମ୍ବ ବିବାହ ।

୭୪ ଚତୁଃସପ୍ତତିତମ ପ୍ରତି ରାଣୀଙ୍କ ଅନ୍ତଃପୁରରେ ଶ୍ରୀକୃଷ୍ଣଙ୍କ ଗୃହଚର୍ଯ୍ୟା ଦେଖି ନାରଦଙ୍କ ବିସ୍ମୟ ।

୭୫ ପଞ୍ଚସପ୍ତତିତମ ଶ୍ରୀକୃଷ୍ଣଙ୍କ ଦୈନନ୍ଦିନ କୃତ୍ୟ ବର୍ଣ୍ଣନା ଏବଂ ଜରାସନ୍ଧର କାରାଗୃହରେ ଅବରୁଦ୍ଧ ରାଜାଙ୍କ ପତ୍ର ଘେନି ଦୂତର ପ୍ରବେଶ ।

୭୬ ଷଟ୍‌ସପ୍ତତିତମ ଉଦ୍ଧବଙ୍କ ପରାମର୍ଶକ୍ରମେ ଶ୍ରୀକୃଷ୍ଣଙ୍କର ଇନ୍ଦ୍ରପ୍ରସ୍ଥ ଆଗମନ ।

୭୭ ସପ୍ତସପ୍ତତିତମ ପାଣ୍ଡବଙ୍କର ରାଜସୂୟ ଯଜ୍ଞ ଆୟୋଜନ ଏବଂ ଜରାସନ୍ଧ ବଧ

୭୮ ଅଷ୍ଟସପ୍ତତିତମ ଜରାସନ୍ଧ କାରାଗାରରୁ ରାଜାମାନଙ୍କ ମୁକ୍ତି ।

୭୯ ଏକୋନାଶୀତିତମ ରାଜସୂୟ ଯଜ୍ଞରେ ଶ୍ରୀକୃଷ୍ଣଙ୍କ ଅଗ୍ରପୂଜା ଏବଂ ଶିଶୁପାଳ ବଧ

୮୦ ଅଶୀତିତମ ରାଜସୂୟ ଯଜ୍ଞ ସମାପନ ଏବଂ ଦୁର୍ଯ୍ୟୋଧନ ଅପମାନିତ ହେବା ।

୮୧ ଏକାଶୀତିତମ ସାଲ୍ୱ ସହ ଯାଦବଙ୍କ ସମର ।

୮୨ ଦ୍ୱାଶୀତିତମ ସାଲ୍ୱ ବଧ ।

୮୩ ତ୍ର୍ୟଶୀତିତମ ଦନ୍ତବକ୍ର ଓ ବିଦୂରଥ ବଧ ।

୮୪ ଚତୁରାଶୀତିତମ ବଳରାମଙ୍କ ହସ୍ତରେ ରୋମହର୍ଷଣ ମୁନିଙ୍କ ନିଧନ ।

୮୫ ପଞ୍ଚାଶୀତିତମ ବଲ୍ୱଳ ରାକ୍ଷସ ବଧ ଏବଂ ପାପ ପ୍ରକ୍ଷାଳନାର୍ଥେ ବଳରାମଙ୍କର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୀର୍ଥଯାତ୍ରା ।

୮୬ ଷଡ଼ାଶୀତିତମ ଶ୍ରୀକୃଷ୍ଣଙ୍କ ଦ୍ୱାରା ସୁଦାମା ସତ୍କାର ।

୮୭ ସପ୍ତାଶୀତିତମ ସୁଦାମା ଦାରିଦ୍ର୍ୟ ମୋଚନ ।

୮୮ ଅଷ୍ଟାଶୀତିତମ ସୂର୍ଯ୍ୟୋପରାଗ ଉପଲକ୍ଷ୍ୟେ ଯାଦବମାନଙ୍କର କୁରୁକ୍ଷେତ୍ର ଗମନ ଏବଂ କୃଷ୍ଣ-ବଳରାମଙ୍କର ଗୋପଗୋପୀଙ୍କ ସହ ଭେଟ ।

୮୯ ଏକୋନନବତିତମ ଅଷ୍ଟପାଟରାଣୀଙ୍କୁ ସେମାନଙ୍କ ବିବାହ ସମ୍ପର୍କରେ ଦ୍ରୌପଦୀଙ୍କ ପ୍ରଶ୍ନ ଓ ରାଣୀମାନଙ୍କ ଉ³ର ।

୯୦ ନବତିତମ ବସୁଦେବଙ୍କ ଯଜ୍ଞୋତ୍ସବ ।

୯୧ ଏକନବତିତମ ବସୁଦେବଙ୍କୁ ଶ୍ରୀକୃଷ୍ଣଙ୍କର ତତ୍ତ୍ୱଜ୍ଞାନ ଉପଦେଶ ଏବଂ ଦେବକୀଙ୍କୁ ଷଟ୍‌ପୁତ୍ର ପ୍ରଦାନ ।

୯୨ ଦ୍ୱିନବତିତମ ସୁଭଦ୍ରା ହରଣ; ମିଥିଳାପୁରରେ ଏକସଙ୍ଗେ ନିମି ଓ ଶ୍ରୁତଦେବଙ୍କ ଗୃହରେ ଶ୍ରୀକୃଷ୍ଣଙ୍କ ପଦାର୍ପଣ ।

୯୩ ତ୍ରିନବତିତମ ବେଦସ୍ତୁତି ।

୯୪ ଚତୁର୍ନବତିତମ ଶିବଙ୍କ ଠାରୁ ବୃକାସୁରର ବରପ୍ରାପ୍ତି ଏବଂ ବୃକାସୁର ବଧ ।

୯୫ ପଞ୍ଚନବତିତମ ଭୃଗୁ ମୁନିଙ୍କ ଦ୍ୱାରା ତ୍ରିଦେବଙ୍କ ଶ୍ରେଷ୍ଠତ୍ୱ ପରୀକ୍ଷା; ଶ୍ରୀକୃଷ୍ଣଙ୍କ ଦ୍ୱାରା ଦ୍ୱିଜଙ୍କ ମୃତପୁତ୍ର ଆନୟନ ।

୯୬ ଷର୍ଣ୍ଣବତିତମ ସଂକ୍ଷେପରେ ଶ୍ରୀକୃଷ୍ଣଲୀଳା ବର୍ଣ୍ଣନା ।

ଦଶମ ସ୍କନ୍ଧ (ଦ୍ୱାରିକାଲୀଳା) ଅଧ୍ୟାୟଗତ ସାରାଂଶ

ଊନପଞ୍ଚାଶତ୍ ଅଧ୍ୟାୟ (ମୂଳ ସଂସ୍କୃତରେ ୪୫ଶ ଅଧ୍ୟାୟର ଅବଶିଷ୍ଟାଂଶ) ରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଦ୍ୟାଲାଭାର୍ଥେ କୃଷ୍ଣ-ବଳରାମଙ୍କ ଗୁରୁଗୃହଗମନ- ଶିକ୍ଷା ସମାପନ- ଯମଠାରୁ ଗୁରୁପୁତ୍ରଙ୍କୁ ଆନୟନ । ଅବନ୍ତୀ ରାଜ୍ୟର କଶ୍ୟପ ଗୋତ୍ରର ବିପ୍ରବର ସାନ୍ଦୀପନି, କୃଷ୍ଣ ଓ ବଳରାମଙ୍କ ଗୁରୁ ଥିଲେ । ସାନ୍ଦିପନୀ ତାଙ୍କ ଗୁରୁଙ୍କ ଆଶ୍ରମ ପୋଡ଼ି ପରୀକ୍ଷାରେ ଗୁରୁଙ୍କ ପ୍ରିୟ ହୋଇ ଆଶୀର୍ବାଦ ପାଇଥିଲେ ଯେ ସେ ଭଗବାନଙ୍କୁ ଶିଷ୍ୟରୂପେ ପାଇବେ । ତେଣୁ ସେ ଶ୍ରୀକୃଷ୍ଣ ବଳରାମଙ୍କୁ ଶିଷ୍ୟରୂପେ ପାଇଥିଲେ । ସେ ଷଡ଼ ବିଧ ନୀତି; ଯଥା – ସନ୍ଧି, ବିଗ୍ରହ, ଯାନ, ଆସନ, ଦ୍ୱୈଧ ଓ ଆଶ୍ରୟ ସହ ଅନ୍ୟାନ୍ୟ ବିଷୟ ସବୁ ଶିକ୍ଷା ଦେଇଥିଲେ ।

ପଞ୍ଚାଶତ୍ ଅଧ୍ୟାୟ (ମୂଳ ସଂସ୍କୃତରେ ୪୬ଶ ଅଧ୍ୟାୟ)ରେ ଶ୍ରୀକୃଷ୍ଣଙ୍କ ଆଦେଶରେ ଉଦ୍ଧବଙ୍କ ଗୋପପୁର ଗମନ - ନନ୍ଦ ଓ ଉଦ୍ଧବଙ୍କ ବାର୍ତ୍ତାଳାପ ବିଷୟ ବର୍ଣ୍ଣନ ।

ଏକପଞ୍ଚାଶତ୍ ଅଧ୍ୟାୟ (ମୂଳ ସଂସ୍କୃତରେ ୪୭ଶ ଅଧ୍ୟାୟ)ରେ ଉଦ୍ଧବ ଓ ଗୋପୀଙ୍କ କଥୋପକଥନ; ଭ୍ରମର ଗୀତ ଏବଂ ଉଦ୍ଧବଙ୍କ ମଥୁରା ପ୍ରତ୍ୟାବ³ର୍ନ ।

ମାନସେ ଅର୍ଥ ଭାବ ଘେନି । ଭାବେ ଭଜନ୍ତି ଯେଉଁ ପ୍ରାଣୀ । ।
ଯାବତ ଥାଇ ଅର୍ଥଲାଭ । ତାବତ ଥାଇ ପ୍ରିୟ ଭାବ । । ୧୦/୫୧/୬
ଫଳ ସରିଲେ ବୃକ୍ଷ ଛାଡ଼ି । ପକ୍ଷୀଏ ଯାନ୍ତି ଯେହ୍ନେ ଉଡ଼ି । ।
ଅତିଥି ଯେହ୍ନେ ଖାଇପିଇ । ପଦେ ନ ପୁଛି ଚଳିଯାଇ । ।
ପୋଡ଼ିଲା ବନ ପଶୁଗଣେ । ଛାଡ଼ି ପଳାନ୍ତି ଅନ୍ୟ ସ୍ଥାନେ । ।
ପରପୁରୁଷ ପରନାରୀ । ଯେସନେ ରମିଣ ପାସୋରି । । ୧୦/୫୧/୮

ଦ୍ୱିପଞ୍ଚାଶତ୍ ଅଧ୍ୟାୟ (ମୂଳ ସଂସ୍କୃତରେ ୪୮ଶ ଅଧ୍ୟାୟ) ରେ କୁବ୍ଜାର ବା୍ଥା ପୂର୍ଣ୍ଣକରି ଅକ୍ରୁର ଗୃହରେ ଶ୍ରୀକୃଷ୍ଣଙ୍କର ପଦାର୍ପଣ ଏବଂ ଅକ୍ରୁରଙ୍କୁ ହସ୍ତିନାପୁର ପ୍ରେରଣ । କୁବ୍ଜାର ପୂର୍ବଜନ୍ମ ବୃତ୍ତାନ୍ତ - ତ୍ରେତୟାର ସୁର୍ପଣଖା ୧୦୦୦୦ ବର୍ଷ ଶିବଙ୍କୁ ତପସ୍ୟା କରି ଶ୍ରୀକୃଷ୍ଣଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଙ୍ଗସ୍ପର୍ଶ ଲାଭ କରିବା ବର ପାଇଥିଲା । ସେହି ବର ଅନୁସାରେ ସେ କୁବ୍ଜା ରୂପରେ ଭଗବାନଙ୍କର ଅଙ୍ଗସ୍ପର୍ଶ ପାଇଥିଲା ।

ତ୍ରିପଞ୍ଚାଶତ୍ ଅଧ୍ୟାୟ (ମୂଳ ସଂସ୍କୃତରେ ୪୯ଶତ୍ ଅଧ୍ୟାୟ)ରେ ହସ୍ତିନାପୁର ସଂବାଦ ଘେନି ଅକ୍ରୁରଙ୍କର ମଥୁରା ପ୍ରତ୍ୟାବର୍ତ୍ତନ ।

ଏ ଭବ ମଧ୍ୟେ ଯେତେ ଜନ । ନିତ୍ୟେ ନ ଥାନ୍ତି ଏକସ୍ଥାନ ।।
ନିଜ ଶରୀର ନ ରହଇ । ପୁତ୍ର କଳତ୍ର ଆର କାହିଁ । ।୧୦/୫୩/୨୦
ଏ ଜୀବ ଆତ୍ମା ଏକ ହୋଇ । ନାନା ଯୋନିରେ ଦେହ ବହି ।।
କର୍ମ ବିପାକେ ହୁଡ଼େ ଦେହ । ନିତ୍ୟେ କଳ୍ପିତ ମାୟାମୋହ ।।
ଭୁଞ୍ଜଇ ଦୁଃଖ ସୁଖ ଫଳେ । ଏକା ଭ୍ରମଇ ଅନ୍ତକାଳେ । ।୧୦/୫୩/୨୧
ଅଧର୍ମେ ସଇ ଯେ ଧନ । ତାର ବିଯୋଗେ ଭୁଞ୍ଜେ ଆନ ।।
ଅଧର୍ମ ମାର୍ଗେ ମୂଢ଼ ପ୍ରାଣୀ । ଧନ ସଇ ଗୃହେ ଆଣି ।।
ପୁତ୍ର କଳତ୍ର ଶତ୍ରୁ ହୋଇ । ସଞ୍ଚିଲା ଧନ ତାର ଖାଇ ।।
ଯେ ଯାହା ପଥେ ଯାନ୍ତି ବେଗେ । ଦୁସ୍କୃତ ରହେ ତାର ସଙ୍ଗେ । ।୧୦/୫୩/୨୨
ମୋର କୁଟୁମ୍ବ ବୋଲି ମୋହେ । ଅଧର୍ମ କରି ନିଜ ଦେହେ ।।
ଧନ ସଞ୍ଚୟ କରି ପଶେ । ସେ କାହିଁ ଥିବେ ତାର ପାଶେ ।।
ବିଷ୍ଣୁର ମାୟା ବଳେ ଭ୍ରାନ୍ତି । ଅନାଥ କରି ଛାଡ଼ିଯାନ୍ତି ।।
ଧନ ଜୀବନ ଦାରା ସୁତ । ଆବୋରି ଆପଣାର ପଥ । ।୧୦/୫୩/୨୩
ଏମନ୍ତେ ମାୟାକୁ ଆବୋରି । ଯେ ବୋଲେ ମୋହରି ମୋହରି ।।
ତାହାକୁ ବୋଲି ଅପଣ୍ଡିତ । ସଞ୍ଚିତ ପାପେ ହୋଏ ଗ୍ରସ୍ତ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡ଼ଇ ଅନ୍ଧକାର ତମେ । ମହାନରକେ ଅତିଶ୍ରମେ ।।

ସ୍ୱଧର୍ମ ଛାଡ଼ିଲେ ଏମନ୍ତ । ଏ ବେଦ ପୁରାଣର ମତ ।।୧୦/୫୩/୨୪

ଚତୁଃପଞ୍ଚାଶତ୍ ଅଧ୍ୟାୟ (ମୂଳ ସଂସ୍କୃତରେ ୫୦ଶତ୍ ଅଧ୍ୟାୟ) ରେ ଜରାସନ୍ଧ ସହ ଯୁଦ୍ଧ ଏବଂ ଦ୍ୱାରିକାନଗର ନିର୍ମାଣ କରି ସେଠାରେ ଯାଦବମାନଙ୍କ ଅବସ୍ଥାପନ । କଂସର ଶ୍ୱଶୁର ଜରାସନ୍ଧ । କଂସର ୨ ପତ୍ନୀ - ଅସ୍ତି ଓ ପ୍ରାପ୍ତି । ଜରାସନ୍ଧର ୨୩ ଅକ୍ଷୌହିଣୀ ସେନା ଥିଲେ । ଜରାସନ୍ଧ ଶ୍ରୀକୃଷ୍ଣ ବଳରାମଙ୍କ ଦ୍ୱାରା ୧୭ ଥର ପରାସ୍ତ ହୋଇଥିଲେ । ଜରାସନ୍ଧ ଓ କାଳଯବନଙ୍କ ମିଳିତ ଶତ୍ରୁଭୟ ବାହାନାରେ ଶ୍ରୀକୃଷ୍ଣ ଦ୍ୱାରିକା ନିର୍ମାଣ କରାଇଥିଲେ । ଏହି ସ୍କନ୍ଧର ୭୭ତମ ଅଧ୍ୟାୟର ଶ୍ଳୋକ ୪୭ ରେ ଜରାସନ୍ଧ ବଧ ବର୍ଣ୍ଣିତ ।

ପଞ୍ଚପଞ୍ଚାଶତ୍ ଅଧ୍ୟାୟ (ମୂଳ ସଂସ୍କୃତରେ ୫୧ଶତ୍ ଅଧ୍ୟାୟ) ରେ ମୁଚୁକୁନ୍ଦ ଦ୍ୱାରା କାଳଯବନର ବିନାଶ; ମୁଚୁକୁନ୍ଦ ଓ ଶ୍ରୀକୃଷ୍ଣଙ୍କର କଥୋପକଥନ । କାଳଯବନକୁ ମୋହ କରି ଶ୍ରୀକୃଷ୍ଣ ପର୍ବତ ଗୁମ୍ଫା ପର୍ଯ୍ୟନ୍ତ ଚାଲିଗଲେ ।

ମରଣ କାଳେ ନିଦ୍ରା ଗଲେ । କାଳ କି ବଞ୍ଚାଇବ ଭଲେ ।।

କାଳଯବନ, ମୁଚୁକୁନ୍ଦଙ୍କ ଦୃଷ୍ଟିରେ ଭସ୍ମ ହୋଇଗଲା । ଇକ୍ଷ୍ୱାକୁ ବଂଶୀୟ ଯୁବନାଶ୍ୱଙ୍କ ପୁତ୍ର ମାନ୍ଧତାଙ୍କର ପୁତ୍ର ମୁଚୁକୁନ୍ଦ । ଦେବତା ମାନଙ୍କଠାରୁ ଅତି ନିଦ୍ରାରେ ଶୋଇବା ଆଶୀର୍ବାଦ ପାଇ ମୁଚୁକୁନ୍ଦ, ବହୁଦିନ ଅନିଦ୍ରା ଥିବାରୁ କ୍ଳାନ୍ତ ହୋଇ ଶୋଇ ରହିଥିଲେ । ଦେବତାମାନଙ୍କ କହିବା ପ୍ରକାରେ କୌଣସି ମୂର୍ଖ ଯଦି ତାଙ୍କୁ ନିଦ୍ରାରୁ ଉଠାଏ, ସେ ଉଠିବା ପରେ ତାଙ୍କ ଦୃଷ୍ଟି ପଡ଼ିବା ମାତ୍ରେ ହିଁ ସେହି ଦୁଷ୍ଟ ଭସ୍ମ ହୋଇଯିବ । ତେଣୁ କାଳଯବନ ତାଙ୍କୁ ଉଠାଇଥିବାରୁ ସେ ଭସ୍ମ ହୋଇଗଲା ।

ଅଶେଷ ଜନ୍ମ ପୂଣ୍ୟ ଫଳେ । ମନୁଷ୍ୟ ଜନ୍ମ ମହୀ ତଳେ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇନ୍ଦ୍ରିୟ ସୁଖେ ଦେଇ ମତି । ତୋର ଚରଣେ ନ ଭଜନ୍ତି । ।
ପଡ଼ନ୍ତି ଗୃହ ଅନ୍ଧ କୂପେ । ପଶୁ ଯେସନେ ତୃଣ ଶାକେ । ।୧୦/୫୫/୪୭

ଏହି ଅଧ୍ୟାୟର ଶ୍ଳୋକ ୫୦ ରୁ ୫୪ ମଧ୍ୟରେ ସଂସାରର ଜଞ୍ଜାଳ ରହସ୍ୟ, କ୍ଷଣସ୍ଥାୟୀ ଶରୀରର ପ୍ରକୃତି ଓ ଭାଗ୍ୟରେ ଥିଲେ ହିଁ ସତ୍ସଙ୍ଗ ମିଳି ପ୍ରାଣୀ ପରମବ୍ରହ୍ମରେ ଶରଣ ପାଇବ ବୋଲି ବର୍ଣ୍ଣନା ଅଛି ।

ଶ୍ଳୋକ ୬୪ରେ ମୁଚୁକୁନ୍ଦ ବ୍ରାହ୍ମଣୀ ଗର୍ଭରେ ଜନ୍ମ ହେବେ ବୋଲି ଶ୍ରୀକୃଷ୍ଣ କହିଲେ, କିନ୍ତୁ ସେ କେଉଁ ବ୍ରହ୍ମଣୀ ଓ କେବେ, କିପରି, ସେ ବ୍ରହ୍ମଣୀ ଗର୍ଭରେ କେଉଁଠି ଜନ୍ମ ନେଲେ ଅର୍ଥାତ୍ ମୁଚୁକୁନ୍ଦର ପରଜନ୍ମ ରହସ୍ୟ ଦର୍ଶାଯାଇନାହିଁ ।

ଷଟ୍‌ପଞ୍ଚାଶତ୍ ଅଧ୍ୟାୟ (ମୂଳ ସଂସ୍କୃତରେ ୫୨ଶତ୍ ଅଧ୍ୟାୟ) ରେ ଶ୍ରୀକୃଷ୍ଣଙ୍କର ଦ୍ୱାରିକା ଗମନ ଏବଂ ବ୍ରାହ୍ମଣ ହସ୍ତରେ ଶ୍ରୀକୃଷ୍ଣଙ୍କ ନିକଟକୁ ରୁକ୍ମିଣୀଙ୍କ ସନ୍ଦେଶ । ବଳରାମ ଓ କୃଷ୍ଣ ଜରାସନ୍ଧକୁ ଭୟକରିବା ଛଳନାରେ ମଥୁରା ଛାଡ଼ି ଦ୍ୱାରିକା ଚାଲିଗଲେ । ଜରା ଭାବିଲା ସେମାନେ, ସେ ଲଗାଇଥିବା ନିଆଁରେ ପୋଡ଼ିଗଲେ । ଆନର୍ତ୍ତ ଦେଶର ରାଜା ରୈବତ, ବ୍ରହ୍ମାଙ୍କ ପ୍ରେରଣାକ୍ରମେ ନିଜ ରେବତୀ ନାମକ କନ୍ୟାକୁ ବଳରାମଙ୍କ ସହ ବିବାହ କରାଇଥିଲେ । (୯ମ ସ୍କନ୍ଧରେ ବର୍ଣ୍ଣିତ) । ବିଦର୍ଭ ଦେଶର ରାଜା ଭୀଷ୍ମକଙ୍କର ୫ ପୁତ୍ର ଓ ୧ କନ୍ୟା । ବଡ଼ ପୁଅ ରୁକ୍ମୀ ଏବଂ ଅନ୍ୟ ୪ ଜଣ – ରୁକ୍ମରଥ, ରୁକ୍ମବାହୁ, ରୁକ୍ମକେଶ ଓ ରୁକ୍ମମାଳୀ । କନ୍ୟାଟିର ନାମ ରୁକ୍ମିଣୀ । ରୁକ୍ମିଣୀ ଓ ଶ୍ରୀକୃଷ୍ଣ ବିବାହ ହେବା କଥାରେ ବନ୍ଧୁବାନ୍ଧବ ରାଜି ଥିଲେ ବି ଭାଇ ରୁକ୍ମୀ ଏହା ଚାହୁଁ ନ ଥିଲା । ସେ ଶିଶୁପାଳକୁ ହିଁ ରୁକ୍ମିଣୀ ବିବାହ ଦେବାକୁ ଚାହୁଁଥିଲେ । ଶ୍ରୀକୃଷ୍ଣଙ୍କ ନିକଟକୁ ରୁକ୍ମିଣୀଙ୍କ ଗୋପନୀୟ ସନ୍ଦେଶ ପଠାଇଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସପ୍ତପଞ୍ଚାଶତ୍ ଅଧ୍ୟାୟ (ମୂଳ ସଂସ୍କୃତରେ ୫୩ଶତ୍ ଅଧ୍ୟାୟ) ରେ ରୁକ୍ମିଣୀ ବିବାହ ବର୍ଣନ । ଶ୍ରୀକୃଷ୍ଣଙ୍କ ରଥ ଗରୁଡ଼ଧ୍ୱଜର ସାରଥି ଦାରୁକ । ରଥର ୪ ଅଶ୍ୱର ନାମ – ଶୈବ୍ୟ, ସୁଗ୍ରୀବ, ମେଘପୁଷ୍ପ ଓ ବଳାହକ । କୁଣ୍ଡିନଗ୍ରକୁ ସେ ଏହି ରଥରେ ଯାଇ ରୁକ୍ମିଣୀଙ୍କୁ ବିବାହ କଲେ ।

ଅଷ୍ଟପଞ୍ଚାଶତ୍ ଅଧ୍ୟାୟ (ମୂଳ ସଂସ୍କୃତରେ ୫୪ଶତ୍ ଅଧ୍ୟାୟ) ରେ ଶିଶୁପାଳକୁ ଓ ଶତ୍ରୁରାଜାମାନଙ୍କୁ ଜିଣି ରୁକ୍ମିଣୀଙ୍କ ସହିତ ଶ୍ରୀକୃଷ୍ଣଙ୍କ ଦ୍ୱାରିକା ଗମନ ଏବଂ ବିବହୋତ୍ସବ ପାଳନ ବର୍ଣ୍ଣିତ । ଏହି ସ୍କନ୍ଧର ୭୯ ଅଧ୍ୟାୟର ଶ୍ଳୋକ ୪୩ ରେ ଶିଶୁପାଳ ବଧ ବର୍ଣ୍ଣିତ ।

ଏ ଦେହ ଇଶ୍ୱର ଆୟତ୍ତ । ସ୍ୱକର୍ମ ଫଳେ ଆତଯାତ । ।
କାଷ୍ଠପିତୁଳା ହସ୍ତେ ନେଇ । କୁହୁକୀ ଯେମନ୍ତ ନଚାଇ । ।
ପ୍ରତିମା ଚଳେ ସେହିମତ । ସେ ଯେହ୍ନେ କୁହୁକୀ ଆୟତ୍ତ । ।
ଇଶ୍ୱର ଆୟ୍ତ ଏ ଦେହୀ । ଏହାର ସୁଖ ଦୁଃଖ ନାହିଁ । । ୧୦/୫୮/୧୨

ଊନଷଷ୍ଠିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୫୫ଶତ୍ ଅଧ୍ୟାୟ) ରେ ପ୍ରଦ୍ୟୁମ୍ନ ଜନ୍ମ ଓ ହରଣ ତଥା ଶମ୍ବରାସୁର ବଧ ବର୍ଣ୍ଣିତ ।

ଭଗବାନଙ୍କର ଅଂଶ କାମଦେବ ଶିବଙ୍କ କ୍ରୋଧ୍ୟରେ ଭସ୍ମ ହୋଇ ପୁଣି ଶ୍ରୀକୃଷ୍ଣଙ୍କ ଔରସରେ ରୁକ୍ମିଣୀ ଗର୍ଭରେ ଜନ୍ମ ହୋଇ ପ୍ରଦ୍ୟୁମ୍ନ ନାମରେ ବିଖ୍ୟାତ ହେଲେ । ସେ ବହୁତ ସୁନ୍ଦର ଥିଲେ ।

ପୁର୍ବୋକ୍ତ କାମଦେବ ବା କନ୍ଦର୍ପ ଭସ୍ମ ହେବା ସମୟରେ ଶମ୍ବରାସୁର କନ୍ଦର୍ପ ପତ୍ନୀ ରତିକୁ ନେଇ ପ୍ରତ୍ୟେକ ଦିନ ଏକ ନବ କନ୍ୟା ପାଇ ଭୋଗ କରୁଥାଏ । ନାରଦଙ୍କ ଠାରୁ ଶମ୍ବରାସୁର ଜାଣି ପାରିଲା କି ରୁକ୍ମଣୀ ଗର୍ଭରୁ ତାର ଶତ୍ରୁ ଜାତ ହୋଇଛି । ଶମ୍ବରାସୁର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୃଷ୍ଣଙ୍କ ଅନ୍ତଃପୁରକୁ ଯାଇ ନବଜାତ ଶିଶୁକୁ ଢେରାଇ ନେଇ ସମୁଦ୍ର ଜଳରେ ପକାଇଲା । ତାକୁ ରାଘବ (ବଡ଼ ମାଛ) ଖାଇଲା । କିନ୍ତୁ ସେ ମୀନ ଗର୍ଭେ ଭସ୍ମ ନୋହିଲା । ସେ ମୀନ କେଉଟ ଜାଲରେ ପଡ଼ିଲା । କେଉଟମାନେ ତାକୁ ନେଇ ଶମ୍ବରାସୁରକୁ ଦେଲେ । ସେ ନେଇ ରତୀକୁ ଦେଲା । ମୀନଟିକୁ କାଟିବା ସମୟରେ ସେଥିରୁ ବାଳକ ପାଇ ତାକୁ ଶମ୍ବରାସୁର ପାଳିଲା । ନାରଦ ରତୀକୁ ଜଣାଇଦେଲେ ଯେ ସେହି ବାଳକ ହିଁ ତାର ସ୍ୱାମୀ । ରତୀ ପ୍ରାପ୍ତ ପୁତ୍ରକୁ ତାର ପୂର୍ବ ବୃତ୍ତାନ୍ତ ଶୁଣାଇଲେ । ଶମ୍ବରାସୁର ବଧ ହେଲା ।

ଷଷ୍ଠିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୫୬ଶତ୍ ଅଧ୍ୟାୟ) ରେ ସ୍ୟମନ୍ତକ ମଣି ବୃତ୍ତାନ୍ତ; ଜାମ୍ବବତୀ ଓ ସତ୍ୟଭାମା ସହ ଶ୍ରୀକୃଷ୍ଣଙ୍କ ପରିଣୟ । ସତ୍ରାଜିତ୍ ସୂର୍ଯ୍ୟଙ୍କ ଭକ୍ତ ଥିବାରୁ ତାଙ୍କୁ ସ୍ୟମନ୍ତକ ମଣି ପ୍ରାପ୍ତ ହୋଇଥିଲା । ଦିନେ ସତ୍ରାଜିତ୍ ଭାଇ ପ୍ରସେନ୍ ବଣରେ ଶୀକାର କରୁ କରୁ ସିଂହ ତାକୁ ମାରି ମଣି ନେଲା । ସେହି ମଣି, ସିଂହକୁ ମାରି ଜାମ୍ବବାନ୍ ଭାଲୁ ନେଲା । ଶ୍ରୀକୃଷ୍ଣ ଭାଲୁକୁ ମାରି ମଣି ଆଣିଲେ । ଜାମ୍ବବାନର ଝିଅ ଜମ୍ବୁବତୀକୁ ବାହା ହେଲେ । ସେହି ମଣିକୁ ସତ୍ୟଜିତ୍କୁ ଦେଇଦେଲେ । ସତ୍ୟଜିତ ନିଜ କନ୍ୟା ସତ୍ୟଭାମାକୁ ଶ୍ରୀକୃଷ୍ଣଙ୍କ ସହ ବିବାହ କରାଇଲେ । ଏହି ଅଧ୍ୟାୟରେ ଓଜନର କେତେକ ଏକକ ବିଷୟରେ କୁହାଯାଇଛି, ଯେପରିକି ବ୍ରାହି (ଧାନ)ରେ ୧ ଗୁଞ୍ଜା, ୫ ଗୁଞ୍ଜାରେ ୧ ପଣ, ୮ ପଣରେ ୧ ଧରଣ, ୮ ଧରଣରେ ୧ କର୍ଷ (ତୋଳା ବା ୧୧.୬୬୪ ଗ୍ରାମ୍), ୪ କର୍ଷରେ ୧ ପଲ, ୧୦୦ ପଲରେ ୧ ତୁଳା, ୨୦ ତୁଳାରେ ୧ ଭାର । ଅର୍ଥାତ୍ ୧ ଭାର = ୮୦୦୦ କର୍ଷ ବା ତୋଳା; ଅଷ୍ଟଭାର = ୭୪୬ କିଲୋ ୪୯୬ ଗ୍ରାମ୍ ।

ଏକଷଷ୍ଠିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୫୭ଶତ୍ ଅଧ୍ୟାୟ) ରେ ଶତଧନ୍ୱା ଦ୍ୱାରା ସ୍ୟମନ୍ତକ ମଣି ହରଣ, ଶତଧନ୍ୱା ବଧ; ଭୟରେ ପଳାୟନ କରିଥିବା ଅକ୍ରୁରଙ୍କ ସନ୍ଧାନ ପୂର୍ବକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁନଃ ଦ୍ୱାରିକା ଆମନ୍ତ୍ରଣ ।

ଜତୁଗୃହରେ ପଞ୍ଚୁପାଣ୍ଡବ ପୋଡ଼ି ମରିଗଲେ ଶୁଣି ଶ୍ରୀକୃଷ୍ଣ-ବଳରାମ ହସ୍ତିନାପୁର ଗଲେ । ଫଳରେ ଅକ୍ରୁର ଓ କୃତବର୍ମା, ସତଧନ୍ୱାଙ୍କୁ ଉସକେଇଲେ ଯେ, ସତ୍ୟଜିତ, ସତ୍ୟଭାମାଙ୍କୁ ତାଙ୍କୁ ବାହାଦେବାକୁ କହି କୃଷ୍ଣଙ୍କୁ ଦେଇଦେଲେ, ତେଣୁ ସତ୍ରାଜିତକୁ ମାରି ମଣିଟି ନେଇଆସ । ଶତଧନ୍ୱା, ଶ୍ରୀକୃଷ୍ଣଙ୍କ ଅନୁପସ୍ଥିତିରେ ସତ୍ରାଜିତଙ୍କୁ ମାରି ଦେଲେ । ପରେ କୃଷ୍ଣ ଏ ବିଷୟ ଜାଣି ଶତଧନ୍ୱାଙ୍କୁ ହତ୍ୟା କଲେ । କିନ୍ତୁ ତା ପାଖରୁ ମଣିଟି ପାଇଲେ ନାହିଁ ।

ଶତଧନ୍ୱାର ବଧ ଶୁଣି ଅକ୍ରୁର ଓ କୃତବର୍ମା ଦ୍ୱାରକାରୁ ପଳାଇଗଲେ । ଥରେ କାଶୀ ନରେଶଙ୍କର ରାଜ୍ୟରେ ବର୍ଷା ନ ହେବାରୁ ସେ ଶ୍ୱଫଲ୍କଙ୍କ ସହ ନିଜ କନ୍ୟା ଗାନ୍ଦିନୀଙ୍କୁ ବିବାହ କରାଇବାରୁ ବର୍ଷା ହେଲା । ତେଣୁ ତାଙ୍କ ପୁତ୍ର (ଶ୍ୱଫଲ୍କ ଓ ଗାନ୍ଦିନୀଙ୍କ ପୁତ୍ର) ଅକ୍ରୁରଙ୍କ ଠାରେ ମଧ୍ୟ ପିତାଙ୍କ ପ୍ରଭାବ ଥାଇ ସେ ଯେଉଁଠି ନ ଥାନ୍ତି, ସେଠାରେ ଅକାଳ ପଡ଼େ ବୋଲି ଧରଗଲା । କିନ୍ତୁ, ଭଗବାନ ଜାଣନ୍ତି କି ଉପଦ୍ରବର କାରଣ ଅକ୍ରୁରଙ୍କ ଅନୁପସ୍ଥିତି ନୁହେଁ । ତଥାପି, ସେ ଅକ୍ରୁରଙ୍କୁ ପୁଣି ଦ୍ୱାରିକାକୁ ଡ଼କାଇଲେ । ସତ୍ରାଜିତ୍ରଙ୍କ ପୁତ୍ର ନଥିଲେ ।

ସ୍ୟମନ୍ତକ ମଣି ଅକ୍ରୁରଙ୍କ ନିକଟରେ ଥିଲା । କୃଷ୍ଣ ମାଗିବାରୁ ଅକ୍ରୁର ମଣିଟି ତାଙ୍କୁ ଦେଲେ । କିନ୍ତୁ ସେଇଟିକୁ ନିଜ ଜ୍ଞାତିକୁଟୁମ୍ବଙ୍କୁ ଦେଖାଇ ପୁଣି ଅକ୍ରୁରଙ୍କୁ ହିଁ ତାହା ଫେରାଇଦେଲେ ।

ଦ୍ୱିଷଷ୍ଠିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୫୮ଶତ୍ ଅଧ୍ୟାୟ) ରେ ଖାଣ୍ଡବବନ ଦହନ ଓ କାଳିନ୍ଦୀ ସହ ଶ୍ରୀକୃଷ୍ଣଙ୍କ ବିବାହ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୂର୍ଯ୍ୟଙ୍କ କନ୍ୟା କାଳିନ୍ଦୀଙ୍କ ଅନୁରୋଧରେ ଶ୍ରୀକୃଷ୍ଣ ତାଙ୍କୁ ବରଣ କଲେ । ଅଗ୍ନିପୁରୁ. ସତ୍ୟବ୍ରତଙ୍କ ଯଜ୍ଞରେ ଘିଅ ଖାଇ ବ୍ୟାଧିଗ୍ରସ୍ତ ହେଲେ । ସେଥିରୁ ମୁକ୍ତିପାଇଁ ଖାଣ୍ଡବ ବନ ଖାଇବାକୁ ଅନୁରୋଧ କରିବାରୁ ଅର୍ଜୁନଙ୍କ ଦ୍ୱାରା ଶ୍ରୀକୃଷ୍ଣ ଖାଣ୍ଡବ ଦହନ କରାଇଲେ । ଅଗ୍ନିଦେବ ସନ୍ତୁଷ୍ଟ ହୋଇ ଅର୍ଜୁନଙ୍କୁ ଗାଣ୍ଡିବ ଧନୁ, ୨ଟି ଅକ୍ଷୟ ତୁଣୀର, ୪ଟି ଶ୍ୱେତ ଅଶ୍ୱ ଓ ୧ଟି ରଥ ଏବଂ ୧ଟି କବଚ ଉପହାର ଦେଲେ । ଏହି ବନ ଦହନ ସମୟରେ ଅର୍ଜୁନ, ମୟଦାନବକୁ ଅଗ୍ନିରୁ ବଞ୍ଚାଇଥିବାରୁ ସେ ଅର୍ଜୁନଙ୍କ ନିମନ୍ତେ ଏକ ସଭାଗୃହ ନିର୍ମାଣ କରାଇ ଦେଇଥିଲେ । ସେହି ସଭାଗୃହରେ ଦୁର୍ଯୋଧନର ଜଳ ଯାଗାରେ ସ୍ଥଳ ଓ ସ୍ଥଳ ଯାଗାରେ ଜଳ ଭ୍ରମ ହୋଇ ଯାଇଥିଲା । ଶ୍ରୀକୃଷ୍ଣ, କାଳିନ୍ଦୀ କନ୍ୟାକୁ ଦ୍ୱାରକାପୁରକୁ ନେଇ, ଉତ୍ତରାୟଣେ ଅମରଗୁରୁ ଲଗ୍ନରେ ବିବାହ କଲେ  ।

ତ୍ରିଷଷ୍ଠିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୫୮ଶତ୍ ଅଧ୍ୟାୟର ଅବଶିଷ୍ଟାଂଶ) ରେ ମିତ୍ରବିନ୍ଦା, ଲକ୍ଷ୍ମଣା, ସତ୍ୟା ଓ ଭଦ୍ରା ସହ ଶ୍ରୀକୃଷ୍ଣଙ୍କ ବିବାହ । ଅବନ୍ତୀପୁର (ଉଜ୍ଜୟିନୀ)ରେ ଦୁର୍ଯ୍ୟୋଧନର ବିଶ୍ୱାସୀ ଦୁଇଭାଇ ବିନ୍ଦ ଓ ଅନୁବିନ୍ଦ ଥିଲେ । ସେମାନଙ୍କ ଭଉଣୀ ଥିଲା ମିତ୍ରବିନ୍ଦା । ସେହି କନ୍ୟା ସ୍ୱୟମ୍ବରରେ ଶ୍ରୀକୃଷ୍ଣଙ୍କୁ ପାଇବାକୁ ଇଚ୍ଛା କରୁଥିଲା । ସେହି ମିତ୍ରବିନ୍ଦା ଥିଲା ଶ୍ରୀକୃଷ୍ଣଙ୍କ ପିଉସୀ ରାଜାଧିଦେବୀ (ଶୂରଙ୍କ ୫ କନ୍ୟାରୁ ଏକ)ଙ୍କର ଝିଅ । ତାଙ୍କୁ ସ୍ୱୟମ୍ବର ସଭାରୁ ଶ୍ରୀକୃଷ୍ଣ ନେଇଯାଇଥିଲେ । କୋଶଳ ରାଜ ନଗ୍ନଜିତଙ୍କ ପଣ ଅନୁସାରେ ସାତଟି ଷଣ୍ଢକୁ ପରାସ୍ତ କରି ଶ୍ରୀକୃଷ୍ଣ, ନଗ୍ନଜିତଙ୍କ କନ୍ୟା ସତ୍ୟା (ନଗ୍ନଜିତା)କୁ ବାହାହେଲେ । ଶ୍ରୀକୃଷ୍ଣଙ୍କ ପିଉସୀ କେକୟ ରାଜାଙ୍କ ରାଣୀ ଶ୍ରୁତକୀର୍ତ୍ତିଙ୍କ କନ୍ୟା ଭଦ୍ରାଙ୍କୁ, ଭଦ୍ରାଙ୍କ ଭାଇ ସନ୍ତର୍ଦ୍ଦନ ଶ୍ରୀକୃଷ୍ଣଙ୍କ ସହ ବିବାହ କରାଇ ଦେଲେ । ମଦ୍ରଦେଶ (ମଧ୍ୟପ୍ରଦେଶ) ର ରାଜାଙ୍କ କନ୍ୟା ଲକ୍ଷ୍ମଣାଙ୍କୁ ସ୍ୱୟମ୍ବର ସମୟରେ ଶ୍ରୀକୃଷ୍ଣ ହରଣ କରି ନେଇ ଆସିଥିଲେ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚତୁଃଷଷ୍ଠିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୫୯ତମ ଅଧ୍ୟାୟ) ରେ ନାରକାସୁର ବଧ; ଷୋଳସହସ୍ର ଏକଶତ ରାଜକନ୍ୟାଙ୍କ ସହିତ ଶ୍ରୀକୃଷ୍ଣଙ୍କ ବିବାହ ଏବଂ ସ୍ୱର୍ଗରୁ ପାରିଜାତ ବୃକ୍ଷ ଆନୟନ । ଭୌମାସୁର ବା ନରକାସୁର ବରୁଣଙ୍କର ଛତ୍ର, ଅଦିତିଙ୍କର କୁଣ୍ଡଳ ଓ ଦେବତାମାନଙ୍କ ମଣିପର୍ବତ ନାମକ ସ୍ଥାନ ଛଡ଼ାଇ ଆଣିଥିଲା । ଇନ୍ଦ୍ର ଏ ବିଷୟରେ ଶ୍ରୀକୃଷ୍ଣଙ୍କୁ କହିବାରୁ ଭଗବାନ, ସତ୍ୟଭାମାଙ୍କ ସହ ଗରୁଡ଼ ଉପରେ ବସି ଆଧୁନିକ ଆସାମର ପ୍ରାଗ୍‌ଜ୍ୟୋତିଷପୁର ଅଭିମୁଖେ ଚାଲିଲେ । ସେଠାରେ ଯାଇ ନବରକୁ ଭଙ୍ଗାରୁଜା କଲେ ।

ମୁରଦାନବଙ୍କ ସେହି ଶବ୍ଦ ଶୁଣି ନିଦ ଭାଙ୍ଗିଗଲା । ମୁରର ୫ଟି ମୁଣ୍ଡ । ସେ ଜଳରେ ଶୋଇଥିଲା । ଭଗବାନ, ମୁର ଦୈତ୍ୟର ୫ଟି ଯାକ ମୁଣ୍ଡ କାଟିଦେଲେ । ମୁର ଦୈତ୍ୟର ୭ଟି ପୁଅ - ତାମ୍ର, ଅନ୍ତରିକ୍ଷ, ଶବଣ, ବିଭାବସୁ, ବସୁ, ନଭସ୍ଥାନ ଓ ଅରୁଣ । ସେମାନଙ୍କୁ ଶ୍ରୀକୃଷ୍ଣ ବଧ କଲେ । ଏହା ଦେଖି ନାରକାସୁର ଅତିଶୟ କ୍ରୋଧିତ ହୋଇ ଶ୍ରୀକୃଷ୍ଣଙ୍କ ସହ ଲଢ଼ିଲା । ଶ୍ରୀକୃଷ୍ଣ ନାରକାସୁରକୁ ବଧ କଲେ । ନରକାସୁର ବିଭିନ୍ନ ସ୍ଥାନରୁ ବିଭିନ୍ନ ରାଜାଙ୍କର ୧୬୦୦୦ କନ୍ୟାଙ୍କୁ ଆଣି ବନ୍ଦୀକରି ରଖିଥିଲା । ସେମାନଙ୍କୁ ମୁକୁଳାଇ ଶ୍ରୀକୃଷ୍ଣ ତାଙ୍କୁ ବାହା ହୋଇଗଲେ । ଶ୍ରୀକୃଷ୍ଣ ଓ ସତ୍ୟଭାମା ଇନ୍ଦ୍ରପୁର ଯାଇ ସେଠାରେ ଇନ୍ଦ୍ରଙ୍କୁ ଅଦିତିଙ୍କ କୁଣ୍ଡଳ ଫେରାଇଲେ । ସତ୍ୟଭାମାଙ୍କ ଅନୁରୋଧରେ ଭଗବାନ ଇନ୍ଦ୍ରପୁରରୁ ପାରିଜାତ ନେବାକୁ ଇଚ୍ଛା କଲେ । କିନ୍ତୁ ଇନ୍ଦ୍ର ମନା କଲେ । ତେଣୁ ଇନ୍ଦ୍ର ସମେତ ସମସ୍ତ ଦେବତାଙ୍କୁ ପରାଜୟ କରି ଶ୍ରୀକୃଷ୍ଣ ସେହି ବୃକ୍ଷକୁ ଉପାଡ଼ି ଆଣି ଗରୁଡ଼ ପିଠିରେ ରଖି, ଆଣି ସତ୍ୟାଭାମାଙ୍କ ଉଦ୍ୟାନରେ ଲଗାଇଦେଲେ ।

ପଞ୍ଚଷଷ୍ଠିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୬୦ତମ ଅଧ୍ୟାୟ) ରେ ରୁକ୍ମିଣୀଙ୍କ ସଙ୍ଗେ ଶ୍ରୀକୃଷ୍ଣଙ୍କ ହାସ୍ୟ ବିନୋଦ ବର୍ଣ୍ଣନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଷଷ୍ଠଷଷ୍ଠିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୬୧ତମ ଅଧ୍ୟାୟ) ରେ ଶ୍ରୀକୃଷ୍ଣଙ୍କ ପୁତ୍ର-ପୌତ୍ରାଦିଙ୍କ ନାମ; ଅନିରୁଦ୍ଧ ବିବାହ ଓ ରୁକ୍ମଣ ବଧ ବର୍ଣ୍ଣନା କରାଯାଇଛି । ଶ୍ରୀକୃଷ୍ଣଙ୍କ ପ୍ରତ୍ୟେକ ପତ୍ନୀର ୧୦ ପୁତ୍ର ଓ ୧ କନ୍ୟା । ମୋଟ ୧୬୧୦୮୧୦ =୧୬୧୦୮୦ ପୁତ୍ର ଓ ୧୬୧୦୮ କନ୍ୟା ।

ରୁକ୍ମିଣୀ ଗର୍ଭରୁ ୧୦ ପୁତ୍ର - ପ୍ରଦ୍ୟୁମ୍ନ, ଚାରୁଦେଷ୍ଣ, ସୁଦେଷ୍ଣ, ଚାରୁଦେହ, ସୁଚାରୁ, ଚାରୁଗୁପ୍ତ, ଭଦ୍ରଚାରୁ, ଚାରୁଚନ୍ଦ୍ର, ବିଚାରୁ ଓ ଚାରୁ । ସତ୍ୟଭାମା ଗର୍ଭରୁ ୧୦ ପୁତ୍ର – ଭାନୁ, ସୁଭାନୁ, ସ୍ୱର୍ଭାନୁ, ପ୍ରଭାନୁ, ଭାନୁମାନ, ଚନ୍ଦ୍ରଭାନୁ, ବୃହଦ୍ଭାନୁ, ଅତିଭାନୁ, ଶ୍ରୀଭାନୁ ଓ ପ୍ରତିଭାନୁ । ଜାମ୍ବବତୀଙ୍କର ଗର୍ଭରୁ ୧୦ ପୁତ୍ର – ଶାମ୍ବ, ସୁମିତ୍ର, ପୁରୁଜିତ୍, ଶତଜିତ୍, ସହସ୍ରଜିତ୍, ବିଜୟ, ଚିତ୍ରକେତୁ, ବସୁମାନ୍, ଦ୍ରବିଡ଼ ଓ କ୍ରତୁ । ନଗ୍ନଜିତୀ (ସତ୍ୟା)ଙ୍କ ୧୦ ପୁତ୍ର – ବୀର, ଚନ୍ଦ୍ର, ଅଶ୍ୱସେନ, ଚିତ୍ରଗୁ, ବେଗବାନ୍, ବୃଷ, ଆମ, ଶଙ୍କୁ, ବସୁ ଓ କୁନ୍ତି । କାଳିନ୍ଦୀଙ୍କ ୧୦ ପୁତ୍ର – ଶ୍ରୁତ, କବି, ବୃଷ, ବୀର, ସୁବାହୁ, ଭଦ୍ର, ଶାନ୍ତ, ଦର୍ଶ, ପୂର୍ଣ୍ଣମାସ ଓ ସୋମକ ।

ମଦ୍ରଦେଶୀ ରାଜକୁମାରୀ ଲକ୍ଷ୍ମଣାଙ୍କ ୧୦ ପୁତ୍ର - ପ୍ରଘୋଷ, ଗାତ୍ରବାନ୍, ସିଂହ, ବଳ, ପ୍ରବଳ, ଉର୍ଦ୍ଧଗ, ମହାଶକ୍ତି, ସହ, ଓଜ ଓ ଅପରାଜିତ । ମିତ୍ରବିନ୍ଦାଙ୍କ ୧୦ ପୁତ୍ର – ବୃକ, ହର୍ଷ, ଅନିଳ, ଗୃଧ୍ର, ବର୍ଦ୍ଧନ, ଅନ୍ନାଦ, ମହାଶ, ପାବନ, ବହ୍ନି ଓ କ୍ଷୁଧି । ଭଦ୍ରାଙ୍କର ୧୦ ପୁତ୍ର – ସଂଗ୍ରାମଜିତ୍, ବୃହତ୍ସେନ, ଶୂର, ପ୍ରହରଣ, ଅରିଜିତ୍, ଜୟ, ସୁଭଦ୍ର, ବାମ, ଆୟୁ ଓ ସତ୍ୟକ ।

ରୁକ୍ମିଣୀଙ୍କ ପୁତ୍ର ପ୍ରଦ୍ୟୁମ୍ନ, ପତ୍ନୀ ରତିଙ୍କ ଛଡ଼ା, ଭୋଜଟକ-ନଗରବାସୀ ରୁକ୍ମୀଙ୍କ କନ୍ୟା ରୁକ୍ମବତୀଙ୍କୁ ମଧ୍ୟ ବିବାହ କରିଥିଲେ । ପ୍ରଦ୍ୟୁମ୍ନ ଓ ରୁକ୍ମବତୀଙ୍କ ଠାରୁ ଅନିରୁଦ୍ଧ ଜନ୍ମ ହୋଇଥିଲେ । ରୁକ୍ମିଣୀଙ୍କ ଏକମାତ୍ର କନ୍ୟା ଥିଲା ଚାରୁମତୀ । କୃତବର୍ମାଙ୍କ ପୁଅ ବଳୀ ତାଙ୍କୁ ବିବାହ କରିଥିଲେ । ରୁକ୍ମୀ ନିଜ ନାତୁଣୀ ରୋଚନାର ବିବାହ ରୁକ୍ମିଣୀଙ୍କ ନାତି ଅର୍ଥାତ୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଦ୍ୟୁମ୍ନଙ୍କ ପୁତ୍ର ଅନିରୁଦ୍ଧଙ୍କ ସହକରାଇଥିଲେ । ବଳରାମ ପଶାଖେଳରେ ଜିତି ଥିଲେ, କିନ୍ତୁ ରୁକ୍ମୀଙ୍କର ତାଚ୍ଛଲ୍ୟ ଉପହାସ ସହ୍ୟ ନ କରି ତାଙ୍କୁ ବଧ କରିଥିଲେ ।

ସପ୍ତଷଷ୍ଠିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୬୨ତମ ଅଧ୍ୟାୟ) ରେ ଉଷା-ଅନିରୁଦ୍ଧ ମିଳନ ଓ ବାଣାସୁର ଦ୍ୱାରା ଅନିରୁଦ୍ଧ ନାଗଫାଶବନ୍ଧନ । ବିଷ୍ଣୁ ବାମନଙ୍କ ଦ୍ୱାରା ଦମନ ହୋଇଥିବା ବଳିଙ୍କ ୧୦୦ ପୁତ୍ର ମଧ୍ୟରେ ଜ୍ୟେଷ୍ଠ ପୁତ୍ର ଥିଲା ବାଣାସୁର । ବାଣାସୁରର କନ୍ୟା ଥିଲା ଉଷା । ସେ ଅନିରୁଦ୍ଧଙ୍କ ସଙ୍ଗେ ରମଣ କରୁଥିବା ସ୍ୱପ୍ନ ଦେଖିଲା । ବାଣାସୁରର ମନ୍ତ୍ରୀ କୁମ୍ଭାଣ୍ଡ । ତାଙ୍କ କନ୍ୟା ଚିତ୍ରଲେଖା । ଚିତ୍ରଲେଖା ଅନିରୁଦ୍ଧଙ୍କୁ ଯୋଗବଳରେ ଆଣି ଉଷାଙ୍କ କକ୍ଷରେ ଭେଟ ଦେଲା । ଅନିରୁଦ୍ଧ ବାଣାସୁରର ସୈନ୍ୟମାନଙ୍କୁ ଆଘାତ କଲେ ।

ଅଷ୍ଟଷଷ୍ଠିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୬୩ତମ ଅଧ୍ୟାୟ) ରେ ହରିହରଯୁଦ୍ଧ ତଥା ଶ୍ରୀକୃଷ୍ଣ ବାଣାସୁର ଯୁଦ୍ଧ ଓ ବାଣାସୁର ବାହୁଚ୍ଛେଦ, ରୁଦ୍ରଜ୍ୱ(ଶିବ)ଙ୍କର ସ୍ତୁତି । ଶ୍ରୀକୃଷ୍ଣ ଓ ବଳରାମଙ୍କ ସହ ପ୍ରଦ୍ୟୁମ୍ନ, ସାତ୍ୟକି, ଗଦ, ସାମ୍ବ, ସାରଣ, ନନ୍ଦ, ଉପନନ୍ଦ, ଭଦ୍ର ଆଦି ବୀରମାନେ ୧୨ ଅକ୍ଷୌହିଣୀ ସୈନ୍ୟ ଧରି ଯାଇ ବାଣାସୁରର ରାଜଧାନୀ ଘେରାଉ କରିଦେଲେ । ଶିବ ମଧ୍ୟ ଶ୍ରୀକୃଷ୍ଣ ଓ ବଳରାମଙ୍କ ସହ ଯୁଦ୍ଧ କଲେ । ପ୍ରଦ୍ୟୁମ୍ନ ସହ କା³ିର୍କେୟ ଯୁଦ୍ଧ କଲେ । ବଳରାମଙ୍କ ସହ କୁମ୍ଭାଣ୍ଡ ଓ କୂପକର୍ଣ୍ଣ ଲଢ଼ିଲେ । ବାଣାସୁରର ପୁଅ ସହ ସାମ୍ବ ଓ ବାଣାସୁର ସହ ସାତ୍ୟକି ଯୁଦ୍ଧ କଲେ । ଶ୍ରୀକୃଷ୍ଣ କୃମ୍ଭଣାସ୍ତ୍ର (ହାଇ ମାରିବା ଅସ୍ତ୍ର) ମାରି ଶିବଙ୍କୁ ଯୁଦ୍ଧରୁ ନିବୃ³ କଲେ । ଶିବ ଯୁଦ୍ଧ କରିବା ପରିବେ³ର୍ କେବଳ ହାଇ ମାରିଲେ । ଶ୍ରୀକୃଷ୍ଣ ବାଣାସୁରର ବାହୁ ଗୁଡ଼ିକୁ ଛେଦନ କରିଦେଲେ । କେବଳ ୪ଟି ବାହୁ ଛାଡ଼ି ଦେଲେ । କାରଣ, ବାଣାସୁର, ପ୍ରହଲ୍ଲାଦର ବଂଶଧର ଥିଲାଏବଂ ଭଗବାନ ଏହି ବଂଶଧାରୀମାନଙ୍କୁ ବଧ କରିବେ ନାହିଁ ବୋଲି ପ୍ରହ୍ଲାଦଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଂଶଧାରୀ ବଳିକୁ ବି ଭଗବାନ ନ ମାରି ତୃତୀୟ ପାଦରେ ପାତାଳରେ ଚାପି ଦେଇ ତାର ଗର୍ବ ଗଞ୍ଜନ କରିଥିଲେ ।

ଊନସପ୍ତତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୬୪ତମ ଅଧ୍ୟାୟ)ରେ ନୃଗରାଜା ଚରିତ ଓ ଶାପମୁକ୍ତି । ନୃଗରାଜାଙ୍କ ଦ୍ୱାରା ଗୋରୁଦାନ ବେଳେ ଅନ୍ୟ ଜଣେ ବ୍ରାହ୍ମଣଙ୍କର ଗାଇଟିଏ ବି ସେଥିରେ ମିଶିଯାଇଥିବାରୁ ସେ ନିଜର ଗାଈ ଭାବି ସେହି ଗାଈଟିକୁ ନ ଜାଣି ପାରି ଦାନ କରିଦେଇଥିବାରୁ ସେ ବ୍ରାହ୍ମଣବ୍ୟକ୍ତି ସହିତ ଯୁକ୍ତିତର୍କ ହୋଇଥିଲା । ସେହି ବ୍ରହ୍ମଣବ୍ୟକ୍ତିଙ୍କ ଅଭିଶାପରେ ସେ ଏଣ୍ଡୁଅ ହୋଇ କୂପ ମଧ୍ୟେ ପତିତ ଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ହସ୍ତର ସ୍ପର୍ଶ ପାଇ ସେ ଉଦ୍ଧାର ହେଲେ । ଭଗବାନ କହିଛନ୍ତି, ବିଷ ଖାଇଥିଲେ ମଧ୍ୟ ତାହାର ପ୍ରତିକାର କରିହେବ କିନ୍ତୁ ବ୍ରାହ୍ମଣ ଧନ ହଜମ ଅସମ୍ଭବ । ଯଥା -

ଗରଳ ହଳାହଳ ବିଷ । ମୁଁ ତାହା ମଣଇ ଉଶ୍ୱାସ । ।
ଯାହାର ପ୍ରତିକାର ଥାଇ । ତାର ଭକ୍ଷଣେ ଭୟ ନାହିଁ । ।
ବ୍ରହ୍ମସ୍ୱ ମହା ବିଷ ହୋଇ । ତାହାର ପ୍ରତିକାର ନାହିଁ । । ୧୦/୬୯/୩୩
ବିଷ ଭକ୍ଷିଲେ ପ୍ରାଣୀ ମରେ । ବ୍ରହ୍ମସ୍ୱ ବଂଶ ନାଶ କରେ । ।
ଯେ ବନ ଦହଇ ଅନଳ । ରକ୍ଷା କରଇ କନ୍ଦମୂଳ । ।
ବ୍ରହ୍ମସ୍ୱ-ଅଗ୍ନି ଏ ସଂସାରେ । ସମୂଳେ ବଂଶ ନାଶ କରେ । ।
ବ୍ରହ୍ମସ୍ୱ-ଅଗ୍ନି ତେଜ ଯେତେ । କେ ଲଙ୍ଘି ପାରିବ ଜଗତେ । ।
ବ୍ରାହ୍ମଣଧନ ଯେହୁ ଗ୍ରାସେ । ତିନିପୁରୁଷ ତାର ନାଶେ । ।
ତାତ ଜନନୀ ବେନି ବଂଶ । ଉଭୟକୁଳ କରେ ନାଶ । ।
ଆତ୍ମା ସହିତେ କରେ ନାଶ । ଏ କଥା ବେଦରେ ପ୍ରକାଶ । । ୧୦/୬୯/୩୪,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୩୫

ବ୍ରାହ୍ମଣଧନ ଯେହୁ ହରେ । ପଡ଼େ ନରକ ତମଘୋରେ । ।
କ୍ଷତ୍ରିୟ ରାଜପଣ ପାଇ । ଆତ୍ମାର ଗତି ନ ଜାଣଇ । ।
ବ୍ରାହ୍ମଣ ଧନ ସ୍ୱାଦୁ ମଣି । ବଳେ ହରନ୍ତି ଯେତେ ପ୍ରାଣୀ । ।
ନିରତେ ସୁଖ ପ୍ରାୟ ମଣି । ପଡ଼ନ୍ତି ତମ ତରଙ୍ଗିଣୀ । । ୧୦/୬୯/୩୬
ବ୍ରାହ୍ମଣ ବୃତ୍ତି ଯେବେ ବଳେ । କ୍ଷତ୍ରିୟ ହରେ ବାହୁବଳେ । ।
ଅନ୍ନ ନ ପାଇ ବିପ୍ରଜନ । ବିକଳେ କରନ୍ତି ରୋଦନ । ।
ବିପ୍ରରୋଦନ ଲୁହ ପଡ଼ି । ଭୂମିରେ ଯେତେ ରେଣୁ ଜଡ଼ି । ।
ତେତେ ବରଷ ମହାଘୋରେ । ନରକେ ପଡ଼ଇ ନିର୍ଭରେ । ।
ସେ ନିରଙ୍କୁଶ ହୋଇ ନର୍କେ । ଅନ୍ତେ ପଡ଼ଇ କୁମ୍ଭୀପାକେ । । ୧୦/୬୯/୩୭,

୩୮

ସପ୍ତତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୬୫ତମ ଅଧ୍ୟାୟ) ରେ ବଳରାମଙ୍କର ବ୍ରଜପୁର ଗମନ; ଗୋପୀଙ୍କ ସଙ୍ଗେ ଜଳକ୍ରୀଡ଼ା ଓ ଯମୁନାକର୍ଷଣ ବର୍ଣ୍ଣନ । ବଳରାମ ଗୋପପୁର ଯାଇ ମଧୁ ମାଧବ ଅର୍ଥାତ୍ ଚୈତ୍ର ଓ ବୈଶାଖ ୨ ମାସ ରହିଲେ । ଯମୁନାରେ କ୍ରୀଡ଼ା କରିବାକୁ ତାକୁ ବଳରାମ ଯମୁନାକୁ ପାଖକୁ ଡ଼ାକିଲେ କିନ୍ତୁ ସେ ନ ଆସିବାରୁ ତାକୁ ନିଜ ଲଙ୍ଗଳରେ ଟାଣି ଆଣିଥିଲେ ।

ଏକସପ୍ତତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୬୬ତମ ଅଧ୍ୟାୟ) ରେ ପୌଣ୍ଡ୍ରକ ଓ କାଶୀରାଜା ବଧ । କରୂଷ ଦେଶର ନୃପବର ପୌଣ୍ଡ୍ରକ ନିଜକୁ ବାସୁଦେବ ବୋଲାଇ କୃଷ୍ଣର ପ୍ରାୟ ସଜ ହୋଇ ସମସ୍ତଙ୍କୁ ତାର ଅଧୀନରେ ରହି ସେବା କରିବାକୁ କହୁଥିଲେ । ଭଗବାନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶ୍ରୀକୃଷ୍ଣ ପୌଣ୍ଡ୍ରକ ରାଜାର ଗର୍ବ ଗଞ୍ଜନ କରିଥିଲେ ଓ ତାକୁ ବଧ କଲେ । ଏବଂ ପୌଣ୍ଡ୍ରକ ରାଜାର ମିତ୍ର କାଶୀରାଜାଙ୍କ ବଧ କରି କାଶୀନଗରୀକୁ ଜାଳି ଭସ୍ମ କରିଦେଥିଲେ ।

ଦ୍ୱିସପ୍ତତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୬୭ତମ ଅଧ୍ୟାୟ) ରେ ବଳରାମଙ୍କ ଦ୍ୱାରା ଦ୍ୱିବିଦ ବାନର ବଧ । ନରକାସୁର, ଭଗବାନଙ୍କ ଦ୍ୱାରା ବଧ ହେଲା । ତାର ଦ୍ୱିବିଦ ନାମରେ ଏକ ବାନର ସଖା ଥିଲା । ଏବଂ ସେ, ସୁଗ୍ରୀବଙ୍କର ଜଣେ ମନ୍ତ୍ରୀ ଏବଂ ମୈନ୍ଦ (ମଇନ୍ଦ)ର ଭାଇ ଥିଲା । ଅର୍ଥାତ୍ ମଇନ୍ଦ, ଦ୍ୱିବିଦର ଜ୍ୟେଷ୍ଠ ଭାଇ ଥିଲା । ଦ୍ୱିବିଦର ସଖା ନରକାସୁରର ମୃତ୍ୟୁ ଶୁଣି, ସେ ତାର ଦୌରାତ୍ମ୍ୟ ଆରମ୍ଭ କରିଦେଲା । ଦ୍ୱିବିଦ ଦେଖିଲା ବଳରାମ ସୁନ୍ଦରୀ ଯୁବତୀମାନଙ୍କ ସହ ପର୍ବତ ଉପରେ ବିରାଜମାନ ହୋଇଥିଲେ । ଦ୍ୱିବିଦ ଓ ବଳରାମଙ୍କ ମଧ୍ୟରେ ଘୋର ଯୁଦ୍ଧ ହେଲା । ଯୁଦ୍ଧରେ ବଳରାମଙ୍କ ଦ୍ୱାରା ଦ୍ୱିବିଦର ମୃତ୍ୟୁ ଘଟିଲା ।

ତ୍ରିସପ୍ତତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୬୮ତମ ଅଧ୍ୟାୟ) ରେ କୌରବଙ୍କ ପ୍ରତି ବଳରାମଙ୍କ କୋପ ଓ ଶାମ୍ବ ବିବାହ ।

ଜାମ୍ବବତୀଙ୍କ ପୁତ୍ର ସାମ୍ବ ଏକ ମହାବୀର ଥିଲେ । ସେ ଦୁର୍ଯ୍ୟୋଧନଙ୍କ କନ୍ୟା ଲକ୍ଷ୍ମଣାକୁ ସ୍ୱୟମ୍ବର ସଭାରୁ ହରଣ କରି ନେଇ ଆସିଲେ । କୌରବମାନେ ସାମ୍ବଙ୍କୁ ବାନ୍ଧି ପକାଇ ଓ ଲକ୍ଷ୍ମଣାକୁ ଧରି ହସ୍ତିନାପୁରକୁ ଫେରିଆସିଲେ । ବଳରାମ କ୍ରୋଧ୍ୟରେ ହସ୍ତିନାକୁ ଚୁରମାର୍ କରିବାକୁ ଲାଗିଲେ । କୌରବମାନେ ପରାଜିତ ହୋଇ ଭୟଭୀତ ହୋଇ, ବଳରାମଙ୍କ ଶରଣ ପଶିଲେ । ଯୌତୁକ ଦେଇ ଲକ୍ଷ୍ମଣା ଓ ସାମ୍ବଙ୍କୁ ଦ୍ୱାରିକା ପଠାଇଦେଲେ ।

ଚତୁଃସପ୍ତତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୬୯ତମ ଅଧ୍ୟାୟ) ରେ ପ୍ରତି ରାଣୀଙ୍କ ଅନ୍ତଃପୁରରେ ଶ୍ରୀକୃଷ୍ଣଙ୍କ ଗୃହଚର୍ଯ୍ୟା ଦେଖି ନାରଦଙ୍କ ବିସ୍ମୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଞ୍ଚସପ୍ତତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୭୦ତମ ଅଧ୍ୟାୟ) ରେ ଶ୍ରୀକୃଷ୍ଣଙ୍କ ଦୈନନ୍ଦିନ କୃତ୍ୟ ବର୍ଣ୍ଣନା ଏବଂ ଜରାସନ୍ଧର କାରାଗୃହରେ ଅବରୁଦ୍ଧ ରାଜାଙ୍କ ପତ୍ର ଘେନି ଦୂତର ପ୍ରବେଶ । ଷଡ଼ଉର୍ମି – କ୍ଷୁଧା, ତୃଷା, ଶୋକ, ମୋହ, ଜରା ଓ ମୃତ୍ୟୁ । ସୁଧର୍ମା ସଭାର ବିଶେଷତ୍ୱ ଏହି ଯେ, ସେଇଠି ବସିଥିବା ଲୋକଙ୍କୁ ଷଡ଼ଉର୍ମି କଷ୍ଟ ଲାଗେ ନାହିଁ । ଜରାସନ୍ଧ ଦ୍ୱାରା ବନ୍ଦୀ ହୋଇଥିବା ରାଜାମାନଙ୍କ ଦୂତ ଆସି ଶ୍ରୀକୃଷ୍ଣଙ୍କୁ , ବନ୍ଦୀରାଜାମାନଙ୍କ ଶୋଚନୀୟ ଅବସ୍ଥା ବର୍ଣ୍ଣନା କଲେ । ଷଟ୍‌ସପ୍ତତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୭୧ତମ ଅଧ୍ୟାୟ) ରେ ଉଦ୍ଧବଙ୍କ ପରାମର୍ଶକ୍ରମେ ଶ୍ରୀକୃଷ୍ଣଙ୍କର ଇନ୍ଦ୍ରପ୍ରସ୍ଥ ଆଗମନ ।

ସପ୍ତସପ୍ତତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୭୨ତମ ଅଧ୍ୟାୟ) ରେ ପାଣ୍ଡବଙ୍କର ରାଜସୂୟ ଯଜ୍ଞ ଆୟୋଜନ ଏବଂ ଜରାସନ୍ଧ ବଧ । ଭୀମ ଓ ଜରାସନ୍ଧ ୨୭ ଦିନ ଯୁଦ୍ଧ କଲେ । ପରେ ଭୀମ, ଶ୍ରୀକୃଷ୍ଣଙ୍କୁ କହିଲେ ଯେ, ସେ ଜରାସନ୍ଧକୁ ଜିଣି ପାରିବେ ନାହିଁ । ଜରାସନ୍ଧର ମୃତ୍ୟୁ ରହସ୍ୟ ଯାହା କି ଜରାସନ୍ଧର ଶରୀରକୁ ଦୁଇଫାଳ କରି ବିପରୀତ ଦିଗକୁ ଫିଙ୍ଗିବା କଥା ଶ୍ରୀକୃଷ୍ଣ ଭୀମକୁ କହିଲେ । ସେ ଗଛରୁ ଡ଼ାଳଟିଏ ଭାଙ୍ଗି ଠାରରେ ଭୀମକୁ ଜରାର ମୃତ୍ୟୁରହସ୍ୟ ଜଣାଇଦେଇଥିଲେ । ଭୀମ ଜରାସନ୍ଧ ଶରୀରକୁ ସମାନ ଦୁଇ ଫାଳ କରି ଫିଙ୍ଗି ଦେଲେ । ଜରା ମୃତ୍ୟୁବରଣ କଲା । ଜରାସନ୍ଧ ଦ୍ୱାରା ବନ୍ଦୀ ହୋଇଥିବା ରାଜାମାନଙ୍କୁ ଶ୍ରୀକୃଷ୍ଣ ମୁକ୍ତ କରିଦେଲେ ।

ଅଷ୍ଟସପ୍ତତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୭୩ତମ ଅଧ୍ୟାୟ) ରେ ଜରାସନ୍ଧ କାରାଗାରରୁ ରାଜାମାନଙ୍କ ମୁକ୍ତି ହେବା ପରେ ରାଜାମାନେ ଶ୍ରୀକୃଷ୍ଣଙ୍କୁ ସ୍ତୁତି କଲେ । ଜରାସନ୍ଧର ପୁତ୍ର ସହଦେବ ଦ୍ୱାରା ଶ୍ରୀକୃଷ୍ଣ ବନ୍ଦୀରୁ ମୁକ୍ତ ହୋଇଥିବା ରାଜାମାନଙ୍କ ସତ୍କାର କଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଊନାଶୀତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୭୪ତମ ଅଧ୍ୟାୟ) ରେ ରାଜସୂୟ ଯଜ୍ଞରେ ଶ୍ରୀକୃଷ୍ଣଙ୍କ ଅଗ୍ରପୂଜା ଏବଂ ଶିଶୁପାଳ ବଧ । ଶ୍ରୀକୃଷ୍ଣ ନିଜ ଚକ୍ରରେ ଶିଶୁପାଳର ଶିରଚ୍ଛେଦନ କଲେ । ଶିଶୁପାଳ ବଧ ହେଲା । ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞର ସଭାପତିତ୍ୱ କରି ଯଜ୍ଞ କାର୍ଯ୍ୟ ଆରମ୍ଭ କଲେ ।

ଅଶୀତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୭୫ତମ ଅଧ୍ୟାୟ) ରେ ରାଜସୂୟ ଯଜ୍ଞ ସମାପନ ଏବଂ ଦୁର୍ଯ୍ୟୋଧନ ଅପମାନିତ ହେବା । ଯୁଧିଷ୍ଠିର ରାଜସୂୟ ଯଜ୍ଞ ସମାପନ ପରେ ପୁରୋହିତ, ଆଚାର୍ଯ୍ୟ ଓ ବ୍ରାହ୍ମଣ ଆଦିଙ୍କୁ ବସ୍ତ୍ର ଆଭୂଷଣ ଦେଇ ପୂଜା କଲେ । ଇନ୍ଦ୍ରପ୍ରସ୍ଥରେ ଦୁର୍ଯ୍ୟୋଧନଙ୍କ ଜଳକୁ ସ୍ଥଳ ଓ ସ୍ଥଳକୁ ଜଳ ଭାବି ମତିଭ୍ରମ ।

ଏକାଶୀତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୭୬ତମ ଅଧ୍ୟାୟ) ରେ ସାଲ୍ୱ ସହ ଯାଦବଙ୍କ ସମର । ଶାଲ୍ୱ, ଶିଶୁପାଳର ସଖା ଥିଲା । ଶାଲ୍ୱର ବିମାନର ନାମ ସୌରଭ । ଶାଲ୍ୱ ଶିବଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରାଇ ମୟ ଦାନବ ଦ୍ୱାରା ବିମାନଟି ନିର୍ମାଣ କରାଇ ସେହି ବିମାନକୁ ପ୍ରାପ୍ତ ହୋଇଥିଲା । ସେହି ବିମାନ ମାଲିକର ଇଛା ହେବା ମାତ୍ରେ ଲକ୍ଷ୍ୟ ସ୍ଥାନରେ ପହଞ୍ଚାଇ ଦେଉଥିଲା । ଏଇଟି ଅତ୍ୟନ୍ତ ଅନ୍ଧକାରମୟ ହୋଇଥିବାରୁ ତାକୁ ଦେଖିପାରିବା କଷ୍ଟକର ହେଉଥିଲା । ଶାଲ୍ୱ ଦ୍ୱାରିକା ଉପରେ ଅତ୍ୟାଚ୍ଚର କଲା । ଦ୍ୱାରିକାରେ ଉତ୍ପାତ ମଚାଇଲା । ପ୍ରଦ୍ୟୁମ୍ନ, ଦ୍ୱାରିକାବାସୀଙ୍କୁ ସାନ୍ତ୍ୱନା ଦେଇ ଶାଲ୍ୱ ବିରୋଧରେ ଯୁଦ୍ଧ କରିବାକୁ ବାହାରିଲା । ପରେ ଚାରୁଦେଷ୍ଣ, ସାମ୍ବ, ପ୍ରଭୃତିଙ୍କ ସହ ଅକ୍ରୁର, କୃତବର୍ମା, ଗଦ, ଶୁକ, ଭାନୁବିନ୍ଦ, ସାରଣ ସମସ୍ତେ ଯୁଦ୍ଧକୁ ବାହାରି ପଡ଼ିଲେ । ଶାଲ୍ୱର ମନ୍ତ୍ରୀ ଥିଲା ଦ୍ୟୁମାନ୍ । ତାକୁ ପ୍ରଦ୍ୟୁମ୍ନ ୨୫ଟି ବାଣ ମାରିଥିଲେ । କିନ୍ତୁ ସେ ପ୍ରଦ୍ୟୁମ୍ନକୁ ତାର ଗଦାରେ ଆଘାତ କରି ଗର୍ଜନ କଲା । ପ୍ରଦ୍ୟୁମ୍ନ ମୂର୍ଚ୍ଛା ହୋଇଗଲା । ପ୍ରଦ୍ୟୁମ୍ନ ମୂର୍ଚ୍ଛା ହୋଇଯିବାରୁ ସାରଥି (ଦାରୁକର ପୁଅ) ରଥକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଇ ରଣ ଭୂମି ଛାଡ଼ି ପଳାଇଗଲା ।

ଦ୍ୱ୍ୟଶୀତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୭୭ତମ ଅଧ୍ୟାୟ) ରେ ସାଲ୍ୱ ବଧ । ପ୍ରଦ୍ୟୁମ୍ନ, ଶାଲ୍ୱର ମନ୍ତ୍ରୀ ଦ୍ୟୁମାନ୍ର ମୁଣ୍ଡ କାଟିଦେଲେ । ଶ୍ରୀକୃଷ୍ଣ ଶାଲ୍ୱର ଶିର ଛେଦନ କଲେ । ଦନ୍ତବକ୍ର, ତାର ମିତ୍ର ଶିଶୁପାଳ, ଶାଲ୍ୱ ଆଦିର ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ସେ ସ୍ଥାନକୁ ଆସିଲା ।

ତ୍ର୍ୟଶୀତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୭୮ତମ ଅଧ୍ୟାୟ) ରେ ଦନ୍ତବକ୍ର ଓ ବିଦୂରଥ ବଧ । ଶିଶୁପାଳ, ଶାଲ୍ୱ ଓ ପୌଣ୍ଡ୍ରକ ମରିଯିବାରୁ ତାଙ୍କ ମିତ୍ର ଦନ୍ତବକ୍ର ଆସି ଯୁଦ୍ଧ କ୍ଷେତ୍ରରେ ପଶିଗଲା । ତା ହାତରେ ମାତ୍ର ଗୋଟିଏ ଗଦା ଥାଏ । ସେ ଏତେ ବଳବାନ୍ ଥିଲା ଯେ ସେ ଚାଲିଲେ ଧରଣୀ କମ୍ପିଲା । ଶ୍ରୀକୃଷ୍ଣ ତାଙ୍କର କୌମୋଦକୀ ଗଦା ଉଠାଇ ଦନ୍ତବକ୍ରର ଛାତି ଉପରେ ପାହାରେ ପିଟିଲେ । ଦନ୍ତବକ୍ର, ଶ୍ରୀକୃଷ୍ଣଙ୍କ ଦ୍ୱାରା ବଧ ହେଲା । ଶିଶୁପାଳ ମଲା ବେଳେ ଯେପରି ହୋଇଥିଲା, ଠିକ୍ ସେହିପରି ଦନ୍ତବକ୍ର ମଲାବେଳେ ବି ତା ଦେହରୁ ଏକ ସୂକ୍ଷ୍ମ ଜ୍ୟୋତି ବାହାରି ଶ୍ରୀକୃଷ୍ଣଙ୍କ ଅଙ୍ଗରେ ଲୀନ ହୋଇଗଲା ।ଦନ୍ତବକ୍ରର ଭାଇର ନାମ ବିଦୁରଥ । ଭାଇ ମରିଯିବା କଥା ଜାଣି ସେ ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ ଆସିଲା । ଶ୍ରୀକୃଷ୍ଣ ବିଦୁରଥକୁ ତାଙ୍କର ଚକ୍ର ପେଷଣ କରି ମାରିଦେଲେ ।

ଚତୁରାଶୀତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୭୮ତମ ଅଧ୍ୟାୟର ଅବଶିଷ୍ଟାଂଶ) ରେ ବଳରାମଙ୍କ ହସ୍ତରେ ରୋମହର୍ଷଣ ମୁନିଙ୍କ ନିଧନ । କୁରୁ ପାଣ୍ଡବ ଯୁଦ୍ଧ ପ୍ରସ୍ତୁତି ଜାଣି ବଳରାମ କାହାର ପକ୍ଷ ନ ନେବା ଭାବି ତୀର୍ଥ ଯାତ୍ରାରେ ଚାଲିଗଲେ । ତୀର୍ଥ ଯାତ୍ରାରେ ଯାଉ ଯାଉ ଋଷି ମାନଙ୍କୁ ଭେଟୁଥାନ୍ତି । ରାସ୍ତାରେ ବ୍ୟାସଙ୍କ ଶିଷ୍ୟ ରୋମହର୍ଷଣ ବଳରାମଙ୍କୁ ସମ୍ମାନ ଦେଲେ ନାହିଁ । ରୋମହର୍ଷଣ, ସୂତ ଜାତିରେ ଜନ୍ମ ହୋଇ ମଧ୍ୟ ବ୍ରାହ୍ମଣ ମାନଙ୍କଠାରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉଚ୍ଚ ଆସନରେ ବସିଥାନ୍ତି, ପୁଣି ସେ ବଳରାମଙ୍କୁ ସ୍ୱାଗତ କଲେ ନାହିଁ । ତେଣୁ ବଳରାମଙ୍କ ମନରେ କ୍ରୋଧ ଜାତ ହେଲା । ବଳରାମ ନିଜ ହାତରେ ଧରିଥିବା କୁଶରେ ରୋମହର୍ଷଣଙ୍କୁ ଆଘାତ କଲେ । ମାତ୍ର ସେତିକି ଆଘାତରେ ରୋମହର୍ଷଣ ମରିଗଲେ । ବଳରାମ, ରୋମହର୍ଷଣଙ୍କ ପୁତ୍ରଙ୍କୁ ଦୀର୍ଘାୟୁ, ଇନ୍ଦ୍ରିୟ ଶକ୍ତି ଓ ବଳ ପ୍ରଦାନ କଲେ । ସେ ରୋମହର୍ଷଣଙ୍କ ସ୍ଥାନରେ, ଋଷିମାନଙ୍କୁ ପୁରାଣାଦି ଶାସ୍ତ୍ରର କଥା ଶୁଣେଇବେ ବୋଲି ପ୍ରତିଶ୍ରୁତି ଦେଲେ ।

ପଞ୍ଚାଶୀତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୭୯ତମ ଅଧ୍ୟାୟ) ରେ ବଲ୍ୱଳ ରାକ୍ଷସ ବଧ ଏବଂ ପାପ ପ୍ରକ୍ଷାଳନାର୍ଥେ ବଳରାମଙ୍କର ତୀର୍ଥଯାତ୍ରା । ବଳରାମ ନିଜ ପ୍ରତିଶ୍ରୁତି ଅନୁସାରେ ବଲ୍‌ଭଳ (ଇଲ୍ୱଳର ପୁତ୍ର) ଅସୁରକୁ ମାରିଦେଲେ । ବଳରାମ, ରୋମହର୍ଷଣଙ୍କୁ ମାରିଥିବା ଦୋଷ ମୋଚନାର୍ଥେ ତୀର୍ଥ ଭ୍ରମଣାର୍ଥେ ଚାଲିଗଲେ ।

ଷଡ଼ାଶୀତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୮୦ତମ ଅଧ୍ୟାୟ) ରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ସୁଦାମା ସତ୍କାର ।

କୃଷ୍ଣର ଗୁଣ ଶୁଦ୍ଧମନେ । ନିରତେ ଗୁଣେ ଯେ ବଚନେ । ।
ତାହାକୁ ବୋଲି ବାକ୍ୟ ସାର । ଅନ୍ୟ ପ୍ରକାରେ ନୋହେ ସାର । ।
ଯେ ହସ୍ତ କରେ ବିଷ୍ଣୁକର୍ମ । ତାହାକୁ ବୋଲି ହସ୍ତ ଧର୍ମ । ।
ସ୍ଥିର ଜଙ୍ଗମ ମଧ୍ୟେ ହରି । ଅନନ୍ତ ଘଟେ ଛନ୍ତି ପୂରି । ।
ଏ ଭାବେ ଯେ କରଇ ଧ୍ୟାନ । ତାହକୁ ବୋଲି ଶୁଦ୍ଧ ମନ । ।
କୃଷ୍ଣର ଗୁଣ ଗାଥା ବାଣୀ । ଯେ କର୍ଣ୍ଣେ ନିରନ୍ତରେ ଶୁଣି । ।
ତାହାକୁ କର୍ଣ୍ଣ ବୋଲି ଲେଖି । ଅନ୍ୟଥା ଭୂମିବିଳ ଲକ୍ଷି । । ୧୦/୮୬/୩

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବନ୍ଧୁ ସୁହୃଦ ଗୃହ ଗତେ । ଯେ ପ୍ରାଣୀ ଗମେ ଶୂନ୍ୟ ହସ୍ତେ । ।

ଭାବ ନ ରହେ ବେନି ମଧ୍ୟେ । ନିନ୍ଦିତ ଶାସ୍ତ୍ର ଅନୁବାଦେ । । ୧୦/୮୬/୧୩

ଶ୍ରୀକୃଷ୍ଣ ସୁଦାମାଙ୍କୁ ଚତୁଃସମ ( କର୍ପୁର, କସ୍ତୁରୀ, କେଶର (ଅଗୁରୁ) ଓ ଚନ୍ଦନ ମିଶ୍ରିତ ପ୍ରଲେପ) ଲଗାଇ ପାଛୋଟି ନେଲେ ।

ସେ ଆଦି ଗୁରୁ ଜନ୍ମ କର୍ତ୍ତା । ତହୁଁ ଅଧିକ ବିଦ୍ୟାଦାତା । ।

ତା ତହୁଁ ଶ୍ରେଷ୍ଠ ଜ୍ଞାନ ଗୁରୁ । ମହିମା କେବା ଅନ୍ତ କରୁ । । ୧୦/୮୬/୩୨

ସପ୍ତାଶୀତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୮୧ତମ ଅଧ୍ୟାୟ) ରେ ସୁଦାମା ଦାରିଦ୍ର୍ୟ ମୋଚନ ।

ମୋର ଭକତ ପ୍ରାଣୀ ଯେବେ । ମୋତେ ପୂଜଇ ପ୍ରେମ ଭାବେ । ।

ସେ ଅଣୁ ମାତ୍ରେ ଯେବେ ଦେଇ । ପର୍ବତ ପ୍ରାୟେ ମୁଁ ମଣଇ । ।

ଯେ ମୋର ଭାବ ନ ଜାଣନ୍ତି । ପର୍ବତ ପ୍ରାୟ ଧନ ଦ୍ୟନ୍ତି । ।

ସେ ମୋତେ ଦିଶେ ତୁଚ୍ଛ ପ୍ରାୟ । ବୋଲନ୍ତି ପ୍ରଭୁ ଦେବରାୟ । । ୧୦/୮୭/୩

ପତ୍ର କୁସୁମ ଫଳ ପାଣି । ଯେ ମୋତେ ଭାବେ ଦ୍ୟନ୍ତି ଆଣି । ।

ତାର ଭକତି ଭାବେ ଲଇଁ । ମୁଖ ପ୍ରସାରି ମୁଁ ଭୁଞ୍ଜଇ । । ୧୦/୮୭/୪

ଯେଉଁ ବ୍ୟକ୍ତି ପୂର୍ବ ଜନ୍ମରେ ଭୋଗ, ବିଳାସ ନ ଚାହିଁ କେବଳ ଭଗବତ୍ ଭକ୍ତି ଉପାସନା ମାଧ୍ୟମରେ ଭଗବତ୍ ସଙ୍ଗ ଇଚ୍ଛା କରି ମୃତ୍ୟୁବରଣ କରିଥିବେ, ସେ ଏହି ଜନ୍ମରେ ଭଗବତ୍ ଭକ୍ତିରେ ରହିବେ, ଭଗବାନଙ୍କୁ ଆରାଧ୍ୟ କରି ରହିବେ । କିନ୍ତୁ ଭୋଗ ବିଳାସ ପାଇପାରିବ ନାହିଁ । ଠିକ୍ ସେହିପରି ଇହ ଜନ୍ମରେ ଏପରି କରିଥିଲେ ପର ଜନ୍ମରେ ଏହା ହିଁ ପାଇବ ।

ଅଭାବେ ଦେଲେ କୃଷ୍ଣ ଚିତ୍ତ । କିଞ୍ଚିତ ମଣଇ ବହୁତ । ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଳପ ଦେଲେ ଭାବ ଘେନି । ବହୁତ କରେ ଅନ୍ତର୍ଯ୍ୟାମୀ । । ୧୦/୮୭/୩୫

ଅର୍ଥାତ ଅଭାବଗ୍ରସ୍ତ ବ୍ୟକ୍ତିକୁ କୃଷ୍ଣ କିଛି ଦେଲାବେଳେ ସେ ନିଜ ମନରେ ବହୁତକୁ ବି ଅଳ୍ପ ମନେ କରନ୍ତି; କିନ୍ତୁ ଭକ୍ତ ଆଦରରେ ତାଙ୍କୁ ଅଳ୍ପ ଦେଲେ ବି ତାହାକୁ ସେ ବହୁତ ମନେ କରନ୍ତି । ଭାବ ନ ଥାଇ ତାଙ୍କୁ ବହୁତ କିଛି ଦେଲେ ବି ସେ କମ୍ ମଣନ୍ତି; କିନ୍ତୁ ଭାବର ସହ ଅଳ୍ପ ଦେଲେ ବି ତାହାକୁ ସେ ବେଶୀ ମଣନ୍ତି ।

ଅଷ୍ଟାଶୀତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୮୨ତମ ଅଧ୍ୟାୟ) ରେ ସୂର୍ଯ୍ୟୋପରାଗ ଉପଲକ୍ଷ୍ୟେ ଯାଦବମାନଙ୍କର କୁରୁକ୍ଷେତ୍ର ଗମନ ଏବଂ କୃଷ୍ଣ-ବଳରାମଙ୍କର ଗୋପଗୋପୀଙ୍କ ସହ ଭେଟ । ପର୍ଶୁରାମ ସମଗ୍ର ପୃଥିବୀକୁ କ୍ଷତ୍ରୀୟହୀନ କରିଦେବାରୁ ସେହି ରାଜାମାନଙ୍କ ରକ୍ତରେ ୫ଟି ବଡ଼ ବଡ଼ ସରୋବର ପୂର୍ଣ୍ଣ ହୋଇଯାଇଥିଲା । ତାହାକୁ ସମନ୍ତପଞ୍ଚକ ତୀର୍ଥ କୁହାଗଲା । ଶ୍ରୀକୃଷ୍ଣ ବଳରାମ ସମେତ ସମସ୍ତ ଯଦୁବଂଶୀ ଏବଂ ଗୋପବାସୀ ସେହି ତୀର୍ଥକୁ ଗଲେ ।

ସୁହୃଦ ଜ୍ଞାତି ପୁତ୍ର ଭାଇ । ପିତା ଜନନୀ ଯାର ଥାଇଁ । ।
ଆପଦେ ନ କରନ୍ତି ଚିନ୍ତା । ତାହାକୁ ବାମଟି ବିଧାତା । । ୧୦/୮୮/୨୦
ଦେଖ ସଂସାରେ ଯେତେ ଲୋକ । ଈଶ୍ୱର କ୍ରୀଡ଼ାର କନ୍ଦୁକ । ।
ଈଶ୍ୱର ଯନ୍ତ୍ର ମଧ୍ୟେ ପଡ଼ି । କାର୍ଯ୍ୟ କାରଣେ ପଥ ହୁଡ଼ି । ।
ଈଶ୍ୱର ଆଜ୍ଞା ଅନୁମତେ । ପ୍ରାଣୀ ଭଜନ୍ତି ନାନା ପଥେ । । ୧୦/୮୮/୨୧

ଊନନବତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୮୩ତମ ଅଧ୍ୟାୟ) ରେ ଅଷ୍ଟପାଟରାଣୀଙ୍କୁ ସେମାନଙ୍କ ବିବାହ ସମ୍ପର୍କରେ ଦ୍ରୌପଦୀଙ୍କ ପ୍ରଶ୍ନ ଓ ରାଣୀମାନଙ୍କ ଉତ୍ତର ବର୍ଣ୍ଣିତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନବତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୮୪ତମ ଅଧ୍ୟାୟ) ରେ ବସୁଦେବଙ୍କ ଯଜ୍ଞୋତ୍ସବ ବର୍ଣ୍ଣିତ ।

ଅନଳ ରବି ନିଶାକର । ନକ୍ଷତ୍ର ମହୀ ସର୍ବ ନୀର । ।
ଶୂନ୍ୟ ପବନ ବାକ୍ୟ ମନ । ଏ ଆଦି ବିଷୟ ପ୍ରଧାନ । ।
ଏହାଙ୍କୁ ସେବନ୍ତି ଯେ ନିତ୍ୟେ । ଶାସ୍ତ୍ର ପୁରାଣ ବେଦମତେ । ।
ତାହାଙ୍କ ପାପ ନ ଛାଡ଼ଇ । ସେବା ଉଚିତେ ଫଳ ପାଇ । ।
ସାଧୁଙ୍କ ଜ୍ଞାନ ବାଣୀ ଶୁଣି । ମୁହୂର୍ତ୍ତେ ସେବଇ ଯେ ପ୍ରାଣୀ । ।
ସକଳ ପାପୁଁ ସେ ନିସ୍ତରେ । ନିର୍ମଳ ବାହ୍ୟ ଅଭ୍ୟନ୍ତରେ । ।
୧୦/୯୦/୧୨

ତ୍ରିଧାତୁ ରୂପ ଏ ଶରୀର । ନିତ୍ୟେ ମରଣ ଅଧିକାର । ।
ଏ ଦେହେ ଆତ୍ମବୁଦ୍ଧି ଯାର । କଳତ୍ର ଆଦି ବୋଲେ ମୋର । ।
ମାଟି ପାଷାଣ ଧାତୁ ଖଣ୍ଡ । ଏଣେ ନିର୍ମିତ ଦେବପିଣ୍ଡ । ।
ତହିଁ ଯାହାର ପୂଜାବିଧି । ଜଳେ ଯାହାର ତୀର୍ଥବୁଦ୍ଧି । ।
ସାଧବେ ନ କରେ ଆଦର । ତାହାକୁ ବୋଲିଟି ଗୋ-ଖର । । ୧୦/୯୦/୧୩
ନିକଟେ ଥିଲେ ଅନାଦର । ଏହିଟି ସଂସାର ବେଭାର । ।
ଗଙ୍ଗା ନିକଟେ ଯେତେ ଜନେ । ଅତି ପରତେ ଅପମାନେ । ।
ଆତ୍ମାର ଗତି ଶୁଦ୍ଧି ଅର୍ଥେ । ଲୋଭେ ଭ୍ରମନ୍ତି ଅନ୍ୟ ତୀର୍ଥେ । । ୧୦/୯୦/୩୧
ଦେବତା ଋଷି ପିତୃଙ୍କର । ସ୍ୱଭାବେ ଋଣୀ ଏ ଶରୀର । ।
ଏହା ନ ଶୁଝି ଧର୍ମ ଛାଡ଼ି । ମଲେ ନରକେ ଥା'ନ୍ତି ପଡ଼ି । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ମଳ ଧନେ ଯଜ୍ଞ କଲେ । ଦେବତା ଋଣ ଶୁଝେ ଭଲେ ।।
ବିଦ୍ୟା ପଠନ କଲେ ଜାଣ । ନିଶ୍ଚେ ଶୁଝନ୍ତି ଋଷି ଋଣ ।।
ପୁତ୍ର ପଉତ୍ର ଜାତ ହେଲେ । ପିତୃଙ୍କ ଋଣ ଶୁଝେ ଭଲେ ।। ୧୦/୯୦/୩୯

ଜ୍ୟୋତିଷ୍ଟୋମ, ଦର୍ଶ, ପୂର୍ଣ୍ଣମାସ ଆଦି 'ପ୍ରାକୃତ' ଯଜ୍ଞ ଏବଂ ସୌରସତ୍ର ଇତ୍ୟାଦି 'ବୈକୃତ' ଯଜ୍ଞ ଅଟେ ।

ଏକନବତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୮୫ତମ ଅଧ୍ୟାୟ) ରେ ବସୁଦେବଙ୍କୁ ଶ୍ରୀକୃଷ୍ଣଙ୍କର ତତ୍ତ୍ୱଜ୍ଞାନ ଉପଦେଶ ଏବଂ ଦେବକୀଙ୍କୁ ଷଟ୍‌ପୁତ୍ର ପ୍ରଦାନ । ଏହି ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ନିଜ ପିତା ବସୁଦେବଙ୍କୁ ତତ୍ତ୍ୱଜ୍ଞାନ ଉପଦେଶ ଦେଲେ ।

ମାତା ଦେବକୀ ଶ୍ରୀକୃଷ୍ଣଙ୍କୁ କହିଲେ ଯେ, ସେ ତାଙ୍କ ଗୁରୁଙ୍କର ଛଅ ପୁତ୍ରଙ୍କୁ ଫେରେଇ ଆଣିଥିଲେ । ତେଣୁ ଦେବକୀ ତାଙ୍କର ମୃତ ପୁତ୍ରମାନଙ୍କୁ ମଧ୍ୟ ଫେରେଇ ଆଣିବାକୁ ଅନୁରୋଧ କରିଥିଲେ । ଭଗବାନ ଶ୍ରୀକୃଷ୍ଣ ବଳିଙ୍କ ନିକଟକୁ ଯାଇ ସେହି ପୁତ୍ରମାନଙ୍କୁ ଫେରେଇଆଣିଥିଲେ । ସ୍ୱାୟମ୍ଭୂବ ମନ୍ୱନ୍ତରରେ ପ୍ରଜାପତି ମରୀଚିଙ୍କ ପତ୍ନୀ ଉର୍ଣ୍ଣାଙ୍କ ଗର୍ଭରୁ ଛଅଟି ପୁତ୍ର ଜନ୍ମ ହୋଇଥିଲେ । ସେମାନେ ସମସ୍ତେ ଦେବତା ଥିଲେ । ଦିନେ ବ୍ରହ୍ମା ନିଜ ଝିଅ ସହିତ ସମାଗମ କରିବାକୁ ଉଦ୍ୟତ ହେଉଥିବା ଦେଖି ସେମାନେ ହସି ଦେଇଥିଲେ । ସେହି ପରିହାସରୂପୀ ଅପରାଧ ହେତୁ ବ୍ରହ୍ମା ସେମାନଙ୍କୁ ଶାପ ଦେଇଦେଲେ ଓ ସେମାନେ ଅସୁର ଯୋନିରେ ହିରଣ୍ୟକଶିପୁର ପୁତ୍ର ରୂପେ ଜନ୍ମ ହୋଇଥିଲେ । ସେହି ମାନଙ୍କୁ ଯୋଗମାୟା ନେଇ ଦେବକୀଙ୍କ ଗର୍ଭରେ ରଖିଦେଲେ; ସେମାନେ ଜନ୍ମ ହେଉ ହେଉ କଂସ ସେମାନଙ୍କୁ ମାରିଦେଲା । ସେମାନଙ୍କ ନାମ ହେଉଛି ସ୍ମର, ଉଦ୍ଗୀଥ, ପରିଷ୍ୱଙ୍ଗ, ପତଙ୍ଗ, କ୍ଷୁଦ୍ରଭୃତ୍ ଓ ଘୃଣି । ଭଗବାନ ସେହି ପୁତ୍ରମାନଙ୍କୁ ଫେରେଇଆଣି ମାତାଙ୍କୁ ସନ୍ତୁଷ୍ଟ କରାଇଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ଆତ୍ମା ଏକ ସ୍ୱୟଂ ଜ୍ୟୋତି । ନିତ୍ୟ ନିର୍ଗୁଣ ଶୁଦ୍ଧକାନ୍ତି । ।
ଆତ୍ମା କଳ୍ପିତ ସୃଷ୍ଟି ମଧ୍ୟେ । ଆତ୍ମା ପ୍ରବେଶ ଅନୁବାଦେ । ।
ନାନା ପ୍ରପଞ୍ଚ ବହୁରୂପେ । କ୍ରୀଡ଼ା କରଇ ମୋହକଳ୍ପ । । ୧୦/୯୧/୨୪
ଶୂନ୍ୟ ପବନ ଜ୍ୟୋତି ଜଳ । ତାର ନିର୍ମିତ ଭୂମଣ୍ଡଳ । ।
ଅଳ୍ପ ବିଶେଷ ନାନାମତେ । ଈଶ୍ୱର ରୂପ ଏ ଜଗତେ । । ୧୦/୯୧/୨୫

ଦ୍ୱିନବତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୮୬ତମ ଅଧ୍ୟାୟ) ରେ ସୁଭଦ୍ରା ହରଣ; ମିଥିଳାପୁରରେ ଏକସଙ୍ଗେ ନିମି ଓ ଶ୍ରୁତଦେବଙ୍କ ଗୃହରେ ଶ୍ରୀକୃଷ୍ଣଙ୍କ ପଦାର୍ପଣ । ଶ୍ଳୋକ ୨ ରୁ ୧୨ ମଧ୍ୟରେ ସୁଭଦ୍ରା ହରଣ ବର୍ଣ୍ଣନ । ଶ୍ଳୋକ ୧୩ ରୁ ୫୮ ମଧ୍ୟରେ ବ୍ରାହ୍ମଣ ଶ୍ରୁତଦେବ ଓ ରାଜା ବହୁଳାଶ୍ୱ ଚରିତ ବର୍ଣ୍ଣନ ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ସେମାନଙ୍କ ପୁରକୁ ଗମନ, ତତ୍ତ୍ୱଜ୍ଞାନ ଚର୍ଚ୍ଚା, ବ୍ରାହ୍ମଣ ଶ୍ରୁତଦେବ ଓ ରାଜା ବହୁଳାଶ୍ୱଙ୍କର ପରମଗତି ପ୍ରାପ୍ତି ବର୍ଣ୍ଣନ ।

ତ୍ରିନବତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୮୭ତମ ଅଧ୍ୟାୟ) ରେ ବେଦସ୍ତୁତି । ୨୮ଟି ସ୍ତୁତିରେ ବେଦସ୍ତୁତି ସମ୍ପୂର୍ଣ୍ଣ ହୋଇଛି । ଯଥା - ୧ମେ 'ଜୟ ଜୟ', ୨ୟେ 'ବୃହଦୁପଲବ୍ଧ', ୩ୟେ 'ଇତି', ୪ର୍ଥେ 'ଦୃତୟ ଇବ', ୫ମେ 'ଉଦର', ୬ଷ୍ଠେ 'ସ୍ୱକୃତ ବିଚିତ୍ର', ୭ମେ 'ସ୍ୱକୃତ', ୮ମେ 'ଦୁରବଗମ', ୯ମେ 'ତ୍ୱଦନୁପଥ', ୧୦ମେ 'ନିଭୃତ ମରୁତ୍', ୧୧ଶେ 'କ ଇହ', ୧୨ଶେ 'ଜନିମସତ', ୧୩ଶେ 'ସଦିବମନଃ', ୧୪ଶେ 'ତବ ପରି', ୧୫ଶେ 'ତ୍ୱମକରଣ', ୧୬ଶେ 'ସ୍ଥିରଚର', ୧୭ଶେ 'ଅପରିମିତା', ୧୮ଶେ 'ନ ଘଟତ', ୧୯ଶେ 'ନୃଷୁ ତବ', ୨୦ଶେ 'ବିଜିତହୃଷୀକ', ୨୧ଶେ 'ସ୍ୱଜନ ସୁତ', ୨୨ଶେ 'ଭୁବିପୁରୁ ପୂଣ୍ୟ',୨୩ଶେ 'ସତ ଇଦ', ୨୪ଶେ 'ନ ଯଦିଦ', ୨୫ଶେ 'ସ ଯଦ', ୨୬ଶେ 'ଯଦି ନ ସମୁ', ୨୭ଶେ 'ତ୍ୱଦବଗମୀ', ୨୮ଶେ 'ଦ୍ୟୁପତୟ' ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିବେକ ଶାନ୍ତି କ୍ଷମା ଧୀର । ଏ ଚାରି ପରୁଷଙ୍କ ସାର ।।

ଏହା ହରଇ ଗୃହ ଦ୍ୱନ୍ଦ । ଅଜ୍ଞାନୀ ଜନଙ୍କ ଆନନ୍ଦ । ।୧୦/୯୩/୩୫

ଚତୁର୍ନବତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୮୮ତମ ଅଧ୍ୟାୟ) ରେ ଶିବଙ୍କ ଠାରୁ ବୃକାସୁରର ବରପ୍ରାପ୍ତି ଓ ବୃକାସୁର ବଧ ।

ଯାହାକୁ ଚିତ୍ତେ ଦୟା ମୋର । ସମ୍ପଦ ହରଇ ତାହାର ।।

ନିର୍ଦ୍ଧନ ଦେଖି ବନ୍ଧୁଜନେ । ତାକୁ ଛାଡ଼ନ୍ତି ଦୁଃଖମନେ ।।

ତାର ସଂସାରେ ଇଚ୍ଛା ନୋହେ । ବନେ ଭ୍ରମିଣ ଦୁଃଖ ସହେ ।।

ମୋର ସେବକ ମିତ୍ରପଣେ । ମୋତେ ଭଜଇ ଅନୁକ୍ଷଣେ ।।

ତାହାର କର୍ମନାଶ କାଳେ । ମୋର ଭକତି ଭାବ ବଳେ ।।

ପରମବ୍ରହ୍ମ ସୂକ୍ଷ୍ମରୂପ । ସଚ୍ଚିଦାନନ୍ଦ ମୁଁ ନିର୍ଲେପ ।।

ଏମନ୍ତ ରୂପେ ମୋତେ ଧ୍ୟାୟି । ପଶଇ ମୋର ଦେହେ ଯାଇ ।।

ତାହାକୁ ନ ଲାଗେ ସଂସାର । ଏମନ୍ତ ମହିମା ମୋହର । ।୧୦/୯୪/୮ ରୁ ୧୦

ଶକୁନି ନାମକ ମହାସୁରର ପୁତ୍ର ବୃକାସୁର । ଦିନେ ମୃଗୟା ଅର୍ଥେ ବନେ ବୁଲୁ ବୁଲୁ ସେ ନାରଦଙ୍କୁ ଭେଟିଲା । ଏବଂ କିଏ ତପସ୍ୟା କଲେ ବର ଦିଅନ୍ତି ବୋଲି ପଚ୍ଚରିଲା । ନାରଦ, ଶିବକୁ ତପସ୍ୟା କରିବାକୁ କହିଲେ । ବୃକାସୁର ହିମକେଦାର କୁଣ୍ଡକୁ ଯାଇ ନିଆଁ ଜାଳି, ପର୍ଶୁରେ ନିଜ ଶରୀରରୁ ମାଂସ କାଟି, ଘିଅରେ ବୁଡ଼ାଇ ରୁଦ୍ରଙ୍କୁ ଧ୍ୟାୟୀ ଅଗ୍ନିରେ ମାଂସ ପକେଇଲା । କେଦାର କୁଣ୍ଡରେ ଶିବଙ୍କୁ ସ୍ମରି ନିଜ ଶିର ଛେଦନ କରିବାରୁ ଶିବ କୁଣ୍ଡରୁ ବାହାର ହେଲେ । ବୃକାସୁର ଯାହାର ମୁଣ୍ଡରେ ହାତ ଦେବ ସେ ଭସ୍ମ ହେବ ବୋଲି, ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶିବଙ୍କୁ ବର ମାଗିଲା । ଶିବ ତଥାସ୍ତୁ କହିବାରୁ, ବୃକାସୁର ଭାବିଲା, ଶିବଙ୍କ ଶିରେ ହାତ ଦେଇ ତାଙ୍କୁ ମାରି ଜଗତ୍ ଜନନୀ ପାର୍ବତୀଙ୍କୁ ଘେନିଯିବ । ତେଣୁ ସେ ଶିବଙ୍କ ପଛେ ପଛେ ଗୋଡ଼ାଇଲା । ଶିବ ଧାଇଁ ଧାଇଁ ଯାଇ ବିଷ୍ଣୁଙ୍କୁ ଗୁହାରି କଲେ । ବିଷ୍ଣୁ, ଶିବଙ୍କ ଠାରୁ ସବୁ କଥା ଶୁଣି, ସନ୍ନ୍ୟାସି ରୂପ ଧରି ବୃକାସୁରର ଆଗରେ ଉଭା ହେଲେ । ବିଷ୍ଣୁଙ୍କର ମୋହନ ବାକ୍ୟ ଶୁଣି ବୃକାସୁର ନିଜ ମୁଣ୍ଡରେ ନିଜ ହାତ ଦେଲା । ତକ୍ଷଣେ ସେ ଭସ୍ମ ହୋଇଗଲା ।

ପଞ୍ଚନବତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୮୯ତମ ଅଧ୍ୟାୟ) ରେ ଭୃଗୁ ମୁନିଙ୍କ ଦ୍ୱାରା ତ୍ରିଦେବଙ୍କ ଶ୍ରେଷ୍ଠତ୍ୱ ପରୀକ୍ଷା; ଶ୍ରୀକୃଷ୍ଣଙ୍କ ଦ୍ୱାରା ଦ୍ୱିଜଙ୍କ ମୃତପୁତ୍ର ଆନୟନ । ବ୍ରହ୍ମାଙ୍କ ନନ୍ଦନ ଭୃଗୁ ଋଷି, ବ୍ରହ୍ମା ଓ ଶିବଙ୍କୁ ଭର୍ତ୍ସନା ଓ ଅସମ୍ମାନ ପୂର୍ବକ ପରୀକ୍ଷା କରିବା ପରେ ବିଷ୍ଣୁଙ୍କ ଛାତିରେ ଲାତ ମାରିଥିଲେ । ବିଷ୍ଣୁ ଆଦରରେ ତାଙ୍କ ପାଦକୁ ମାଳିଥିଲେ । ବିଷ୍ଣୁଙ୍କ ଛାତିରେ ଭୃଗୁଙ୍କର ସେହି ପାଦ ଚିହ୍ନକୁ ହିଁ ଶ୍ରୀବତ୍ସଲାଞ୍ଛନ କୁହାଯାଏ । ବିଷ୍ଣୁଙ୍କୁ ହିଁ ସର୍ବଶ୍ରେଷ୍ଠ ବୋଲି ସ୍ୱୀକାର କରାଗଲା । ତାଙ୍କ ଠାରେ ମିତ୍ର ଅଇରି ଭାବ ନାହିଁ ।

ଦ୍ୱାରିକା ପୁରରେ ବ୍ରାହ୍ମଣର ପୁତ୍ରର ମୃତ୍ୟୁ ହେଲା । ଏକ ପରେ ଏକ ୮ଟି ପୁତ୍ର ମରିବା ପରେ ୯ମ ପୁତ୍ର ମରିବା ସମୟରେ ସେ ବ୍ରାହ୍ମଣ ଯେତେବେଳେ ରାଜାଙ୍କ ନିକଟକୁ ପୂର୍ବପରି ମୃତ ପୁଅଟିକୁ ନେଇଯାଇଥିଲା, ସେଠାରେ ଅର୍ଜୁନଥିଲେ ଏବଂ ବ୍ରାହ୍ମଣର ପୁଅମାନଙ୍କୁ ରକ୍ଷା କରିବାକୁ ପ୍ରତିଜ୍ଞା କଲେ । ନୋହିଲେ ନିଆଁରେ ପଶି ପୋଡ଼ି ହୋଇ ମରିବେ ବୋଲି କହିଲେ । ଦଶମ ପୁତ୍ରର ପ୍ରସବ ସମୟ ପାଖେଇ ଆସିଲା । ଅର୍ଜୁନ ପ୍ରସ୍ତୁତ ହୋଇ ରହିଲେ । ଅନ୍ତଡ଼ିଶାଳକୁ ଶରରେ ଘେରାଉ କରିଦେଲେ । କିନ୍ତୁ ଜନ୍ମ ହେଉ ହେଉ ହିଁ ସେ ଛୁଆ ଆକାଶରେ ଅନ୍ତର୍ଦ୍ଧାନ ହୋଇଗଲା ।

ବ୍ରାହ୍ମଣ, ଅର୍ଜୁନଙ୍କୁ ଧିକ୍କାର କରିବାରୁ, ଅର୍ଜୁନ ଯମ ପୁରକୁ ଗଲେ ଏବଂ ଦେଖିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଠାରେ ପୁତ୍ର ନାହିଁ । ତା ପରେ ସେ କ୍ରମଶଃ ଇନ୍ଦ୍ର, ଅଗ୍ନି, ନିଋର୍ତ (ମୃତ୍ୟୁଦେବତା), ସୋମ, ବାୟୁ, ବରୁଣ, ଅତଳ, ସ୍ୱର୍ଗଲୋକକୁ ଗଲେ । କୌଣସିଠାରେ ବି ବ୍ରାହ୍ମଣପୁତ୍ରର ସନ୍ଧାନ ମିଳିଲା ନାହିଁ । ତେଣୁ ପୂର୍ବ ପ୍ରତିଜ୍ଞା ଅନୁସାରେ ସେ ନିଜକୁ ନିଆଁରେ ଝାସ ଦେବାକୁ ଗଲେ । କିନ୍ତୁ ଭଗବାନ ତାଙ୍କୁ ସେଥିରୁ ନିବୃ³ କରି କହିଲେ ଯେ, ସେ, ତାଙ୍କୁ ବ୍ରାହ୍ମଣ ପୁତ୍ରମାନଙ୍କୁ ଦେଖାଇଦେବେ । ଅର୍ଜୁନଙ୍କୁ ସଙ୍ଗରେ ଧରି ଭଗବାନ ଶ୍ରୀକୃଷ୍ଣ, ରଥ ନେଇ ପ୍ରଥମେ ଅନ୍ଧକାର ରାସ୍ତାରେ ଏବଂ ପରେ ଜଳରେ ଯାଇ ଶେଷନାଗ ଉପରେ ବିଶ୍ରାମ କରିଥିବା ବିଷ୍ଣୁଙ୍କ ପାଖକୁ ଗଲେ । ବିଷ୍ଣୁ କହିଲେ, ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କୁ ଦେଖିବା ପାଇଁ ହିଁ ସେ ବ୍ରାହ୍ମଣ ପୁତ୍ରମାନଙ୍କୁ ନେଇ ଆସିଥିଲେ । ଏବଂ ମ³ର୍୍ୟରେ ଲୀଳା ସାରି ଶୀଘ୍ର ସ୍ୱଧାମକୁ ଫେରିଆସିବାକୁ ସେ, ତାଙ୍କୁ ଆଦେଶ ଦେଲେ ଏବଂ ସେ, ସେମାନଙ୍କୁ ବ୍ରାହ୍ମଣ ପୁତ୍ରମାନଙ୍କୁ ଫେରାଇଦେଲେ । ଶ୍ରୀକୃଷ୍ଣ ଓ ଅର୍ଜୁନ ସେମାନଙ୍କୁ ଆଣି ବ୍ରାହ୍ମଣଙ୍କୁ ଦେଲେ ।

ଷଡ଼ନବତିତମ ଅଧ୍ୟାୟ (ମୂଳ ସଂସ୍କୃତରେ ୯୦ତମ ଅଧ୍ୟାୟ) ରେ ସଂକ୍ଷେପରେ ଶ୍ରୀକୃଷ୍ଣଲୀଳା ବର୍ଣ୍ଣନା କରାଯାଇଛି । ତଥା

ଯଦୁ ବଂଶର ଶେଷ ସନ୍ତାନମାନଙ୍କ ନାମ, ବଂଶାନୁଚରିତ, ବଳବୀର୍ଯ୍ୟ, ମହିମା, ପ୍ରତିଭା, ଗୁଣଗୌରବ ଇତ୍ୟାଦି ସକଳ ବିଷୟ ନବମ ସ୍କନ୍ଧ ପ୍ରକାଶ ପାଇଥିବା ସଂସ୍କରଣରେ ଅର୍ଥାତ୍ ନଭେମ୍ବର ୨୦୨୧ ସଂସ୍କରଣରେ ଉଲ୍ଲେଖ ଅଛି ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ

ସର୍ବେଷାମ୍ ଅଧ୍ୟାୟାନାମ୍ ସାରସଂଗ୍ରହ ବିଶ୍ଲେଷଣ ଚିତି ସମାପ୍ତଃୟମ୍ ଦ୍ୱାରିକଲୀଳା ଦଶମ ସ୍କନ୍ଧଃ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ । ।
ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।
ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ । ।
ମନ୍ତ୍ରହୀନଂ. କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।
ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ । ।
ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।
ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର । ।

କ୍ରମଶଃ - - - - - - -

। ହରି ଓଁ ତତ୍ ସତ୍ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ
ମୋବାଇଲ୍ ନଂ – ୬୩୭୨୧୩୩୭୩୫
e-Mail : sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଦାୟୀ ବର୍ଷର କିଛି କଥା କିଛି ବ୍ୟଥା



ଡଃ ଲକ୍ଷ୍ମଣ ସାହୁ

ବିଗତ ବର୍ଷଗୁଡିକର କ୍ୟାଲେଣ୍ଡର ବଦଳି ଯାଇଥିଲେ ବି ଯେମିତି ସମାଜ ଦ୍ରୁତ ଗତିରେ ବୃଦ୍ଧି ପାଇଛି, ସେମିତି ସମସ୍ୟାର ବଳୟ ଭିତରେ ମଣିଷ ଅଣନିଃଶ୍ୱାସୀ ହୋଇ ପଡୁଛି । ଜଣାପଡୁଛି ଯେ ହିଂସା କେବଳ ଭୟ, ଅସତ୍ୟ ଏବଂ ଆକ୍ରୋଶର ପ୍ରାଧାନ୍ୟ ଦେଇନାହିଁ, ବରଂ ନିଜର ବୈଧତା ହାସଲ କରୁଛି । ଏହା ସତ୍ତ୍ୱେ ଚମତ୍କାର ଢଙ୍ଗରେ, ଦ୍ରୁତ ଗତିରେ କାୟା ବିସ୍ତାର କରିଛି । ବିଗତ ଦିନଗୁଡ଼ିକୁ ଅନୁଶୀଳନ କଲେ ଉଭୟ ସମାଜ ତଥା ପ୍ରଶାସନ ସ୍ତରରେ ଏସବୁ ଅଧିକ ମାତ୍ରାରେ ଦେଖାଯାଉଛି । ମହାତ୍ମା ଗାନ୍ଧୀ ହିଂସା, ମିଥ୍ୟା, ଅନ୍ୟାୟ, ଦୁର୍ନୀତି, ଅସତ୍ୟ, ଅନିଚ୍ଛା, ଜାତି ଭେଦ ଆଦି ବାରଣକୁ ଶତ୍ରୁତା ଭାବରେ ବ୍ୟାଖ୍ୟା କରିଛନ୍ତି । ଏସବୁ କିଛି ହିଂସା ରୂପରେ ଧରାଯାଇଥିଲା । ବିଶ୍ୱ ପାଇଁ ଯାହା ଆବଶ୍ୟକ ତାହା ମୌଳିକ ଅଧିକାର ଯୁକ୍ତ କରିବା ପାଇଁ ପ୍ରସ୍ତୁତ ଚାଲିଥିବା ବେଳେ ହିଂସାକାଣ୍ଡକୁ ତଥାକଥିତ କେତେକ ବ୍ୟକ୍ତି ଗ୍ରହଣ କରନ୍ତି, ଯାହା ସାମାଜିକ କ୍ଷେତ୍ରରେ ବିଡ଼ମ୍ବନା । ଆଜି ଏପରି ଅନେକ ଉଦାହରଣ ଅଛି, ଯାହାକୁ ଏହି ପ୍ରସଙ୍ଗରେ ଆଲୋଚନା କରାଯାଇପାରେ ।

ସମାଜରେ ସମୟର ସ୍ରୋତରେ ମୁଖଗତ, ଶାରୀରିକ ଏବଂ ଭାବ ପ୍ରବଣତାରେ ଅନେକ ପ୍ରକାରର ହିଂସା ସୃଷ୍ଟି ହୋଇଛି । ହିଂସା, ଶକ୍ତି,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କ୍ଷମତା ଏବଂ ଅର୍ଥର ଗର୍ବରେ ମଣିଷ ସବୁଠାରୁ ହିମାଳୟର ଶୀର୍ଷରେ ଠିଆ ହୋଇଛି । ଫଳତଃ ହିଂସା, ବେକାରୀ, ଦାରିଦ୍ର, କ୍ରମାଗତ ଅତ୍ୟାଚାର ଓ ନିରାଶାରୁ ଉତ୍ପନ୍ନ ହିଂସା ସମାଜକୁ ତଳିତଳାନ୍ତ କରୁଛି । ଅନେକ ସମୟରେ ପୋଲିସର ଆଚରଣ ବିରୁଦ୍ଧରେ ସାଧାରଣ ନାଗରିକ ମାନଙ୍କ କ୍ଷେତ୍ରରେ ହିଂସା, କ୍ରୋଧ ଦେଖିବାକୁ ମିଳେ । ହିଂସା ଉପୁଜିଥିବା କାରଣଗୁଡିକ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ହେଉ କି ବିଛିନ୍ନତା କାରଣରୁ ହିଂସାର ଉତ୍ପତ୍ତି ଘଟିଥାଏ । ଏସବୁ ଅଧିକାଂଶ ପାରିବାରିକ ସମ୍ପତ୍ତି ପାଇଁ ହିଂସା ଘଟେ ବା ପରିବାରରେ କାହାର ପ୍ରାଧାନ୍ୟ ଇତ୍ୟାଦି ମଧ୍ୟ ଏହାର ରୂପ ଓ କାରଣ ହୋଇପାରେ । ଗୋଟିଏ ପରିବାର ମଧ୍ୟରେ ଥାଇ ମଧ୍ୟ ଭାତୃ ବିବାଦ ଘଟେ । ଏକଥା ଭୁଲି ଯାଉଛେ ଯେ, ଜିନିଷ ଯେତେ ବି ମୂଲ୍ୟବାନ ହେଉ ପରେ ତାର ବିକଳ୍ପରେ ଆଉ କିଛି ମିଳି ଯାଇ ପାରେ, କିନ୍ତୁ ମଣିଷ ଥରେ ନିଜର ଲୋକଙ୍କୁ ଆଉ ନିଜକୁ ହଜେଇ ଦେଲେ ହୁଏତ ତା' ବାବଦରେ ଯୋଉ କ୍ଷତିଟା ହୁଏ ସେ କେବଳ କ୍ଷତି... ଯାହା କେବେ ଭରଣ କରିହେବ ନାହିଁ ।

ସେଭଳି କେତେକ ଅନୁଷ୍ଠାନର ଅନୈତିକ କାର୍ଯ୍ୟକଳାପ, ଅନୋପଚାରିକ ନୀତି ଫଳରେ ଅନୁଷ୍ଠାନଗୁଡ଼ିକୁ ଭାଙ୍ଗି ଦେଇଛି କିମ୍ବା ସେସବୁକୁ ପତନର ସୀମାକୁ ନଆଣିଛି କେବେ କହି ହେବ ନାହିଁ । କେବଳ ଏତିକି ନୁହେଁ, ରାଜନୈତିକ, ପ୍ରଶାସନିକ କ୍ଷମତା ଏବଂ ଅର୍ଥ ବଳ, ବାହୁବଳ ବ୍ୟବହାର କରି ମିଥ୍ୟା ମାମଲା ଦାଖଲ କରିବା ମଧ୍ୟ ଏକ ପ୍ରକାର ହିଂସା । ଏଭଳି ଅପପ୍ରୟୋଗବାଦୀ ହିଂସା ସମାଜକୁ ପ୍ରତିଶୋଧ ଆଡ଼କୁ ଠେଲିଦିଏ । ଏହା ମଧ୍ୟ ଏକ ସତ୍ୟ ଯେ ଦୁର୍ନୀତି ସର୍ବଦା ହିଂସା ରୂପ ଧାରଣ କରି ଆସୁଛି । ବ୍ୟକ୍ତିଗତ ସଂପର୍କରେ ସନ୍ଦେହ ଆଧାରରେ ଛୋଟ ଛୋଟ ଜିନିଷ ଉପରେ ଜୀବନ ନେବା, ପିଟିବା ଏବଂ ହତ୍ୟା ଭଳି ଘଟଣା ବର୍ତ୍ତମାନ ଉତ୍କଟ ରୂପ ନେଉଛି, ଯାହା ଦେହସୁହା ସାଧାରଣରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିଣତ ହୋଇଛି । ତେଣୁ ଯେ କୌଣସି ପ୍ରକାରର ହିଂସା, ସମାଜର ବିକାଶ ଏବଂ ପ୍ରଗତିରେ ବାଧା ସୃଷ୍ଟି କରେ ।

ଗଣତନ୍ତ୍ରର ସମୃଦ୍ଧତା, ମାନବର ବିକାଶ, ସାମଜିକ ସମାନତା ଇତ୍ୟାଦି ବିଶ୍ୱର ସୂଚକାଙ୍କରେ ଆଜି ଦେଶ ଏକ ନିମ୍ନ ସ୍ତରରେ ରହିଛି ବୋଲି କହିବା ଭୁଲ ହେବ ନାହିଁ । ସାଂପ୍ରତିକ ସମୟରେ ଯେଉଁ ପ୍ରକାର ହିଂସାତ୍ମକ ଘଟଣା ଦେଖାଦେଇଛି, ତାହା ଅଧିକ ଗମ୍ଭୀର । ଉଦାହରଣ ସ୍ୱରୂପ ପ୍ରାଥମିକ ସ୍ତରରୁ ରାଜନୈତିକ କ୍ଷେତ୍ରକୁ ଦୃଷ୍ଟି ଦେଲେ ସ୍ପଷ୍ଟ ହେବ । ଉଦାହରଣ ସ୍ୱରୂପ ଉତ୍ତରପ୍ରଦେଶର ଲାଖୀପୁର ଖେରୀରେ ବିରୋଧୀ କୃଷକମାନଙ୍କ ଉପରେ ଏକ କନଭେନର ଗାଡି ଚଢିଯାଇଥିଲା । ଅଦାଲତରେ ଅଭିଯୋଗ ହୋଇଛି ଯେ ଏହି ଗାଡି ମଧ୍ୟରୁ ଜଣେ ମନ୍ତ୍ରୀ-ପୁଅଙ୍କର ଥିଲା । ପ୍ରତିଶୋଧ ପରାୟଣ ହୋଇ ହିଂସାକାଣ୍ଡ ଘଟି ଆଉ ଚାରି ଜଣଙ୍କର ମୃତ୍ୟୁ ଘଟିଥିଲା । ସେହି ପରି ଘରେ ଆତ୍ମୀୟ ମାନଙ୍କ ଦ୍ୱାରା, ବାହାରେ ଅସାମାଜିକ ବିକୃତ ମାନସିକତାର ବ୍ୟକ୍ତି ଦ୍ୱାରା ବା ସଭ୍ୟ ବୋଲାଉଥିବା ତଥାକଥିତ ଦୁର୍ନୀତି ଖୋର ଉଚ୍ଚ ପଦସ୍ଥ ବାବୁ ବା ରାଜନୈତିକ ନେତାଙ୍କ କାମନାର ଚରିତାର୍ଥ ପାଇଁ ଦେଶରେ ଅହର୍ନିଶି ବଳାତ୍କାର ଭଳି ସମ୍ବେଦନଶୀଳ ଘଟଣାମାନ ବଢୁଛି, ଯାହାକୁ କେବେ ଅସ୍ୱୀକାର କରା ଯାଇପାରେ ନାହିଁ । ଏହା ଦ୍ୱାରା ମହିଳାମାନଙ୍କର ସମ୍ମାନ କେବଳ ନୁହେଁ ଦେଶର ସମ୍ମାନ ନଷ୍ଟ ହେଉଛି । ଦେଶରେ ନିର୍ବାଚନ ହିଂସା ପ୍ରତିହତ କରିବା ସମ୍ଭବ ହେଉନାହିଁ । ଗତ ପଶ୍ଚିମବଙ୍ଗରେ ନିର୍ବାଚନ ଫଳାଫଳ ପରେ ହୋଇଥିବା ହିଂସା, ପୁଣିଥରେ ଗଣତନ୍ତ୍ର ଏବଂ ଆଇନ ଶୃଙ୍ଖଳା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି । ଏକ ଆଧ୍ୟାତ୍ମିକ ଏବଂ ଶାନ୍ତି ପ୍ରେମୀ ସମାଜକୁ ଶିଖ ସମାଜରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆତଙ୍କବାଦ ବିଷୟରେ କହିବାକୁ ଗଲେ ଆଜି ଏହି ସମସ୍ୟା ବିଶ୍ୱବ୍ୟାପୀ ହିଂସା କାରଣରୁ ସୃଷ୍ଟି ହୋଇଛି । ଏହି ଆତଙ୍କବାଦ ଅତ୍ୟନ୍ତ ଭୟାନକ ରୂପରେ ବିଦ୍ୟମାନ ଅଛି ଏବଂ ବିଶ୍ୱର ଅଧିକାଂଶ ଦେଶ ଏହାର ଶିକାର ହେଉଛନ୍ତି । ପ୍ରଶ୍ନ ହେଉଛି ଆତଙ୍କବାଦ କେବଳ ବଳ କଷାକଷି ଶକ୍ତି ଦ୍ୱାରା ଶେଷ ହୋଇପାରିବ କି ନାହିଁ ? ଏକ ଚତୁର ଉତ୍ତର ହେଉଛି ଯେ, ଯଦି ସବୁ ଦେଶ ଆତଙ୍କବାଦୀ ସଂଗଠନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଅଭିଯାନ ଚଳାଉଛନ୍ତି, ତେବେ ଅପରାଧ ଶେଷ ହେବା ପରିବର୍ତ୍ତେ ବୃଦ୍ଧି ପାଉଛି ବା କିପରି ? ଅସଲରେ ବିଶ୍ୱ ଆତଙ୍କବାଦ ବିପକ୍ଷରେ ସଂଗଠିତ ଦେଶ ମଧ୍ୟରୁ ଅନେକ ଆତଙ୍କବାଦୀମାନଙ୍କ ହାତ ଖେଳନା ଅଟନ୍ତି । ଫଳତଃ ଆତଙ୍କବାଦୀମାନଙ୍କ ଦୋରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।

ଭାରତ ଏକ ବହୁ-ସାଂସ୍କୃତିକ ରାଷ୍ଟ୍ର ହୋଇ ଆସୁଛି । ବର୍ତ୍ତମାନ ଯୁଗରେ ଆମ ସଂସ୍କୃତି ଏବଂ ସେମାନଙ୍କ ସଂସ୍କୃତିର ଏତେ ଗୁରୁତ୍ୱପୂର୍ଣ୍ଣ ଏବଂ ଗମ୍ଭୀର ଦିଗ ଆଡ଼କୁ କେବେ ଗତି ମୁଖର ହୋଇ ନଥିଲା , ଯେପରି ସେମାନେ ମୋଟାମୋଟି ଦେଖାଯାଉଛନ୍ତି । ଗଣମାଧ୍ୟମ ଏହି ଦିଗଗୁଡିକ ଉପରେ ଅଧିକ ଧ୍ୟାନ ଦେଉଥିବା ପରି ମନେହୁଏ । ଦେଖାଯାଏ ଯେ ଅନେକ ବ୍ୟକ୍ତି ବା ଗୋଷ୍ଠୀ ସେମାନଙ୍କର କ୍ରୋଧକୁ ଦମନ ନକରି ନିଜର କରି ଧରି ରଖିଛନ୍ତି । ଆକ୍ରୋଶ ଉପସ୍ଥାପନ କରିବାର ପରମ୍ପରା ଗୋଷ୍ଠୀରେ ହିଂସାର ଉପସ୍ଥିତି ବିଷୟରେ ସୂଚାଇଥାଏ । ସେମାନଙ୍କ ଚିନ୍ତାଧାରା, ଆଲୋଚନା ଏବଂ କାର୍ଯ୍ୟକଳାପରେ ଗ୍ରହଣୀୟତା ଉତ୍ପନ୍ନ ହୁଏ । ଏହା ସେମାନଙ୍କର ନିଜସ୍ୱ ମୁଖ୍ୟାଂଶ ଅଟେ । ସମ୍ଭବତଃ ଯେଉଁଥିରେ ଏହି ଦିଗଟି ସେମାନଙ୍କ ପାଇଁ ସହନଶୀଳତାର ମୂଲ୍ୟ ବାହାରେ । ଏପରି ଲୋକମାନେ ଅନ୍ୟ ଉପରେ ଅଯଥା କ୍ରୋଧାନ୍ୱିତ ହୋଇ ଆକ୍ରୋଶ ରଖି ନିଜର ଶ୍ରେଷ୍ଠତା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରମାଣ କରନ୍ତି ଏବଂ ଅନ୍ୟ ଗୋଷ୍ଠୀ ପ୍ରତି ସହନଶୀଳତା ପାଇଁ ସେମାନଙ୍କର ଅଣ୍ଟା ସିଧା କରିବା ଭୁଲିଯାଆନ୍ତି, ଯାହାକୁ କେହି ସମର୍ଥନ କରିପାରନ୍ତି ନାହିଁ । କହିହେବ ଏଭଳି ଗୋଷ୍ଠୀ ଅଳ୍ପ ସମୟ ପାଇଁ ପ୍ରଭାବଶାଳୀ ହୁଏ ସତ, କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ତାହା ସ୍ଥିର ହୋଇପାରନ୍ତି ନାହିଁ । ତାଙ୍କର ନିଜସ୍ୱ ଗୋଷ୍ଠୀ ବିଶ୍ୱାସ କରିବା ଆରମ୍ଭ କରନ୍ତି ଯେ ଆକ୍ରୋଶ ଏବଂ ହିଂସାତ୍ମକ ପ୍ରତିକ୍ରିୟା ତାଙ୍କ ଗୋଷ୍ଠୀର ବା ନିଜର କୌଣସି କ୍ଷତି କରିପାରେ ନାହିଁ, କିନ୍ତୁ ଏହା କହିଲେ ଚଳିବ ନାହିଁ । ବରଂ ଉଭୟ ଗୋଷ୍ଠୀଙ୍କ କ୍ଷତି ଘଟିଥାଏ ।

ଏକ ବିକଶିତ ଗଣତନ୍ତ୍ରରେ ବିରୋଧ ଏବଂ ଅସନ୍ତୋଷ ଯେ କୌଣସିଠାରେ ନାଗରିକଙ୍କ ମୌଳିକ ଅଧିକାର ଅଟେ । ତାଙ୍କର ଏହି ଅଧିକାରକୁ ସୁରକ୍ଷା ଦେବା ରାଜ୍ୟ ତଥା ପ୍ରଶାସନର ଦାୟିତ୍ୱ । କିନ୍ତୁ ଦୋଷୀମାନଙ୍କ ବିରୁଦ୍ଧରେ ଆକ୍ରମଣାତ୍ମକ ପଦକ୍ଷେପ ଗ୍ରହଣ ନକରି ପୁରସ୍କାର ଦେବା ଉପରେ ଯେଉଁଠି ଚିନ୍ତା କରିଯାଏ ସେଭଳି ରାଜ୍ୟ ପ୍ରଶାସନ ଠାରୁ କ'ଣ ବା ଆଶା କରାଯାଏ । ଏସଂପର୍କରେ ଥରେ ଅମାର୍ତ୍ତ୍ୟ ସେନ୍ ବଢୁଥିବା ଏଭଳି ଘଟଣାଗୁଡ଼ିକୁ ଦେଖି କହିଛନ୍ତି ଯେ ଦେଶରେ ଆଲୋଚନା କମ୍ ହେଉଛି । ବର୍ତ୍ତମାନର ଘଟଣା ଗୁଡ଼ିକରେ ମଧ୍ୟ ଏହା ଘଟିଥିବାରୁ ଏହାକୁ ଅସ୍ୱୀକାର କରାଯାଇ ପାରିବନାହିଁ । ଏହା ଏକ ବିଡମ୍ବନାର ବିଷୟ ଯେ ଗାନ୍ଧିଜୀଙ୍କ ଅହିଂସା ନୀତି ଏବଂ ନେଲସନ ମଣ୍ଡେଲାଙ୍କ ସତ୍ୟ ଓ ଅହିଂସାର ମୂଲ୍ୟ ଆମ ଦେଶରେ ବଞ୍ଚିତ ହେଉଛି । ଗାନ୍ଧୀ, ଲୁଥର କିଙ୍ଗ ଏବଂ ନେଲସନ ମାଣ୍ଡେଲାଙ୍କ ବିରୋଧରେ ବିଶ୍ୱ ସଂଗ୍ରାମ ଇତିହାସରେ କିଏ ମୃତ୍ୟୁ ପଥର ବୋଲି ବିଶ୍ୱାସ କରିବାକୁ ସୁବର୍ଣ୍ଣରେ ପରିଣତ କରେ ଏବଂ ସକ୍ରିୟ ପରିବାର ଗୋଷ୍ଠୀ ଏହାକୁ ବିରୋଧ କରନ୍ତି ।

ଆମେ ପ୍ରତ୍ୟେକ ନାଗରିକ ବ୍ୟକ୍ତିବିଶେଷଙ୍କ ଜୀବନ ଶୈଳୀରେ ନ୍ୟାୟ ଓ ସମାନତାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୂଲ୍ୟ ଦେଇ ନାହୁଁ ? ପ୍ରଦତ୍ତ ଆକ୍ରୋଶ ମୂଳକ ହିଂସା ଉପରେ ଚାଲିଛେ । ବିନୟ ଓ ନମ୍ରତା ସଂପୃକ୍ତ ସଂରଚନା ଉପରେ ଭାରୀ ହୋଇଛି । କ'ଣ କରିବା ଉଚିତ, ଯାହା ଦ୍ୱାରା ଏହାକୁ ହତ୍ୟା କରାଯାଇ ଜଣେ ସଚ୍ଚୋଟ ଭାରତୀୟ ହୋଇପାରିବ । କେଉଁ ବିକଳ୍ପଗୁଡ଼ିକ ସମାଜକୁ ହିଂସାତ୍ମକ ଦିଗରୁ ମୁକ୍ତ କରିବାରେ ସହାୟକ ହୋଇପାରେ ? ଏହା ସହିତ, କିପରି ଭାବିବା ଉଚିତ ଯେ ଏକ ସୁସ୍ଥ ସମାଜ ନିମନ୍ତେ ସମସ୍ତଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ? ଗୋଟିଏ ଦେଶ ବା ରାଜ୍ୟର ଏକ ସୁଦୀର୍ଘ ସୁଦୃଢ ସୁନ୍ଦର ସଂସ୍କୃତି ସମାନ ହେବା ପାଇଁ କିଭଳି ଉଦ୍ୟମ କରିବା ଉଚିତ୍ ? ଯେଉଁମାନେ ସେଠାରେ ଅଛନ୍ତି , ସେମାନଙ୍କ ଉପରେ ସାମୂହିକ ଧ୍ୟାନ ପାଇଁ ସତେ ଯେମିତି ଉପଯୁକ୍ତ ପାଣିପାଗର ଆବଶ୍ୟକତା ଅଛି । ଏକଥା କେବେ କେହି କ'ଣ ଅସ୍ୱୀକାର କରିବେ ନାହିଁ ।

ଜାତୀୟ ଏକୀକରଣ ଜାତୀୟ ଅଖଣ୍ଡତାର ଭାବନା ଭାରତୀୟ ସଂସ୍କୃତିର ମୂଳ ସ୍ଥାନ ପାଲଟିଛି । ଏଥିପାଇଁ ଆମର ପୂର୍ବପୁରୁଷ ମାନଙ୍କ ଅବଦାନ ଅତୁଳନୀୟ । ଜାତୀୟ ଏକତା ବଜାୟ ରଖିବା ପାଇଁ ସେମାନେ ନିଜ ଜୀବନକୁ ମଧ୍ୟ ବଳି ଦେଇଥିଲେ । ଜାତୀୟ ଏକତା ଏବଂ ଅଖଣ୍ଡତା ହେଉଛି ଭାରତର ଶକ୍ତି । ଏହି ଶକ୍ତି ଆମକୁ ଅନନ୍ୟ ଏବଂ ଅବିସ୍ମରଣୀୟ କରିଥାଏ । ବୃହତ ରାଷ୍ଟ୍ର ଭାରତ ନିଜର ଜାତୀୟ ଅଖଣ୍ଡତାର ଶକ୍ତିରେ ବିଶ୍ୱର ମୁଖ୍ୟ ହେବାକୁ ଯାଉଛି । ଜାତୀୟ ଅଖଣ୍ଡତାର ଅନୁଭବ ହେଉଛି ଅନନ୍ତ ଆତ୍ମା । ଆମ ସଂସ୍କୃତି ଭାରତକୁ କେବଳ ଭୌ ।ଗଳି ଏକକ ଭାବରେ ଗ୍ରହଣ କରିନାହିଁ । ସେ ଏହାକୁ 'ମାତା' ବୋଲି ଗ୍ରହଣ କରେ । ଜଣେ ମାତା ଭାବରେ ତାଙ୍କୁ ସମ୍ମାନିତ କରାଯାଇଛି, ପୂଜା କରାଯାଇଛି ଏବଂ ସୁରକ୍ଷା ଦିଆଯାଇଛି । ଆମର ପିତୃପୁରୁଷମାନେ ଏହାକୁ ମାତୃତ୍ୱ ରୂପେ ଗ୍ରହଣ କରିଛନ୍ତି । ଏଥି ସହିତ, ସେମାନେ ଏହାର ସୁରକ୍ଷା ପାଇଁ ସର୍ବଦା ସଂକଳ୍ପବଦ୍ଧ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇଛନ୍ତି । ଜାତୀୟ ଅଖଣ୍ଡତା ହେଉଛି ଆମର ପ୍ରଗତିର କାରଣ । ଯେତେବେଳେ ଦେଶ ପୂର୍ବରୁ ପଶ୍ଚିମ ଏବଂ ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ଏକତାର ସୂତ୍ରରେ ବନ୍ଧା ହୁଏ, ସେତେବେଳେ ଆମେ କେବଳ ଦେଶକୁ ଆଗକୁ ନେଇପାରିବା । ଜାତୀୟ ଅଖଣ୍ଡତା ମଧ୍ୟ ଆମର ନିର୍ଭୀକତାର କାରଣ । ଆମେ କେବଳ ଆମର ଜାତୀୟ ଅଖଣ୍ଡତାର ଶକ୍ତି ଉପରେ ଆମର ଶତ୍ରୁମାନଙ୍କ ସାମ୍ନାରେ ଦୃଢ ଭାବରେ ଦମନ କରିବାର ବେଳ ଆସିଛି । ହିଂସାକୁ ପରିହାର କରି ଅହିଂସା ମାର୍ଗରେ ଆଗେଇ ଯିବାକୁ ହେବ ।

ରାଷ୍ଟ୍ର କେବଳ ବନ୍ଧନ ଦ୍ୱାରା ଅଖଣ୍ଡତା ଏବଂ ଏକତାର ସୂତ୍ରରେ ବନ୍ଧା ହୋଇପାରିବ । ଆମେ ସମସ୍ତେ ଏହି ଅନୁଭବକୁ ଜାଗ୍ରତ କରିବା ଆବଶ୍ୟକ । ସ୍ୱାଧୀନତା ପରବର୍ତ୍ତୀ ସମୟରେ, ଯେତେବେଳେ ଆମର ଜାତୀୟ ଏକତା ଏବଂ ଅଖଣ୍ଡତା ଉପରେ ପ୍ରଶ୍ନ ଚିହ୍ନ ରହିଥିଲା, ସେତେବେଳେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏହାର ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେ ଶ୍ରଦ୍ଧା ସହକାରେ ଭାରତ'ର ମହାନ ସ୍ୱପ୍ନକୁ ସାକାର କରିବା ପାଇଁ ନିଜର ସମସ୍ତ ଶକ୍ତି ସହିତ କାର୍ଯ୍ୟ କରିଥିଲେ । ସେ ବିଭିନ୍ନ ରାଜ୍ୟର ରାଜାଙ୍କୁ ଏକତ୍ରିତ କରି ମୋତି ପରି ଝଲସି ଥିବା ଏକ ସୁନ୍ଦର ମୁକୁଟ ଭାରତ ମା'ର ମୁଣ୍ଡରେ ବାନ୍ଧି ଦେଶ ଗଠନ କରିଥିଲେ । ସେ କହୁଥିଲେ, 'ଏକତା ଆଉ କୌଣସି ଶକ୍ତି ବଡ଼ ନୁହେଁ । ଯେପର୍ଯ୍ୟନ୍ତ ଏହା ଏକ ସଠିକ୍ ଉପାୟରେ ଏକତ୍ରିତ ହୋଇ ଏକଜୁଟ ହୋଇନାହିଁ, ସେ ପର୍ଯ୍ୟନ୍ତ ଦେଶ ପରାଧିନତା ଭିତରୁ ମୁକ୍ତ ହୋଇ ପାରିବ ନାହିଁ । ସେ ସର୍ବଦା ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଜି ଆମକୁ ଏହି ଏକତାର ଆତ୍ମା ସହିତ ଆଗକୁ ବଢ଼ିବାକୁ ହେବ । ହିଂସା, ଆତଙ୍କବାଦ, ଅସତ୍ୟ, ଅନ୍ୟାୟ, ଅତ୍ୟାଚାର, ବଳତ୍କାର ଭଳି କୁତ୍ସିତ ଭାବନା ଦ୍ୱାରା ଦେଶର ପ୍ରଗତି କେବେ ବଢ଼ିପାରେ ନାହିଁ, ବରଂ ଦେଶକୁ ରସାତଳ ଗାମୀ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କରେ ।

ଥରେ ମାତ୍ର ଭାବିବାକୁ ହେବ ଏ ଜୀବନଟା ବହୁତ ଛୋଟ କାଲି କି ଆମ ଭିତରୁ କିଏ ଯେ ଚାଲିଯିବ ତା'ର କିଛି ସ୍ଥିରତା ନାହିଁ । ତେଣୁ ଗର୍ବ, ଅହଂକାର, ଘୃଣା, ଇର୍ଷା, କପଟ ଆଦି ଦୁର୍ଗୁଣ ଗୁଡିକୁ ତ୍ୟାଗ କରି ଅନ୍ୟର ଅର୍ଥାତ୍ ଦେଶର ଉପକାର କରିବା ଉଚିତ୍ । ଯେଉଁଠିରେ ଅହେତୁକ ଆନନ୍ଦ ଅଛି, ଶାନ୍ତି ଅଛି, ମୁକ୍ତି ଅଛି । ଯେବେ ଅନ୍ଧକାର ଘୋଟି ଆସେ, ତୁମେ ଆଲୋକର ସ୍ରୋତ ହୋଇ ଆସ... ଏହାହିଁ ହେଉ ନୂତନ (୨୦୨୨) ବର୍ଷର ଆଗମନ ।।

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪

ଦୂରଭାଷ : ୯୦୪୦ ୧୫୯୪ ୭୫

ଇମେଲ୍ : laxmansahoo9040@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଜଣେ ଉତ୍ତମ ଅଧିକାରୀ



ଲକ୍ଷ୍ମୀନାରାୟଣ ପଟ୍ଟନାୟକ

ଜଣେ ଉତ୍ତମ ବସ ବା କର୍ତ୍ତୃପକ୍ଷ କିଭଳି ହୋଇପାରିବେ ?

ଜଣେ ଉତ୍ତମ କର୍ତ୍ତୃପକ୍ଷ, ପରିଚାଳକ ଅଥବା ବସ ହେବା ଦ୍ୱାରା ଅଧସ୍ତନ କର୍ମଚାରୀ ମାନଙ୍କର ମନୋବଳ ବୃଦ୍ଧି ହେବା ସହ କମ୍ପାନୀ ବା କାର୍ଯ୍ୟାଳୟର ଉନ୍ନତି ସାଧନ ହୋଇଥାଏ । ନିହାତି ପକ୍ଷେ ଜଣେ ଉତ୍ତମ ବସ ହେବା ନିମନ୍ତେ ସମସ୍ତେ ଚେଷ୍ଟା କରିବା ଉଚିତ । ଜଣେ ମହାନ ବସ ହେବାର ତାରିକା ସମସ୍ତଙ୍କୁ ଜଣା ନଥାଏ । କୌଣସି କାର୍ଯ୍ୟାଳୟର ସର୍ବୋଚ୍ଚ ଅଧିକାରୀ, କର୍ତ୍ତୃପକ୍ଷ ବା ବସ ଯଦି ନକରାତ୍ମକ ଭାବନାର ବଶବର୍ତ୍ତୀ ହୁଅନ୍ତି, କ୍ରୋଧିତ ବା ଚିଡିଚିଡା ସ୍ୱଭାବର ହୋଇଥାନ୍ତି, କାର୍ଯ୍ୟାଳୟର ପ୍ରଶାସନିକ ଖସଡାକୁ ସଠିକ ଭାବେ ବୁଝି ନଥାନ୍ତି, ଏବଂ ଅଧସ୍ତନ କର୍ମଚାରୀ ମାନଙ୍କୁ ସଠିକ ଭାବେ ଶୁଣିବାକୁ ଓ ବୁଝିବାକୁ ଚେଷ୍ଟା କରିନଥାନ୍ତି ଏବଂ ଅଧସ୍ତନ କର୍ମଚାରୀମାନଙ୍କ ମଧ୍ୟରେ ପାତର ଅନ୍ତର ମନୋଭାବ ପୋଷଣ କରନ୍ତି, ତେବେ କର୍ମଚାରୀମାନଙ୍କ ମନୋବଳ ଉପରେ କ୍ଷତି ପହଞ୍ଚାଇ ଥାଏ । କର୍ତ୍ତୃପକ୍ଷଙ୍କ ଏତାଦୃଶ ଆଚରଣ କମ୍ପାନୀ ବା କାର୍ଯ୍ୟାଳୟର କାର୍ଯ୍ୟଧାରା ଓ ଉତ୍ପାଦକତାକୁ ପ୍ରଭାବିତ କରିଥାଏ ।

ଅଧିକାଂଶ ଦେଖାଯାଏ, ଅନ୍ୟ ଲୋକଙ୍କ ସାମନାରେ ଉଚ୍ଚ ଅଧିକାରୀ ମାନେ ଅଧସ୍ତନ କର୍ମଚାରୀ ମାନଙ୍କୁ ଚିତ୍କାର କରି ଗାଳି ଗୁଲ୍ଲଜ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥାନ୍ତି । ଯାହାଫଳରେ ଅଧସ୍ତନ କର୍ମଚାରୀଟି ଏକ ଖରାପ ବସ ବା କର୍ତ୍ତୃପକ୍ଷଙ୍କୁ ମୁକାବିଲା କରିବାକୁ ବାଧ୍ୟ ହୁଏ । ଅଯଥା ଚାପରେ ତା'ର ମନୋବଳ ଭୁଷୁଡି ପଡିବା ସହ ଅସହଯୋଗ ବୃଦ୍ଧି ପାଏ । କୌଣସି କାର୍ଯ୍ୟାଳୟ, ସେ ସରକାରୀ ହେଉ ଅଥବା ବେସରକାରୀ ହେଉ, ଯଦି ଉଚ୍ଚ କର୍ତ୍ତୃପକ୍ଷଙ୍କ ଉଚ୍ଚାରଣ ଓ ଆଚରଣରେ ଶାଳୀନତା ସହ ସ୍ନେହ, ସୌହାର୍ଦ୍ଦ୍ୟ, ଉତ୍ସାହ ଓ ଅନୁଶାସନ ଠିକ ନଥାଏ, ତେବେ ସେଠାରେ ଏକ ଅସନ୍ତୁଳିତ ବାତାବରଣ ସୃଷ୍ଟି ହୁଏ । ଏହି ସମସ୍ୟାକୁ ଏଡାଇବା ପାଇଁ ଜଣେ ଉତ୍ତମ କର୍ତ୍ତୃପକ୍ଷ ବା ବସ ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଜଣେ କର୍ମଚାରୀ ତା' ଜୀବନର ଏକ ତୃତୀୟାଂଶ ସମୟ ନିଜ କର୍ମକ୍ଷେତ୍ରରେ ହିଁ ନିର୍ବାହ କରିଥାଏ । ଦୈନନ୍ଦିନ ଜୀବନରେ ଅଧିକାଂଶ ସମୟ ତା'ର କର୍ମକ୍ଷେତ୍ରରେ ଅତିବାହିତ ହୁଏ । ତେଣୁ ସେଠାରେ ଏକ ମନୋଜ୍ଞ, ସ୍ନେହପୂର୍ଣ୍ଣ ଏବଂ ଅନୁଶାସନପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ନିମନ୍ତେ ଜଣେ ଉତ୍ତମ କର୍ତ୍ତୃପକ୍ଷ ବା ବସ ଙ୍କ ବୁମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେଉଁ ପରିବେଶ ଜଣେ କର୍ମଚାରୀକୁ କର୍ମଠ ହେବାର ଖୋରାକ ଯୋଗାଇଥାଏ, ଏଭଳି ଏକ ମଜାଳିଆ ପରିବେଶ କାମ କରିବାକୁ ଉତ୍ସାହିତ କରିବା ସହ ଉତ୍ପାଦକତା ବୃଦ୍ଧିରେ ସହାୟକ ହୋଇଥାଏ ।

'ଆମେ' ବନାମ 'ସେମାନେ' ଭାବନାଠାରୁ ଜଣେ କର୍ତ୍ତୃପକ୍ଷ ନିବୃତ୍ତ ରହିବା ଉଚିତ । ଟିମ ଲିଡରସିପ ଦକ୍ଷତା ନଥିଲେ ଜଣେ ଉତ୍ତମ କର୍ତ୍ତୃପକ୍ଷ ବା ବସ କଦାପି ହୋଇପାରନ୍ତି ନାହିଁ । ଜଣେ ସଫଳ କର୍ତ୍ତୃପକ୍ଷ, ପରିଚାଳକ ଅଥବା ବସ ହେବା ନିମନ୍ତେ ଯେଉଁ ଦକ୍ଷତା ଓ ଗୁଣବତ୍ତାର ଆବଶ୍ୟକ ହୋଇଥାଏ, ତାହାର କେତୋଟି ମୁଖ୍ୟ ଆକଳନ ଏହି ଆଲେଖ୍ୟରେ ଉଲ୍ଲେଖ କରାଯାଇଛି, ଯାହା ଜଣେ ଉତ୍ତମ ପରିଚାଳକ ବା ବସ ସୃଷ୍ଟି କରିବା ନିମନ୍ତେ ସାମାନ୍ୟ ସହାୟକ ହୋଇପାରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତ୍ୟେକ ଅନୁଷ୍ଠାନ ବା ସଂସ୍ଥା ଗୁଡ଼ିକ ପାଇଁ ଏକ ସ୍ୱଷ୍ଟ କାର୍ଯ୍ୟ-ଖସଡା ବା କାର୍ଯ୍ୟ-ଧାରା ରହିଥାଏ । ଏହାକୁ ପରିଚାଳିତ କରିବାପାଇଁ ଭିନ୍ନ ଭିନ୍ନ ପ୍ରକାରର କର୍ମଚାରୀମାନେ ନିୟୋଜିତ ହୋଇଥାନ୍ତି । ସେମାନେ ଯେଉଁ ଯେଉଁ କାର୍ଯ୍ୟ ସମ୍ପାଦନ କରନ୍ତି ସେଗୁଡିକୁ ଜଣେ ବସ ନିହାତି ଭାବେ ବୁଝିବା ଓ ଅନୁଧ୍ୟାନ କରିବା ଆବଶ୍ୟକ । ଯାହାଦ୍ୱାରା କର୍ମଚାରୀମାନଙ୍କୁ ଜଡିତ ଥିବା କାର୍ଯ୍ୟରେ ଅଧିକରୁ ଅଧିକ ସଫଳତା ହାସଲ ନିମନ୍ତେ ସେମାନଙ୍କ ମନରେ କାର୍ଯ୍ୟ କରିବାର ଉତ୍ସାହ ସୃଷ୍ଟି ହେବା ସହ କାର୍ଯ୍ୟାଳୟକୁ ଏହାର ଲକ୍ଷ୍ୟ ହାସଲ ଦିଗରେ ସାହାଯ୍ୟ କରେ ।

ପ୍ରତ୍ୟେକ ଅନୁଷ୍ଠାନ ବା ସଂଗଠନର ସଫଳତା ନିମନ୍ତେ ଏକ ବ୍ୟବସାୟିକ ରଣନୀତି ପ୍ରସ୍ତୁତ କରିବା ଦିଗରେ ଜଣେ ବସଙ୍କ ଯଥେଷ୍ଟ ଜ୍ଞାନ ଥିବା ଆବଶ୍ୟକ । ଅଧସ୍ତନ କର୍ମଚାରୀମାନେ ସଂଗଠନର ମିଶନକୁ କିଭଳି ସମର୍ଥନ କରନ୍ତି, ପ୍ରତ୍ୟେକ କାର୍ଯ୍ୟ ଦିବସରେ ସେମାନଙ୍କ କାର୍ଯ୍ୟଧାରାର ଏକ ସ୍ୱଷ୍ଟ ରେଖାଚିତ୍ର ସହ ସେମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ । କର୍ମଚାରୀ ମାନଙ୍କ ଉପରେ ଥିବା କାର୍ଯ୍ୟଭାର ଗୁଡିକର ସୁଚାରୁ ସମ୍ପାଦନା ଓ ସ୍ୱଚ୍ଛ କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ବିଚାର ଆଲୋଚନା, ପ୍ରଶିକ୍ଷଣ ଓ କର୍ମଶାଳା ଆଦିର ଆୟୋଜନ କରିବା ଉଚିତ । ଏହାଦ୍ୱାରା କର୍ମଚାରୀମାନଙ୍କ ଠାରୁ ସ୍ୱଚ୍ଛ ଓ ନିର୍ଭୁଲ କାର୍ଯ୍ୟଦକ୍ଷତାର ଆଶା ସ୍ଥିର କରାଯାଇପାରେ । ଯାହାଫଳରେ କର୍ମଚାରୀ ଜଣଙ୍କ ଯେଉଁ କାର୍ଯ୍ୟଭାର ଗୁଡିକୁ ଧାରଣ କରିଥାନ୍ତି, ସେହି ଦିଗରେ ତାଙ୍କ ଲକ୍ଷ୍ୟ କେନ୍ଦ୍ରୀଭୂତ ହେବ । ଦାୟିତ୍ୱରେ ଥିବା ନିରୀକ୍ଷକ ସମ୍ପୃକ୍ତ କର୍ମଚାରୀଙ୍କ ସହ ବିଭିନ୍ନ ବର୍ତ୍ତାଳାପ ଓ ଆଲୋଚନା ମାଧ୍ୟମରେ କର୍ମଚାରୀଙ୍କ ଦାୟିତ୍ୱବୋଧ ଓ ଭୂମିକା ବିଷୟରେ ସ୍ୱଷ୍ଟ କରିପାରିବେ । ଯାହାଫଳରେ ନିର୍ଦ୍ଦିଷ୍ଟ କାର୍ଯ୍ୟଟି ସୁଚାରୁରୂପେ ସମ୍ପାଦିତ ହୋଇପାରିବ । କର୍ମଚାରୀମାନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜ ଉପରେ ଥିବା କାର୍ଯ୍ୟଭାରକୁ କେତେ ପୂରଣ କରୁଛନ୍ତି ତାହା ଉପରେ କର୍ମଚାରୀମାନେ ନିରନ୍ତର ମତାମତ ଆବଶ୍ୟକ କରନ୍ତି । ଯେତେବେଳେ ସେମାନେ ଦକ୍ଷତାର ସହ ଭଲ କାମ କରୁଛନ୍ତି, ସେତେବେଳେ ସେମାନଙ୍କୁ ସାବାସୀ, ପ୍ରଶଂସା ଓ ପୁରସ୍କୃତ କରିବା ଉଚିତ ।

କର୍ମଚାରୀମାନେ ଯଦି ସୁଚାରୁରୂପେ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରୁଛନ୍ତି, ତେବେ ଏହାକୁ ଉଲ୍ଲେଖ କରନ୍ତୁ । ଯଦି ସେମାନଙ୍କ କାର୍ଯ୍ୟଶୈଳୀକୁ ବଦଳାଇବା ଆବଶ୍ୟକ ପଡୁଥାଏ, ତେବେ ସେମାନଙ୍କୁ ସଚେତନ ହେବା ପାଇଁ ଉପଦେଶ ଦିଅନ୍ତୁ । ଯଦି କୌଣସି କର୍ମଚାରୀ ଅନୁଷ୍ଠାନର ଉପଭୋକ୍ତା ଅଥବା ଗ୍ରାହକ ସେବାକୁ ଠିକରେ ପାଳନ କରୁନାହାଁନ୍ତି ସେମାନଙ୍କୁ ବିଧିବଦ୍ଧ ତାରିକାରେ ତାଗିଦ କରନ୍ତୁ । ଯଦି କର୍ତ୍ତୁପକ୍ଷ ବା ବସ ଫୋନରେ ଉପଭୋକ୍ତା ଅଥବା ଗ୍ରାହକଙ୍କ ପ୍ରତି କର୍ମଚାରୀଙ୍କ ଅଶାଳୀନ ବ୍ୟବହାର ବିଷୟରେ ଶୁଣନ୍ତି, ତେବେ ସେମାନଙ୍କୁ ଏହାକୁ ସୂଚାଇ ଦେଇ ଗ୍ରାହକଙ୍କ ସହ ଯୋଗାଯୋଗ କରିବା ପାଇଁ ସେମାନଙ୍କୁ ଏକ ଉତ୍ତମ ଉପାୟରେ ପ୍ରଶିକ୍ଷଣ ଦିଅନ୍ତୁ ।

ଜଣେ ଉତ୍ତମ ବସ୍ ଜଣେ କର୍ମଚାରୀଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଏବଂ ସେମାନେ କାର୍ଯ୍ୟରେ ନଥିବାବେଳେ କ'ଣ କରନ୍ତି ତାହା ପଚାରିବାକୁ ସମୟ ନେବା ଉଚିତ । ଯଦି ଆପଣ ଜଣେ କର୍ମଚାରୀଙ୍କୁ ନିଜ ଆଡକୁ ଆକର୍ଷିତ କରିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ସେମାନଙ୍କ ପିଲାମାନଙ୍କ ବିଷୟରେ ପଚାରନ୍ତୁ । ସେମାନଙ୍କ ରୁଚି ଇତ୍ୟାଦି ବିଷୟରେ ଆଲୋଚନା କରନ୍ତୁ ।

ବ୍ୟକ୍ତିଗତ ଅଭିଜ୍ଞତା ଗୁଡିକୁ ନିଜ କର୍ମଚାରୀ ମାନଙ୍କ ମଧ୍ୟରେ ବାଣ୍ଟନ୍ତୁ । ଯେତେବେଳେ ଜଣେ ବସ ନିଜର ରିଅଲ୍ ଲାଇଫ୍ ସଂଘର୍ଷଗୁଡିକ କର୍ମଚାରୀ ମାନଙ୍କ ଗହଣରେ ଅଂଶୀଦାର କରନ୍ତି, ଏହା କର୍ମଚାରୀଙ୍କ ଜୀବନ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଲଟିଥାଏ । ଉଦାହରଣ ସ୍ୱରୂପ, ଯଦି ଜଣେ ବସ୍ ପଡ଼ୋଶୀ ସହିତ ଥିବା ବିବାଦକୁ କର୍ମଚାରୀ ମାନଙ୍କ ସହ ଅଂଶୀଦାର କରନ୍ତି, ଏବଂ କିପରି ବିବାଦର ସମାଧାନ କରନ୍ତି, ଏହା ଏକ ଅତିରିକ୍ତ ଶିକ୍ଷାର ସୁଯୋଗ ପ୍ରଦାନ କରେ । ଏଭଳି ଆଲୋଚନା କର୍ମଚାରୀଙ୍କୁ ସେମାନଙ୍କ ବସ ଙ୍କ ବ୍ୟକ୍ତିଗତ ଜୀବନର ଆଦର୍ଶ ଆଡକୁ ଅନୁପ୍ରାଣିତ କରିଥାଏ ।

ଜଣେ ସଫଳ ବସ କହନ୍ତି "ଯଦି ତୁମେ କାମରେ ଖୁସି ମଜା କରୁନାହଁ, ତେବେ ତୁମେ ଭୁଲ୍ କାମରେ ଅଛ ।" ମଜାଳିଆ କାର୍ଯ୍ୟକଳାପ, ଇଭେଣ୍ଟ, ଏବଂ କର୍ମଚାରୀଙ୍କ ପାଇଁ ସଂଗଠିତ ବଣଭୋଜି ଓ ପ୍ଲେ-ଟାଇମ୍ ଆଦି ଅନ୍ତର୍ଭୁକ୍ତ କରିବା ଦ୍ୱାରା କର୍ମଚାରୀ ମାନଙ୍କ ମଧ୍ୟରେ କାର୍ଯ୍ୟ କରିବାର ଆନ୍ତରିକତା ସୃଷ୍ଟି ହୋଇଥାଏ । ଏକତା ସୂତ୍ରରେ ସମସ୍ତଙ୍କୁ ଆବଦ୍ଧ କରିବା ସମ୍ଭବ ହୋଇଥାଏ । ଏଭଳି କାର୍ଯ୍ୟକ୍ରମ ଦ୍ୱାରା କର୍ମଚାରୀ ମାନଙ୍କ ଦୃଷ୍ଟିକୋଣକୁ ଖୁବ ସହଜରେ ବୁଝି ହୋଇଥାଏ । ସେମାନଙ୍କ ମତାମତ ଦ୍ୱାରା କାର୍ଯ୍ୟକ୍ଷେତ୍ରରେ ଥିବା ଅସୁବିଧା ଗୁଡ଼ିକୁ ଖୁବ ସହଜରେ ଠାବ କରିହୁଏ ।

କର୍ମଚାରୀମାନେ ଭଲ କାମ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକୁ ଯାଆନ୍ତି । ସେମାନଙ୍କ କାର୍ଯ୍ୟ ଦକ୍ଷତା ଓ କାର୍ଯ୍ୟ ସମ୍ପାଦନକୁ ଅନୁଶୀଳନ କରି ଭଲ କାମ ନିମନ୍ତେ ପୁରସ୍କୃତ କରାଯିବା ଉଚିତ । ସେମାନଙ୍କ କାର୍ଯ୍ୟ କରିବା ପାଇଁ ସଠିକ ଉପକରଣ ଏବଂ ତାଲିମ ଦିଆଯାଏ ଏବଂ ଏକ ଭଲ କାମ କରିବା ପାଇଁ ପୁରସ୍କୃତ କରାଯାଏ, ସେମାନେ ନିଶ୍ଚିତ ଭାବରେ କର୍ମକ୍ଷେତ୍ର ସହିତ ଜଡିତ ରହି ସଠିକ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ହୁଅନ୍ତି । ଏଭଳି ପରିବେଶ ସୃଷ୍ଟି କରିବା, ଯାହା କେବଳ ଜଣେ ଉତ୍ତମ କର୍ତ୍ତୃପକ୍ଷ ବା ବସ ଙ୍କ ଉପରେ ନିର୍ଭର କରେ ।

ଦୂରଭାଷ : ୯୮୭୧୭୬୧୨୭, ଜଳସମ୍ପଦ ବିଭାଜନ, ଖୋର୍ଦ୍ଧା, ଓଡ଼ିଶା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆମେ କେତେ ଖୁସି ?



ଡଃ ଗଣେଶ ଚନ୍ଦ୍ର କୁଣ୍ଡ

ଖୁସିର ସ୍ତର ମାପିବା ପାଇଁ କିଛିମାସ ପୂର୍ବରୁ ପଞ୍ଜାବ ବିଶ୍ୱବିଦ୍ୟାଳୟ ଦ୍ୱାରା ଏକ ସର୍ବେକ୍ଷଣ କରାଯାଇଥିଲା । ପାଞ୍ଚଟି ମୁଖ୍ୟ କାରକ ଯଥା ବୃତ୍ତିଗତ କାର୍ଯ୍ୟ, ପାରସ୍ପରିକ ସମ୍ପର୍କ, ସ୍ୱାସ୍ଥ୍ୟ, ପରୋପକାର, ଆଧ୍ୟାତ୍ମିକତା ବିଷୟରେ ଲୋକମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରାଯାଇ ଖୁସିର ସ୍ତର ମାପ ଯାଇଥିଲା । ଆମ ଦେଶର ୩୪ଟି ଭିନ୍ନ ଭିନ୍ନ ସହରରେ ଯେଉଁ ସର୍ବେକ୍ଷଣ କରାଯାଇଥିଲା ତନ୍ମଧ୍ୟରୁ ଲୁଧିଆନା, ଅହମଦାବାଦ ଏବଂ ଚଣ୍ଡିଗଡ଼ର ଲୋକମାନେ ସବୁଠାରୁ ଖୁସିରେ ଅଛନ୍ତି ବୋଲି ଜଣାପଡିଥିଲା । ମଣିଷ ସାଧାରଣତଃ ଖୁସିରେ ବଞ୍ଚିବାକୁ ଚାହେଁ, ଆବାଳ ବୃଦ୍ଧବନିତା ସମସ୍ତଙ୍କର ଇଚ୍ଛା ଖୁସିରେ ଜୀବନ ଅତିବାହିତ କରିବା ପାଇଁ, ଯଦି ଜୀବନରେ ଖୁସି ନାହିଁ ଜୀବନଟା ନିରସ ଲାଗେ ଏବଂ ବଞ୍ଚିବା ଦୁର୍ବିସହ ହୋଇଯାଏ । ଖୁସି ଏକ ଅନନ୍ୟ ଅନୁଭବ ଯାହାକି ଆତ୍ମ ସନ୍ତୋଷ ପ୍ରଦାନ କରିଥାଏ ଏହା କାହା ପାଖରୁ ଅଣାଯାଇ ପାରିବ ନାହିଁ କି ଟଙ୍କା ଦେଇ ବଜାରରୁ କିଣାଯାଇ ପାରିବ ନାହିଁ । ତେବେ ଖୁସି ମିଳିବ କେମିତି ? ଦରଦାମ ବୃଦ୍ଧି, ବେକାରୀ, ପାରିବାରିକ ବିଶୃଙ୍ଖଳା, ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଚାଷ ପ୍ରଭାବିତ, ଏମିତି ଅନେକ ସମସ୍ୟା ଦେଇ ମଣିଷକୁ ଗତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବାକୁ ପଡୁଛି, ତେଣୁ ମଣିଷ ପାଖରୁ ଖୁସି ଖସି ଖସି ଯାଉଛି ।

ବେଳେ ବେଳେ ସବୁ ଥାଇ ମଧ୍ୟ ମଣିଷ ଟିକେ ଖୁସି ପାଉନି, ଅନେକ କ୍ଷେତ୍ରରେ ଦେଖାଯାଏ ଆମେ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିଥାଉଁ ଯାହା ବଡ଼ ନିର୍ବୋଧତା ଓ ହତାଶାର କାରଣ ହୋଇଥାଏ, ଯାହାଫଳରେ ଖୁସି ବଦଳରେ ଦୁଃଖ ହିଁ ମିଳିଥାଏ । ଏହି ପରିପ୍ରେକ୍ଷୀରେ ଗୁରୁଙ୍କ ଠାରୁ ଶୁଣିଥିବା ଗପଟି ମନେ ପଡୁଛି । କୁଆଟି ନିଜ ଦୈନନ୍ଦିନ ଜୀବନରେ ଆରାମରେ ଥାଏ, ଦିନେ ସେ ଏକ ହଂସକୁ ଦେଖି ଆଶ୍ଚର୍ଯ୍ୟ ହୋଇ ଭାବିଲା ସେ ଧୋବ ଫର ଫର ପକ୍ଷୀଟି ସୁନ୍ଦର ଦେଖାଯାଉଛି । ନିଶ୍ଚୟ ଭାଗ୍ୟବାନ ହୋଇଥିବ, ମୋ ଠାରୁ ଖୁସିରେ ଥିବ । ମୁଁ ହତଭାଗ୍ୟ ଟାଏ, ମୋତେ କେହି ଭଲ ପାଉ ନାହାନ୍ତି ମୋ ଦେହ ସାରା କଳା ପର, କେତେ ଅସନା ମୁଁ । କୁଆଟି ମନରେ ଏପ୍ରକାର ହୀନ ଭାବନା ଜାତ ହେବାରୁ ସେ ଖେଳିବା, ବୁଲିବା, ହସିବା, ଏମିତିକି ଖାଇବା ବି ଭୁଲିଗଲା, ତା ମନରେ ଆଉ ଖୁସି ରହିଲା ନାହିଁ । କୁଆର ବାପା ବୁଢା କୁଆ, ପୁଅର ଏମିତିକା ଅବସ୍ଥା ଦେଖି ଏହାର କାରଣ ପଚାରିଲା, କୁଆ କହିଲା ବାପା ଏ ଦୁନିଆରେ ଅନେକ ଧୋବ ଫର ଫର ପକ୍ଷୀ ଭଗବାନ ସୃଷ୍ଟି କଲେ କିନ୍ତୁ ମୋତେ କାହିଁକି ଏମିତି କଳା ମିଚିମିଚି ଶରୀର ଦେଲେ ? ବୁଢା କୁଆ ପୁଅର କଥା ଶୁଣି ବୁଝିଗଲା ପୁଅ ହୀନମନ୍ୟତାର ଶିକାର ହୋଇଛି । ପୁଅକୁ କେମିତି ଏହି ହୀନମନ୍ୟତାରୁ ରକ୍ଷା କରି ହବ ସେ ବିଷୟରେ ବୁଢା କୁଆ ଚିନ୍ତା କରି ପୁଅକୁ କହିଲା ରୂପ ଅନୁସାରେ କେହି କେବେ ଭାଗ୍ୟବାନ ହୋଇପାରେନା । ମୁଁ ମାନୁଛି ଆମ କୁଆ ଜାତିର ରଙ୍ଗ କଳା ଓ ବେଶି ସୁନ୍ଦର ନୁହେଁ, କିନ୍ତୁ ଅନ୍ୟ ପକ୍ଷୀଙ୍କ ଠାରୁ ଆମେ ଭାଗ୍ୟହୀନ ଭାବିବା ଭୁଲ । ତୁ ଯଦି ସେ ଧୋବ ଫର ଫର ପକ୍ଷୀଟିକୁ ଦେଖା କରିପାରିବୁ, ତେବେ ଜାଣିପାରିବୁ ସେ କେତେ ଖୁସିରେ ଅଛି ? ବୁଢା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁଆର କଥା ମାନି କୁଆଟି ହଂସକୁ ଦେଖା କରି କହିଲା ତୁମର ସୁନ୍ଦର ରୂପ ଦେଖି ମୁଁ ଆକର୍ଷିତ, ତୁମେ ସତରେ ବହୁତ ଭାଗ୍ୟବାନ ତେଣୁ ତୁମେ ଅଧିକ ଖୁସିରେ ଥିବ । କୁଆର କଥା ଶୁଣି ହଂସ କହିଲା କୁଆ ଭାଇ କିଏ କେତେ ଖୁସିରେ ଅଛି ? ସେ ନିଜେ ହିଁ କହିପାରିବ, ମୁଁ ମାନୁଛି ମୁଁ ଧୋବ ଫର ଫର କିନ୍ତୁ ମୋ ଠାରୁ ଅଧିକ ସୁନ୍ଦର ପକ୍ଷୀ ଦୁନିଆରେ ଅଛନ୍ତି ଯେମିତି ଶୁଆ, ବିଭିନ୍ନ ରଙ୍ଗରେ ସୁସଜିତ ସୁନ୍ଦର ଶରୀର ପାଇଁ ତାକୁ ଲୋକମାନେ ବହୁତ ଭଲ ପାଆନ୍ତି । ତୁମେ ଯଦି ଶୁଆକୁ ଦେଖା କରିପାରିବ ତେବେ ଜାଣିପାରିବ ସେ କେତେ ଖୁସିରେ ଅଛି ? ଶୁଆ ବିଷୟରେ ଏମିତି କଥା ସବୁ ଶୁଣି କୁଆର ଇଛା ହେଲା ଶୁଆକୁ ଦେଖା କରିବାକୁ ତେଣୁ ସେ ଶୁଆକୁ ଦେଖା କରିବାକୁ ଉଡ଼ିଗଲା । ବହୁତ ଖୋଜାଖୋଜି କଲାପରେ, ପଞ୍ଜୁରୀ ଭିତରେ ଶୁଆକୁ ଦେଖି କୁଆ କହିଲା ଶୁଆ ଭାଇ ଆପଣଙ୍କ ସୁନ୍ଦର ଶରୀର ଦେଖି ମୁଁ ଆକର୍ଷିତ । ଆପଣ ଦୁନିଆର ସବୁଠାରୁ ଭାଗ୍ୟବାନ ପକ୍ଷୀ ତେଣୁ ଆପଣ ବହୁତ ଖୁସିରେ ଥିବେ । କୁଆର କଥା ଶୁଣି ଶୁଆ କହିଲା ମୁଁ ଦେଖିବାକୁ ସୁନ୍ଦର, ତୁମେ ସତ କହିଛ, କିନ୍ତୁ ମୁଁ ତୁମ ଭଳି ଭାଗ୍ୟବାନ ନୁହେଁ କାରଣ ପକ୍ଷୀ ଜନ୍ମ ପାଇ ମଧ୍ୟ ଉଡିବା ମନା, ପଞ୍ଜୁରୀ ହିଁ ମୋ ଦୁନିଆ । ତୁମେ ତୁମ ଇଛାରେ କେଉଁ ଆଡୁ ମୋ ପାଖୁ ଉଡି ଉଡି ଆସିଛ କିନ୍ତୁ ମୁଁ ଉଡିବା ଭୁଲିଗଲିଣି । ଗଛରୁ ମନ ମୁତାବକ ଫଳ ଗୋଟେ ଖାଇ ପାରୁନି, ମାଲିକ ଯାହା ଦେଉଛି ତାହା ଖାଇକି ବଞ୍ଚିଯିବା କଥା । ଏଥିରୁ ଜଣାପଡିଲା କୁଆ କେମିତି ନିଜକୁ ଅନ୍ୟ ପକ୍ଷୀ ସହିତ ତୁଳନା କରି ଦୁଃଖ ପାଉଥିଲା ତେଣୁ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିବା ଅସଲ ଦୁଃଖର କାରଣ ।

ଜୀବନ କ୍ରମଶଃ ଯାନ୍ତ୍ରିକ ହେବାରେ ଲାଗିଛି । ପ୍ରତ୍ୟେକ ମଣିଷ ଗତାନୁଗତିକ ରୀତିରେ ନିତିଦିନିଆ କାର୍ଯ୍ୟ କରି ଚାଲିଛି । ପ୍ରତିଦ୍ୱନ୍ଦ୍ୱିତାମୂଳକ ଦୁନିଆରେ କାର୍ଯ୍ୟଭାରର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାପରେ ସମସ୍ତେ ବ୍ୟତିବ୍ୟସ୍ତ । ଆମ ପାଖରେ ଯାହା ସବୁ ନାହିଁ, ତାହା ପାଇଗଲେ ଆମେ ଖୁସି ହେବୁ ବୋଲି ଭାବି ରାତିଦିନ ପରିଶ୍ରମ କରି ଗୋଟିକ ପରେ ଗୋଟିଏ ଶିଢ଼ି ଚଢ଼ିଥାଉ । ଅର୍ଜୁନ ଥରେ ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଲେ କାହିଁକି ଆମକୁ ଜୀବନରେ ଖୁସି ମିଳି ନଥାଏ ? ଶ୍ରୀକୃଷ୍ଣ ସୁନ୍ଦର ଉତ୍ତରଟି ଦେଇ କହିଲେ ଆମେ ଆବଶ୍ୟକତା ଠାରୁ ଅଧିକ ଚାହିଁ ଥାଆନ୍ତି, ସେଥିପାଇଁ ଆମକୁ କେବେ ଖୁସି ମିଳେ ନାହିଁ । ଦୁଃଖ ଏମିତି ଗୋଟିଏ ଅବସ୍ଥା ଯାହା ଭଲ ଠାରୁ ଭଲ ମଣିଷକୁ ମଧ୍ୟ ବିଚଳିତ କରିଥାଏ, ମନରେ ବହୁତ ପ୍ରଶ୍ନ ଆସିଥାଏ । କେବେ ଦୁଃଖର ଅନ୍ତ ହେବ ? କେବେ ଆମକୁ ଖୁସି ମିଳିବ ? ଗରମ ଏବଂ ଶୀତର ମୌସମ ଆସିବା ପରେ ଫେରିବା ନିଶ୍ଚିନ୍ତ ହୋଇଥାଏ, ସେହିପରି ଜୀବନରେ ଦୁଃଖ ଆସେ ଆଉ ଫେରିଯାଏ । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ସୁଖ ଦୁଃଖ କ୍ଷଣିକ, ଏହା କାଳକ୍ରମେ ସରିଯିବ । ଅନ୍ୟକୁ ସାହାଯ୍ୟ କରିବା ଲାଗି ଆମ ନିକଟରେ ଅର୍ଥବଳ ନଥାଇପାରେ, କିନ୍ତୁ ଆମେ ଶ୍ରଦ୍ଧା ଓ ସହାନୁଭୂତି ପ୍ରଦର୍ଶନ କରିପାରିବା । ଅନ୍ୟକୁ ସାହାଯ୍ୟ କଲେ ଯେଉଁଭଳି ଖୁସି ମିଳିଥାଏ, ତାର ପଟାନ୍ତର ନାହିଁ । ମଣିଷର ପାଇବାର ଇଚ୍ଛା ଅସୀମ, ମନ ଯାହା ଚାହେଁ ସବୁବେଳେ ସେପରି ଘଟେ ନାହିଁ । ଯାହା ସବୁ ଘଟିଯାଏ ମନ ହୁଏ'ତ ସେଇ ସବୁ ଚାହିଁ ନ ଥାଏ । ଜୀବନକୁ ସବୁବେଳେ ସକାରାତ୍ମକ ଦୃଷ୍ଟିକୋଣରୁ ବିଚାର କରି ମନକୁ ଆୟତ୍ତରେ ରଖି ପାରିଲେ ଜୀବନ ସରସ, ସୁନ୍ଦର ଓ ସୁଖମୟ ହୁଏ । ଇତିହାସ କୁହେ ସୁଖ ଥିଲା, ବିଜ୍ଞାନ କହୁଛି ସୁଖ ଆସିବ କିନ୍ତୁ ଧର୍ମ କୁହେ ଯଦି ମନ ସଚ୍ଚୋଟ ରହେ ତାହେଲେ ସବୁବେଳେ ସୁଖ ମିଳିବ ।

ପଟାମୁଣ୍ଡାଇ, କେନ୍ଦ୍ରାପଡ଼ା

ମୋ : ୯୯୩୮୦୬୦୮୮୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭ୍ରଷ୍ଟାଚାର, ଭ୍ରଷ୍ଟାଚାରୀ ଓ ପ୍ରତାରିତ



ପଙ୍କଜ କୁମାର ପାଣିଗ୍ରାହୀ

ଅମାନବୀୟ, ଦୁର୍ବଳ ମାନସର ଏକ ଦୁଷ୍କର୍ମ ବିଚାର ଭ୍ରଷ୍ଟାଚାର ଯାହା ସାମାଜିକ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ସହିତ ସାମ୍ପ୍ରତିକ ଅବକ୍ଷୟ କାରଣରୁ ରାଷ୍ଟ୍ରକୁ ନିମ୍ନମୁଖି କରି ନିଜସ୍ୱ ଚେତନାକୁ କଳୁଷିତ କରିଥାଏ !

ସେଇଥିରେ ଭାଗିଦାରୀତା କରୁଥିବା ମଣିଷ ସମାଜର ଏକ କଳଙ୍କ ଯାହା ଦ୍ୱାରା ସାଧାରଣ ପ୍ରଚଳିତ ବ୍ୟବସ୍ଥାର ସଦସ୍ୟ ବୃନ୍ଦ ପ୍ରତାରିତ !!

ସାଧାରଣତଃ ସାମାଜିକ କ୍ଷେତ୍ରରେ ଅନୈତିକ କାର୍ଯ୍ୟ କରି ନିର୍ଦ୍ଧାରିତ ସଂଖ୍ୟା ବହିର୍ଭୁତ ଅର୍ଥ କରାୟତ କରାଯିବା ଭ୍ରଷ୍ଟାଚାର ଭାବେ ସର୍ବ ଗ୍ରହୀତ ହୋଇଥିବା ବେଳେ ସେହି କୁକର୍ମରେ ଲିପ୍ତ ମଣିଷଙ୍କୁ ଭ୍ରଷ୍ଟା·ରୀ ବୋଲି କୁହାଯାଇଥାଏ । ସାମାଜିକ ଭ୍ରଷ୍ଟାଚାର ଜନିତ କ୍ଷତି ସହି ନିର୍ବୋଧ ପ୍ରତାରିତ ହୋଇଥା'ନ୍ତି ଯାହା ସେମାନଙ୍କ ବୁଝିବା କ୍ଷମତା ବହିର୍ଭୁତ । ଅତ୍ୟନ୍ତ ଦୁଃଖର ବିଷୟ ଏହାକି ଯେଉଁମାନେ ସାମାଜିକ ପରିଚାଳନା ହେତୁ ଅର୍ଥ ଉତ୍ପାଦନ କରିଥା'ନ୍ତି, ସେହିମାନେ ଭ୍ରଷ୍ଟାଚାରୀଙ୍କୁ ସମାଜର ଶୀର୍ଷ କ୍ଷେତ୍ରରେ ଅବସ୍ଥାପନ କରି ସେମାନଙ୍କୁ ପ୍ରଭୁତୁଲ୍ୟ ମାନ୍ୟତା ଦେଇ ସେମାନଙ୍କ ଦ୍ୱାରା ଭ୍ରଷ୍ଟାଚାରରେ ପୀଡିତ ପ୍ରତାରିତ ବ୍ୟବସ୍ଥାକୁ ଅନୁଶୀଳ କରିବା କ୍ଷମତା ବହିର୍ଭୁତ ମଣିଷଙ୍କୁ ସାମାଜିକ ଦାରିଦ୍ର୍ୟ ସୀମାରେଖା ନୀଚରେ ରହିଥିବା ଦର୍ଶାଯାଇ ଥାଏ । ବାସ୍ତବ କ୍ଷେତ୍ରରେ ସେହିମାନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଶ୍ଚିତ ଭାବେ ଅତ୍ୟନ୍ତ ଧନଶାଳୀ ଯେଉଁମାନେ ସାଧାରଣ ଲୋକଙ୍କୁ ଖାଦ୍ୟ, ବସ୍ତ୍ର ଯୋଗାଇ ଥା'ନ୍ତି । କିନ୍ତୁ ମଧ୍ୟବିତ୍ତ ଏବଂ ଉଚ୍ଚାସନ ଅଭିଷିକ୍ତ ମଣିଷ କେବେ କୌଣସି ବାସ୍ତବବାଦୀ ପ୍ରାକୃତିକ କର୍ମ କରୁନଥିବା ବେଳେ ସେହି ନିମ୍ନରେ ରହିଥିବା ମଣିଷ ମାନଙ୍କୁ ଅଲୌକିକ ଭାବେ ଶିକ୍ଷାର କରାଳତା ସୃଷ୍ଟି କରି ଯେଉଁ କାର୍ଯ୍ୟ କରିଥା'ନ୍ତି ସେଗୁଡିକୁ ନିର୍ବୋଧ ବୁଝି ନପାରି ସେମାନଙ୍କୁ ପ୍ରଭୁତୁଲ୍ୟ ମାନିଥା'ନ୍ତି । ଏହି ଭାବଧାରା ସମାଜରେ ଅନେକ ବର୍ଷ ପୂର୍ବେ ଆରମ୍ଭ ହୋଇ ଅଦ୍ୟାବଧି ଏକ ସାମାଜିକ ନିୟମରେ ପରିଣତ ହୋଇଛି । ସତ୍ୟକୁ ଆଢୁଆଳରେ ରଖି ମିଥ୍ୟାବାଦୀ ଏମିତି ସାମାଜିକ ସ୍ଥିତିରେ ସାଧାରଣ ଲୋକଙ୍କୁ ନିମଜ୍ଜିତ କରି ରଖିଛନ୍ତି ଯେ ସମାଜର ସମସ୍ତ ବର୍ଗର ମଣିଷ ଗୁଡିକ ଅଦ୍ୟାବଧି କେବଳ ମିଥ୍ୟଚାରୀ ଭଳି ଜୀବନଧାରଣ କରୁଥିବା ଦେଖିବାକୁ ମିଳୁଛି । ଭ୍ରଷ୍ଟାଚାର କେବଳ ସୀମିତ ବର୍ଗର ମଣିଷଙ୍କ ଦ୍ୱାରା ପରିଚାଳିତ ଏକ ସାମାଜିକ ଗ୍ରହଣୀୟ ପ୍ରଥାରେ ପରିଣତ ଆଜି ସମୟର କରାଳତାର ବ୍ୟାଖ୍ୟା କରିବାକୁ ଗଲେ ଭ୍ରଷ୍ଟାଚାର ବିରୋଧିଙ୍କୁ ଦେଶଦ୍ରୋହୀ ବୋଲି କହିବା ପାଇଁ ମଧ୍ୟ ପଛାଉନାହିଁ ସମାଜ । କି ମର୍ମାହତ ପରିସ୍ଥିତି ଦେଖିବାକୁ ମିଳୁଛି ଆଜି ସମୟରେ, ସମୀକ୍ଷା କରି ଦେଖିବା.......

ସତ୍ୟ କେବେ ଲୁଚି ରହେନା ବୋଲି ରହିଥବା କିମ୍ବଦନ୍ତୀ ମଣିଷ ଦ୍ୱାରା ଘୋଷିତ କରାଯାଇଥିବା ବେଳେ ମଣିଷ ହିଁ ସତ୍ୟକୁ ଲୁଚାଇ ରଖି ପାରୁଥିବା ପ୍ରତିଭାବାନ କ୍ଷମତାଶାଳୀ ଭାରତୀୟଙ୍କ ମହାନତାର ଦୃଷ୍ଟିଭଙ୍ଗୀ ଏକ ଭିନ୍ନ ସ୍ତରରେ ଦେଖିବାକୁ ମିଳୁଛି ଆମ ସମାଜରେ । କହିବାକୁ ଗଲେ ସତ୍ୟକୁ ମିଥ୍ୟା ଓ ମିଥ୍ୟକୁ ସତ୍ୟ ସାବ୍ୟସ୍ତ କରି ଜନମାନସରେ ଗ୍ରହଣୀୟତା ସୃଷ୍ଟି କରାଯାଇ ସାମାଜିକ ବ୍ୟବସ୍ଥାରେ ବ୍ୟାପକ ଅମାନବୀୟ ଚରିତ୍ର ପ୍ରବାହ କରାଯାଉଥିବା ଘଟଣାବଳୀ ସମୂହରେ ପ୍ରତ୍ୟକ୍ଷ ଭାଗିଦାରୀତା କରୁଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାମ୍ବିଧାନିକ, ନ୍ୟାୟିକ ବ୍ୟବସ୍ଥା ଆମ ଦେଶରେ ସ୍ୱୟଂ ସମ୍ପୂର୍ଣ୍ଣ। ସର୍ବୋଚ୍ଚ କ୍ଷମତାଧାରୀ କଳର ସ୍ଥାନ ଏକ ଉଲ୍ଲେଖନୀୟ ସ୍ତରରେ ରହିଥିବା ବୁଝି ହୁଏ । ଇତି ମଧ୍ୟରେ ଦେଶକୁ ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଠାରୁ ଆରମ୍ଭ କରି ଅତ୍ୟନ୍ତ ସୌଖିନ ଜିନିଷ ହେଉକି ଜୀବନ ରକ୍ଷକ ଔଷଧ ପର୍ଯ୍ୟନ୍ତ ମୂଳ ପ୍ରସ୍ତୁତ ଏବଂ ବ୍ୟାପ୍ତ ବିତରଣ କରିବାରେ ବାସ୍ତବ, ସତ୍ୟ ଉପରେ ଆଧାରିତ କର୍ମ କରୁଥିବା କୃଷକ, ଶ୍ରମିକ ଏବଂ ବହନ ·ଳକ ସମୁହଙ୍କୁ ସମାଜର ସର୍ବ ନିମ୍ନରେ ସ୍ଥାପନ କରି ଅପ୍ରାକୃତିକ ମନୁଷ୍ୟକୃତ ନିମ୍ନ ଆବଶ୍ୟକ ସାମାଜିକ କର୍ମରେ ଲିପ୍ତ ମଧ୍ୟବର୍ତ୍ତୀ, ଧନଶାଳୀ ମଣିଷ ସମୁହଙ୍କୁ ସାମାଜିକ ଶୀର୍ଷ ସ୍ଥାନିତ କରିବାରେ କେବଳ ସାମ୍ବିଧାନିକ, ନ୍ୟାୟିକ ବ୍ୟବସ୍ଥା ହିଁ ଆଇନ ପ୍ରଣୟନ କରି ରଖିଥିବା ମର୍ମସ୍ପର୍ଶୀ ବିଷୟର କୌଣସି ବିସ୍ତୃତ ବାସ୍ତବବାଦୀ ସମୀକ୍ଷା ହେଉନାହିଁ । ସାମାଜିକ ସ୍ତରରେ ରହିଥିବା ସମସ୍ତ ଇଂରେଜ ବ୍ୟବସ୍ଥିତ କାର୍ଯ୍ୟାଳୟ ସମେତ ମଧ୍ୟବିତ୍ତ ପରିବାର ଲିପ୍ତ ରହିଥିବା ବ୍ୟବସାୟ ହେଉକି ଉଚ୍ଚ ସ୍ତରରେ ଆର୍ଥିକ ଖେଳ କରି ଲୋକଙ୍କ ଅର୍ଜିତ ଧନକୁ ଲୁଟି ବୋଲାଉଥିବା ଧନୀକ ପରିବାର ଗୁଡିକ ସମାଜରେ ନରହିଲେ ମଧ୍ୟ ସମାଜ ଚଳିବାରେ କୌଣସି ବାଧକତା ରହିବ ନାହିଁ ଯେପର୍ଯ୍ୟନ୍ତ ରାଷ୍ଟ୍ରର କୃଷକ, ଶ୍ରମିକ, ବାହାନ ·ଳକ ସକ୍ରିୟ ଅଛନ୍ତି । ଅର୍ଥାତ ଗମ୍ଭୀର ଭାବେ ଆଲୋକପାତ କରି ବିଶ୍ଳେଷଣ କଲେ ଜାଣି ହେବଯେ କେବଳ ଶ୍ରମିକ ଭଳି କାର୍ଯ୍ୟ କରୁଥିବା କ୍ଷେତ୍ର ସ୍ଥଳର ଶ୍ରମିକ ମାନଙ୍କ ଯୋଗୁହିଁ ସାମାଜିକ ବ୍ୟବସ୍ଥା ଚାଲୁଛି ଯେଉଁମାନେ ପ୍ରକୃତ ଅର୍ଥ ଆଦାୟ କରୁଛନ୍ତି । ସେହିମାନଙ୍କ ଆଦାୟ ଅର୍ଥକୁ ବାଟମାରଣା କରି ଅନୈତିକ ଉପାୟରେ ଅଲୌକିକ ଭାବେ ଅଧିଗ୍ରହଣ କରି ନିଜକୁ ସାମାଜିକ ଉଚ୍ଚ ସ୍ଥାନିତ କରୁଥିବା ସାଧାରଣ ଶିକ୍ଷିତଙ୍କ ଆବଶ୍ୟକତା ଅପେକ୍ଷା ସେମାନଙ୍କ ବ୍ୟାପକ ଆବଶ୍ୟକତା ରହିଥବା ବେଳେ ସେମାନେ ସମାଜର ସବୁଠାରୁ ନିମ୍ନରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଥିବା ଏକ ଦୁଃଖଦ ପରିସ୍ଥିତିକୁ କେହି ବୁଝନ୍ତି ନାହିଁ ।

ବାସ୍ତବ ଆର୍ଥିକ ଆଦାୟ କରି ସମସ୍ତ ମଣିଷଙ୍କ ଜୀବନ ବଞ୍ଚାଉଥିବା କୃଷକ, ଶ୍ରମିକଙ୍କ ଆଦାୟ ଅର୍ଥରୁ କେମିତି ବାଟମାରଣା କରି ସମାଜରେ ଧନୀକ ସମାଜ ସୃଷ୍ଟି ହୋଇଛି ତାହାର ଭରପୁର ଜ୍ଞାନ ସେମାନଙ୍କ ପାଖରେ ନଥିବା ବେଳେ ସେମାନଙ୍କ ଆଦାୟକୁ ହଡପ କରି ନିଜ ଜୀବନ ବଂଚାଉଥିବା ଏବଂ ତାହାଠାରୁ ଶତଗୁଣରେ ଭ୍ରଷ୍ଟାଚାର କରି ଆତ୍ମସାତ କରୁଥିବା ଭ୍ରଷ୍ଟାଚାରୀଙ୍କ କୌଣସି ସମୀକ୍ଷା ନାହିଁ କି ଦଣ୍ଡବିଧାନ ବିହୀନ ସମାଜରେ ନିର୍ବୋଧ, ଆଜୀବନ ପ୍ରତାରିତ ହୋଇ ରହୁଥବା ଅତ୍ୟନ୍ତ ଦୁଃଖ, କ୍ଷୋଭର ବିଷୟ ପ୍ରତି କାହାର ନଜର ନାହିଁ । ସାଧାରଣ ଅଜ୍ଞାନ, ନିର୍ବୋଧ ନିଜକୁ ଜୀବନ ସାରା ଜାଳି ଜାଳି ସେହି ତଥାକଥିତ ମଧ୍ୟବିତ୍ତ, ଧନୀକ ଶ୍ରେଣୀର ଲୋକଙ୍କ ଝୋଲିରେ ଭିକ୍ଷା ପ୍ରଦାନ କରି ସେମାନଙ୍କୁ ଭିକ୍ଷୁକ ସ୍ତରରେ ରଖି ତାହାର ବିପରୀତେ ନିଜେହିଁ ଭିକାରୀର ପରିଚୟ ସୃଷ୍ଟି କରିଥା'ନ୍ତି କେତେବେଳେ କାହାଠାରୁ କିଞ୍ଚିତ ଦାନ, ସାହାଯ୍ୟ ଆକାରରେ ଗ୍ରହଣ କରି । ସେମାନଙ୍କୁ ସଚେତନ କରାଯିବା କିମ୍ବା ସତ୍ୟକୁ ପ୍ରକଟ କରି ସେମାନଙ୍କ ପ୍ରକୃତ ସାମାଜିକ ସ୍ଥିତି ବିଷୟରେ ଜ୍ଞାତ କରିବା ସମାଜ ସେବକ, ସୁଧାରକ ନାହାନ୍ତି ଆମ ସମାଜରେ । କାରଣ ଏହି ବ୍ରିଟିଶ ବ୍ୟବସ୍ଥାକୁ ବୁଝି ବାସ୍ତବ ସତ୍ୟର ଅନୁଶୀଳନ କରିବା କ୍ଷମତା ବିହୀନ ନିର୍ବୋଧ ସମାଜରେ କେଳେଙ୍କାରୀ ଚତୁରଙ୍କ ଦୌରାତ୍ମ୍ୟ ଯାହା ହେବା କଥା ହୋଇ ଚାଲିଛି, ଚାଲିବ ମଧ୍ୟ ଯେତେବେଳ ପର୍ଯ୍ୟନ୍ତ ସାଧାରଣ ଲୋକେ ନିଜେ ସଚେତନ ହେବା ଶିକ୍ଷା କରି ନାହାନ୍ତି । ଯେତେଦିନ ପର୍ଯ୍ୟନ୍ତ ସେହି ପ୍ରକୃତ ମଣିଷ ସମାଜ ଏହି ଅପ୍ରାକୃତିକ ମଣିଷ ରଚିତ ଶିକ୍ଷିତଙ୍କୁ ଗୁରୁତୁଲ୍ୟ ମାନ୍ୟତା ଦେଇ ·ଲିଥିବ ସେତେ ଦିନ ପର୍ଯ୍ୟନ୍ତ ବ୍ରିଟିଶ ରାଜ୍ର ଅନ୍ତ ହେବ ନାହିଁ ବରଂ ସେମାନେ ଭ୍ରଷ୍ଟାଚାରୀଙ୍କ ଦ୍ୱାରା ନିଷ୍ପେସିତ ହୋଇ ପ୍ରତାରିତ ହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାଲିଥିବେ ।

ତେଣୁ ଏକ ସଭ୍ୟ, ବିକଶିତ ସମାଜର ପରିଚୟ ପ୍ରଦାନ କରି ବିଶ୍ୱ ଦରବାରରେ ଆମର ପ୍ରତିଷ୍ଠା ସ୍ଥାପନ କରିବାକୁ ହେଲେ ପ୍ରଥମେ ସାମାଜିକ କ୍ଷେତ୍ରର କୃଷକ, ଶ୍ରମିକ ସ୍ତରର ଲୋକଙ୍କୁ ସମ୍ମାନ ଦେବା ସହିତ ସାମାଜିକ କୃତିମ କ୍ଷେତ୍ରର ଲୋକଙ୍କୁ ନିର୍ଦ୍ଧିଷ୍ଟ ପରିସୀମା ମଧ୍ୟରେ ପରି·ଳିତ କରାଗଲେ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ରାଷ୍ଟ୍ରର ବିକାଶ ହୋଇ ପାରିବ । ଅଥବା ମଧ୍ୟବର୍ତ୍ତୀ ସୋପାନର ଶିକ୍ଷିତ କର୍ମ·ରୀଙ୍କୁ ବ୍ରିଟିଶ ଦ୍ୱାରା ଦିଆଯାଇଥିବା ମାନ୍ୟତା ଅନୁଯାୟୀ ଅଖଣ୍ଡ କ୍ଷମତା ପ୍ରଦାନ ପୂର୍ବକ ବ୍ୟବସ୍ଥାରେ ସେମାନଙ୍କ ସ୍ୱେଚ୍ଛା·ରିତା ଭାବ ପୋଷଣ କରି ସାମାଜିକ ଭ୍ରଷ୍ଟା·ର ଜାରି ରଖିବା ସୁନିଶ୍ଚିତ । ସେଇଥିରେ ଅସନ୍ତୁଳିତ ସାମାଜିକ କର୍ମୀ ତଥା କୃଷକ, ଶ୍ରମିକ ପ୍ରତାରିତ ହୋଇ ରାଷ୍ଟ୍ରର ଅଧୋଗତି ଛଡା କୌଣସି ଉନ୍ନତି ସମ୍ଭବ ହେବନାହିଁ ବୋଲି ଆମ ବି·ରରେ ଆପଣଙ୍କ ଅନୁଭବ କ'ଣ............. ? ?

ସୋସିଆଲ ଫୋରମ (ଭାରତ)

ଛତ୍ରପୁର, ଗଞ୍ଜାମ.

ଦୂରଭାଷ.: ୯୪୩୭୩୭୨୪୯୧୭.

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିଶ୍ୱର ବଡ଼ ଆତଙ୍କ : କରୋନା



ଇଂ ବିଦ୍ୟାଧର ପଣ୍ଡା

ବିଶ୍ୱର ସବୁଠାରୁ ବଡ ଶତ୍ରୁ ଏବଂ ଆତଙ୍କ ଏବେ କରୋନା ଭୂତାଣୁ । ନିଜର ରୂପରଙ୍ଗ ବଦଳେଇ କେତେବେଳେ କୋଉ ନାଁରେ ଆସି ମଣିଷର ଜୀବନନେଇ ଚାଲିଯାଉଛି, କିଛି ଜାଣିହେଉନି । ଜାଣୁଜାଣୁ ଶହଶହ ଲୋକ ଆରପାରିରେ ପହଁଚି ଯାଉଛନ୍ତି । ମଝିରେ ଡେଲ୍ଟା ଭାରିୟାଂଟ୍ କେବଳ ତିନିଚାରି ଦିନ ଭିତରେ ଏକ ସୁସ୍ଥ ସବଳ ମଣିଷକୁ ମାରି ଦେବାକୁ ସମର୍ଥ ହେଉଥିଲା ବେଳେ ଏବକାର ନୂଆ ଭାରିୟାଂଟ୍ ଓମିକ୍ରନ୍ ଲୋକଙ୍କୁ ଦୁର୍ବଳ କରୁଛି ସତ, କିନ୍ତୁ ଜୀବନରେ ମାରିଦେବା ପରି ମାରାତ୍ମକ ନୁହେଁ ବୋଲି କିଛି ଅଭିଜ୍ଞ ଡାକ୍ତର କହୁଛନ୍ତି । ହେଲେ ଆମେ ସାବଧାନ ରହିବା ଉଚିତ୍ । ନୂଆବର୍ଷରେ ନୂଆକଥା ନୂଆ ନୂଆ କିଛି ସହଜ ଅଭ୍ୟାସକୁ ଆପଣେଇ ଆମେ ନିଶ୍ଚିତ ଭାବରେ ଏଇ କଠିନ ସମୟରେ ନିଜର ସୁରକ୍ଷା କରିପାରିବା । ସେଇ ସବୁ ପୁରୁଣା କଥା ଯାହା ସମସ୍ତେ ହଜାରଥର ଆଗରୁ ଶୁଣିଛେ । ବାରମ୍ବାର ହାତକୁ ଭଲରେ ଧୋଇବା । ବାହାରକୁ ବାହାରିଲେ ପ୍ରଥମେ ମାସ୍କ ପିନ୍ଧିବା । ୨୦୨୨ ମସିହାକୁ ସ୍ୱାଗତ କରିବା ଆଳରେ ନୂଆ ବନ୍ଧୁଙ୍କୁ ଭେଟିବା ସମୟରେ ଦୂରରୁ ନମସ୍କାର କରିବା, କେବେହେଲେ କୋଳାକୋଳି ବା ଆଲିଙ୍ଗନ କରିବାନି । ବନ୍ଧୁ ବି ଜାଣନ୍ତି ଏହା କରୋନାର କାଳ, ତେଣୁ କେହି କିଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଖରାପ ଭାବିବାର ପ୍ରଶ୍ନ ଉଠୁନି । ଜୀବନରେ ଥିଲେ କେତେ ନୂଆବର୍ଷ ଆସିବ ଆଉ ଯିବ, ତେଣୁ ଏହି ୨୦୨୨ରେ ଅମେ ସତର୍କ ରହିବା ଅନିବାର୍ଯ୍ୟ ।

ଆଜି ସମଗ୍ର ବିଶ୍ୱରେ କରୋନା ଏକ ମାରାତ୍ମକ ବ୍ୟାଧି ରୂପେ ଆତଙ୍କ ସୃଷ୍ଟି କରିଛି । ଏଯାବତ୍ ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଔଷଧ ବାହାରିପାରିନି । କିଏ କହୁଛି ଟୀକାକରଣ ଶତକଡା ସତୁରି ତ କିଏ କହୁଛି ଶତକଡା ଅଶି । ଯେ ପର୍ଯ୍ୟନ୍ତ ଏପରି ଶତକଡା ଭାଗମାପରେ କଥା ରହିଛି ସେ ପର୍ଯ୍ୟନ୍ତ ପକେଟରେ ସାନିଟାଇଜର୍ ଶିଶିଟିଏ ରଖି ମୁହଁରେ ମାସ୍କବାନ୍ଧି ପଦାକୁ ବାହାରିଲେ ଶତକଡା ଶହେରୁ ଶହେ ନିରାପଦ । ଆଜିକାଲି ଏସବୁ ଭୋଜିଭାତର ଦିନ । ପଢାଲିଖା କଲେଜ ପଢୁଆ ପିଲାଗୁଡା ଯଦି କରୋନାକୁ ଭୁଲି ଏମିତି ଖୋଲା ପଡିଆରେ ଶହଶହ ମେଳି ହୋଇ ଦଣ୍ଡନାଚ କରିବେ ତେବେ ସମାଜ ତାଙ୍କଠାରୁ କଣ ଶିଖିବ ! ଏକ ଶିଖିତ ନାଗରିକ ହିସାବରେ ନିଜନିଜର ଦାୟିତ୍ୱ ପାଳନ ନକଲେ ସରକାର କଣ କରିପାରିବ ! ଆଜିଦିନରେ ଗଣମାଧ୍ୟମରେ ପ୍ରତ୍ୟେହ କରୋନାରୋଗର ସଚେତନତା ଉପରେ ଯେତେକଥା କୁହା ଯାଉଛି, ସମସ୍ତେ ଏହା ବିଷୟରେ ପ୍ରାୟ ସବୁକଥା ଜାଣି ସାରିଲେଣି । କିନ୍ତୁ ଏହାକୁ ଯେତିକି ଗୁରୁତ୍ୱ ଦେବାକଥା ସେତିକି ଦେଉନଥିବାରୁ ଅନେକ ଲୋକ ଆଜି ଜୀବନ ହରେଇ ସାରିଲେଣି । ଏବେ ସରକାର ମଧ୍ୟ ପୁଣିଥରେ ତାଲାବନ୍ଦି କଥା ଚିନ୍ତା କଲେଣି । ତାଲାବନ୍ଦି ହେଲେ ନିମ୍ନ ମାଧ୍ୟମିକ ଏବଂ ଦିନ ମଜୁରିଆ ମାନଙ୍କର ଯେପରି ଅସୁବିଧା ହେଉଛି, ସେହି ମାନେ ହିଁ କେବଳ ଜାଣନ୍ତି । ଭୋକଉପାସରେ ପେଟରେ ଓଦାକନା ଦେଇ ଦିନ କାଟିବାକୁ ହେଉଛି, ସାମାନ୍ୟ ଦେହଖରାପ ହେଲେ ବି ପବ୍ଲିକ୍ ଟ୍ରାନ୍ସପୋର୍ଟ ଅଭାବରୁ ଘରେ ରହି ମରିଯାଉଛନ୍ତି ପଛେ ରିଜର୍ଭ ଗାଡିକରି ଡାକ୍ତରଖାନାକୁ ଯାଇ ହେଉନି । ଛାତ୍ରଛାତ୍ରୀଙ୍କ ପଢାକଥା ନକହିଲେ ଭଲ । ଏମିତି ଅନେକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଗଣିତ କଷ୍ଟ କଥା ଆମେ ଅଙ୍ଗେ ନେଭେଇଛେ, ତାର ପୁଣିଥରେ ପୁନରାବୃତ୍ତି ହେବାକୁ ଯାଉଛି । କିନ୍ତୁ ଏହା ଅଳ୍ପବହୁତେ ଆମ ହାତରେ ଅଛି । ସରକାର ହାତରେ ଅଳ୍ପ, ଆମ ହାତରେ ବେଶି ଥିବା ମନେହୁଏ । ତେଣୁ ସମସ୍ତଙ୍କୁ ଅନୁରୋଧ ନୂଆବର୍ଷର ସ୍ୱାଗତ ମହୋତ୍ସବ ଗୁଡିକୁ ଏବର୍ଷ ପାଇଁ ଟିକେ ଏଡାଇ ନିଜମନକୁ ସମ୍ଭାଳିନେଇ ଭୋଜିଭାତରୁ ଦୂରରେ ରହିଲେ ଚଳନ୍ତାନି !

ଇଂ. ବିଦ୍ୟାଧର ପଣ୍ଡା, ପରିବେଶବିତ୍, ଏମ୍. ଟେକ୍. ଏଲ୍. ଏଲ୍. ବି.
ଖ-୧୭/୧୫, ପଂଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର-୧୯
ଜି; ଖୋର୍ଦ୍ଧା, ଓଡ଼ିଶା, ମୋ-୯୪୩୯୧୨୮୦୫୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜ୍ଞାନୀ ଜୈଲ୍ ସିଂହ



ଅକ୍ଷୟ କୁମାର
ରାଉତ

ସମୟର ସ୍ରୋତରେ ପ୍ରକୃତି କୋଳରେ କେତେ ସାଧୁ, ସନ୍ଥ, ପଣ୍ଡିତ, ବିଦ୍ୱାନ, କବି, ଲେଖକ, ନାଟ୍ୟକାର, ଦାର୍ଶନିକ, ବୈଜ୍ଞାନିକ, ଜନସେବକ ଓ ରାଜନେତା ଜନ୍ମ ନିଅନ୍ତି ସେମାନଙ୍କ ମଧ୍ୟରୁ ଜ୍ଞାନୀ ଜୈଲ ସିଂହ ଅନ୍ୟତମ । ୧୯୧୬ ମସିହା ମେ ମାସ ୫ ତାରିଖରେ ଫରିଦକୋର୍ଟ ସହରଠାରୁ ୧୦ କି.ମି. ଦୂରରେ ରେଲଲାଇନ କଡର ଛୋଟିଆ ଗାଁ ସନ୍ଧୱାନରେ ଏକ ଶିଖ୍ ପରିବାରରେ ଭାଇ କିଷାନ ସିଂହ ଓ ବିବିଇନ୍ଦ କାଉରଙ୍କ କୋଳମଣ୍ଡନ କରି ଚତୁର୍ଥ ସନ୍ତାନ ଭାବେ ଜନ୍ମ ନେଲେ ଜୈଲ ସିଂହ । ଅଳ୍ପ ଦିନରେ ମା ଛେଉଣ୍ଡ ହୋଇ ମାଉସୀ ବିବିଦୟା କଉରଙ୍କ ସ୍ନେହ ଶ୍ରଦ୍ଧାରେ ବଢିଲେ । ଜୈଲ ସିଂହ ୧୨ବର୍ଷ ପର୍ଯ୍ୟନ୍ତ ଜାଣି ପାରିନଥିଲେ ତାଙ୍କର ପ୍ରକୃତ ମା କିଏ । ବାପାମାଙ୍କ ଧର୍ମ ପରାୟଣତା ତାଙ୍କ ଉପରେ ପ୍ରଭାବ ପକାଇ ଥିଲା । ଅଭାବରୁ ସେ ବେଶି ପାଠ ପଢି ପାରିନଥିଲେ । ପାଂଚ ବର୍ଷ ବୟସରେ ସେ ଗୁରୁ ଗ୍ରନ୍ଥ ସାହେବ ପଢି ବୁଝି ପାରୁଥିଲେ ଓ ଅନ୍ୟମାନଙ୍କୁ ବୁଝାଉଥିଲେ । ଶିଖ୍ ଧର୍ମ ଉପରେ ଅଗାଧ୍ୟ ପାଣ୍ଡିତ୍ୟଲାଭ କରିଥିବାରୁ ତାଙ୍କୁ ଲୋକେ ଜ୍ଞାନୀ ଡାକିବାରୁ ସେ ଜ୍ଞାନୀ ଜୈଲ ସିଂହ ଭାବରେ ପରିଗଣିତ ହେଲେ । ଜ୍ଞାନୀ ନିଜ ଉଦ୍ୟମରେ ହିନ୍ଦୀ ଓ ଉର୍ଦ୍ଦୁ ଭାଷା ଶିକ୍ଷା କରି ସ୍ମୃତିଶାସ୍ତ୍ର, ଉପନିଷଦ, କୋରାନ୍, ଗୀତା,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଗବତ ଓ ବାଇବେଲ୍ ପଢି ବହୁ ଜ୍ଞାନ ଅର୍ଜନ କଲେ । ସେ ସକାଳ ଓ ସନ୍ଧ୍ୟାରେ କୀର୍ତନ୍ କରନ୍ତି, ଅନ୍ୟ ସମୟରେ ଘରେ ଇତିହାସ ଓ ଅନ୍ୟଗ୍ରନ୍ଥ ଅଧ୍ୟୟନ କରନ୍ତି । ୧୨ବର୍ଷ ବୟସରେ ଜ୍ଞାନୀ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ । ପିତା ଭାଇ କିଷାନ ସିଂହ ଗ୍ରନ୍ଥ ସାହେବରୁ ଗୋଟିଏ ପ୍ରାର୍ଥନା ପଢି ଈଶ୍ୱରଙ୍କ ଶରଣାପନ୍ନ ହେଲେ । ତାପରେ ଜ୍ଞାନୀଙ୍କର ଦେହ ଭଲ ହୋଇଗଲା । ଜ୍ଞାନୀ କିର୍ତନ କରୁ କରୁ ଦେଶ ସେବାରେ ମନ ଦେଲେ । ତାଙ୍କ ଉପରେ ଭଗତ ସିଂ ଓ ସନ୍ଥ ଅମର ସିଂହ ତେଗଙ୍କର ପ୍ରଭାବ ପଡିଥିଲା । ସନ୍ଥ ଅମର ସିଂହ ତେଗ ତାଙ୍କୁ ବନ୍ଧୁକଟିଏ ଦେଇ ଆର୍ଶୀବାଦ କରି ଦେଶପାଇଁ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଲଢିବାକୁ ଶପଥ କରାଇଥିଲେ । ଏହି ସମୟରେ ସେ ବିବି ପ୍ରଧାନ କାଉରଙ୍କୁ ସହଧର୍ମଣୀ ଭାବରେ ଗ୍ରହଣ କଲେ । ଥରେ ଫରିଦ୍ କୋର୍ଟଠାରେ ସବୁ ଧର୍ମ ତରଫରୁ ଗୋଟିଏ ତର୍କ ସଭାର ଆୟୋଜନ କରାଗଲା । ସେଠାରେ ଜ୍ଞାନୀଜୀ ଜଣେ ଶ୍ରୋତା ଭାବରେ ଯାଇଥିଲେ କିନ୍ତୁ ବକ୍ତା ଭାବରେ ଶିଖ୍ ଧର୍ମର ମୌଳିକ ତତ୍ୱ ଓ ସାରମର୍ମ କହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲେ ।

ସେତେବେଳେ ସାରା ଭାରତରେ ସ୍ୱାଧୀନତା ପାଇଁ ଆନ୍ଦୋଳନ ଆରମ୍ଭ ହୋଇ ଯାଇଥାଏ । ଜ୍ଞାନୀଜୀ ଫରିଦ୍ କୋର୍ଟରେ ଭାରତୀୟ ଜାତୀୟ କଂଗ୍ରେସର ଏକ ଶାଖାଟିଏ ଖୋଲି ବିଭିନ୍ନ ସ୍ଥାନରେ ସଭାସମିତି କରି ଇଂରେଜ ସରକାର ଓ ରାଜାଙ୍କ ବିରୁଦ୍ଧରେ ଭାଷଣ ଦେବାରୁ ଗିରଫ ହେଲେ । ତାଙ୍କ ସହିତ ସର୍ଦ୍ଦାର ଜଙ୍ଗ ସିଂହ, ମଣି ସିଂହାଲା ଗିରଫ ହୋଇ ଫରିଦ୍‌କୋର୍ଟ କେନ୍ଦ୍ରୀୟ ଜେଲରେ ପାଂଚ ବର୍ଷ ଜେଲଦଣ୍ଡ ସହିତ ୨୫୦ ଟ. ଜୋରିମାନା ଭୋଗିଥିଲେ । ଜେଲରେ ଥାଇ ଜ୍ଞାନୀଜୀ ବିଭିନ୍ନ ଗ୍ରନ୍ଥ ଅଧ୍ୟୟନ ସହିତ ଜଣେ ସହକାରୀ ଜେଲ ଅଧିକାରୀଙ୍କଠାରୁ ଇଂଗ୍ରାଜୀ ଶିକ୍ଷା କଲେ । ଜେଲରେ ସେ ମାଆଙ୍କ ପାଖକୁ ଖଣ୍ଡେ ଚିଠି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲେଖି ଧରାପଡି ଦଣ୍ଡପାଇଲେ । ମା ପୁଅକୁ ଦେଖା କରିବାକୁ ଯାଇ ଟିକେ ସ୍ନେହରେ କୋଳାଇ ପାରିନଥିଲେ, ଲୁହା ବାଡର ପ୍ରତିବନ୍ଧକ ଯୋଗୁ । ଜେଲରେ ଥିବା ସମୟରେ ସେ ପାଳିତ ମା'ଙ୍କୁ ହରାଇଲେ । ଜେଲରୁ ମୁକୁଳାପରେ ଗାଁରେ ରହି ପାରିନଥିଲେ ଗୁଇନ୍ଦା ବିଭାଗର କଡା ନଜରରୁ, ଭାଇବନ୍ଧୁଙ୍କୁ ଛାଡି ଲାହୋର ସହରକୁ ଚାଲିଗଲେ । ଅକାଳୀ ଦଳର ମୁଖିଆ ତାରା ସିଂକୁ ଦେଖାକରି ଶିଖ୍ ମିଶିନାରୀ କଲେଜରେ ଯୋଗଦେଇ ମାସିକ ୧୬ ଟଙ୍କା ଭତ୍ତାରେ ରହିଲେ । କିଛିଦିନ ପରେ ସେ ମାସିକ ୮୧ ଟଙ୍କା ବିନିମୟରେ ଜ୍ଞାନୀଜି ହୋସିଆରପୁର ଶିଖ୍ ସଂଘ ସେବାରେ କାର୍ଯ୍ୟ କଲେ । ଏହି ସମୟରେ ପଞ୍ଜାବ ପ୍ରଦେଶରେ ପ୍ରଜାମଣ୍ଡଳ ତରଫରୁ ଲେକପ୍ରିୟ ସରକାର ଗଠନ ପାଇଁ ଆନ୍ଦୋଳନ ଚାଲୁଥାଏ । ଜ୍ଞାନୀଜୀ ସେଠାରେ ପହଂଚି ଆନ୍ଦୋଳନ ଚାଲୁ ରଖିଲେ ଓ ପଣ୍ଡିତ ନେହେରୁଙ୍କ ସହିତ ଘନିଷ୍ଠ ସମ୍ପର୍କ ରକ୍ଷା କଲେ ।

ଭାରତ ସ୍ୱାଧୀନ ହେଲା ନେହେରୁ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଗୃହ ମନ୍ତ୍ରୀ । ସର୍ଦ୍ଦାର ପଟେଲ ଜ୍ଞାନୀଜୀଙ୍କୁ ଦିଲ୍ଲୀ ଡକାଇଲେ । ଜ୍ଞାନୀଜୀଙ୍କ ପାଖରେ ପଇସା ନାହିଁ । ତେଣୁ ସେ ବନ୍ଧୁ ରାମନାଥଙ୍କ ସହିତ ଦୁଇ ମାଇଲର ବାଟ ଚାଲିଚାଲି ପାତିଆଲା ଷ୍ଟେସନରୁ ଶହେ ଟଙ୍କା ଧାର କରି ଦିଲ୍ଲୀ ଗଲେ । ସେଠାରେ ୧୦ ମିନିଟ୍ ବିଳମ୍ବ ଯୋଗୁ ଦେଖା କରି ନପାରିବାରୁ ଭୋକ ଉପାସରେ ଅପେକ୍ଷା କଲେ । ପଟେଲଙ୍କ ନିର୍ଦ୍ଦେଶରେ ମନ୍ତ୍ରୀମଣ୍ଡଳ ଗଠନ ହେଲା । ମୁଖ୍ୟମନ୍ତ୍ରୀ ଜ୍ଞାନୀ ସିଂହ ରାରେୱାଲଙ୍କ ମନ୍ତ୍ରୀମଣ୍ଡଳରେ ରାଜସ୍ୱମନ୍ତ୍ରୀ ଭାବେ ଜ୍ଞାନୀଜୀ ଦାୟିତ୍ୱ ଗ୍ରହଣ କଲେ । ପରେ ପରେ ଦୁଇ ବର୍ଷପାଇଁ ପେପସୁ ପ୍ରଦେଶର କଂଗ୍ରେସ କମିଟିର ସଭାପତି ଭାବରେ ଜ୍ଞାନୀଜୀ ନିର୍ବାଚିତ ହେଲେ । ୬ ବର୍ଷ ପାଇଁ ସେ ରାଜ୍ୟସଭାର ସଦସ୍ୟ ଭାବରେ ନିର୍ବାଚିତ ହେଲେ । ରାଜ୍ୟସଭାର ସଦସ୍ୟଭାବରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାର୍ଯ୍ୟକାଳ ପୂରଣ କରି ସେ ପଞ୍ଜାବ ବିଧାନସଭାରୁ ନିର୍ବାଚିତ ହେଲେ । ୧୯୭୧ ମସିହା ଜୁନ୍ ୯ ତାରିଖରେ ପଞ୍ଜାବରେ ରାଷ୍ଟ୍ରପତି ଶାସନ ଜାରି ହେଲା । ଏହି ସମୟରେ ଭାରତ ପାକିସ୍ତାନ ଯୁଦ୍ଧ ଆରମ୍ଭ ହୋଇଗଲା । ଯୁଦ୍ଧ ପରେ ପଞ୍ଜାବ ବିଧାନସଭାର ନିର୍ବାଚନ ହେଲା । ଜ୍ଞାନୀଜୀଙ୍କ ନେତୃତ୍ୱରେ କଂଗ୍ରେସଦଳ ମନ୍ତ୍ରୀମଣ୍ଡଳ ଗଠନ କଲେ । ସେ ହେଲେ ମୁଖ୍ୟମନ୍ତ୍ରୀ । ତାଙ୍କର ଶାସନକାଳକୁ ଲୋକମାନେ ମହାରାଜା ରଣଜିତ୍ ସିଂହଙ୍କ କାର୍ଯ୍ୟ ସହିତ ତୁଳନା କଲେ ।

ସପ୍ତମ ଲୋକସଭା ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ ଜ୍ଞାନୀଜୀ ଘରୋଇ ବିଭାଗର ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କଲେ । ସେ ତାଙ୍କ ରାଜନୈତିକ ଜୀବନ ଆରମ୍ଭରୁ ଏକ 'ଖାଲସ ସେବକ' ନାମରେ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ତାହା ଦୈନିକ ସମ୍ବାଦପତ୍ର ଭାବରେ ଆତ୍ମ ପ୍ରକାଶକଲା । ସେ ଗୃହମନ୍ତ୍ରୀ ହିସାବରେ ସମ୍ପାଦକମାନଙ୍କର ଏକ ସମ୍ମିଳନୀ କରାଇ ସାମ୍ବାଦିକମାନଙ୍କର ସୁରକ୍ଷା ଓ ସ୍ୱାଧୀନତା ସରକାର ବହନ କରିବା ପାଇଁ ଆହ୍ୱାନ ଦେଇଥିଲେ । ୧୯୮୨ମସିହା ଜୁଲାଇ ମାସ ୨୪ ତାରିଖରେ ଜ୍ଞାନୀଜୀ ଭାରତର ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିଲେ । ତାଙ୍କ ନିର୍ଦ୍ଦେଶରେ 'ବ୍ଲୁ ଷ୍ଟାର ଅପରେସନ' କରାଗଲା । ସ୍ୱର୍ଣ୍ଣ ମନ୍ଦିରରେ ସୈନ୍ୟ ବାହିନୀ ପଶି ସନ୍ତ୍ରାସବାଦୀ ମାନଙ୍କୁ ଧରିଲେ ଓ ଦେଶଟା ବଡ ବିପଦରୁ ରକ୍ଷା ପାଇଗଲା ।

୧୯୯୪ ମସିହା ନଭେମ୍ବର ମାସ ୨୯ ତରିଖରେ ଜ୍ଞାନୀଜୀ ଏକ କାରରେ ଆନନ୍ଦପୁର ସାହିବରୁ ଚଣ୍ଡୀଗଡକୁ ଫେରୁଥିଲେ । ହଠାତ୍ ରୋପଡ୍ ଜିଲ୍ଲାର ବୁଙ୍ଗା ସାହିବ ନିକଟରେ ଗୋଟିଏ ଟ୍ରକ ସହିତ କାରଟି ଧକ୍କା ଲାଗିଲା, ସେ ଗୁରୁତର ଆହତ ହେଲେ । ଦୀର୍ଘ ୨୭ ଦିନ ଧରି ମୃତ୍ୟୁ ସହିତ ସଂଗ୍ରାମ କରି ୧୯୯୪ ମସିହା ଡିସେମ୍ବର ମାସ ୨୫ ତାରିଖ ସକାଳ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାତଟା ଚାଳିଶ ମିନିଟରେ ୭୮ ବୟସରେ ଶେଷ ନିଶ୍ୱାସ ତ୍ୟାଗକଲେ ।

ଜଣେ ଦେଶ ସେବକ ରାଜନେତା, କବି, ଲେଖକ ଓ ପୂର୍ବତନ ରାଷ୍ଟ୍ରପତିଙ୍କ ମୃତ୍ୟୁରେ ଦେଶରେ ଶୋକର ଛାୟା ଖେଳିଗଲା । କେନ୍ଦ୍ର ସରକାର ୭ ଦିନ ପାଇଁ ଜାତୀୟ ଶୋକ ପାଳିବାକୁ ଘୋଷଣା କଲେ । ଜାତୀୟ ପତକା ଅର୍ଦ୍ଧ ନିମିତ କରାଗଲା । ଦିଲ୍ଲୀର ବିଜୟଘାଟ ନିକଟରେ ଥିବା ଏକତା ସ୍ଥଳରେ ରାଷ୍ଟ୍ରୀୟ ସମ୍ମାନର ସହିତ ଦାହ କରାଗଲା । ଦେଶର ଚାରିଆଡେ "ଜୈଲ ସିଂହ ଅମର ରହେ" ମୁଖରିତ ହେଲା ।

ପାରାଦ୍ୱୀପଗଡ, କୁଜଙ୍ଗ

ଜଗତ୍ସିଂହପୁର

ମୋ-୯୯୩୭୬୯୧୪୭୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆଉ ଏକ ପୃଥିବୀରେ



ଅଭିମନ୍ୟୁ ବେହେରା

ପୃଥିବୀ ପରିକ୍ରମାରେ ସେ ଦିନ ବିଘ୍ନ ବିନାଶକ ଗଜାନନ ଅଗ୍ର ପୂଜ୍ୟ ଶ୍ରୀଗଣେଶ ଅତି ଚତୁରତାର ସହିତ ପିତା ଦେବ ଦେବ ମହାଦେବ ଆଉ ମାତା ପାର୍ବତୀଙ୍କ ଚତୁଃପାଶ୍ୱର୍ରେ ଅତି ସହଜରେ ଅକ୍ଲେଶରେ ନିଜ ପିତା ମାତାଙ୍କୁ ପରିକ୍ରମା କରି ପୃଥିବୀ ପରିକ୍ରମାର ପ୍ରତିଯୋଗିତାରେ ନିଜ ଭ୍ରାତା ଚିର କୁମାର କାର୍ତ୍ତିକେୟଙ୍କୁ ଜିତି ଯାଇଥିଲେ । ଏଥିରେ ସର୍ବ ଦେବଗଣଙ୍କ ସହମତି ଥିଲା । ହୁଏତ ପିତାମାତାଙ୍କୁ ନିଜର ପୃଥିବୀ ମନେ କରୁଥିବା ଗଣେଶ ନିଜ ପିତୃ ମାତୃ ଭକ୍ତିର ଓ ଭଲ ପାଇବାର ମହାନ ଉଦାହରଣ ସୃଷ୍ଟି କରିଛନ୍ତି । ମାତ୍ର ଆଜିର ଦୁନିଆରେ ପୁଅଝିଅମାନଙ୍କୁ ପୃଥିବୀ ପରିକ୍ରମା କରି ଜିତିବାକୁ ହେଲେ କୁମାର କାର୍ତ୍ତିକେୟଙ୍କ ନୀତିକୁ ଅବଲମ୍ବନ କରିବାକୁ ପଡିବ । ବରଂ ଏହା ବ୍ୟୟବହୁଳ ସମୟ ବହୁଳ ହୋଇପାରେ ତଥାପି ଏ ସବୁ କରିବାକୁ ପଡିବ । ମା ପୃଥିବୀଠାରୁ ଭାରି ଆଉ ବାପା ଆକାଶ ଠାରୁ ଉଚ୍ଚ ହୋଇପାରନ୍ତି ସତ ମାତ୍ର ସନ୍ତାନ ସନ୍ତତି ବଡ ହେବାପରେ ପରିଣତ ବୟସରେ ପାଦ ଦେଲାପରେ ନିଜର ଭବିଷ୍ୟତ ଗଢିବାର ଉଦ୍ଦେଶ୍ୟକୁ ସଫଳ କରିବାକୁ ହେଲେ ମାର ସ୍ନେହବୋଳା ପଣତକାନି ଠାରୁ ନିଜକୁ ଦୂରେଇବାକୁ ପଡିବ ଆଉ ବାପାଙ୍କ ସ୍ନେହବୋଳା ହାତର ସ୍ପର୍ଶ ଠାରୁ ମଧ୍ୟ । ତେବେ ଯାଇ ସେମାନେ ନିଜର ସ୍ୱପ୍ନକୁ ସାକାର କରିବାକୁ ସକ୍ଷମ ହୋଇପାରିବେ । ପିତାମାତାଙ୍କ ସହିତ ଜଡିତ ପୃଥିବୀକୁ ଛାଡି ଆଉ ଏକ ପୃଥିବୀରେ ପାଦ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖିବାକୁ ପଡିବ । ଆଜିର ପ୍ରତିଯୋଗିତା ବହୁଳ ପୃଥିବୀରେ ନିଜକୁ ଜିତିବାକୁ ହେଲେ ନିଜକୁ ପ୍ରତିଷ୍ଠିତ କରିବାକୁ ହେଲେ ପୁଅ ଝିଅମାନେ ନିଜ ବାପାମାଙ୍କ ପୃଥିବୀରେ ସିମୀତ ହୋଇ ରହିଲେ ଚଳିବନି । ବାହର ଦୁନିଆକୁ ପରଖିବାକୁ ପଡିବ ଭଲଭାବେ ଜଣିବାକୁ ପଡିବ । ସେଇ ଦୁନିଆ ବାହାର ଦୁନିଆ ଯେଉଁଠି ବାପା ମାଆଙ୍କର ଆକଟ ନଥିବ ଭଲରେ ମନ୍ଦରେ ଉପଦେଶ ଦେବା ପାଇଁ ସେମାନେ ପାଖରେ ନଥିବେ । ଥିବ କେବଳ ସେମାନେ ଶିକ୍ଷା ଦେଇଥିବା ଶିକ୍ଷା, ସଂସ୍କାର ଓ ସଂସ୍କୃତି । ଯାହାକୁ ପାଥେୟ କରି ନିଜକୁ ଆଗେଇ ନେବାକୁ ପଡିବ ନିଜର ଲକ୍ଷ୍ୟ ସ୍ଥଳକୁ ଦୃଢ କରିବାକୁ ପଡିବ । ସବୁ ବାଧା ବିଘ୍ନକୁ ଏଡାଇ ବାଟ ଚାଲିବାକୁ ପଡିବ । ଅନେକ କଷ୍ଟ ସ୍ୱୀକାର କରି ବହୁ ପରିଶ୍ରମ ଫଳରେ ନିଜ ପୃଥିବୀରେ ନାଁ କମେଇବା ସହିତ ବାପାମାଙ୍କ ନାଁ ରଖିବାକୁ ଚେଷ୍ଟା କରିବ ।

ପ୍ରଥମ କରି ନିଜ ଘର ଛାଡି ପୁଅ ହେଉ କି ଝିଅ ହେଉ ଯେତେବେଳେ ସେମାନେ ଆଉ ଏକ ଦୁନିଆରେ ପାଦ ଦେବାକୁ ଯାଉଛନ୍ତି ବାପାମାଆ ବୁଝାଉଛନ୍ତି – ବାବୁରେ ଧନରେ ବାପରେ ଝିଅରେ ମାଆରେ ବାହାର ଜାଗା ଜଗିରଖି ଚଳିବୁ ସମସ୍ତଙ୍କୁ ନିଜର କରି ରଖିବୁ ସମସ୍ତଙ୍କ ସହିତ ଭଲ ସମ୍ପର୍କ ରଖିବୁ । ଭଲ କାମ କରିବୁ ନିଜର ସୁନେଲି ଭବିଷ୍ୟତ ଗଢିବୁ ନିଜ ଖାଇବା ପିଇବା ଓ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବୁ । ପଢାପଢିରେ ମନ ଦେବୁ କୁସଙ୍ଗ କରିବୁନି, ନିଶା, ନାରୀ ଓ ଚୋରିଠାରୁ ସବୁବେଳେ ନିଜକୁ ଦୂରେଇ ରଖିବୁ । ତେବେ ଯାଇ ଭଲ ମଣିଷଟିଏ ହୋଇପାରିବୁ ଇତ୍ୟାଦି କେତେ କଥା ବାପାମାଆଙ୍କର । ପାଖରେ ଥିଲେ ବି ଯେମିତି ଶ୍ରବଣକୁମାର ପରି ଥିଲୁ ଦୂରରେ ଥିଲେ ବି ରାମ ପରି ଥିବୁ, ଗଣେଶ ପରି ପିତାମାତାଙ୍କୁ ପୃଥିବୀ ପରି ଭାବୁଥିଲେବି କାର୍ତ୍ତିକେୟଙ୍କ ପରି ପୃଥିବୀ ପରିକ୍ରମା କରି ପିତାମାତାଙ୍କ କୋଳକୁ ପୁଣି ଫେରି ଆସିବୁ ।

ଅଧ୍ୟକ୍ଷ - ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ
ସ୍ୱାମପାଟଣା, କେନ୍ଦୁଝର, ମୋ - ୯୯୩୮୧୭୦୬୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେଟ୍



ସୁନିଲ୍ କୁମାର
ଅଗସ୍ତି

ପିଲାବେଳେ 'ଗଣିତ'କୁ ଖୁବ ଭୟ ଲାଗୁଥିଲା । ବିଦ୍ୟାଳୟରେ ଗଣିତ ପିରିୟଡ଼ ଆସିଲେ ଓଃ, କୁଆଡେ ପଳେଇ ଯାଆନ୍ତି କି' ଏପରି ଲାଗୁଥାଏ । ହେଲେ ପଳେଇ ପାରିବେ କାହିଁ, ଶିକ୍ଷକମାନଙ୍କ ନିତି ନିଷ୍ଠା ଆଗରେ ଆମର ହଲିବାର ଜୁ' ନଥିଲା । ତାଙ୍କର ଶୃଙ୍ଖଳା ଓ ସଂସ୍କାରକୁ ଏବେ ମନେ ପକେଇଲେ ନିଜକୁ ନିଜେ ଚକିତ ହେବାକୁ ପଡେ । ହଁ' ଆମ ସମୟରେ ଏବର ଭଳିଆ 'ଗେଲକରା' ପାଠପଢ଼ା ନ' ଥିଲା । ଶିକ୍ଷକ ମାନଙ୍କୁ ଭୟ ଓ ଭକ୍ତି ସଙ୍ଗେ ଆମମାନଙ୍କ ପ୍ରତି ଶିକ୍ଷକମାନଙ୍କ ଅନାବିଳ ସ୍ନେହ ସହିତ ଆମେ ପାଠ ପଢୁଥିଲୁ । ସୀମାରେ ଆବଦ୍ଧ ଦଣ୍ଡଯୁକ୍ତ ପରିସରରୁ ଆମେ କ'ଣ ପାଇଥିଲୁ ଏବଂ ବର୍ତମାନର ସୀମାହୀନ ଦଣ୍ଡମୁକ୍ତ ପରିସରରୁ ଆମେ କ'ଣ ସବୁ ପାଇ ଚାଲିଛୁ ଏ ବିଷୟରେ ତର୍ଜମା କରିବା ବୋଧହୁଏ ବର୍ତ୍ତମାନ ଗୁଣୀ ଜ୍ଞାନୀମାନଙ୍କ ପାଇଁ ପ୍ରକୃଷ୍ଟ ସମୟ ।

ଅଷ୍ଟମ ଶ୍ରେଣୀ ପଢିଲା ବେଳକୁ ଗଣିତରେ 'ସେଟ୍' ବୋଲି ଗୋଟିଏ ପାଠ ଥିଲା, ଏବେ ମଧ୍ୟ ଅଛି । ଗଣିତ ସାର୍ ଯେତେ ବୁଝେଇଲେ ମଧ୍ୟ ସେଟ୍ କଣ ? ମୋ ମୁଣ୍ଡରେ ପଶୁ ନ'ଥାଏ । ଆରେ ଏ 'ଅଗସ୍ତି' ସେଟ୍ ବୁଝିଲୁ ତ ? ହଁ ସାର୍ ବୁଝିଲି । ତେବେ କହିଲୁ ଦେଖି ସେଟ୍ କ'ଣ ? ସେଟ୍ ଆଉ କ'ଣ ? ସେଟ୍ ତ'ସେଇ ସେଟ୍ । ମୋ ପିଠିରେ ପଡିଲା ଦୁଇ ତିନି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାଟ । ବର୍ତ୍ତମାନ ମୁଁ ଗଣିତ ଶିକ୍ଷକ, ମୋ ଗୁରୁଙ୍କୁ ନେଇ ମୁଁ ଖୁବ ଗର୍ବିତ ।

ମନୁଷ୍ୟ ଜୀବନରେ 'ସେଟ୍'ର ଜବରଦଖଲ ନାହିଁ ନ' ଥିବା ଅଛି । ସେଟ୍ କିପରି ମନୁଷ୍ୟ ଜୀବନକୁ ଦଖଲ କଲା ? ଆମ ଅଜାଣତରେ ସେଟ୍ ଆମ ସହିତ ଯୋଡି ହୋଇ ରହିଛି । ସମାନ ବିଚାରଧାରା, ସମଧର୍ମ, ସମ ଜାତି, ସମ ଭାବ, ଏକା ପ୍ରକାର କଥା କହିବାର ଲୋକ, ଏକା ରୁଚି, ସମ ବୃତ୍ତି ଏପରି ଅନେକେ ତାଙ୍କ ତାଙ୍କ ମଧ୍ୟରେ ଗୋଟିଏ ଗୋଟିଏ 'ସେଟ୍' ଆପେ ଆପେ ତିଆରି ହୋଇଯାଏ । ଗୋଟିଏ ସେଟ୍ ର ଲୋକ ଅବା ସଦସ୍ୟ କୁହନ୍ତୁ ଅନ୍ୟ ଏକ ସେଟ୍ ର ସଦସ୍ୟଙ୍କ ସହିତ 'ଖାପ' ଖାଇ ପାରନ୍ତି ନାହିଁ । ଯେ କୌଣସି ଅନୁଷ୍ଠାନର ସମସ୍ତ ସଦସ୍ୟ 'ସମଭାବାପନ୍ନ' ହେବା ନିହାତି ଆବଶ୍ୟକ, ତା'ପରେ ସେହି ଅନୁଷ୍ଠାନକୁ 'ସମଭାବାପନ୍ନ ସଜ୍ଜନଙ୍କ ମିଳନ ମନ୍ଦିର' କୁହାଯିବ, ଅନ୍ୟଥା ସେହି ଅନୁଷ୍ଠାନର ପତନ ଅବଶ୍ୟମ୍ଭାବି ।

ଯେ କୌଣସି ମଞ୍ଚ ଅବା ଅନୁଷ୍ଠାନ ଗୋଟିଏ ଗୋଟିଏ ଉଚ୍ଚ ମର୍ଯ୍ୟାଦା ବହନ କରୁଥିବା 'ସେଟ୍' । କାରଣ ଏଠାରେ ବିଭିନ୍ନ ଧର୍ମ, ଜାତି ଓ ଭାଷାଭାସୀର ସଦସ୍ୟ ଥାଆନ୍ତି, ପୁଣି ସମସ୍ତଙ୍କ ଜୀତୀୟ ଭାବନା ଏକ । ତଥାପି ଅଧୁନା ଦେଖାଯାଉଛି ଗୋଟିଏ ସେଟ୍ ଅନ୍ୟ ଏକ ସେଟ୍ ସହିତ ଖାପ ଖାଇପାରୁନି । ଯଦି ଖାପ ଖାଇପାରନ୍ତେ ଆମ ଜାତୀୟ ଜୀବନ ଓ ଜାତୀୟ ଭାବଧାରା ଆହୁରି ସୁନ୍ଦର ଓ ବଳିଷ୍ଠ ହୋଇ ପାରନ୍ତା । ପୁଣି ବର୍ତ୍ତମାନ ସଂକୀର୍ଣ୍ଣ ମନୋଭାବ ଯୋଗୁଁ ହେଉ କିମ୍ବା ରୋଗଗ୍ରସ୍ତ ମାନସିକତା ଯୋଗୁଁ ହେଉ ସେଟ୍ ଗୁଡିକ ଖାପ ଧରୁନି ବୋଲି ଯେଉଁ ପଟେ ଦେଖନ୍ତୁ କେବଳ ମଞ୍ଚ ବଦଳି ଯାଏ, ହେଲେ ଆଶ୍ଚର୍ଯ୍ୟ 'ସେଟ୍'ର ସଂଜ୍ଞା ପୂର୍ବବତ୍ ସେହି ମଞ୍ଚରେ ହିଁ ରହିଯାଏ । ଏ ପରିପ୍ରେକ୍ଷୀରେ ସମାଜର କଲ୍ୟାଣ ଆଗକୁ ଦୌଡ଼ିବା କଷ୍ଟକର ହୋଇପଡ଼େ । ଇତିହାସର ପୃଷ୍ଠା ଲେଉଟାଇଲେ ଜଣାପଡେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନୁଷ୍ୟକୃତ ଦୁର୍ବଳ 'ସେଟ୍' ପରମ୍ପରା ଯୋଗୁଁ ବହୁ ଦେଶ ରାଜ୍ୟ ନିଜର ସତ୍ତା ହରାଇ ବସିଛନ୍ତି । ନାହିଁ ନଥିବା ରକ୍ତପାତ ହୋଇଛି, ଧର୍ମ ନାମରେ ମଣିଷ ସମାଜ କଳହପ୍ରିୟ ହୋଇଯାଇଛି, ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଯାଇଛି । ପୁଣି ଅନ୍ୟ ପଟରେ ସେହି ଇତିହାସ ହିଁ ଉଚ୍ଚମାନର 'ସେଟ୍' ଯୋଗୁଁ ନିଜର କଡ ଲେଉଟାଇ ଦେଇଛି ।

ପୁରାତନ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ଯୁଗ ଆସିଛି, ଯୁଗ ଗୁଡ଼ିକର ନାମ ଲେଖିବା ଅନାବଶ୍ୟକ । ବର୍ତ୍ତମାନର ସାହିତ୍ୟ 'ଯୁଗ'କୁ "ମାଗଣା ମାନପତ୍ର ବଣ୍ଟନ ସାହିତ୍ୟ ଯୁଗ" କହିଲେ ଭୁଲ ହେବ ନାହିଁ । କାରଣ ଏ ମାନପତ୍ର ଗୁଡିକ କେତେ ମର୍ଯ୍ୟାଦାବହନ କରେ ଅବା କରୁଛି ତାହା କେଉଁ ପ୍ରକାର 'ସେଟ୍' ର କି' ଅବଦାନ କିଛି ବୁଝା ପଡି ନ' ଥାଏ । ବର୍ତ୍ତମାନର 'କରୋନା' କାଳୀନ ବିନା ପରୀକ୍ଷାରେ ଛାତ୍ରଛାତ୍ରୀ ମାନେ ନାହିଁ ନ' ଥିବା ଶତକଡା ପାଇଛନ୍ତି, କ୍ଷଣିକ ଭରା ପୁଲକରେ ମଜ୍ଜି ଯାଇଛନ୍ତି । ଏପଟେ ପିତାମାତା ଚାପ ମୁକ୍ତ । କିନ୍ତୁ ଲୁଚି ରହିଥିବା ଦୁର୍ବଳ 'ସେଟ୍' ର ଚରମ ପଦକ୍ଷେପର କୁପରିଣାମ ଆମେ ହିଁ ଭୋଗିବା । ଏଥିରେ କାହାକୁ ଦୋଷ ଦେଇ ହେବ ନାହିଁ, କାରଣ ଗୋଡ ବି' ଆମର କୁରାଢି ବି' ଆମର । ପୁଣି ଆମ ଦେଶର ଦୁର୍ବଳ 'ସେଟ୍' ର ଆଡରେ ବିଦେଶୀମାନେ ଆମକୁ ବହୁ ବର୍ଷ ଶାସନ କଲେ । 'ସିପାହୀ ବିଦ୍ରୋହ' ସମୟର ସେଟ୍ ଗୁଡିକ ଯଦି ଦମଦାର୍ ଥାଆନ୍ତା ବୋଧହୁଏ 'ଗୋରା' ମାନେ ସେହି ସମୟରୁ ଘର ବାହୁଡା ହୋଇଥାଆନ୍ତେ । କିନ୍ତୁ ପରିସ୍ଥିତି ଅଲଗା ହେଲା ।

ଯୁଗେ ଯୁଗେ ଯେବେ ଯେବେ ଗଣିତ ଓ ସାହିତ୍ୟର ଅପୂର୍ବ ମହାମିଳନ ସଙ୍ଗଠିତ ହୋଇଛି ତେବେ ତେବେ ସେହି ସମୟରେ ଦେଶ, ରାଜ୍ୟ, ଜାତି ଓ ଧର୍ମର ଉନ୍ନତି ସାଧିତ ହୋଇଛି । 'ଶୁନ୍' ଯେପରି ଏକ ଗଣନ ସଂଖ୍ୟା ନୁହେଁ ଏକ ସ୍ୱତନ୍ତ୍ର ସଂଖ୍ୟା, ଠିକ୍ ସେହିପରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଣିଷ ମଧ୍ୟ ଏକ ସ୍ୱତନ୍ତ୍ର ପ୍ରାଣୀ । ତା' ଜୀବନରେ ହିସାବକିତାବ, ଭଲମନ୍ଦ, ଆଗପଛ ତଳ ଉପର ଦୂରଦୃଷ୍ଟିର ଚେତନା ଅଛି । ଏହାର ମାନେ ନୁହେଁ ଯେ ଧରାପୃଷ୍ଠର ଅନ୍ୟ ପ୍ରାଣୀ ମାନେ ଚେତନାବିହୀନ । ସେମାନେ ଅଦୃଶ୍ୟ ଶକ୍ତି ପ୍ରଦତ୍ତ ଚେତନା ସହ ଏତେ ପ୍ରବଳ ଲୀନ ହୋଇ ଯାଇଛନ୍ତି ଯେ ଅଧୁନା ପୃଥିବୀ ପୃଷ୍ଠରୁ ଅଦୃଶ୍ୟ ହେବାରେ ଲାଗିଛନ୍ତ । ଗୋଟିଏ ମାତ୍ର ପ୍ରାଣୀ 'ମଣିଷ'କୁ ଛାଡି ବୋଧହୁଏ ସଂସାରର ଅନ୍ୟ ସମସ୍ତ ଜୀବ 'ବ୍ରହ୍ମ'କୁ ଜିଣି ଯାଇଛନ୍ତି । ମଣିଷ ମନରେ ଗୋଟିଏ ଭାବନା ଅଛି ଏ ଧରାପୃଷ୍ଠରେ ସେ ଏକାକି ରହିବ, ଏଠାରେ ଅନ୍ୟ କୌଣସି ପ୍ରାଣୀର ସ୍ଥାନ ନାହିଁ, ଏପରିକି ଗଛଲତାର ମଧ୍ୟ । ମନୁଷ୍ୟର ଏ ଉଦ୍ଭଟ ମନୋଭାବର ପରିଣାମ ଆମେ ଭୋଗିବା ଆରମ୍ଭ କରି ଦେଲେଣି ।

ଭାବ ଓ ଭାଷା, 'ସାହିତ୍ୟ'କୁ କାନ୍ଧରେ ବସାଇ ଆଗକୁ ଦୌଡ଼ନ୍ତି । ଠିକ୍ ସେହିପରି 'ଗଣିତ' ମନୁଷ୍ୟକୁ ତା ଜୀବନର ଲକ୍ଷ୍ୟ ପଥରେ ଆଗେଇ ନେଇଥାଏ । ଅଧୁନା ଉଚ୍ଚ ମାନର 'ଗଣିତଜ୍ଞ'ଙ୍କ ଅଭାବ ନାହିଁ, ତଥାପି ମନୁଷ୍ୟକୃତ ଦେଶ, ରାଜ୍ୟ, ଜାତି, ଧର୍ମ, ଶାସକ ଦଳ, ଶାସନ ପଦ୍ଧତି ଇତ୍ୟାଦିର 'ସେଟ୍' ଲକ୍ଷ୍ୟ ଭ୍ରଷ୍ଟ, ଯାହାର ପରିଣାମ ବର୍ତ୍ତମାନ 'ଚିନ୍ତାଶୀଳ' ବ୍ୟକ୍ତିଙ୍କର ଘୋର ଅଭାବ ଦେଖା ଦେଲାଣି । ଦେଶ ଅବା ରାଜ୍ୟର କେଉଁ 'ସେଟ୍' ର ଚାପରେ ଜ୍ୱଳନ୍ତ ବିଷୟ ଗୁଡିକ ଉପରେ ମୌଳିକ ବିଚାରଧାରା ଅବା ଦୃଷ୍ଟିଭଙ୍ଗୀକୁ ଅଣଦେଖା କରାଯାଉଛି କିଛି ବୁଝି ହେଉନି । ବେଳ ଥାଉ ଥାଉ ବନ୍ଧ ବାନ୍ଧିବା, ଗୁଣୀ ଜ୍ଞାନୀଙ୍କ ଚିନ୍ତା ପ୍ରକଟ କରିବା ଆଜିହିଁ ପ୍ରକୃଷ୍ଟ ସମୟ ।

ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆ ବର୍ଷ



ରୋହିତ ପଟ୍ଟନାୟକ

ମୁଁ ତୋର ବନ୍ଧୁ । ବହୁତ୍ ଦୁଃଖର ସହିତ ଆଖି ଦୁଇଟିରେ ବାହାରି ଥିବା ଅଶ୍ରୁର ସ୍ୟାହିରେ ମୋ ମନ ଭିତର କଲମ ସହାୟତାରେ ଲେଖାଟି ଲେଖୁଛି । ବନ୍ଧୁ ତୋର ଖୁସିରେ ମୁଁ ମସଗୁଲ । ମନେ ପଡ଼େ ତୋ ସେହି ବର୍ଷ, ତୁ କେତେ ଆନନ୍ଦରେ ମୋ ମନରେ ବାରିଦ ଭିତରେ ତୋର ଖୁସି ରୂପକ ବୃଷ୍ଟି । ବିନା ବଜ୍ରର ଶବଦ ଘଡ ଘଡ ମନର ଅବୁଝା ଅଶ୍ରୁର ଛିପି ଛିପି ବୃଷ୍ଟି । ମନେ ଅଛି ତୋର ସେହି ନୂଆବର୍ଷ ପାଳନର ଗଦଗଦ ଖୁସିର ଲହରି । ହେ ମୋର ପ୍ରିୟ ନୂଆବର୍ଷ ମତେ ତୁ ମନରେ ଆଘାତ ଆଉ ଦେ ନା । ସେହି ମିଛ ରୂପକ ପ୍ରତିଶୃତିର ବଂଶୀନାଦ ଆଉ ଶୁଣିବା ପାଇଁ ମୋ ପକ୍ଷେ ତିଳେ ମଧ୍ୟ ସମୟ ନାହିଁ । କଥାର ଲହରି ଭିତରେ ବୁଡାଇ ଦେଇ ମତେ କୁଳକୁ ଲେଟୁଇ ଦେବାର ପ୍ରୟାସ କରନା । ମନ ଭିତର ପିଞ୍ଜରା ମୋର ଚୂରମାର୍ ହୋଇସାରିଛି । ତୋର ସେହି ବିନା ଶିତର ଶିଶିର ବୃଷ୍ଟି ପକାଇ ମୋ ମନକୁ ତୋ ଆଡକୁ ଆକୃଷ୍ଟ କରନା । ବୁଡି ଯାଇଥିଲି ତୋର କୁମ୍ଭୀର କାନ୍ଦଣା, ତୋର ମରୀଚିକା ତୁଲ୍ୟ ବଦନରେ । ତୋ ଶରୀରରେ ଛନ୍ଦ କପଟିଆ ମୃଦୁ ହସରେ ବିତିଗଲା ମୋର ଓଷ୍ଠର ଲାଲ ଜୋରଜୋର ଚୁମ୍ବନ । ତୋ ମନ ସମୁଦ୍ରର ଘର ଭିତରେ ପହରିଁ ମୁଁ ଏବେ ସମ୍ପୂର୍ଣ୍ଣ ଲଂଗଳା । ଧନ୍ୟ ତୋ ତନୁ । ଧନ୍ୟ ତୋ ଲହରି ମୀନ ସାଜି ମୁଁ ଗୁରପୂର୍ଣ୍ଣିମାର ବୁଡ଼ ଦେବା ସଦୃଶ୍ୟ । ଅମାବାସ୍ୟାର ଚନ୍ଦ୍ର ସାଜି ମତେ ପକ୍ଷଘାତ କରନା ।

ଇତି

ତୋ ହତଭାଗ୍ୟ ଶୂନ୍ୟ ହୀନ ବନ୍ଧୁ ବାନ୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଫେବୃଆରୀ ୨୦୨୨

ଲେଖା ପଠାଇବାର ଶେଷ ତାରିଖ : ୩ ଫେବୃଆରୀ ୨୦୨୨

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।

JPG

PDF

Document

ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan